

୧୨ ରାଷ୍ଟ୍ରକୁ ଆମେରିକା ମନା | ୬


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ବିଦେଶୀ ସିଙ୍ଗରଙ୍କ ପ୍ରେମରେ ନୋରା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୬୬ Vol. 22 No-66 6 JUNE 2025 FRIDAY, BHUBANESWAR ଶୁକ୍ରବାର, ୬ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଆଜି ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର ୫।୬ (ଭାସ୍କର ନ୍ୟୁଜ୍): ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଲୋକସେବା ଭବନରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବୈଠକରେ ଅଧ୍ୟକ୍ଷତା କରିବେ। ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାରିତ ହେବାର ସମ୍ଭାବନା ରହିଛି।

### କରୋନା ନେଇ ଗଣଶିକ୍ଷା ମନ୍ତ୍ରୀଙ୍କ ସତର୍କ ସୂଚନା

ଭୁବନେଶ୍ୱର ୫।୬ (ଭାସ୍କର ନ୍ୟୁଜ୍): କରୋନାର ନୂଆ ଭାରିଆଣ୍ଟ ମାଡୁଥିବାରୁ ଏହାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଚିନ୍ତା ପ୍ରକଟ କରିଛନ୍ତି। ଏନେଇ ସମସ୍ତ ସ୍କୁଲର ଶିକ୍ଷକ ଓ କର୍ମଚାରୀଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେବାସହ ସ୍ୱାସ୍ଥ୍ୟ ବିଭାଗ ଜାରି କରିଥିବା ମାର୍ଗଦର୍ଶିକା ପାଳନ କରିବାକୁ ପରାମର୍ଶ ଦେଇଛନ୍ତି।

### ବଜ୍ରପାତରେ ୨ ମୃତ

ପାଲଲହଡା ୫।୬ (ଭାସ୍କର ନ୍ୟୁଜ୍): କଣିହାଁ ଥାନା ଗୁଣ୍ଡୁରି ଗାଁରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ଦୁଇଜଣଙ୍କର ମୃତ୍ୟୁ ହୋଇଛି। ଜଣେ ନାବାଳକ ମଧ୍ୟ ଗୁରୁତର ହୋଇଛି। ଆମ୍ବ ଗଛ ମୂଳେ ଛିଡା ହୋଇଥିବା ବେଳେ ବଜ୍ରପାତ ହୋଇଥିଲା।


### ଦନ୍ତା ହାତୀ ମୃତଦେହ ଠାବ

ବାରିପଦା ୫।୬ (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଆହାରି ଜଙ୍ଗଲରେ ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଛି। ମୃତ ହାତୀର ବୟସ ୮ରୁ୧୦ ବର୍ଷ ବୋଲି ବନ ବିଭାଗ କହିଛି। ଦୁଇ ହାତୀ ମଧ୍ୟରେ ଲଢ଼େଇରୁ ଏହି ମୃତ୍ୟୁ ଘଟିଥିବା ବନ ବିଭାଗ ସନ୍ଦେହ କରୁଛି।

ସେନ୍‌ସେକ୍ସ: ୮୧,୪୫୧.୦୧
ସର୍ବାଧିକ: ୩୭.୪ ଡିଗ୍ରୀ
ସର୍ବନିମ୍ନ: ୨୮.୮ ଡିଗ୍ରୀ

**୫।୬।୨୦୨୫ ର ମତାମତ**

ଭୁଲ ଇଞ୍ଜେକସନ୍ ନେଇ ୬ଜଣଙ୍କ ମୃତ୍ୟୁ ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ୍ ନୁହେଁ କି ?




**ଆଜିର ପ୍ରସଙ୍ଗ**

ବାରମ୍ବାର ଘଟୁଥିବା ହାତୀ ମୃତ୍ୟୁ ଘଟଣାରେ ଲୋକ ଲାଗିବା ସମ୍ଭବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଚର୍ଚ୍ଚାରେ ଆଜି ପିନାକୀ ମହୁଆ
ଚର୍ଚ୍ଚାରେ ବାହାଘର,
ବଡ଼ବଡ଼ିଆଙ୍କୁ କଅଣ କହିବା
ଆକାଶେ ତୋଳିବେ ଘର !
ତମେ ଆମେ ସବୁ ଛାର,
ପଚାଶ ବେଳକୁ ପ୍ରେମରେ ପଡ଼ିଲେ
ଖାଇଯିବେ ପରିବାର !!

■ ୨୮ ହଜାର କୋଟିର ପ୍ରକଳ୍ପ ଭେଟି ଦେଲେ ମୁଖ୍ୟମନ୍ତ୍ରୀ ■

# ଗଞ୍ଜାମ ହେବ ଶିଳ୍ପର ହବ୍



- ୧୨ଟି ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ୧୫ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି
- ଗଞ୍ଜାମ ଜିଲ୍ଲା ପାଇଁ ସମୃଦ୍ଧିର ନୂଆ ରାସ୍ତା ଖୋଲିଲା
- ଯୁବ ଶକ୍ତି ହିଁ ବିକାଶର ମୁଖ୍ୟ ସାରଥି

ଭୁବନେଶ୍ୱର ୫।୬ (ଭାସ୍କର ନ୍ୟୁଜ୍): ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଂଜାମ ଜିଲ୍ଲା ଗସ୍ତରେ ଯାଇ ଛତ୍ରପୁର ଠାରେ ସମୁଦାୟ ୧୨ଟି ଶିଳ୍ପ ପାଇଁ ୨୮ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ କହିଛନ୍ତି ଯେ, ଗ୍ରୀନ ହାଇଡ୍ରୋଜେନ୍, କେମିକାଲ୍‌ସ ଓ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସହିତ ଗଞ୍ଜାମ ଜିଲ୍ଲା ଏବେ ଶିଳ୍ପାୟନ କ୍ଷେତ୍ରରେ ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବାକୁ ଯାଉଛି। ଏହାଦ୍ୱାରା ୧୫ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ ଏବଂ ମେକ୍ ଇନ୍ ଓଡିଶା ୨୦୨୫ର ଅଭୂତପୂର୍ବ ସଫଳତାର ଶ୍ରେୟ ଏହି ୪ ମାସ ମଧ୍ୟରେ ଆମକୁ ମିଳିଛି। ଆଜି ଗଞ୍ଜାମ ଜିଲ୍ଲା ଶିଳ୍ପ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଗଞ୍ଜାମ ଜିଲ୍ଲା ପାଇଁ ସମୃଦ୍ଧିର ଏକ ନୂଆ ରାସ୍ତା ଖୋଲିଛି ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ଆମର କଥା ଓ କାମ ସମାନ। ଓଡିଶାର ସୁନେଲି ଭବିଷ୍ୟତ ପାଇଁ ଆମେ ଯେଉଁ ଲକ୍ଷ୍ୟ ରଖିଛୁ, ତାହା ନିଶ୍ଚିତ ରୂପେ ପୂରଣ ହେବ। ଯାଜପୁର କଳିଙ୍ଗ ନଗରରେ ୭୦ ହଜାର କୋଟି ଟଙ୍କାର ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିଲା। ଗତକାଲି ଢେଙ୍କାନାଳରେ ୫୦ ହଜାର କୋଟି ଟଙ୍କାର ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି। ଆଉ ଆଜି ଏଠାରେ ପ୍ରାୟ ୩୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି। ୫ ମାସ ମଧ୍ୟରେ ଆମେ ଦେଢ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛୁ ଏବଂ ଏହା ଦ୍ୱାରା ପ୍ରାୟ ୯୦ ହଜାର ନିଯୁକ୍ତି ସୃଷ୍ଟି ହେବ। ସେ କହିଥିଲେ ଯେ, ଓଡିଶାରେ ଏକ ବନ୍ଦରଭିତ୍ତିକ ଶିଳ୍ପ ବିକାଶ ପାଇଁ ଆମର ଲକ୍ଷ୍ୟ ରହିଛି। ବର୍ତ୍ତମାନ ଯେଉଁ ୩ଟି ବନ୍ଦର ଅଛି, ତା ବ୍ୟତୀତ ଆଉ ୩-୪ ଟି ବନ୍ଦର ମଧ୍ୟ ପ୍ରତିଷ୍ଠା କରାଯିବ। କେନ୍ଦ୍ର ସରକାର ରେଳ ଓ ରାଜପଥ କ୍ଷେତ୍ରରେ ପ୍ରାୟ ଏକ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁରି ଦେଇଛନ୍ତି। ଓଡିଶାରେ ମଧ୍ୟ ଆମେ ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡକ ନିର୍ମାଣ କରିବୁ। ଏହା ସହିତ ଅନେକ ଶିଳ୍ପ କରିଡର ମଧ୍ୟ ଗଠନ କରାଯିବ। ଏହା ଦ୍ୱାରା ଶିଳ୍ପ ପ୍ରତିଷ୍ଠା ପାଇଁ ଯାହା ସବୁ ମୌଳିକ ଆବଶ୍ୟକତା ରହିଛି, ତାହା ଓଡିଶାରେ ● ପୃଷ୍ଠା ୫ ଦେଖନ୍ତୁ

**କଳାହାଣ୍ଡିରେ ଆଲୋଡନ**

# ୬.୫ କ୍ୱିଣ୍ଟାଲ ବିସ୍ଫୋରକ ଜବତ



ଭବାନୀପାଟଣା ୫।୬ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଜାମଚୁଆ କ୍ରସରରୁ ୬.୫ କ୍ୱିଣ୍ଟାଲର ବିସ୍ଫୋରକ ସହ ୧୧୫ଟି ଡିଟୋନେଟର ଜବତ କରାଯାଇଛି। କଳାହାଣ୍ଡି ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ପୋଲିସ ସମସ୍ତ ବିସ୍ଫୋରକକୁ ଜବତ କରିଛି। ଗୋଟିଏ ଟ୍ରକ ଏବଂ ଏକ ପିକ୍‌ଅପ୍ ଭ୍ୟାନରେ ଲାଖବାହାଲି କ୍ରସରକୁ ବେଆଇନ ଭାବେ ଏହି ବିସ୍ଫୋରକ ଆସିଥିଲା। ଏନେଇ ଖଣି ବିଭାଗ ପକ୍ଷରୁ ଜୟପାଟଣା ଥାନାରେ ଅଭିଯୋଗ କରାଯାଇଛି। ଉକ୍ତ ବିସ୍ଫୋରକ କଳିଙ୍ଗ ଏଣ୍ଡ କମ୍ପାନିର ମାଲିକ ଅନୁପ କୁମାର ଅଗ୍ରୱାଲ ଓ ଦୀପକଚାନ୍ଦ ଜୈନ କଣ୍ଟାବାଞ୍ଜିରୁ ଯୋଗାଣ କରିଥିଲେ। ତେବେ ସେ କିପରି ଏତେ ପରିମାଣର ବିସ୍ଫୋରକ ରଖିଥିଲେ ଓ ଏହା କେଉଁଠିକୁ ଯାଉଥିଲା ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ବର୍ତ୍ତମାନ ଖଣି ବିଭାଗ ଅଧିକାରୀ ଓ ଜୟପାଟଣା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ବିସ୍ଫୋରକ ମହଜୁଦ ରଖିବା ପାଇଁ କ୍ରସର ମାଲିକଙ୍କ ପାଖରେ ଲାଇସେନ୍ସ ନଥିବା ବେଳେ କେମିତି ଏତେ ପରିମାଣର ବିସ୍ଫୋରକ ଗଚ୍ଛିତ ରଖିଥିଲେ ସେ ନେଇ ତଦନ୍ତ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

**ଦୁଇଦିନିଆ ରିମାଣ୍ଡରେ ଶ୍ରବଣ**

### ଖୋଲିବ ବିସ୍ଫୋରକ ଲୁଟ୍ ଘଟଣାର ଗୁମର

ରାଉରକେଲା ୫।୬ (ଭାସ୍କର ନ୍ୟୁଜ୍) : ସୁନ୍ଦରଗଡ ଜିଲ୍ଲା କେ ବଲାଙ୍ଗ ଥାନା ବାଙ୍କୋ ପଥର ଖାଦାନରୁ ଲୁଟ୍ ହୋଇଥିବା ବିସ୍ଫୋରକ ମାମଲାରେ ଗୋଦାମ ମାଲିକ ଶ୍ରବଣ କୁମାର ଅଗ୍ରୱାଲଙ୍କୁ ଗୁରୁବାର ରଘୁନାଥପାଲି ପୋଲିସ ରିମାଣ୍ଡରେ ନେଇଛି। ପୋଲିସ ପକ୍ଷରୁ ୭ଦିନ ରିମାଣ୍ଡ ପାଇଁ ଆବେଦନ କରାଯାଇଥିବା ବେଳେ ଅଦାଲତ ଦୁଇଦିନ ପାଇଁ ଅନୁମତି ଦେଇଥିଲେ। ଗତ ମଙ୍ଗଳବାର ରଘୁନାଥପଲ୍ଲୀ ପୋଲିସ ଶ୍ରବଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ଯିବାକୁ ପଡିଥିଲା। ଏବେ ତାଙ୍କୁ ରିମାଣ୍ଡରେ ନିଆଯାଇ ପଚରାଉଚରା କରାଯାଉଛି। ପୋଲିସ କହିଛି ଯେ, ଏହି ମାମଲାରେ ଶ୍ରବଣଙ୍କ ପତ୍ନି ନିକିତା ଅଗ୍ରୱାଲକୁ ପୋଲିସ ପଚରାଉଚରା କରିବ।

**ଓଡ଼ିଶା ଆସିବେ ମୋଦି**

# ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତିରେ ହେବେ ସାମିଲ

ଭୁବନେଶ୍ୱର ୫।୬ (ଭାସ୍କର ନ୍ୟୁଜ୍) : ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ଆସନ୍ତା ୧୧ କିମ୍ବା ୧୨ତାରିଖରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଆସନ୍ତା ୧୨ତାରିଖରେ ରାଜ୍ୟର ମୋହନ ସରକାରଙ୍କୁ ବର୍ଷେ ପୂରିବ। ଏହି ଅବସରରେ ଆୟୋଜିତ ହେଉଥିବା ବର୍ଷପୂର୍ତ୍ତି ପାଳନ ● ପୃଷ୍ଠା ୫ ଦେଖନ୍ତୁ

**କେନ୍ଦ୍ରାଞ୍ଚଳ ଆଇଜିଙ୍କ ଅଧ୍ୟକ୍ଷତାରେ ସ୍ନାନପୂର୍ଣ୍ଣମୀ, ରଥଯାତ୍ରା ବୈଠକ**

# ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଉପରେ ଗୁରୁତ୍ୱ





କଟକ/ପୁରୀ ୫।୬ (ଭାସ୍କର ନ୍ୟୁଜ୍) : ଆସନ୍ତା ୧୧ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହେବ। ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଗୁରୁବାର କେନ୍ଦ୍ରାଞ୍ଚଳ ରେଞ୍ଜ ଆଇଜି ଏସ୍ ପ୍ରବୀଣକୁମାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ନାନଯାତ୍ରାକୁ ଶୃଙ୍ଖଳିତ କରିବା ସହ ଟ୍ରାଫିକ ସମସ୍ୟା ଓ ଭକ୍ତଙ୍କ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସ୍ନାନପୂର୍ଣ୍ଣିମା ପାଇଁ ୭୦ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବା ସହ ୪ଜଣ ଏସ୍‌ପି ର୍‍ୟାଙ୍କର କମାଣ୍ଡାଣ୍ଡ ଓ ୪୫୦ ପୋଲିସ ଅଧିକାରୀ ନିୟୋଜିତ ହେବ ବୋଲି ଆଇଜି କହିଥିଲେ। ଏହି ବୈଠକରେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଏସ୍‌ପି, ଆଇଆଇସି ଓ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ଗୁରୁବାର ଶ୍ରୀମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ରାଜେନ୍ଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଧୂପ ପରେ ଏହି ନୀତି ସେବାୟତମାନେ ସୁଚାରୁରୂପେ ସଂପାଦନ କରିଥିଲେ। ଅନ୍ୟପକ୍ଷରେ ଆସନ୍ତା ୯ତାରିଖରେ ଆଇନ୍ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସାଧାରଣ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

### 'ନୀତି ଶୃଙ୍ଖଳିତ କଲେ ସେବାୟତଙ୍କୁ ପୁରସ୍କାର'

ଭୁବନେଶ୍ୱର ୫।୬ (ଭାସ୍କର ନ୍ୟୁଜ୍) : ଚଳିତବର୍ଷ ରଥଯାତ୍ରାରେ ନୀତି ଶୃଙ୍ଖଳିତ କଲେ ସେବାୟତମାନଙ୍କୁ ପୁରସ୍କୃତ କରାଯିବ। ଏଥିପାଇଁ ୨କୋଟି ୨୫ଲକ୍ଷର ସ୍ୱତନ୍ତ୍ର ଅର୍ଥ ରାଶିକୁ ଅନୁମୋଦନ ଦେଇଛି ଆଇନ ବିଭାଗ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଆଇନ ବିଭାଗ ଏହି ପୁରସ୍କାର ଦେବା ପାଇଁ ଘୋଷଣା କରିଛି। ଦଇତାପତି ନିଯୋଗକୁ ସ୍ୱତନ୍ତ୍ରଭାବେ ଏହି ଅର୍ଥ ପ୍ରଦାନ କରିବାକୁ ଆଇନ ବିଭାଗ ପକ୍ଷରୁ କୁହାଯାଇଛି। ଏହି ରାଶି ଶ୍ରୀମନ୍ଦିର ପାଣ୍ଠିରୁ ମଧ୍ୟ ପ୍ରଦାନ କରାଯାଇପାରିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ପରେ ସେହି ଅର୍ଥକୁ ରାଜ୍ୟ ସରକାର ଅତିରିକ୍ତ ବଜେଟରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିବେ ବୋଲି ଆଇନ ବିଭାଗ ଚିଠିରେ ଉଲ୍ଲେଖ କରିଛି।

**ଭୁଶୁଡୁଛି ମାଓଦୁର୍ଗ**

# ହାର୍ଡକୋର ମାଓବାଦୀ ସୁଧାକର ନିହତ



ମାଲକାନାଗିରି ୫।୬ (ଭାସ୍କର ନ୍ୟୁଜ୍) : ଭୁଶୁଡୁଛି ମାଓଦୁର୍ଗ। ମାଓ ସଂଗଠନର ବଡବଡ ନେତାମାନଙ୍କ ମୁଣ୍ଡ ଗଡୁଛି। ଅନ୍ୟମାନେ ଭୟରେ ଆତ୍ମ ସମର୍ପଣ କରିବା ପାଇଁ ବାଧ୍ୟ ହେଉଛନ୍ତି। ଏହି କ୍ରମରେ ଗୁରୁବାର ମାଲକାନାଗିରି ଛତିଶଗଡ ସୀମାନ୍ତ ବିଜାପୁରରେ ପୁଣି ଥରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ଏଥିରେ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ନୀରସିଂହା ଚଲମ ଓରଫ୍ ଗୌତମ ଓରଫ ସୁଧାକର ଓରଫ୍ ବାଲକ୍ରିଷ୍ଣା ଓରଫ ରାମାରାଜୁର ମୃତ୍ୟୁ ଘଟିଛି। ସୁଧାକର ମୁଣ୍ଡ ପାଇଁ ୫୦ଲକ୍ଷ ଟଙ୍କାର ଇନାମ ଘୋଷଣା କରାଯାଇଥିଲା। ଗୁରୁବାର ସକାଳେ ଗୁଇନ୍ଦା ସନ୍ଧାନ ମିଳିବା ପରେ ବିଜାପୁର ଡିଆର୍‌ଜି ଏବଂ ଏସ୍‌ଟିଏଫ୍ ଯବାନମାନେ ବିଜାପୁର ଜାତୀୟ ଉଦ୍ୟାନରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଏହି ସମୟରେ ମାଓବାଦୀଙ୍କ ସହ ସେମାନଙ୍କ ମୁହାଁମୁହିଁ ହୋଇଥିଲା। ତେବେ ମାଓବାଦୀମାନେ ପ୍ରଥମେ ଗୁଳି ଚଳାଇବାରୁ ସୁରକ୍ଷାକର୍ମୀ ପାଳଟା ଜବାବ ଦେଇଥିଲେ। ଏଥିରେ ଟପ୍ ମାଓନେତା ସୁଧାକରର ମୃତ୍ୟୁ ଘଟିଥିଲା। ଏନେଇ ବରିଷ୍ଠ ପୋଲିସ ଅଧିକାରୀ ମଧ୍ୟ ସୂଚନା ଦେଇଛନ୍ତି। ଜଣେ ● ପୃଷ୍ଠା ୫ ଦେଖନ୍ତୁ

**ମୁଣ୍ଡ ପାଇଁ ଥିଲା ୫୦ଲକ୍ଷର ଇନାମ**







କଟକ(ଭାସ୍କର ନ୍ୟୁଜ୍): କଟକର ଆରାଧ୍ୟ ଦେବୀ ମାଆ କଟକ ଚଣ୍ଡୀ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଆଗେଇ ଚାଲିଛି ଆଜି ଜ୍ୟେଷ୍ଠ ଶୁକ୍ଳ ଦଶମୀ ତିଥିରେ ମନ୍ଦିର ପ୍ରାଙ୍ଗଣରେ ନବନିର୍ମିତ ଶିବ ମନ୍ଦିର ସହ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀ ଲକ୍ଷ୍ମୀ ନାରାୟଣ, ନୁମାନ, ଓ ସୂର୍ଯ୍ୟ ଦେବତାଙ୍କ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା କରାଯାଇଛି । ପାରମ୍ପରିକ ରୀତିମତେ ମନ୍ତ୍ର ପାଠ, ହୋମ ଓ ପୂଜା ନୀତି ସହ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ତତ୍ୱାବଧାନରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତୀ କରାଯାଉଥିବାବେଳେ ଆଜି ପୂର୍ବ ନିର୍ଘଣ୍ଟ ପୂଜା ବିଧାନ ଓ ସୂଚୀ ଅନୁଯାୟୀ ଏହି ଶୁଭ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ସମ୍ବନ୍ଧରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ସୂଚନା ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଗତ ମାସ ୩୦ ତାରିଖରୁ ମନ୍ଦିରର ରୋଷଘର କାର୍ଯ୍ୟକ୍ଷମ ହୋଇଛି ।

## ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ

# ସରକାର ୭.୫ କୋଟି ବୃକ୍ଷରୋପଣ କରିବେ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟ ସରକାର, ଗୋଟିଏ ବର୍ଷରେ ୭.୫ କୋଟି ବୃକ୍ଷ ରୋପଣ କରିବେ ବୋଲି ଘୋଷଣା କରିଛନ୍ତି । ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ପରିବେଶ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ। ପ୍ରଦୂଷିତ ପୃଥବୀର ଭୟାବହତାକୁ ହୃଦୟଙ୍ଗମ କରି ଅଧିକରୁ ଅଧିକ ସବୁଜ ପରିବେଶ ସୃଷ୍ଟି କରିବା ଏବଂ ପ୍ରକୃତିର ସଂରକ୍ଷଣ କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ପରିବେଶ ସଂରକ୍ଷଣ ପାଇଁ ନିଆଯାଉଥିବା ପଦକ୍ଷେପ, ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ଜୀବନଯାପନର ସହଜ ଏବଂ ସରଳ ମାଧ୍ୟମ ହେଇପାରିବ । ଆଜି କାଲି ଆମ ଜୀବନରେ ପ୍ଲାଷ୍ଟିକ ଅପରିହାର୍ଯ୍ୟ ହୋଇ ସାରିଛି, ବିଶେଷ ଭାବେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ। ଆଜି ପ୍ଲାଷ୍ଟିକର ଅଧିକ ବ୍ୟବହାର ତିନିଗୋଟି ସମସ୍ୟା ଭାବେ ଉଭା ହୋଇଛି, ଜଳବାୟୁ ପରିବର୍ତ୍ତନ, ପ୍ରକୃତିର ଜଳ, ସ୍ଥଳ ଏବଂ ଜୈବ ବିବିଧତାରେ କ୍ଷୟ ଏବଂ ପ୍ରଦୂଷଣ ଓ ଆବର୍ଜନାର ସମସ୍ୟା। ଏହି ପରିପ୍ରେକ୍ଷୀରେ ପ୍ଲାଷ୍ଟିକ ବର୍ଜନ ଏକ ଗଣ ଆନ୍ଦୋଳନ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପୁଣି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ପରିବେଶ ସୁରକ୍ଷା ତଥା ଏହାର ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଜିଲ୍ଲାର ୧୮୫ ପ୍ରକୃତି ମିତ୍ର ଏବଂ ୨୧୧ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ଅନୁଷ୍ଠାନ ତଥା ବ୍ୟକ୍ତିଙ୍କୁ ଅଭିନନ୍ଦନ ଜଣାଉଛି । ମୋର ଦୃଢ ବିଶ୍ୱାସ ସେମାନଙ୍କର କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ। ପ୍ଲାଷ୍ଟିକ୍ ପ୍ରଦୂଷଣକୁ ସମାପ୍ତ କରିବା ସହ ଆମ ନାଗରିକଙ୍କ ପାଇଁ ଏକ ସୁସ୍ଥ ଓ ସ୍ୱଚ୍ଛ ପରିବେଶ ବଜାୟ ରଖିବା ପାଇଁ ଆଜି ଆମେ ସଂକଳ୍ପ ନେବା । ଏ ଦିଗରେ ଆପଣ ମାନଙ୍କ ଉଦ୍ୟମ, ମନୋବୃତ୍ତି ଓ ନିଷ୍ଠାପରତାକୁ କାମନା କରୁଛି । ଏକ ସୁସ୍ଥ ସମାଜ ପାଇଁ ଏକ ସୁସ୍ଥ ପରିବେଶ ଦରକାର ଏବଂ ପରିବେଶ ପ୍ରତି ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ସମାରୋହରେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମରେ କୃଷି ଶିକ୍ଷା ସଦନ ଠାରେ ପରୀକ୍ଷରୋପଣ କରିଥିଲେ ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରିବେଶ ଦିବସ ଉପଲକ୍ଷେ ପ୍ରଦର୍ଶନୀ ବୁଲି ଦେଖି ଥିଲେ ।

## ପରିବେଶର ଯତ୍ନ ନେବା ସମସ୍ତଙ୍କ ଦାୟିତ୍ୱ ହେଉ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପରିବେଶର ଯତ୍ନ ନେବା ଏବଂ ସୁରକ୍ଷା ଦେବା ସମସ୍ତଙ୍କର ଦାୟିତ୍ୱ ହେଉ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି କହିଛନ୍ତି। ଗୁରୁବାର ବିଶ୍ୱ ପରିବେଶ ଦିବସରେ ରାଜଭବନ ପରିସରରେ ଚାରା ରୋପଣ କରିବା ଅବସରରେ ଏକ ବାର୍ତାରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ରାଜ୍ୟପାଳ କହିଛନ୍ତି ଯେ, ବିଶ୍ୱ ପରିବେଶ ଦିବସ ବିଶ୍ୱରେ ଜୀବଜନ୍ତୁଙ୍କର ଜୀବନ ଧାରଣ ପାଇଁ ପରିବେଶର ଯତ୍ନ ଓ ସୁରକ୍ଷା ପ୍ରସଙ୍ଗ ସ୍ମରଣ କରାଇଦିଏ। ଏହି ଦିବସ ପାଳନ କେବଳ ସଚେତନତାର ପ୍ରଚାର ପ୍ରସାର କରିବାରେ ସୀମିତ ନୁହେଁ, ବରଂ ପ୍ରତ୍ୟେକ ବ୍ୟକ୍ତି, ଗୋଷ୍ଠୀ ଏବଂ ଅନୁଷ୍ଠାନ ଏକ ସୁସ୍ଥ ଏବଂ ସବୁଜ ପୃଥିବୀ ଗଠନ ପାଇଁ କାମ କରିବାକୁ ଆହ୍ୱାନ ଜଣାଇଥାଏ। ଆମର ଜୀବନ ପ୍ରକୃତି ସହିତ ଗଭୀର ଭାବେ ଜଡିତ। ଆମ ପାଇଁ ଏବଂ ଆଗାମୀ ପିଢି ପାଇଁ ପରିବେଶ ସନ୍ତୁଳନ ରକ୍ଷା କରିବା ଆମ ସମସ୍ତଙ୍କର ପରମ କର୍ତବ୍ୟ ହେବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି। ରାଜ୍ୟପାଳ ପୁଣି କହିଛନ୍ତି ଯେ, ଆମେ ଗଛ ଲଗାଇବା, ଜଳ ସଂରକ୍ଷଣ କରିବା, ପ୍ରଦୂଷଣ ହ୍ରାସ କରିବା ଏବଂ ଦୈନନ୍ଦିନ ଜୀବନରେ ଅଧିକ ପରିବେଶ ଅନୁକୂଳ ଅଭ୍ୟାସକୁ ଗ୍ରହଣ କରି ଆମର ପ୍ରତିବଦ୍ଧତା ଦେଖାଇ ପାରିବା। ବିଶେଷକରି ବୃକ୍ଷରାଜି ଜଳବାୟୁ ପରିବର୍ତନ ବିରୁଦ୍ଧରେ ଲଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ବୃକ୍ଷରାଜି ଜଳବାୟୁକୁ ଶୁଦ୍ଧ କରନ୍ତି, ନିୟନ୍ତ୍ରଣ କରନ୍ତି ଏବଂ ବିବିଧ ଇକୋ ସିଷ୍ଟମ୍‌କୁ ବଜାୟ ରଖିବାରେ ବୃକ୍ଷରାଜିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚଳିତ ବର୍ଷର ଶୀର୍ଷକ 'ପ୍ଲାଷ୍ଟିକ ପ୍ରଦୂଷଣ ସମାପ୍ତ କରିବା' ରହିଥିବାରୁ ଏହାକୁ ଆଧାର କରି ଏକ ସ୍ୱଚ୍ଛ ଓ ସବୁଜ ପୃଥିବୀ ଗଠନ ପାଇଁ ଅର୍ଥପୂର୍ଣ୍ଣ ପଦକ୍ଷେପ ନେବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି । ରାଜଭବନରେ ଅନୁଷ୍ଠିତ ଚାରା ରୋପଣ କାର୍ଯ୍ୟକ୍ରମରେ ଓଡିଶାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍ପାଟି ମଧ୍ୟ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜଭବନର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ପ୍ରଶାସନକୁ ଗଲା ବାସୁଙ୍ଗା ପାଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଶହୀଦ ନଗରସ୍ଥିତ ଓଡିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) କାର୍ଯ୍ୟାଳୟ ପରିସରରୁ ୩୫୦ କିଲୋଗ୍ରାମ ବାସୁଙ୍ଗା ପାଟ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରେରଣ କରାଯାଇଛି। ଏହି ପବିତ୍ର କାର୍ଯ୍ୟକୁ ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ପ୍ରଦୀପ ବଳ ସାମନ୍ତ ପତାକା ଦେଖାଇ ପ୍ରେରଣ କରିଥିଲେ । ଶ୍ରୀମନ୍ଦିର ପ୍ରଶାସନକୁ ପ୍ରେରଣ କରିବା ପୂର୍ବରୁ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ଧୂପ, ଦୀପ, ପୁଷ୍ପାଦି ପ୍ରଦାନ କରି ଭକ୍ତି ଅନ୍ତରରେ ପୂଜାର୍ଚ୍ଚନା କରି ବାସୁଙ୍ଗା ପାଟ ପ୍ରେରଣ କରିଥିଲେ। ସୂଚନଯୋଗ୍ୟ, ବାସୁଙ୍ଗା ପାଟ ହେଉଛି ଏକ ପବିତ୍ର ଓ ଅତ୍ୟନ୍ତ ଶକ୍ତିଶାଳୀ ରେଶମ ଡୋର ଯାହା ଚତୁର୍ଦ୍ଧାମୁରତୀଙ୍କ ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ ବ୍ୟବହୃତ ହୋଇଥାଏ। ଶ୍ରୀମନ୍ଦିରରେ ବିଗ୍ରହମାନଙ୍କର ବିଜୟ ଡୋରୀ, ପଇତା, ରାକ୍ଷୀ ଆଦି ତିଆରି କରିବାରେ ବ୍ୟବହାର କରାଯାଇଥାଏ । ୧୯୮୧ ମସିହାରୁ ସେରିଫେଡ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ଏହି ବାସୁଙ୍ଗା ପାଟ ଯୋଗାଇ ଆସୁଛି। ଚଳିତବର୍ଷ ୩୫୦ କିଲୋଗ୍ରାମ ବାସୁଙ୍ଗା ପାଟ ଯୋଗାଇ ଦିଆଯାଇଛି। ଏହି କୋଷାଗୁଡିକୁ ସେରିଫେଡ ଦ୍ୱାରା ସଂଗ୍ରହ କରାଯାଇ କଟକ ଜିଲ୍ଲାର ନୂଆପାଟଣା ସ୍ଥିତ ସିଲକ୍ ପ୍ରଡକ୍ସନ୍ ଆଣ୍ଡ ଟେକ୍ନିକାଲ ଅପଗ୍ରେଡେସନ୍ ସେଣ୍ଟର ଠାରେ ପ୍ରକ୍ରିୟାକରଣ କରାଯାଏ। ଶ୍ରୀମନ୍ଦିର ପ୍ରଶାସନର ଆବଶ୍ୟକତା ଅନୁଯାୟୀ ବାସୁଙ୍ଗା ପାଟ ଡୋରୀ ଭାବରେ ପ୍ରସ୍ତୁତ କରି ମଧ୍ୟ ପ୍ରେରଣା କରାଯାଇଥାଏ। ଏହି ବାସୁଙ୍ଗା ପାଟକୁ କେବଳ ଶ୍ରୀମନ୍ଦିରର ଧାର୍ମିକ କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଯାଉଥିବା ବେଳେ ଏହାର କୌଣସି ବାଣିଜ୍ୟିକ ବ୍ୟବହାର କରାଯାଇନଥାଏ । ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟ, ଯୁଗ୍ମ ଶାସନ ସଚିବ (ଆଇଏଏସ) ମଧୁମିତା ରଥ, ସେରିଫେଡ ଅଧ୍ୟକ୍ଷ ଭାଗୀରଥି ନନ୍ଦ, ସେରିଫେଡ ପରିଚାଳନା ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଶପଥ ନେଲେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ସଦସ୍ୟ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୈଳଶ୍ରୀ ବିହାରସ୍ଥିତ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ କାର୍ଯ୍ୟାଳୟରେ ଗୁରୁବାର ପୂର୍ବାହ୍ନରେ ବିଶ୍ୱଜିତ ମହାନ୍ତି ସଦସ୍ୟ ରୂପେ ପଦ ଓ ଗୋପାନୀୟତାର ଶପଥ ଗ୍ରହଣ କରିଛନ୍ତି । ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ଶ୍ରୀ ମହାନ୍ତିଙ୍କୁ ପଦ ଓ ଗୋପାନୀୟତାର ଶପଥ ପାଠ କରାଇଥିଲେ । ଏହି ଶପଥ ଗ୍ରହଣ ସମାରୋହରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ଅନ୍ୟ ସଦସ୍ୟଙ୍କ ସହିତ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଓପିଟିସିଏଲ ନିର୍ଦ୍ଦେଶକ ବି ବି ମେହତା, ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଏମଡି ଗ୍ରୀଡ଼କୋ ତ୍ରିଲୋଚନ ପଣ୍ଡା, ଓଏଟ୍ରିସି ଡ଼ାଇରେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ ।

## ଜୁନ୍‌ରେ ସରିବ ଇ-କେଓ୍ୱାଇସି ପ୍ରକ୍ରିୟା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜୁନ ମାସରେ ରାସନ କାର୍ଡ ପାଇଁ ଇ-କେଓ୍ୱାଇସି ପ୍ରକ୍ରିୟା ଶେଷ ହେବ। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଏହି ପ୍ରକ୍ରିୟା ପରେ ପ୍ରାୟ ୨୦ ଲକ୍ଷ ହିତାଧିକାରୀ ବାଦ ପଡିପାରନ୍ତି। ୯୫ ପ୍ରତିଶତ ହିତାଧିକାରୀ ଇ-କେଓ୍ୱାଇସି କରିଛନ୍ତି । ଜୁନରେ କେଓ୍ୱାଇସି ପ୍ରକ୍ରିୟା ସରିଲେ ଯେଉଁମାନେ କରିନାହାନ୍ତି ସେମାନଙ୍କୁ ବାଦ ଦିଆଯିବ। ୧୩ ବର୍ଷ ଧରି ନୂଆ ରାସନ କାର୍ଡ ଦିଆଯାଉନଥିଲା। ନୂଆ ସରକାର ଆସିଲା ପରେ ୧୭ ଲକ୍ଷ ଆବେଦନ ଆସିଥିଲା । ୬ ଲକ୍ଷ ରାସନ କାର୍ଡ ଏବେ ଦିଆଚାଲିଛି ଆଉ ୧୫ ଲକ୍ଷ କାର୍ଡ ଆପ୍ରୁଭ ସରିଛି । କେବଳ ବ୍ଲକ ଅଫିସ ନୁହଁ ଜନ ସେବା କେନ୍ଦ୍ର ରେ ଅନଲାଇନ ଆବେଦନ ହେଉଛି। ନୂଆ ସରକାରଙ୍କୁ ଉପରେ ଆସ୍ଥା ଥିବାରୁ ଭିଡ଼ ହେଉଛି। ଭିଡ଼କୁ ଦେଖି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଯାହା ପ୍ରତିଶ୍ରୁତି ଦେଇଥିଲୁ ଅଧିକାଂଶ କରିଛୁ: ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯାହା ପ୍ରତିଶୃତି ଦେଇଥିଲୁ ଅଧିକାଂଶ କରିଛୁ। ସବୁ ବିଭାଗରେ ଅନେକ ନୂଆ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ଅବସରରେ ମନ୍ତ୍ରୀ କହିଛନ୍ତି ସରକାରଙ୍କ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଯିବ । ଗତ ସରକାର ରିପୋର୍ଟ କାର୍ଡ ପ୍ରଦାନ କରୁନଥିଲେ କିନ୍ତୁ ଆମ ସରକାରରେ ମୁଖ୍ୟମନ୍ତ୍ରୀ ରିପୋର୍ଟ କାର୍ଡ ପ୍ରସ୍ତୁତ କରେଇଛନ୍ତି । ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ଆସିଥିଲେ ଯାହା କହିଥିଲେ କାର୍ଯକାରୀ ହୋଇଛି । ବର୍ଷେ ପୂର୍ତ୍ତି କାର୍ଯ୍ୟକ୍ରମ ସବୁ ଜାଗାରେ ହେବ ଏହାକୁ ବ୍ୟାପକ କରାଯିବ। ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି । ବହୁ କେନ୍ଦ୍ରମନ୍ତ୍ରୀଙ୍କୁ ବି ନିମନ୍ତ୍ରଣ ହୋଇଛି । ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନିର୍ଦେଶ ଦେଇଛନ୍ତି ଯେଉଁ ମନ୍ତ୍ରୀ ଯେଉଁ ଜିଲ୍ଲାର ପ୍ରଭାରୀ ଦାୟିତ୍ୱରେ ଥିବେ ସେ ଜିଲ୍ଲାକୁ ଗସ୍ତ କରିବେ। ଜିଲ୍ଲାକୁ ଯାଇ ସମୀକ୍ଷା କରିବେ। ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ବି ତଦାରଖ କରିବେ ମନ୍ତ୍ରୀ।

## ୬ରୁ 'ଉତ୍କଳ ଗ୍ରାଣ୍ଡ ପ୍ରପର୍ଟି ସେଲ୍ କାର୍ନିଭାଲ୍'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୩୫ ବର୍ଷର ଅଟଳ ବିଶ୍ୱାସ, ଅଗ୍ରଣୀ ପ୍ରକଳ୍ପ ଏବଂ ସ୍ଥାପତ୍ୟ ଉତ୍କର୍ଷତା ପାଳନ ଅବସରରେ, ଉତ୍କଳ ବିଲ୍ଡର୍ସ ୬ରୁ ୮ଜୁନ୍ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ହୋଟେଲ ଲାଇଫରେ ଉତ୍କଳ ଗ୍ରାଣ୍ଡ ପ୍ରପର୍ଟି ସେଲ୍ କାର୍ଣ୍ଣିଭାଲ ଆରମ୍ଭ କରିଅଛି । ତିନିଦିନିଆ କାର୍ଯ୍ୟକ୍ରମ 'ଉତ୍କଳ'ର ଯାତ୍ରାର ଭିନ୍ନ ଏକ ମାଇଲଖୁଣ୍ଟ ଯାହା-ପ୍ରଥମ ଥର ପାଇଁ ପ୍ରିମିୟମ୍ ଆବାସିକ ଆପାର୍ଟମେଣ୍ଟ, ଉଚ୍ଚ ସମ୍ଭାବନା ଥିବା ବାଣିଜ୍ୟିକ କାର୍ଯ୍ୟାଳୟ ଏବଂ ଦୋକାନ ଗୃହକୁ ଗୋଟିଏ ଛାତ ତଳେ ଏକତ୍ରିତ କରିବ। ଆଗ୍ରହୀ ଗ୍ରାହକମାନେ ସ୍ୱତନ୍ତ୍ର ସ୍ପଟ୍ ଅଫର, ଆଶ୍ଚର୍ଯ୍ୟଜନକ ଉପହାର ଓ ଆକର୍ଷଣୀୟ ସୁବିଧା ନେଇ ଓଡିଶାର ସବୁଠାରୁ ସମ୍ମିତ ଡେଭଲପର ଦ୍ୱାରା ପ୍ରସ୍ତୁତ ସମିତିର ମାଲିକ ହୋଇପାରିବେ । ଗତ ସାଢ଼େ ତିନି ଦଶନ୍ଧି ଧରି ଉତ୍କଳ ତାର ଗୁଣବତ୍ତା, ସ୍ଥିରତା, ବିଶ୍ୱସନୀୟତା ପାଇଁ ଗ୍ରାହକ ମହଲରେ ପ୍ରସିଦ୍ଧିଲାଭ କରିଛି। ଉତ୍କଳ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ କୁହନ୍ତି, କାର୍ନିଭାଲ୍ ସେହି ଅତୁଟ ବିଶ୍ୱାସ ପ୍ରତି ଉତ୍ସର୍ଗୀକୃତ ଏବଂ ଭବିଷ୍ୟତ ପାଇଁ ଏକ ନିମନ୍ତ୍ରଣ। ଭୁବନେଶ୍ୱରରେ ଉତ୍କଳ ଦ୍ୱାର ପ୍ରସ୍ତୁତ ଅନେକ ଆବାସିକ ଏବଂ ବାଣିଜ୍ୟିକ ପ୍ରକଳ୍ପ ବର୍ତ୍ତମାନ ସମାପ୍ତ ହୋଇ ଉପଭୋକ୍ତାଙ୍କୁ ପ୍ରଦାନ କରାଯିବ। ଆମେ ଉପଭୋକ୍ତାଙ୍କ ପାଇଁ ଏକ ବିଶ୍ୱସନୀୟ ଏବଂ ବିରଳ ୱିଣ୍ଡୋ ସୃଷ୍ଟି କରିବା ପାଇଁ ସଫଳ ହୋଇପାରିଛୁ ବୋଲି ସଂସ୍ଥାର ଅନ୍ୟତମ ନିର୍ଦ୍ଦେଶକ ଅମିତ ବୈଦ କହିଛନ୍ତି । ଘୋଷଣା ପରଠାରୁ ଚମତ୍କାର ପ୍ରତିକ୍ରିୟା ଦେଖିବାକୁ ମିଳିଛି । ପ୍ରକୃତରେ ଆଗରୁ କେବେ ଦେଖାଯାଇନି। ଉପଭୋକ୍ତଙ୍କ ପାଇଁ ନିବେଶର ପ୍ରକୃଷ୍ଟ ସମୟ। ଏହି ଅବସରରେ ଉତ୍କଳ ବିଲ୍ଡର ପକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତିର ସୁଯୋଗ ରହିଛି ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



କଟକ(ଭାସ୍କର ନ୍ୟୁଜ୍): ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ଗୁରୁବାର କଟକ ଜିଲ୍ଲା ପ୍ରଶାସନ, କଟକ ବନାଞ୍ଚଳ ଏବଂ ଜିଲ୍ଲା ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ସିଡିଏ ସେକ୍ଟର ୬ ସ୍ଥିତ ପେଟାନାଳ ନିକଟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୃକ୍ଷରୋପଣ ସହ ଜଙ୍ଗଲ ସୃଷ୍ଟି, ବାୟୁମଣ୍ଡଳକୁ ପ୍ରଦୂଷଣମୁକ୍ତ କରିବା, ନିଶା ନିବାରଣ, ବିଭିନ୍ନ ମାଦକ ଦ୍ରବ୍ୟ ବ୍ୟବହାରର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ ଥିଲା । ଅବକାରୀ ଆୟୁକ୍ତ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ସଚିବ ଅଶୋକ ଗର୍ଡିଆ, ଯୁଗ୍ମ ଆୟୁକ୍ତ ଡମ୍ବରୁଧର ଖଣ୍ଡା, ସୋମନାଥ ମାଝୀ, ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ, ଅବକାରୀ ଉପଅଧୀକ୍ଷକ ଅରୁପା ପାଣିଗ୍ରାହୀ, ଅବକାରୀ ନିରୀକ୍ଷକ କମଳ ଲୋଚନ ପାଇକରାୟ ଏବଂ ବନଖଣ୍ଡ ଅଧିକାରୀଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ନିଜ ପରିବେଶକୁ ସୁସ୍ଥ ରଖିବା ତଥା ଭବିଷ୍ୟତ ପିଢୀ ପାଇଁ ସୁସ୍ଥ ପରିବେଶ ସୁରକ୍ଷିତ କରିବା ଉପରେ ଗୁରୁତ୍ୱ ଦେଇ ଜନସାଧାରଣ ଖାଲିଥିବା ସ୍ଥାନଗୁଡିକରେ ବୃକ୍ଷରୋପଣ କରିବାକୁ ଏହି କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଥିଲା ।

## ରାଜ୍ୟର ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଉଦବେଗ ଜନକ ସ୍ଥିତିରେ ଥିବା ବେଳେ ଆମ୍ବୁଲାନ୍ସ ସେବାର ବିପର୍ଯ୍ୟସ୍ତ ଅବସ୍ଥାକୁ ନେଇ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଆମ୍ବୁଲାନ୍ସ ଭଳି ଏକ ଜରୁରୀ କାଳୀନ ସେବା ଏକ ପ୍ରକାରର ଠପ ହୋଇଯାଇଥିବା ବେଳେ, ସରକାର ଏକ ବର୍ଷ ପୂର୍ତି ଉତ୍ସବ ରାଜ୍ୟବ୍ୟାପୀ ପାଳନ କରୁଛି । ରାଜ୍ୟବାସୀଙ୍କ କଷ୍ଟ ଉପାର୍ଜିତ ଧନରୁ ଟିକସ ମାଧ୍ୟମରେ ରାଜକୋଷକୁ ଆସିଥିବା ଅର୍ଥକୁ ବିଜେପି ଉତ୍ସବ ପାଳନରେ ଖର୍ଚ୍ଚ ନକରି ସେହି ଅର୍ଥରେ ଆମ୍ବୁଲାନ୍ସ କିଣାଯାଉ ବୋଲି ବିଜୁ ଜନତା ଦଳ ଦାବୀ କରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ଗତକାଲି କୋରାପୁଟର ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜରେ ଭୁଲ ଇଞ୍ଜେକସନ ଦିଆଯିବା ଦ୍ୱାରା ୬ ଜଣଙ୍କ ମୃତ୍ୟୁ ହୋଇଥିବା ଭଳି ଦୁଃଖଦ ଖବର ସାମ୍ନାକୁ ଆସିଥିଲା । ଆଜି ରାଜ୍ୟରେ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇ ପଡିଥିବାର କରୁଣ ଚିତ୍ର ସାମ୍ନାକୁ ଆସିଛି । ଜଗତସିଂହପୁର ଜିଲ୍ଲାରେ ଏକ ୧୦୮ ଆମ୍ବୁଲାନ୍ସରେ ରୋଗୀ ଓ ତାଙ୍କ ପରିବାର ସଦସ୍ୟଙ୍କ ସହିତ ହସ୍ପିଟାଲକୁ ଆସୁଥିବା ବେଳେ ରାସ୍ତାରେ ଆମ୍ବୁଲାନ୍ସର ଟାୟାର ପଙ୍କଚର ହୋଇ ଯାଇଥିଲା । ସେହି ଆମ୍ବୁଲାନ୍ସଟିରେ ଷ୍ଟେପିନ୍ ଟାୟାର ନଥିଲା। ଡ୍ରାଇଭର କଲ ସେଣ୍ଟରର ସହାୟତା ମାଗିଥିଲେ ମଧ୍ୟ କୌଣସି ସହାୟତା ମିଳି ପାରି ନଥିଲା । ଆମ୍ବୁଲାନ୍ସରେ ମୁମୂର୍ଷୁ ଅବସ୍ଥାରେ ଥିବା ରୋଗୀଙ୍କ ଅବସ୍ଥା ଆହୁରି ଖରାପ ହୋଇଥିଲା । ଏହି ଖବର ପାଇ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସାଦ ଜେନା ଘଟଣା ସ୍ଥଳରେ ପହଞ୍ଚି ଅନ୍ୟ ଏକ ଗାଡ଼ିରେ ରୋଗୀଙ୍କୁ ଏରସମା ସିଏଚସିକୁ ପଠାଇଥିଲେ।

## କର୍ଣ୍ଣେଲ ପଙ୍କଜ କୁମାର ହେଲେ ସୈନିକ ସ୍କୁଲର ନୂତନ ଅଧ୍ୟକ୍ଷ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କର୍ଣ୍ଣେଲ ପଙ୍କଜ କୁମାର ସୈନିକ ସ୍କୁଲର ୧୯ତମ ପ୍ରିନ୍ସିପାଲ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥି ପୂର୍ବରୁ ସେ ହେଡ୍‌କ୍ୱାର୍ଟର ୧୧ କୋର, ଜଳନ୍ଧର ଠାରେ ସିନିୟର ଏଜୁକେସନ୍ ଅଫିସର ଭାବେ ଅବସ୍ଥାପିତ ଥିଲେ। ଏହି ସମ୍ମାନୀୟ ଅଫିସର ବିଗତ ଉଣେଇଶୀ ବର୍ଷ ଧରି ଭାରତୀୟ ପ୍ରତିରକ୍ଷା ବାହିନୀର ବିଭିନ୍ନ ଟ୍ରେନିଂ ଅନୁଷ୍ଠାନ, ପଚମାରି ସ୍ଥିତ ଆର୍ମିଏଜୁକେସନ କଲେଜ ଓ ସେଣ୍ଟର, ନୂଆଦିଲ୍ଲୀ ସ୍ଥିତ ଆର୍ମି ହେଡ୍‌କ୍ୱାର୍ଟର ଠାରେ ଏଜୁକେସନ ଅଫିସର ଭାବେ କାର୍ଯ୍ୟ କରିଛନ୍ତି। ଏହାଛଡ଼ା ୨୦୧୯ ରୁ ୨୦୨୨ ପର୍ଯ୍ୟ' ବିଦେଶରେ ଭାରତୀୟ ପ୍ରତିରକ୍ଷା ବିଭାଗ ତରଫରୁ ସେବାରତ ଥିଲେ। କର୍ଣ୍ଣେଲ ପଙ୍କଜ କୁମାର ନିଜ ସ୍କୁଲଶିକ୍ଷା କେନ୍ଦ୍ରୀୟ ବିଦ୍ୟାଳୟ ବୋକାରୋ, ବି.ଏସ୍.ସି (କେମେଷ୍ଟ୍ରି) ଏବଂ ଏମ୍.ସି.ଏ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ କରିଛନ୍ତି। ଏହାଛଡ଼ା ସେନା ବିଭାଗ ତରଫରୁ ଚାଇନିଜ୍ ଭାଷାରେ ଏମ୍.ଏ ପାସ୍ କରିବା ସହ ନିଜ ବ୍ୟାଚର ଟପର ରହିଛନ୍ତ। ଏଥିସହ ବି.ଏଡ୍ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। କର୍ଣ୍ଣେଲ ପଙ୍କଜ କୁମାର ଜଣେ କ୍ରୀଡ଼ାପ୍ରେମୀ ଓ ଖେଳକୁଦରେ ଉତ୍ସାହିତ କରିଥାନ୍ତି। ଉକ୍ତ ଅଫିସରଙ୍କ ନୂତନ ଦାୟୀତ୍ୱ ଗ୍ରହଣରେ ସୈନିକ ସ୍କୁଲ ମାହେଲରେ ନୂଆ ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି ଏବଂ ଆଶା କରା ଯାଉଛି ଯେ ଏହି ଅଫିସରଙ୍କ ତତ୍ତ୍ୱାବଧାନ ଓ ଉତ୍ତମ ନେତୃତ୍ୱରେ ସୈନିକ ସ୍କୁଲର ସର୍ବାଙ୍ଗୀନ ଉନ୍ନତି ସାଧନ ହେବ।

## ରଥଯାତ୍ରା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଆ ସାଂସ୍କୃତିକ ମହାଚେତନାର ମୂଳପିଣ୍ଡ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ନିରନ୍ତର ପ୍ରବହମାନ ଶ୍ରୀଜଗନ୍ନାଥ ପରମ୍ପରାକୁ ନେଇ ଓଡ଼ିଆ ଅସ୍ମିତା, ଅଧ୍ୟାତ୍ମ ଓ ଆତ୍ମପରିଚିତି ସାରା ବିଶ୍ୱରେ ସୁପ୍ରତିଷ୍ଠିତ । ମାନବବାଦର ଶ୍ରେଷ୍ଠ ପ୍ରତୀକ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ପାଇଁ ପ୍ରତିବର୍ଷ ପୁରୀକୁ ଛୁଟି ଆସନ୍ତି ଦେଶବିଦେଶର ଅଗଣିତ ଭକ୍ତ । ଚଳିତ ରଥଯାତ୍ରାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପରେ ନ୍ୟସ୍ତ ଦାୟିତ୍ୱକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ । ଲୋକସମ୍ପର୍କ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହଙ୍କ ଅଧ୍ୟକ୍ଷତାରେ ଆସନ୍ତା ରଥଯାତ୍ରା ପାଇଁ ବିଭାଗ ପକ୍ଷରୁ ଆୟୋଜନ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ଗତବର୍ଷ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଚଳିତ ବର୍ଷର ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚଳିତ ବର୍ଷ ଆବଶ୍ୟକତା ଅନୁଯାୟୀ ପୁରୀର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଗୁରବୀର ସିଂହ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ, କ୍ଷେତ୍ର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସନ୍ତୋଷ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।


## ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା ବୈଠକ

# ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଯାମିନୀ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାର ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସମୀକ୍ଷା କରାଯାଇଥିଲା । ଏହି ସମୀକ୍ଷା ବୈଠକରେ ଚଳିତ ଆର୍ଥିକ ବର୍ଷରେ ନାବାର୍ଡ-ଆର୍ ଆଇଡ଼ିଏଫ୍, ପିଏମ୍ ଜନ୍ ମନ୍, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ମୁଖ୍ୟମନ୍ତ୍ରୀ ସଡକ ଯୋଜନା, କୋଠାବାଡି, ମୁଖ୍ୟମନ୍ତ୍ରୀ ଜନଶୁଣାଣି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଅନ୍ୟ ସମସ୍ତ ଯୋଜନା ବିଷୟରେ ସବିସ୍ତୃତ ସମୀକ୍ଷା କରାଯାଇଥିଲା। ରାଜ୍ୟର ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଆଭାସି ମାଧ୍ୟମରେ ଏହି ସମୀକ୍ଷା ବୈଠକରେ ସାମିଲ ହୋଇ ନିର୍ମାଣାଧିନ ଥିବା ସମସ୍ତ ପ୍ରକଳ୍ପର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକ ବିଷୟରେ ଆୟୁକ୍ତ ତଥା ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗମନାଗମନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଗ୍ରାମ୍ୟ ଉନ୍ନୟନବିଭାଗର ସମସ୍ତ ଯୋଜନାଗୁଡ଼ିକ ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଶ୍ରୀମତୀ ଷଡଙ୍ଗୀ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରତିଟି ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ସହ ନିର୍ମାଣର ଗୁଣବତ୍ତା ଉପରେ ଗୁରୁତ୍ୱ ଦେବା ଓ କୌଣସିମଧ୍ୟ ନିର୍ମାଣଜନିତ ବ୍ୟତିକ୍ରମ ପାଇଁ ଶୂନ୍ୟ ସହନଶୀଳତା ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବ(ଭାପ୍ରସେ) ଗୀତାରାଣୀ ପଟ୍ଟନାୟକ, ସ୍ୱତନ୍ତ୍ର ଶାସନ ସଚିବ ସର୍ବେଶ୍ୱର ସିଂହ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ସଂଘମିତ୍ରା ଶତପଥୀ, ସ୍ୱତନ୍ତ୍ର ଶାସନ ସଚିବ ବବିତା ମହାନ୍ତି, ସର୍ବୋଚ୍ଚ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ, ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ କୁମାର ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

# ଜମ୍ମୁ ଓ କଶ୍ମୀର
# ବିକାଶର ଅୟମାରମ୍ଭ





## ₹୪୪,୦୦୦ କୋଟିର
## ରେଳ ପ୍ରକଳ୍ପ ଉପହାର

### ଉଦ୍‌ଘାଟନ

**ଚେନାବ୍ ସେତୁ**
**(ବିଶ୍ୱର ସର୍ବୋଚ୍ଚ ରେଳ ତୋରଣ ସେତୁ)**

- ୩୫୯ ମିଟର ଉଚ୍ଚତା, ୧୩୧୫ ମିଟର ଦୈର୍ଘ୍ୟ ଓ ୪୬୭ ମିଟର ତୋରଣ ସ୍ପାନ୍
- ଏହି ସେତୁ ଜମ୍ମୁ ଓ କଶ୍ମୀରର ରିଆସି ଜିଲ୍ଲାର କାଉରି ଓ ବକ୍କାଲ୍ ଅଞ୍ଚଳକୁ ସଂଯୋଗ କରିବ

**ଅଞ୍ଜି ସେତୁ**
**(ଭାରତ ପ୍ରଥମ କେବୁଲ୍ ଷ୍ଟେଡ୍ ରେଲ ସେତୁ)**

- ୭୨୫ ମିଟର ଦୈର୍ଘ୍ୟ, ୨୯୦ ମିଟର ମେନ୍ ସ୍ପାନ୍
- ଏହି ବ୍ରିଜ୍ ଜମ୍ମୁ ଓ କଶ୍ମୀରର କଟ୍ରା ଓ ରିଆସି ଜିଲ୍ଲାକୁ ସଂଯୋଗ କରିବ
- ଏକକ ବୃହତ୍ ପାଇଲନ୍ ସହିତ ୯୬ ଟି କେବୁଲ୍ ସଂଯୁକ୍ତ, ୧୯୩ ମିଟର ଉଚ୍ଚ

### ରାଷ୍ଟ୍ରକୁ ସମର୍ପଣ

**ଉଧମପୁର-ଶ୍ରୀନଗର-ବାରାମୁଲା**
**ରେଳ ଲିଙ୍କ ପ୍ରକଳ୍ପ (ୟୁଏସବିଆରଏଲ୍)**

- ବିକଶିତ ସମସ୍ତ ଜଳବାୟୁରେ ରେଳ ସଂଯୋଗ ଯାହା ଜମ୍ମୁ ଓ କଶ୍ମୀରକୁ ଭାରତର ଅବଶିଷ୍ଟ ଭାଗ ସହିତ ସଂଯୋଗ କରିବ
- ଏହାର ମୋଟ୍ ଦୈର୍ଘ୍ୟ ୨୭୨ କିମି ଓ ଟି-୫୦ (ଭାରତରେ ସବୁଠାରୁ ଦୀର୍ଘ କାର୍ଯ୍ୟକ୍ଷମ ଟନେଲ୍) କୁ ଅନ୍ତର୍ଭୁକ୍ତ କରି ୩୬ ଟି ଟନେଲ୍ ଓ ୯୪୩ ଟି ସେତୁ ରହିଛି।

### ପତାକା ଦେଖାଇ ଶୁଭାରମ୍ଭ

**୨ ବନ୍ଦେ ଭାରତ ଟ୍ରେନ୍**
**ଶ୍ରୀ ମାତା ବୈଷ୍ଣୋଦେବୀ କଟ୍ରା-ଶ୍ରୀନଗର ଓ ଶ୍ରୀନଗର-ଶ୍ରୀ ମାତା ବୈଷ୍ଣୋ ଦେବୀ କଟ୍ରା**

- ଶ୍ରୀନଗରକୁ ପ୍ରଥମ ସେମି ହାଇସ୍ପିଡ୍ ଟ୍ରେନ
- ପର୍ଯ୍ୟଟନ ଓ ଆଞ୍ଚଳିକ ଯୋଗାଯୋଗରେ ବିକାଶ
- ମାତ୍ର ୩ ଘଣ୍ଟା ମଧ୍ୟରେ କଟ୍ରାରୁ ଶ୍ରୀନଗରକୁ ଯାତ୍ରା ସମ୍ଭବ

କରିବେ

# ନରେନ୍ଦ୍ର ମୋଦୀ

## ପ୍ରଧାନମନ୍ତ୍ରୀ

### ସଦୟ ଉପସ୍ଥିତି

**ନିତୀନ ଜୟରାମ ଗଡ଼କରି**
ସଡ଼କ ପରିବହନ ଓ ରାଜପଥ କେନ୍ଦ୍ର ମନ୍ତ୍ରୀ

**ଅଶ୍ୱିନୀ ବୈଷ୍ଣବ**
ରେଳ, ସୂଚନା ଓ ପ୍ରସାରଣ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି କେନ୍ଦ୍ର ମନ୍ତ୍ରୀ

**ଡ.ଜିତେନ୍ଦ୍ର ସିଂ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ (ଭାରପ୍ରାପ୍ତ) ବିଜ୍ଞାନ ଓ ପ୍ରଯୁକ୍ତି ଏବଂ ଭୂବିଜ୍ଞାନ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ, ଆଣବିକ ଶକ୍ତି ବିଭାଗ ଓ ମହାକାଶ ବିଭାଗ ରାଷ୍ଟ୍ରମନ୍ତ୍ରୀ

**ଭି ସୋମାନ୍ନା**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଓ ଜଳଶକ୍ତି

**ରବନୀତ ସିଂ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ, ରେଳ ଓ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ

**ମନୋଜ୍ ସିହ୍ନା**
ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳର ଲ୍ୟୁଟନାଣ୍ଟ ଗଭର୍ଣ୍ଣର
ଅଧ୍ୟକ୍ଷ, ଶ୍ରୀ ମାତା ବୈଷ୍ଣୋଦେବୀ ସ୍ରାଇନ୍ ବୋର୍ଡ

**ଓମାର ଅବଦୁଲ୍ଲା**
ମୁଖ୍ୟମନ୍ତ୍ରୀ, ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

**ସୁରିନ୍ଦର କୁମାର ଚୌଧୁରୀ**
ଉପମୁଖ୍ୟମନ୍ତ୍ରୀ, ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳ

**ଯୁଗଳ କିଶୋର**
ସାଂସଦ (ଲୋକସଭା), ଜମ୍ମୁ

**ଆଗା ସୟଦ୍ ରୁହୁଲ୍ଲା ମେହଦି**
ସାଂସଦ (ଲୋକସଭା) ଶ୍ରୀନଗର


**ଗୁଲାମ ଅଲ୍ଲୀ**
ସାଂସଦ, ରାଜ୍ୟସଭା

ଶୁକ୍ରବାର, ୦୬ ଜୁନ୍, ୨୦୨୫ | ପୂର୍ବାହ୍ନ ୧୧.୦୦ ଘ. | ଶ୍ରୀ ମାତା ବୈଷ୍ଣୋଦେବୀ ସ୍ରାଇନ୍ ବୋର୍ଡ ସ୍ପୋର୍ଟସ କମ୍ପ୍ଲେକ୍ସ, କଟ୍ରା (ଷ୍ଟାଡିୟମ)

# ଭାରତୀୟ ରେଳପଥ

DD News ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ www.indianrailways.gov.in ଆମକୁ ଅନୁସରଣ କରନ୍ତୁ /RailMinIndia

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



## ବିଜୟ ଉତ୍ସବରେ ଅଘଟଣ

# ଭବିଷ୍ୟତ ପାଇଁ ସତର୍କ ଘଣ୍ଟି

ଆମ ଦେଶର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅତ୍ୟଧିକ ଆଗ୍ରହ ସୃଷ୍ଟି କରିଥିବା ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ୍ ଖେଳ ମଙ୍ଗଳବାର ଦିନ ଗୁଜରାଟ୍‌ର ଅହମ୍ମଦାବାଦ୍ ଠାରେ ଅନୁଷ୍ଠିତ ହୋଇଥିଲା। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପ୍ରତିଦ୍ୱନ୍ଦ୍ୱୀ ପଞ୍ଜାବ କିଙ୍ଗସ୍‌କୁ ପରାଜିତ କରି ଆଇପିଏଲ୍ କପ୍- ୨୦୨୫ ହାସଲ କରିଛି। ଦୀର୍ଘ ଅଠର ବର୍ଷ ପରେ ଆଇପିଏଲ୍ ଟାଇଟଲ୍ ଜିତିବାର ଗୌରବ ଅର୍ଜନ କରିଥିବାରୁ ରାଜଧାନୀ ବେଙ୍ଗାଲୁରୁ ସମେତ ସମଗ୍ର କର୍ଣ୍ଣାଟକରେ ଆନନ୍ଦର ଲହରୀ ଖେଳିଯିବା ସଙ୍ଗେ ସଙ୍ଗେ କ୍ରୀଡ଼ାପ୍ରେମୀମାନେ ବିଭିନ୍ନ ସ୍ଥାନରେ ଉତ୍ସବ ମନାଉଥିବାର ଲକ୍ଷ୍ୟ କରାଯାଉଛି। ଏହାରି ଭିତରେ ବୁଧବାର ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ବିଜୟୀ ଆର୍.ସି.ବି ଦଳକୁ ସମ୍ବର୍ଦ୍ଧିତ କରିବା ଲାଗି ଏକ ବିଶାଳ ଉତ୍ସବର ଆୟୋଜନ କରାଯାଇଥିଲା। ତେବେ ପ୍ରାୟ ୩୫ ହଜାର ଲୋକଙ୍କ ଉପସ୍ଥିତି ପାଇଁ ଉଦ୍ଦିଷ୍ଟ ଏହି ଷ୍ଟାଡିୟମ୍ ବାହାରେ ଦୁଇଲକ୍ଷରୁ ଅଧିକ ଦର୍ଶକ ରୁଣ୍ଡ ହୋଇଯିବାରୁ ସ୍ଥିତି ଏଭଳି ଅଣାୟତ୍ତ ହୋଇଥିଲା ଯେ ଭୀଷଣ ଦଳାଚକଟା ଯୋଗୁଁ ସେଠାରେ ୧୧ଜଣ ଲୋକ ପ୍ରାଣ ହରାଇବା ସଙ୍ଗେ ସଙ୍ଗେ ୫୦ରୁ ଅଧିକ ଆହତ ହୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଖୁସି ମନାଇବାକୁ ଆୟୋଜିତ ଏକ ଉତ୍ସବ ମୁହୂର୍ତ୍ତକ ମଧ୍ୟରେ ଶୋକାକୁଳ ପରିବେଶ ଓ କ୍ରନ୍ଦନରେ ଫାଟି ପଡ଼ିଥିଲା। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଆଇ.ପି.ଏଲ୍ ଟ୍ରଫି ବିଜେତା ଖେଳାଳିଙ୍କୁ ଦେଖିବା ପାଇଁ ପ୍ରଶଂସକଙ୍କ ଅତ୍ୟଧିକ ଆଗ୍ରହ ଚଳାଚକଟାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଏହି ଭିଡ଼କୁ ନିୟନ୍ତ୍ରଣ କରିବା ଲାଗି ପୋଲିସ ପକ୍ଷରୁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି। ବିଜୟ ଶୋଭାଯାତ୍ରାରେ ସାମିଲ ହେବାକୁ ଅପେକ୍ଷା କରିଥିବା ଅନେକ ଛୋଟ ପିଲା ଭିଡ଼ ଭିତରେ ଅଣନିଶ୍ୱାସୀ ହୋଇ ଅଚେତ ହୋଇପଡ଼ିଥିଲେ। ଷ୍ଟାଡିୟମ୍ ବାହାରେ ଦୁଇଲକ୍ଷ ଲୋକ ସମବେତ ହୋଇ ଭିତରକୁ ପଶିବା ପାଇଁ ଉଦ୍ୟମ କଲାବେଳେ ସୁରକ୍ଷା କର୍ମୀ ସେମାନଙ୍କୁ ନିୟନ୍ତ୍ରଣ କରିବାକୁ ପ୍ରଚେଷ୍ଟା ଚଳାଇଥିଲେ। ମାତ୍ର ଠିକ୍ ସେତିକି ବେଳେ ଅସରାଏ ବର୍ଷା ଆରମ୍ଭ ହୋଇଯିବାରୁ ସ୍ଥିତି ଅଧିକ ଭୟଙ୍କର ହୋଇ ଉଠିଥିଲା। ବର୍ଷାରୁ ରକ୍ଷା ପାଇବାକୁ ଲୋକଙ୍କ ଭିତରେ ଠେଲାପେଲା ଚାଲିଲା, ଯାହା ଶେଷରେ ଦଳାଚକଟାରେ ପରିଣତ ହୋଇଥିଲା। ଏହି ଦୁଃଖଦ ଘଟଣା ନିଶ୍ଚିତ ଭାବରେ କର୍ଣ୍ଣାଟକ ପୋଲିସ ଓ ପ୍ରଶାସନର କାର୍ଯ୍ୟ ଦକ୍ଷତା ଓ ଦୂରଦୃଷ୍ଟି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାଜ୍ୟର ମୁଖ୍ୟମନ୍ତ୍ରୀ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହିତ ମୃତକଙ୍କ ପରିବାର ପିଛା ୧୦ଲକ୍ଷ ଟଙ୍କା ସହାୟତାରାଶି ଘୋଷଣା କରିଛନ୍ତି। କର୍ଣ୍ଣାଟକ କ୍ରିକେଟ ଆସୋସିଏସନ୍ ପକ୍ଷରୁ ମଧ୍ୟ ୫ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ଅନୁଦାନ ଘୋଷଣା କରାଯାଇଛି। ବି.ସି.ସି.ଆଇ ଏହି ଦୁର୍ଭାଗ୍ୟଜନକ ଘଟଣାକୁ ନେଇ ଆୟୋଜକଙ୍କ ଉପରେ ଦୋଷ ଲଦିବା ସହିତ ସେମାନେ ଆଗରୁ ଅଧିକ ପ୍ରସ୍ତୁତ ରହିବା ଉଚିତ୍ ଥିଲା ବୋଲି ମତବ୍ୟକ୍ତ କରିଛି। ଏତେ ବଡ଼ ବିଜୟ ଉତ୍ସବ ପାଳନ କରିବାକୁ ଯିବାବେଳେ ଆବଶ୍ୟକୀୟ ସୁରକ୍ଷା ଓ ସତର୍କତା ଅଲମ୍ବନ କରିବା ଏକାନ୍ତ ଜରୁରି ଥିଲା। ମାତ୍ର ବେଙ୍ଗାଲୁରୁ ପୋଲିସ ଓ ପ୍ରଶାସନର ଦୂରଦୃଷ୍ଟିର ଅଭାବ ଯୋଗୁଁ ଏତେ ଗୁଡ଼ିଏ ନିରୀହ ଜୀବନ ଅକାଳରେ ଝଡ଼ି ପଡିଛି। ଭବିଷ୍ୟତ ପାଇଁ ଏହାକୁ ଏକ ସତର୍କ ଘଣ୍ଟି ରୂପେ ବିଚାର କରିବା ବିଜ୍ଞତାର କାର୍ଯ୍ୟ ହେବ।

# ଜଳବାୟୁରେ ପରିବର୍ତ୍ତନ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଦିନରେ ଅସହ୍ୟ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ମୁଣ୍ଡଫଟା ଖରା ଓ ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବ ଜନଜୀବନକୁ ଅସ୍ତବ୍ୟସ୍ତ କରିସାରିଲାଣି। କାଳବୈଶାଖୀ ପ୍ରଭାବରେ ଝଡତୋଫାନ ସହ ଅଦିନିଆ ବର୍ଷା ଓ ବଜ୍ରପାତ ବ୍ୟାପକ କ୍ଷୟକ୍ଷତି ଓ ଧନଜୀବନ ହାନୀର କାରଣ ହୋଇଛି। ଏହା ସତ ଯେ, ଖରାଦିନେ କାଳବୈଶାଖୀ ହୋଇଥାଏ। ଆକାଶରେ କଳାହାଣ୍ଡିଆ ବାଦଲ ସାଙ୍ଗକୁ ଜୋର୍‌ରେ ପବନ ପ୍ରବାହିତ ହେବା ସହ ବର୍ଷା ହୋଇଥାଏ। ଯାହା କି ଅସହ୍ୟ ତାତିରୁ ଜନସାଧାରଣଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଥାଏ। ଚଳିତ ବର୍ଷ କିନ୍ତୁ ଗତ ୧ମାସ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ବାରମ୍ବାର କଳାବୈଶାଖୀର ତାଣ୍ଡବ ଲାଗି ରହିଛି। ପ୍ରତିଦିନ ରାଜ୍ୟର ୫ରୁ ୭ଟି ଜିଲ୍ଲାରେ କାଳବୈଶାଖୀ ନେଇ ପାଣିପାଗ ବିଭାଗ କେବଳ ସତର୍କ ସୂଚନା ଜାରି କରୁଛି। ରାଜ୍ୟରେ ଦୀର୍ଘ ୧ମାସ ଧରି କାଳବୈଶାଖୀର ପ୍ରଭାବ ଜଳବାୟୁରେ ପରିବର୍ତ୍ତନର ସୂଚନା ବୋଲି କହିଲେ ଭୁଲ୍ ହେବ ନାହିଁ। ରାଜ୍ୟର ଗୋଟିଏ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ କମ୍ ଥିବାବେଳେ ଅନ୍ୟ ଅଞ୍ଚଳରେ ଅସହ୍ୟ ତାତି ସାଙ୍ଗକୁ ଗ୍ରୀଷ୍ମ ପ୍ରବାହରେ ଜନସାଧାରଣ ଅତିଷ୍ଠ। ଉପକୂଳ ଓଡ଼ିଶାରେ ତାପମାତ୍ରା ସ୍ୱାଭାବିକ ରହିଥିବାବେଳେ ରାଜ୍ୟର ପଶ୍ଚିମାଞ୍ଚଳ ଏବେ ତତଲା କଡେଇରେ। ଓଡ଼ିଶାର ବହୁ ସ୍ଥାନରେ ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଉପରେ ଥିବାବେଳେ ପଶ୍ଚିମ ଓଡ଼ିଶାର ବହୁ ସହରର ତାପମାତ୍ରା ୪୦ଡିଗ୍ରୀରୁ ୪୨ଡିଗ୍ରୀ ସେଲସିୟସ୍ ରହିଛି। ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାବେଳେ କାଳବୈଶାଖୀ ପ୍ରଭାବରେ ପ୍ରଚଣ୍ଡ ଝଡ ତୋଫାନ, ଅଦିନିଆ ବର୍ଷା ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଥିବାବେଳେ ଲମ୍ବା ସମୟ ଧରି ଏହାର ପ୍ରଭାବ ଏବେ ଚିନ୍ତାର କାରଣ ହୋଇଛି। କେବଳ ଆମ ରାଜ୍ୟରେ ଏଭଳି ପାଣିପାଗ ସୀମିତ ନୁହେଁ। ସାରା ରାଜ୍ୟରେ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଛି। ନିକଟରେ ଜାତୀୟ ରାଜଧାନୀ ଦିଲ୍ଲୀ, ଉତ୍ତରପ୍ରଦେଶ, ରାଜସ୍ଥାନ ସମେତ ୮ଟି ରାଜ୍ୟରେ କାଳବୈଶାଖୀର ଧ୍ୱଂସର ବିଭିଷିକାରେ ୧୨୪ ଜଣଙ୍କର ଜୀବନ ହାନୀ ଘଟିଥିବା ବେଳେ ହଜାର ହଜାର ଲୋକ ବାସହରା ହୋଇଛନ୍ତି। ୩୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇ ଏବେ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କାଳବୈଶାଖୀ ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପ୍ରତିଦିନ ସତର୍କ ସୂଚନା ଜାରି କରିଛି, ଯାହାକି ଉଦ୍‌ବେଗର କାରଣ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଉତ୍ତର ଭାରତରେ ପ୍ରତିବର୍ଷ ଧୂଳି ଝଡ଼ର ପ୍ରକୋପ ଦେଖାଦେଇଥାଏ। ମୌସୁମୀର ଆଗମନ ପୂର୍ବରୁ ଦିଲ୍ଲୀ ସମେତ ଉତ୍ତର ଭାରତରେ ଧୂଳି ଝଡ଼ ହୋଇଥାଏ। କିନ୍ତୁ ଗତ ଦୁଇ ତାରିଖରେ ହୋଇଥିବା ଧୂଳି ଝଡ଼ ଅଧିକ ହିଂସ୍ର ତଥା ଧ୍ୱଂସାତ୍ମକ ଥିଲା। ଧୂଳି ଝଡ଼ର ତାଣ୍ଡବରେ ବହୁ କଚ୍ଚାଘର ଭୁଶୁଡି ପଡିଥିବାବେଳେ ବଡ଼ ବଡ଼ ଗଛ ଉପୁଡି ଯାଇଛି। ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଛି। ଯାହାକି ମୃତ୍ୟୁସଂଖ୍ୟା ବୃଦ୍ଧିର ମୁଖ୍ୟ କାରଣ ବୋଲି କୁହାଯାଇଛି। ଅଦିନିଆ ପ୍ରବଳ ବର୍ଷାରେ ଚାଷଜମି ଉଜୁଡି ଯାଇଥିବା ବେଳେ ବଜ୍ରପାତରେ ବହୁ ଜୀବନ ହାନୀ ଘଟିଛି। ଗୋଟିଏ ପଟେ ଦେଶରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଉତ୍ତରାଖଣ୍ଡରେ ଅଦିନିଆ ବରଫପାତ ପାଣିପାଗର ପରିବର୍ତ୍ତନ ସମ୍ପର୍କରେ ସୂଚନା ଦେଇଛି। ଅଦିନିଆ ବରଫପାତ ଯୋଗୁଁ କେଦାରନାଥଙ୍କ ଦର୍ଶନ ପାଇଁ ଯାଇଥିବା ହଜାର ହଜାର ତୀର୍ଥଯାତ୍ରୀ ବାଟରେ ଅଟକି ରହିଥିବା ରିପୋର୍ଟ ପ୍ରକାଶ ପାଇଛି। ଆହୁରି ମଧ୍ୟ ଗତ କିଛିବର୍ଷ ଧରି ଦେଖାଯାଇଛି ଯେ, ଗୋଟିଏ ବର୍ଷରେ ଦେଶର କେତେକ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଅନ୍ୟ ଅଞ୍ଚଳ ମରୁଡି ପଡିଛି। ଦେଶରେ ବର୍ଷରେ ବନ୍ୟା ଓ ମରୁଡି ଏବେ ଏକ ନୂତନ ରୂପରେଖରେ ପରିଣତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ବର୍ତ୍ତମାନ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ସଦୃଶ ହୋଇଛି। ତାପମାତ୍ରା ବୃଦ୍ଧି ନିୟନ୍ତ୍ରଣ ପାଇଁ ବିଶ୍ୱବ୍ୟାପୀ ଅଭିଯାନ ଆରମ୍ଭ ହୋଇଥିବାବେଳେ ଏଥିରେ ସଫଳତା ହାସଲ କରିଥିବା ମନେହୁଏ ନାହିଁ। ବର୍ଷକରେ ସାଧାରଣତଃ ୪ମାସ ଗ୍ରୀଷ୍ମ ଋତୁ ହୋଇଥିବାବେଳେ ବର୍ଷା ଓ ଶୀତଋତୁର ଅବଧି ହ୍ରାସ ପାଉଥିବା ଯୋଗୁଁ ଗ୍ରୀଷ୍ମଋତୁର ଅବଧି ୮ମାସ ରହିବା ବହୁ ପାଣିପାଗ ବିଜ୍ଞାନୀ ସତର୍କ କରାଇ ସାରିଲେଣି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ପ୍ରଭାବରେ ଧୂଳିକଣା ସଂଗୃହିତ ହୋଇ କାଳବୈଶାଖୀ ବା ଧୂଳିଝଡ, ବଜ୍ରପାତ, ଅଳ୍ପ ସମୟରେ ପ୍ରବଳ ଅଦିନିଆ ବର୍ଷା ହୋଇଥାଏ। ଏବେ ପ୍ରତିଦିନ କାଳବୈଶାଖୀର ପ୍ରଭାବ ଲାଗି ରହିଛି। ଯାହାକି ଜଳବାୟୁ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହେଉଛି। ଏଥିପ୍ରତି ବେଳ ହୁଁ ସାବଧାନ ହେବା ସମୟ ଏବେ ଆସିଛି। ଉଭୟ ସରକାର ଓ ପାଣିପାଗ ବିଜ୍ଞାନୀ ଏଥିପ୍ରତି ଧ୍ୟାନ ଦେବେ ବୋଲି ଆଶା କରିବା।

# ମହାତ୍ମା ଗାନ୍ଧୀଙ୍କ ଚିନ୍ତା ଚେତନାରେ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ପୁରୀ



ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

ଗୁଜରାଟର ଏକ ନୈଷ୍ଠିକ ବୈଷ୍ଣବ ପରିବାରରେ ଜନ୍ମ ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କର। ପିଲାଦିନୁ ଗଭୀର ଆଧ୍ୟାତ୍ମିକ ବାତାବରଣରେ ବଢ଼ିଥିବା ମୋହନ ମହାତ୍ମାରେ ପରିଣତ ହେବାର ମୂଳଦୁଆ ହେଉଛି ତାଙ୍କ ପରିବାରର ଧାର୍ମିକ ଚେତନା। ସତ୍ୟ, ଅହିଂସା ପଥର ଯାତ୍ରୀ ହେବା ପାଇଁ ସେ ପିଲାଦିନୁ ଉପକ୍ରମ କରିବାରେ ଗୀତା ଓ ରାମାୟଣର ପ୍ରତିଟି ପଂକ୍ତି ତାଙ୍କୁ ଏ ଦିଗରେ ଆଗେଇବା ଲାଗି ପ୍ରେରଣା ଦେଇଥିଲା।

ଅସ୍ପୃଶ୍ୟତା ସନାତନ ଧର୍ମର ସବୁଠାରୁ ବଡ଼ କଳଙ୍କ ଏବଂ ଏହାର ଦୂରୀକରଣ କରାନଗଲେ ସମଗ୍ର ହିନ୍ଦୁ ସମାଜକୁ ଏହି କଳଙ୍କ ଖାଇଯିବ ବୋଲି ସ୍ୱାଧୀନତା ସଂଗ୍ରାମ ସମୟରେ ଗାନ୍ଧୀଜୀ ବାରମ୍ବାର ଉଲ୍ଲେଖ କରି ସମାଜର ଗୋଟିଏ ବୃହତ ଅଂଶକୁ ଅସ୍ପୃଶ୍ୟ କହି ଉପେକ୍ଷା କଲେ ଭାରତର ସାମଗ୍ରିକ ବିକାଶ ସମ୍ଭବପର ନୁହେଁ ବୋଲି ସେ ଚେତାବନୀ ଦେବା ସହ ଯେଉଁ ମନ୍ଦିରକୁ ହରିଜନମାନଙ୍କୁ ପ୍ରବେଶ ମନା ସେ ମନ୍ଦିରକୁ ସେ ଯିବେ ନାହିଁ ବୋଲି ଗୋଟିଏ ସମୟରେ ଘୋଷଣା କରିଥିଲେ। ୧୯୩୮ ମାର୍ଚ୍ଚ ୨୫ରୁ ୩୧ ପର୍ଯ୍ୟନ୍ତ ଓଡ଼ିଶାର ବେରବୋଇ ଗାଁ ଗହିରରେ ପତ୍ର କୁଡ଼ିଆରେ ଅବସ୍ଥାନ କରିଥିଲେ ଗାନ୍ଧୀଙ୍କ ସମେତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ରାଜେନ୍ଦ୍ର ପ୍ରସାଦ, ମୌଲାନା ଆଜାଦ, ଆଚାର୍ଯ୍ୟ କୃପାଳିନୀ ଆଦି ଦେଶର ବହୁ ଆଗଧାଡ଼ିର ନେତା। ଏହି ଅବସରରେ ସେ ସମ୍ମିଳନୀରେ ଯୋଗ ଦେଇଥିବା ପ୍ରତିନିଧିମାନଙ୍କୁ ରଚନାତ୍ମକ କାର୍ଯ୍ୟକ୍ରମରେ ଥିବା ଅସ୍ପୃଶ୍ୟତା ନିବାରଣ ସଂକ୍ରାନ୍ତରେ ମନେପକାଇ ଦେବା ସହ ଯେଉଁ ମନ୍ଦିରକୁ ଅସ୍ପୃଶ୍ୟମାନଙ୍କୁ ଛଡ଼ାଯାଉ ନାହିଁ ସେଠାକୁ ରଚନାତ୍ମକ କର୍ମୀମାନେ ନଯିବାକୁ ମଧ୍ୟ ନିବେଦନ କରିଥିଲେ। ତେବେ ତାଙ୍କ ଧର୍ମପତ୍ନୀ କସ୍ତୁରବାଙ୍କ ସମେତ କେତେଜଣ ପୁରୀ ଯାଇଥିବା ବେଳେ କିନ୍ତୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିବାରୁ ସେତେବେଳେ ଗାନ୍ଧୀଜୀ କ୍ଷୋଭ ପ୍ରକାଶ କରି କହିଥିଲେ, 'କସ୍ତୁରବା ମନ୍ଦିରକୁ ନଯାଇଥିଲେ ମୁଁ ୫ ଗଜ ଉଚ୍ଚକୁ ଉଠିଯାଇଥାନ୍ତି। ତା'ବଦଳରେ ମୁଁ ତଳକୁ ଖସିପଡିଲି। ଯେଉଁ ଶକ୍ତି ଦ୍ୱାରା ମୋ କାମ ଚାଲିଥିଲା ସେ ଶକ୍ତି କମିଗଲା ପରି ମୋତେ ଲାଗୁଛି.... ଆଜି ହରିଜନମାନେ ଭାବି ପାରନ୍ତି ଯେ ଆମେ ତାଙ୍କୁ ଠକିଛୁ। ଭାବିବେ ତ। ସେମାନଙ୍କର ଯେଉଁ ମନ୍ଦିରକୁ ପ୍ରବେଶ ନାହିଁ ସେ ମନ୍ଦିରକୁ ଆମେ ଯାଉଥିବା ବେଳେ ସେମାନେ କିପରି ମାନିବେ ଯେ ହରିଜନମାନଙ୍କୁ ଆମେ ଆପଣାର କରିଛୁ ବୋଲି?' ଏହି ଘଟଣାରେ ପ୍ରାୟଶ୍ଚିତ କରିବା ଲାଗି ଗାନ୍ଧୀଜୀ ଉପବାସ ମଧ୍ୟ କରିଥିଲେ। ତେବେ କସ୍ତୁରବା ଓ ତାଙ୍କ ସହଯୋଗୀ ଦୁର୍ଗାବେନ୍ ଅନୁତାପ କରିବା ପରେ ଗାନ୍ଧୀଜୀଙ୍କ ମନ ଥଣ୍ଡା ହୋଇଥିଲା। ଏହା ଉପରେ ବି ଓଡ଼ିଆ ସମେତ ବିଭିନ୍ନ ଭାଷାରେ ଅନେକ ସାହିତ୍ୟ ସୃଷ୍ଟି ହୋଇଛି। ତେବେ ଏକଥା ନିଛକ ସତ ଯେ ଗାନ୍ଧୀଜୀଙ୍କ ମନପ୍ରାଣରେ ଆଧ୍ୟାତ୍ମିକତା ଛାଇ ହୋଇ ରହିଥିଲା। ଆତତାୟୀର ଗୁଳିଚୋଟରେ ଟଳି ପଡ଼ିବା ପୂର୍ବରୁ ତ ତାଙ୍କର ଶେଷ ଉଚ୍ଚାରଣ ଥିଲା 'ହେ ରାମ୍'।

ଶ୍ରୀକ୍ଷେତ୍ର ପୁରୀ ଓ ଶ୍ରୀଜଗନ୍ନାଥଙ୍କ ସହିତ ଗାନ୍ଧୀଜୀଙ୍କ ସଂପର୍କ ବେଶ୍ ନିବିଡ଼। ୧୯୦୯ରେ ହିନ୍ଦ୍ ସ୍ୱରାଜ ପୁସ୍ତକରେ ଗାନ୍ଧୀଜୀ ପୁରୀ କଥା ଲେଖିଛନ୍ତି। ଓଡ଼ିଶା ସହ ଗାନ୍ଧୀଜୀଙ୍କ ସଂପର୍କର ଡୋରିକୁ ସୁଦୃଢ଼ କରିଥିଲା ପୁରୀ। ଅବିଭକ୍ତ ପୁରୀ ଜିଲ୍ଲାରେ ଭୟଙ୍କର ଦୁର୍ଭିକ୍ଷ ଯୋଗୁ ବହୁ ଲୋକ ଅକାଳ ମୃତ୍ୟୁବରଣ କରୁଥିବା ଘଟଣାରେ ଭାବବିହ୍ୱଳ ହୋଇ ପଣ୍ଡିତ ଗୋପବନ୍ଧୁ ଦାସ ବିହାର-ଓଡ଼ିଶା ବିଧାନ ପରିଷଦର ଅଶ୍ରୁ ତର୍ପଣ କରିବା ସହ ବିପନ୍ନ ଲୋକଙ୍କୁ ବଞ୍ଚାଇବା ପାଇଁ ବ୍ରିଟିଶ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଥିଲେ। ଏ ପ୍ରସଙ୍ଗ ଗାନ୍ଧୀଜୀଙ୍କ ନଜରକୁ ଆସିବା ପରେ ସେ ଅମୃତଲାଲ ଠକର୍ (ଠକର୍ ବାପ୍ପା)ଙ୍କୁ ପୁରୀ ପଠାଇଥିଲେ ଗୋପବନ୍ଧୁଙ୍କୁ ଭେଟି ପରିସ୍ଥିତିର ଚାକ୍ଷୁସ ବିବରଣୀ ଦେବାକୁ। ଗାଁ ଗଣ୍ଡା ବୁଲି ଠକର୍ ବାପ୍ପା ଯେଉଁ ଅଭାବନୀୟ ଦୃଶ୍ୟ ଦେଖିଲେ ତା'ର ବିବରଣୀ ସେ ଗାନ୍ଧୀଙ୍କ ନିକଟକୁ ପଠାଇଲେ ଏବଂ ପରେ ପରେ ଗାନ୍ଧୀଜୀ ବିଭିନ୍ନ ସ୍ଥାନରୁ ଅର୍ଥ ସଂଗ୍ରହ କରି ବିପନ୍ନ ଲୋକଙ୍କୁ ବଞ୍ଚାଇବା ପାଇଁ ଗୋପବନ୍ଧୁ ଓ ଠକର୍ ବାପ୍ପାଙ୍କ ମାଧ୍ୟମରେ ବ୍ୟାପକ ରିଲିଫ୍ କାମ ଚଳାଇଥିଲେ।

୧୯୨୦ ମଇ ୯ ତାରିଖରେ ନବଜୀବନ ପତ୍ରିକାରେ 'ଓଡ଼ିଶାରେ ଦୁର୍ଭିକ୍ଷ' ଶୀର୍ଷକ ଏକ ଲେଖାରେ ଗାନ୍ଧୀଜୀ କହିଥିଲେ, "ଆମ ମଧ୍ୟରୁ ଅଧିକାଂଶ ଲୋକ ଜାଣନ୍ତି ନାହିଁ ଓଡ଼ିଶା କେଉଁଠି... ଓଡ଼ିଶାରେ ହିଁ ଶ୍ରୀଜଗନ୍ନାଥଙ୍କ ପୁରୀ ଅବସ୍ଥିତ। ଏହି ପୁରୀ ଜିଲ୍ଲାରେ ଭୟଙ୍କର ଦୁର୍ଭିକ୍ଷ ପଡିଛି.... ଯେଉଁମାନେ ନିଜକୁ ଭାରତୀୟ ମନେ କରିବାରେ ଗର୍ବ ଅନୁଭବ କରନ୍ତି ସେମାନଙ୍କର ଧର୍ମ ହେଉଛି ଭାରତର କୌଣସି ଅଂଶ କ୍ଷୀଣ ହୋଇଗଲେ ତାହାର କଷ୍ଟ ଅନୁଭବ କରିବେ। ଯଦି ଏ ବିଚାର ଠିକ୍ ତେବେ ଓଡ଼ିଶାର ଦୁଃଖରେ ଆମେ ଦୁଃଖି ନହେବା କାହିଁକି?" ଏହା ପରେ ଅନ୍ୟ ଏକ ନିବେଦନରେ ଗାନ୍ଧୀଜୀ ଲେଖିଲେ, "ଓଡ଼ିଶାରେ ଆମର ମହାନ୍ ତୀର୍ଥକ୍ଷେତ୍ର ଶ୍ରୀଜଗନ୍ନାଥ ପୁରୀ ରହିଛି। ଏହି ଗୌରବ ସତ୍ତ୍ୱେ ଏହା ଏକ ଅତି ଦରିଦ୍ର ଅଞ୍ଚଳ ଭାବେ ଜଣାପଡୁଛି.... ସେଠାକାର ଦୁର୍ଭିକ୍ଷ ସମୟରେ ଯେଉଁ ଆର୍ତ୍ତନାଦ ଉଠୁଛି, ତାହା ସାରା ଦେଶର ଲୋକେ ଶୁଣିବେ ଓ ଯେଉଁମାନେ ଏ କ୍ଷେତ୍ରରେ ସାହାଯ୍ୟ କରିବାକୁ ଚାହିଁବେ ସେମାନେ ନିଶ୍ଚୟ ଦାନ ପଠାଇବେ।" ସେହିବର୍ଷ ସେପ୍ଟେମ୍ବର ୟଙ୍ଗ ଇଣ୍ଡିଆରେ ଗାନ୍ଧୀଜୀ "ପୁରୀରେ ସଙ୍କଟ" ଶୀର୍ଷକରେ ଆଉ ଏକ ଦୀର୍ଘ ଆଲେଖ୍ୟ ବି ପ୍ରକାଶ କରିଥିଲେ। ପ୍ରଥମ ଓଡ଼ିଶା ଗସ୍ତ ପୂର୍ବରୁ ଓ ପରେ ବିଭିନ୍ନ ପତ୍ରପତ୍ରିକାରେ ପୁରୀ ସଂପର୍କରେ ତାଙ୍କର ଅନେକ ଲେଖା ପ୍ରକାଶ ପାଇଛି।

## ଗାନ୍ଧୀ ବିଚାର

୧୯୨୧ ମାର୍ଚ୍ଚ ୨୩ରେ ତାଙ୍କର ସପ୍ତାହ ବ୍ୟାପି ଓଡ଼ିଶା ଗସ୍ତ ଥିଲା କଟକ, ଭଦ୍ରକ, ସାକ୍ଷୀଗୋପାଳ, ପୁରୀ ଓ ବ୍ରହ୍ମପୁରକୁ। ପୁରୀରେ ଗାନ୍ଧୀଜୀ ମାର୍ଚ୍ଚ ୨୬ରୁ ୨୯ ସକାଳ ପର୍ଯ୍ୟନ୍ତ ରହିଥିଲେ। ସେଠି ସେ ଦୁର୍ଭିକ୍ଷ ପୀଡ଼ିତ ଅଞ୍ଚଳର ଲୋକଙ୍କୁ ଭେଟିବା ସହ ଗୋପବନ୍ଧୁଙ୍କ ସାଙ୍ଗରେ ଯାଇ ଶ୍ରୀମନ୍ଦିରରେ ଦର୍ଶନ କରିଥିଲେ ଶ୍ରୀଜୀଉମାନଙ୍କୁ। ତାଙ୍କ ସହ ପତ୍ନୀ କସ୍ତୁରବା ଓ ପୁଅ ଦେବଦାସ ଆଦି ମଧ୍ୟ ଥିଲେ। ଶ୍ରୀଜଗନ୍ନାଥ ଦର୍ଶନ ସଂପର୍କରେ ଗାନ୍ଧୀଜୀଙ୍କ ବିସ୍ତୃତ ବିବରଣୀ ନବଜୀବନର ୧୦/୪/୧୯୨୧ ସଂସ୍କରଣରେ ପ୍ରକାଶ ପାଇଥିଲା। ଏଥିରେ ସେ ଉଲ୍ଲେଖ କରିଛନ୍ତି, "ଭକ୍ତ ତୀର୍ଥଯାତ୍ରୀମାନେ ବିଶ୍ୱାସ କରନ୍ତି ଯେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଓ ପଣ୍ଡାମାନଙ୍କୁ ଦାନ ଦେବା ଦ୍ୱାରା ସେମାନଙ୍କର ଅଶେଷ ପୁଣ୍ୟ ଲାଭ ହୁଏ। ମୁଁ ଦର୍ଶନକୁ ଯାଇଥିଲା ବେଳେ ବିଭିନ୍ନ ଚିନ୍ତା ମୋ ମନକୁ ଆସିଥିଲା। ଏହା ଏକ ପୁରାତନ ଓ ମନ ଉପରେ ପ୍ରଭାବ ବିସ୍ତାରକାରୀ ମନ୍ଦିର। ମନ୍ଦିର ଚୂଡ଼ାରେ ସୁଦର୍ଶନ ଚକ୍ର ଚକ୍‌ଚକ୍ କରୁଥାଏ। ତା'ଉପରେ ପତାକା ଫରଫର୍ ହୋଇ ଉଡୁଥାଏ। ଅତ୍ୟୁଚ୍ଚ ମନ୍ଦିର ଭିତରେ ବିଗ୍ରହମାନେ ଅତି ପ୍ରକାଣ୍ଡ ଆକାରର ଥାଇ ମନରେ ଭକ୍ତିଭାବ ଜାଗ୍ରତ କରାନ୍ତି। ତେବେ ବିଗ୍ରହ ସ୍ଥାପିତ ସ୍ଥାନଟି ଅନ୍ଧାରୁଆ। ସେଠାରେ ଆଲୋକ କିମ୍ବା ପ୍ରବାହିତ ବାୟୁ ନଥାଏ। ଗୋଟିଏ ବା ଦୁଇଟି ଦୀପ ମିଞ୍ଜିମିଞ୍ଜି ଜଳୁଥାଏ...." ଏହାର ତିନିଦିନ ପରେ ୟଙ୍ଗ ଇଣ୍ଡିଆରେ ଗାନ୍ଧୀଜୀ ଜଗତର ନାଥ ଜଗନ୍ନାଥଙ୍କ ସିଂହାସନ ଓଡ଼ିଶାରେ ଅଛି ବୋଲି ଉଲ୍ଲେଖ କରିବା ସହ ଓଡ଼ିଶାରେ କଙ୍କାଳମାନ ଦେଖିବାକୁ ପ୍ରସ୍ତୁତ ହୋଇ ଆସିଥିଲେ, ମାତ୍ର ଅବସ୍ଥା କେତେ ଶୋଚନୀୟ ବୋଲି ତାଙ୍କର ଧାରଣା ନଥିଲା। ପବିତ୍ର ପୁରୀଧାମର ସଡ଼କ କଡ଼ରେ ଧାଡ଼ିଧାଡ଼ି ହୋଇ ଦୁର୍ଭିକ୍ଷ ପ୍ରପୀଡ଼ିତ ଯେଉଁ ଅସ୍ଥିଚର୍ମ ସାର ଲୋକମାନେ ଛିଡ଼ା ହୋଇଥିଲେ ସେମାନଙ୍କ ପାଇଁ ସ୍ୱରାଜ ଶବ୍ଦର ଅର୍ଥ କ'ଣ ବୋଲି ଗାନ୍ଧୀଜୀ ପ୍ରଶ୍ନ କରିବା ସହ ପରେ ଗୋପବନ୍ଧୁଙ୍କୁ ଏକ ପତ୍ରରେ ଲେଖିଥିଲେ, "ଭୂତର ଆଦେଶ ପରି ଓଡ଼ିଶା ମୋ ମନକୁ ଆଚ୍ଛନ୍ନ କରି ରଖିଛି। ଏପରି ଏକ ଗୌରବୋଜ୍ଜ୍ୱଳ ବୀରତ୍ୱପୂର୍ଣ୍ଣ ଦେଶ ଦାରିଦ୍ର୍ୟ ପ୍ରପୀଡ଼ିତ। ଏହାର କର୍ମୀମାନେ ସତ୍ ବା ଉତ୍ତମ ଅଥଚ ଅସହାୟ।"

ଏଠାରେ ଉଲ୍ଲେଖନୀୟ ଯେ ଓଡ଼ିଶାର ଦୁର୍ଭିକ୍ଷ ପ୍ରପୀଡ଼ିତ କଙ୍କାଳସାର ଲୋକଙ୍କୁ ପୁରୀ ଧାମରେ ଦେଖିବା ପରେ ଗାନ୍ଧୀଜୀଙ୍କ ମନରେ ଯେଉଁ ଆଲୋଡ଼ନ ସୃଷ୍ଟି ହୋଇଥିଲା ତାହାର ପରିଣାମ ସ୍ୱରୂପ ୬ମାସ ପରେ ସେ ତାଙ୍କର ପୋଷାକରେ ପରିବର୍ତ୍ତନ ଆଣି ଆଣ୍ଠୁ ଲୁଚୁନଥିବା ଖଦି ଖଣ୍ଡେ ପିନ୍ଧିଲେ ଏବଂ ୧୯୨୧ ସେପ୍ଟେମ୍ବର ପରଠାରୁ ସେ ଆଉ କେବେ କୁର୍ତ୍ତା କି ଟୋପି ପରିଧାନ କରିନଥିଲେ। ତାଙ୍କର ଏଭଳି ଆଭୂଷଣକୁ ପରବର୍ତ୍ତୀ ସମୟରେ ସାର ୱିନ୍‌ଷ୍ଟନ୍ ଚର୍ଚ୍ଚିଲ୍ ଛିଗୁଲାଇ କହିଥିଲେ, 'ଅଧା ଲଙ୍ଗଳା ଫକୀର'। ତେବେ ଏହି ଅଧା ଲଙ୍ଗଳା ଫକୀର ଭାରତବାସୀଙ୍କ ମନ ଆଇନାରେ ରହିଯିବା ସହିତ 'ବିଶ୍ୱ ମାନବ' ଭାବେ ଚର୍ଚ୍ଚାକୁ ଆସିଲେ ଓ ଜାତିସଂଘର ନିଷ୍ପତ୍ତିକ୍ରମେ ତାଙ୍କ ଜନ୍ମଦିନ ଅକ୍ଟୋବର ୨କୁ ସମଗ୍ର ବିଶ୍ୱ ପାଳୁଛି 'ଆନ୍ତର୍ଜାତିକ ଅହିଂସା ଦିବସ' ଭାବେ। ଯେଉଁ ଅଧା ଲଙ୍ଗଳା ଫକୀର ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହ ସଂଗ୍ରାମର ପ୍ରଭାବରେ ଭାରତରୁ ଇଂରେଜ ଶାସନର ଅବସାନ ଘଟିଲା ସେହି ଇଂରେଜ ଜାତି ସେମାନଙ୍କ ପାର୍ଲାମେଣ୍ଟ ସମ୍ମୁଖରେ ଚର୍ଚ୍ଚିଲଙ୍କ ପ୍ରତିମୂର୍ତ୍ତି ନିକଟରେ ଗାନ୍ଧୀଜୀଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରି ସତ୍ୟ ଅହିଂସାର ଏହି ପୂଜାରୀଙ୍କ ନିକଟରେ ମଥାନତ ପ୍ରଣାମ କରୁଛି। କେବଳ ସେତିକି ନୁହେଁ, ଏହି ଅଧା ଲଙ୍ଗଳା ଫକୀରକୁ ବିଶ୍ୱର ସହସ୍ରାବ୍ଦୀର ଶ୍ରେଷ୍ଠ ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ବି ରଖାଯାଇଛି।

ଝାରସୁଗୁଡ଼ା, ସମ୍ବଲପୁର, ବାମୁର, ଅନୁଗୋଳ ଦେଇ ୧୯୩୪ ମଇ ୬ ସନ୍ଧ୍ୟାରେ ଗାନ୍ଧୀଜୀ ପହଞ୍ଚିଲେ ପୁରୀରେ। ତାହା ଥିଲା ତାଙ୍କର ହରିଜନ ଗସ୍ତ। ଗାନ୍ଧୀଜୀଙ୍କ ଅସ୍ପୃଶ୍ୟତା ବିରୋଧୀ ଆନ୍ଦୋଳନକୁ କିଛି ଗୋଷ୍ଠୀ ବିରୋଧ କରୁଥାନ୍ତି। ସେତେବେଳେ ସେମାନେ ପୁରୀରେ ଅପପ୍ରଚାର ଚଳାଇଥାନ୍ତି ଯେ ଗାନ୍ଧୀ ହରିଜନମାନଙ୍କୁ ନେଇ ଶ୍ରୀମନ୍ଦିର ପ୍ରବେଶ କରାଇ ହିନ୍ଦୁଧର୍ମକୁ ନଷ୍ଟ କରିବାକୁ ଚାହୁଁଛନ୍ତି ବୋଲି। ଏହି ଅବସରରେ ମଇ ୮ ତାରିଖରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଏକ ପ୍ରତିମୂର୍ତ୍ତି ଗାନ୍ଧୀଜୀ ଉନ୍ମୋଚନ କରିଥିଲେ। କାଳେ ଗାନ୍ଧୀଜୀ ମନ୍ଦିରରେ ହରିଜନମାନଙ୍କୁ ପୂରାଇ ଦେବେ ସେହି ଆଶଙ୍କାରେ ସେଦିନ ଶ୍ରୀମନ୍ଦିରର ଦ୍ୱାରକୁ ବନ୍ଦ ରଖାଯାଇଥିଲା। ପୁରୀରେ ଗାନ୍ଧୀଜୀ କହିଥିଲେ, "ବହୁବର୍ଷ ପୂର୍ବେ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ହରିଜନମାନଙ୍କ ପାଇଁ ଉନ୍ମୁକ୍ତ ଥିଲା। ଏବେ ଏହି ପବିତ୍ର ମନ୍ଦିରର ଦ୍ୱାର ସେମାନଙ୍କ ପାଇଁ ଖୋଲା ରଖିବାର ଗୁରୁତ୍ୱ ମୁଁ ଉପଲବ୍ଧି କରୁଛି... ମୋର ଦୃଢ଼ ବିଶ୍ୱାସ ମନ୍ଦିରରେ ହରିଜନମାନଙ୍କ ପୂଜା କରିବାର ସେତିକି ଅଧିକାର ରହିଛି, ଯେତିକି ଅନ୍ୟ ହିନ୍ଦୁମାନଙ୍କର। କିନ୍ତୁ ମୁଁ ଅଧିକାର ସାବ୍ୟସ୍ତ କରିବା ପାଇଁ ବଳ ପ୍ରୟୋଗର ସପକ୍ଷରେ ନୁହେଁ।"

ଗାନ୍ଧୀଜୀଙ୍କ ହରିଜନ ଗସ୍ତ ୧୨ଦିନିଆ ଥିଲା, କିନ୍ତୁ ସେ ହଠାତ୍ ମଇ ୯ ତାରିଖରୁ ଶ୍ରୀକ୍ଷେତ୍ର ପୁରୀରୁ ପଦଯାତ୍ରା ଆରମ୍ଭ କରିବାକୁ ଘୋଷଣା କଲେ। ପଦଯାତ୍ରା ଆରମ୍ଭ ପୂର୍ବରୁ ଗାନ୍ଧୀ ଘୋଷଣା କରିଥିଲେ, "ଜଗନ୍ନାଥଙ୍କ ସାମ୍ନାରେ ସେ ସମସ୍ତଙ୍କୁ ଶୁଣାଇ ଦେଉଛନ୍ତି ଯେ ସାରା ଦେଶରେ ଯେଉଁଠି ହିନ୍ଦୁମାନେ ଆପତ୍ତି କରୁଥିବେ, ସେଠି କୌଣସି ମନ୍ଦିରରେ ହରିଜନମାନଙ୍କୁ ସାଙ୍ଗରେ ନେଇ ବା ନନେଇ ମୁଁ ପ୍ରବେଶ କରିବି ନାହିଁ... ଏ ଯାତ୍ରା ସଫଳ କରିବା ପାଇଁ ମୁଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛି। ଭାରତର ଚାରି ପ୍ରଧାନ ତୀର୍ଥ ଭିତରୁ ପୁରୀଧାମ ଅନ୍ୟତମ। ଏହି ପବିତ୍ର କ୍ଷେତ୍ରରୁ ମୁଁ ପୂଣ୍ୟ ହରିଜନ ଯାତ୍ରା ଚାଲିଚାଲି ଆରମ୍ଭ କରୁଛି। ଉତ୍କଳ ମୋ ପକ୍ଷରେ ଗୋଟିଏ ପ୍ରିୟ ସ୍ଥଳୀ। ଏଠାରେ ଏଭଳି ଯାତ୍ରା ଆରମ୍ଭ କରି ମୁଁ ଆନନ୍ଦଲାଭ କରୁଛି। ଉତ୍କଳ ପ୍ରଦେଶ ଭାରତର ଅସ୍ଥି କଙ୍କାଳ ସାର ଜନସାଧାରଣଙ୍କ ବାସସ୍ଥଳୀ ବୋଲି ମୋ ଅନ୍ତରରେ ଗଭୀର ଭାବ ରହିଛି। ସେହି ହେତୁ ମୋ ଶକ୍ତିରେ ଯଦି କିଛି ଦାନ ଦେବାର ଥାଏ ତେବେ ସେ ଦାନର ସର୍ବୋତ୍କୃଷ୍ଟ ଭାଗ ଉତ୍କଳକୁ ହିଁ ମିଳିବା ଉଚିତ୍।" ସେ ସମୟରେ ତାଙ୍କୁ ସାକ୍ଷାତ କରିଥିବା ରାଧାନାଥ ରଥଙ୍କୁ ଗାନ୍ଧୀଜୀ କହିଥିଲେ ଯେ ପ୍ରବଳ ଗ୍ରୀଷ୍ମପ୍ରବାହ ଭିତରେ ୬୫ବର୍ଷ ବୟସରେ ଶ୍ରୀକ୍ଷେତ୍ର ପୁରୀରୁ ସେ ଯେଉଁ ପଦଯାତ୍ରା ଆରମ୍ଭ କରୁଛନ୍ତି ସେଥିରେ ତାଙ୍କ ଶରୀର ଓ ଯାତ୍ରାର ଯତ୍ନ ଶ୍ରୀଜଗନ୍ନାଥ ହିଁ ନେବେ। ସତକୁ ସତ ଏହି ପଦଯାତ୍ରା ଦୁଇ ପର୍ଯ୍ୟାୟରେ ମଇ ୯ରୁ ଜୁନ୍ ୮ ତାରିଖ ପର୍ଯ୍ୟନ୍ତ ଚାଲି ଭଦ୍ରକରେ ସମାପ୍ତ ହେଲା ବର୍ଷା ଆସିଯିବାରୁ। ସେ ସମୟରେ ଗାନ୍ଧୀଜୀଙ୍କ ସ୍ୱାସ୍ଥ୍ୟ କିନ୍ତୁ ଆଦୌ ବିଗିଡ଼ି ନଥିଲା। ଏଠାରେ ଉଲ୍ଲେଖନୀୟ ଯେ ଗାନ୍ଧୀଜୀଙ୍କ ଏହି ଗସ୍ତ ଅବସରରେ ହିନ୍ଦୋଳର ରାଜା ତାଙ୍କ ମନ୍ଦିରର ଦ୍ୱାର ହରିଜନମାନଙ୍କ ପାଇଁ ଖୋଲି ଦେଇଥିବା ବେଳେ ସର୍ବସାଧାରଣଙ୍କ ସାମୂହିକ ନିଷ୍ପତ୍ତିକ୍ରମେ ବାଲିଅନ୍ତାର ଶ୍ରୀ ନିକୁଞ୍ଜବିହାରୀଙ୍କ ମନ୍ଦିରର ଦ୍ୱାର ବି ସେମାନଙ୍କ ପାଇଁ ଖୋଲା ଯାଇଥିଲା।

ଅସ୍ପୃଶ୍ୟତା କଳଙ୍କ ହଟାଇବା ଲାଗି ଭଗବାନଙ୍କ ନିକଟରେ ଗାନ୍ଧୀଜୀ ଯେପରି ଅଭିମାନ, ଅଭିଯୋଗ ଓ ସତ୍ୟାଗ୍ରହ କରିଆସୁଥିଲେ ସ୍ୱାଧୀନତାର ୭୮ବର୍ଷରେ ବି ତାହାର ଢେର ଆବଶ୍ୟକତା ରହିଛି। ପତିତପାବନ ଶ୍ରୀଜଗନ୍ନାଥଙ୍କୁ ନେଇ ଆମେ ଗର୍ବ କରୁଥିବା ବେଳେ ଏବେ କ'ଣ ସତରେ ଆମ ଦେଶରୁ ଅସ୍ପୃଶ୍ୟତା ହଟିଛି? ଶ୍ରୀୟା ଚଣ୍ଡାଳୁଣୀ, ସାଲବେଗ ଓ ଦାସିଆ ବାଉରୀ ଆଦି ଯାହାଙ୍କର ଶ୍ରେଷ୍ଠ ଭକ୍ତ ସେହି ଠାକୁରଙ୍କ ଆଗରେ କ'ଣ ଜାତିଭେଦର ପାଚେରୀ ରହିବ? ମାଣବସା ଗୁରୁବାର ଆମକୁ ଚେତାଇ ଦିଏ ଅସ୍ପୃଶ୍ୟତା ନିବାରଣ ସହ ବ୍ୟକ୍ତି ଜୀବନରେ ସଂସ୍କାର ପାଇଁ। ଲକ୍ଷ୍ମୀ ପୁରାଣର ଘୋଷଣା ହେଉଛି ଶ୍ରୀମନ୍ଦିରରେ ଆଚାଣ୍ଡାଳ-ବ୍ରାହ୍ମଣ ଏକାଠି ମହାପ୍ରସାଦ ସେବନ କରିପାରିବେ ବୋଲି। ଏହି ଶ୍ରୀମନ୍ଦିରକୁ ସାକ୍ଷୀ ରଖି ପବିତ୍ର ଶ୍ରୀକ୍ଷେତ୍ର ପୁରୀରୁ ଗାନ୍ଧୀଜୀଙ୍କ ଐତିହାସିକ ହରିଜନ ପଦଯାତ୍ରାର ସ୍ମୃତି ଆଜି ବି ଆମକୁ ଚେତାଇ ଦିଏ ଜାତି ଭେଦର ପାଚେରୀ ଭାଙ୍ଗି ଅସ୍ପୃଶ୍ୟତାର କଳଙ୍କ ଛଡ଼ାଇବାକୁ। ସମାଜର ସବୁଠାରୁ ପଛ ଧାଡ଼ିରେ ଥିବା ଲୋକଙ୍କ ବିକାଶ ପାଇଁ ଯେଉଁ ସର୍ବୋଦୟ ଚେତନାର ମଞ୍ଜି ବୁଣାଯାଇଥିଲା ତାହାକୁ ଆମେ ମନେ ରଖିଛୁ ତ? ଭାରତୀୟ ସମ୍ବିଧାନର ୧୭ ଧାରାରେ ଅସ୍ପୃଶ୍ୟତା ନିବାରିତ ହୋଇଯାଇଛି ବୋଲି ଘୋଷଣା କରାଯାଇଥିବା ସତ୍ତ୍ୱେ ସତରେ କ'ଣ ଏହା ଏଯାବତ୍ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇଛି? ଆମ ଦେଶର ଶାସନ ଓ ସମାଜ ବ୍ୟବସ୍ଥାର ମଙ୍ଗୁଆଳମାନେ ପତିତପାବନ ବାନା ଆଡକୁ ଅନାଇ କ'ଣ ହଲପ କରି ଏହା ଘୋଷଣା କରିପାରିବେ? ଯେ ପର୍ଯ୍ୟନ୍ତ ଅସ୍ପୃଶ୍ୟତା ବ୍ୟାଧି ନିବାରିତ ନହୋଇଛି ସେ ପର୍ଯ୍ୟନ୍ତ ଆମର ସାମ୍ୟ, ମୈତ୍ରୀ, ଏକତା ଓ ସାମ୍ବିଧାନିକ ଅଧିକାର କେବଳ ସ୍ଲୋଗାନ ହୋଇ ରହିଥିବ।

# ସାମ୍ବାଦିକଙ୍କ ଉତ୍ତରଦାୟିତ୍ୱ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ଗଣତନ୍ତ୍ରର ତିନି ସ୍ତମ୍ଭ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକାର କାର୍ଯ୍ୟକୁ ନିରୀକ୍ଷଣ କରି ଏହାର ତ୍ରୁଟିବିଚ୍ୟୁତି ଦର୍ଶାଇବା ଗଣମାଧ୍ୟମର କର୍ତ୍ତବ୍ୟ। ସାମ୍ବାଦିକତା ସମାଜକୁ ସୁଦୃଢ କରେ, ଜନମତ ସୃଷ୍ଟି କରେ ଏବଂ ପ୍ରଶାସନକୁ ଜବାବ ଦେବା ପାଇଁ ବାଧ୍ୟ କରେ। ତେଣୁ ଗଣମାଧ୍ୟମର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମର ବିଶ୍ଳେଷଣ ଶକ୍ତି ଅଧିକ। ସାରା ବିଶ୍ୱରେ ଗଣମାଧ୍ୟମ ସବୁ ବର୍ଗର ଲୋକଙ୍କୁ ସଚେତନ କରାଇବା ଲାଗି ଏକ ପ୍ରମୁଖ ମାଧ୍ୟମ ଭାବେ ପରିଗଣିତ। ଗଣମାଧ୍ୟମର ପ୍ରମୁଖ ଦାୟିତ୍ୱ ହେଉଛି ସତ୍ୟ ଖବର ଦେବା, ଜନସାଧାରଣଙ୍କୁ ସଚେତନ କରାଇବା ଏବଂ ସରକାରଙ୍କ ଦୋଷଦୁର୍ବଳତାକୁ ଲୋକଲୋଚନକୁ ଆଣିବା। ସମସ୍ୟା, ପରିବେଶ, ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରତିଭା ପରିଚୟ, ପର୍ଯ୍ୟଟନ ଓ ଐତିହ୍ୟ ସ୍ଥଳୀକୁ ଲୋକଲୋଚନକୁ ଆଣିବା,ଜନଅଧିକାର ଆଦି କ୍ଷେତ୍ରରେ ଗଣମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସାମାଜିକ ବାର୍ତ୍ତା ପ୍ରଦାନକରି ଗଣମାଧ୍ୟମ ନିଜର କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରିଆସିଛି। ସାମ୍ବାଦିକତାକୁ ଏକ ସମ୍ମାନୀୟ ବୃତ୍ତି ଭାବେ ଗ୍ରହଣ କରିବା ଦ୍ୱାରା ପ୍ରତ୍ୟେକ ସାମ୍ବାଦିକ ନିଜର ଏବଂ ନିଜେ ପ୍ରତିନିଧିତ୍ୱ କରୁଥିବା ସମ୍ବାଦପତ୍ରର ଅଭିବୃଦ୍ଧିରେ ସହାୟକ ହୋଇଥାନ୍ତି। ସମ୍ବାଦପତ୍ରରେ ସାମ୍ବାଦିକ ମାନଙ୍କର ନିରପେକ୍ଷତା, ସମ୍ବାଦ ପରିବେଷଣରେ ସାଧୁତା ରହିଲେ ସମ୍ବାଦପତ୍ର ଗୁଡିକ ଆଦର ଲାଭ କରିବେ ଓ ସମାଜରେ ସୁପ୍ରତିଷ୍ଠିତ ହୋଇପାରିବେ। ଯାହା ସତ୍ୟ ତାହାକୁ ପରିବେଷଣ କଲେ ସାମ୍ବାଦିକର ସମ୍ମାନ ବଢିବ ଓ ସମ୍ବାଦପତ୍ରର ଉତ୍ତରୋତ୍ତର ଉନ୍ନତି ହେବ। ନାରୀର ସମ୍ମାନ ପାଇଁ ସତୀତ୍ୱ ଯେପରି ଆବଶ୍ୟକ, ସମ୍ବାଦପତ୍ରର ସମ୍ମାନ ପାଇଁ ସମ୍ବାଦର ସତ୍ୟତା ଓ ସଠିକତା ସେହିପରି ଆବଶ୍ୟକ। ସ୍ୱାଧୀନତା ସଂଗ୍ରାମ ସମୟରେ ସାମ୍ବାଦିକମାନେ ସତ୍ୟ ପରିବେଷଣ କରି ବ୍ରିଟିଶ୍ ଶାସନକୁ ଦୋହଲାଇ ଦେଇଥିଲେ। ସାମ୍ବାଦିକତାର ପଞ୍ଚଶୀଳ ନୀତି ଯଥା-ସତ୍ୟନିଷ୍ଠା, ନିର୍ଭୀକତା, ମାନବିକତା, ସମାଜସେବା ଓ ନିରପେକ୍ଷତା। ଗାନ୍ଧିଜୀ କହୁଥିଲେ "ଜଣେ ସାମ୍ବାଦିକ ଦେଶପ୍ରେମୀ ହୋଇପାରେ, କୌଣସି ରାଜନୈତିକ ଦଳର କର୍ମୀ ହୋଇପାରେ କିମ୍ବା ଜଣେ ବିଶ୍ୱସ୍ତ କର୍ମଚାରୀ ହୋଇପାରେ; ତେବେ ପାଠକମାନଙ୍କ ପ୍ରତି ସେ ଅନୁରକ୍ତ ରହିବା ଦରକାର। ଯଦି ଖବର କାଗଜ ପାଠକଙ୍କ ବିଶ୍ୱାସ ହରାଏ ତେବେ ସେଠାରେ ସାମ୍ବାଦିକତାର କିଛି ମୂଲ୍ୟ ନଥାଏ। କେଉଁଠି ସରକାର ବଦଳାଇବା କ୍ଷେତ୍ରରେ ପୁଣି ଆଉ କେଉଁଠି ଲୋକଙ୍କ ଜୀବନ ବଞ୍ଚାଇବାରେ, ବିପର୍ଯ୍ୟୟ ମୁକାବିଲା କରିବାରେ, ଦଙ୍ଗା ରୋକିବାରେ ସାମ୍ବାଦିକମାନଙ୍କର ସମ୍ବାଦ ବିଶେଷ ସହାୟକ ହୋଇଥାଏ। ଡିଜିଟାଲ ମିଡିଆ ଯୁଗରେ ସାମ୍ବାଦିକର ବୃତ୍ତିଗତ ପରିବର୍ତ୍ତନ ହୋଇଛି। କିନ୍ତୁ ବିଭିନ୍ନ ପରିବର୍ତ୍ତନ ଭିତରେ ସାମ୍ବାଦିକତାର ମୂଳ ସିଦ୍ଧାନ୍ତ ଅପରିବର୍ତ୍ତିତ ରହିଛି। ସତ୍ୟଘଟଣାକୁ ଲୋକଲୋଚନକୁ ଆଣି ବେଳେବେଳେ ସାମ୍ବାଦିକ ଆକ୍ରମଣର ଶୀକାର ହୋଇଥାଏ। ଯାହାଫଳରେ ଗଣତନ୍ତ୍ରର ପବିତ୍ରତା ଧ୍ୱଂସ ପାଇଥାଏ। ସାମ୍ବାଦିକତା ବୃତ୍ତି ହେଉଛି ଦୁର୍ବାଦଳ ଭଳି, କୌଣସି ବି ପରିସ୍ଥିତିରେ ବିନିଷ୍ଟ ହୁଏ ନାହିଁ। ଦେଶ ସେବା ଭାବନା ଏବଂ ସତ୍ୟର ସନ୍ଧାନ ନିମିତ୍ତ ଏହା ଏକ ବୃତ୍ତି। ସାମ୍ବାଦିକ ଜୀବନ ଏକ ସହଜ ଜୀବନ ନୁହେଁ। ଏହା ଅତ୍ୟନ୍ତ କଷ୍ଟସାଧ। ସେମାନେ ସମସ୍ତଙ୍କ କଥା ଖବରକାଗଜରେ ଲେଖନ୍ତି ଅବା ଟେଲିଭିଜନରେ ଦେଖାନ୍ତି। କିନ୍ତୁ ସେମାନଙ୍କ କଥା କେହି ଲେଖନ୍ତି ନାହିଁ, ଦେଖନ୍ତି ନାହିଁ କିମ୍ବା କୁହନ୍ତି ନାହିଁ। ଜଣେ ସାମ୍ବାଦିକ କିଭଳି ତା'ର କର୍ତ୍ତବ୍ୟ ପାଳନ ସମୟରେ ନିଜର ଓ ପରିବାର ପ୍ରତିପୋଷଣ ଲାଗି ସଂଘର୍ଷ କରିଥାଏ ତାହା କେହି ବୁଝନ୍ତି ନାହିଁ।

ସମ୍ବାପତ୍ର ପାଇଁ ସ୍ୱତନ୍ତ୍ର ନୀତି, ନିୟମ ଏବଂ କର୍ତ୍ତବ୍ୟବୋଧ ବିଷୟରେ ପରାମର୍ଶ ଦେବା ପାଇଁ ଗଠନ କରାଯାଇଥିବା ପ୍ରେସ୍ କମିଶନ ୧୯୫୪ ମସିହାରେ ତାଙ୍କର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲେ। ୧୯୬୬ ମସିହା ନଭେମ୍ବର ୧୬ ତାରିଖରେ ସରକାର ଭାରତୀୟ ପ୍ରେସ୍ କାଉନ୍‌ସିଲ ଗଠନ କଲେ। ଆଇନ୍ ଅନୁସାରେ ଏହାକୁ ସ୍ୱତନ୍ତ୍ର ବିଚାର ବିଭାଗୀୟ କ୍ଷମତା ଅର୍ପଣ କରାଗଲା। ଯେ କୌଣସି ବ୍ୟକ୍ତି ସାମ୍ବାଦିକତାର ପାରମ୍ପରିକ ନୀତି ଓ ସମ୍ମାନ ଏବଂ ସାମାଜିକ ରୁଚି ଦୃଷ୍ଟିରୁ ଯେ କୌଣସି ସମ୍ବାଦପତ୍ର ଏବଂ ସାମ୍ବାଦିକଙ୍କ ବିରୁଦ୍ଧରେ ଅଭିଯୋଗ ଆଗତ କରିପାରିବେ। ସେହିପରି ଯେ କୌଣସି ସମ୍ବାଦପତ୍ର ମଧ୍ୟ ତାହାର ନୀତି ଅନୁସରଣରେ ସରକାର କିମ୍ବା ଅସାମାଜିକ ବ୍ୟକ୍ତିଙ୍କର ହସ୍ତକ୍ଷେପ, ବଳପ୍ରୟୋଗ ଏବଂ ଅବାଞ୍ଛିତ କଟକଣା ବିରୁଦ୍ଧରେ ପ୍ରେସ୍ କାଉନ୍‌ସିଲ୍ ନିକଟରେ ଅଭିଯୋଗ କରିପାରିବେ। ଅନେକ ସମୟରେ ବିଧିବଦ୍ଧ ଅଭଯୋଗ ନପାଇଲେ ମଧ୍ୟ ସମ୍ବାଦପତ୍ର ଓ ସାମ୍ବାଦିକଙ୍କର ସ୍ୱାଧୀନତା ଓ ନିରାପତ୍ତା ବିପନ୍ନ ହୋଇଥିବାର କୌଣସି ନିର୍ଭରଯୋଗ୍ୟ ଖବର ପାଇଲେ ସ୍ୱତଃପ୍ରବୃତ୍ତ ଭାବେ ବିଚାର ପାଇଁ ପ୍ରେସ୍ କାଉନ୍‌ସିଲ୍ ଉଦ୍ୟମ କରନ୍ତି।

କମ୍ପ୍ୟୁଟର ବିପ୍ଳବ ଯୋଗୁଁ ଇଲେକଟ୍ରୋନିକ୍ସ ମିଡିଆର ପ୍ରବେଶ ପରେ ବି ଛାପା ଗଣମାଧ୍ୟମର ଜୟଯାତ୍ରା ଅବ୍ୟାହତ ରହିଛି। ଭାରତରେ ୩୫ ହଜାର ପଞ୍ଜିକୃତ ଦୈନିକ, ସାପ୍ତାହିକ, ପାକ୍ଷିକ ସମ୍ବାଦପତ୍ର, ଅନେକ ନ୍ୟୁଜ ଚ୍ୟାନେଲ ଏବଂ ଏକ ସୁଦୃଢ ଡିଜିଟାଲ ଭିତ୍ତିଭୂମି ରହିଛି। ଦୈନିକ ନୂଆ ସମ୍ବାଦପତ୍ର ଆତ୍ମପ୍ରକାଶ କରୁଛନ୍ତି। ଖବରକାଗଜର ପୃଷ୍ଠା ସଂଖ୍ୟା ବୃଦ୍ଧି ପାଇଛି, ରଙ୍ଗବେରଙ୍ଗ କଳେବରରେ ଓ ମୁଦ୍ରଣ ପରିପାଟିରେ ଉନ୍ନତି ହୋଇଛି। କାରଣ ବୈଦ୍ୟୁତିକ ଗଣମାଧ୍ୟମ ଅନେକ ଖବରକୁ ସଂକ୍ଷେପରେ ପ୍ରସାରଣ କରିଥାଏ। ଏହାବାଦ୍ ଘରୋଇ ଟି.ଭି ଚ୍ୟାନେଲର ପୃଷ୍ଠପୋଷକ ବିଭିନ୍ନ ବ୍ୟବସାୟ ଓ ରାଜନୀତି ସହ ଜଡିତ ଥିବାରୁ ବହୁ ସଚେତନ ବ୍ୟକ୍ତି ଏଥିରେ ପ୍ରସାରିତ ଖବର ଉପରେ ଭରସା କରିପାରନ୍ତି ନାହିଁ। ସମ୍ବାଦ ଅପେକ୍ଷା ବିଭିନ୍ନ ପ୍ରସଙ୍ଗକୁ ନେଇ ଅଧିକ ବିତର୍କ କରାଇଥାନ୍ତି। ବେଳେବେଳେ ଅଯଥାରେ ଗୁଡାଏ ଘଟଣାକୁ ଚର୍ଚ୍ଚିତ କରିଦିଆଯାଇଥାଏ। କିଛି ବର୍ଷ ଧରି ସାମାଜିକ ଗଣମାଧ୍ୟମ ବିଭିନ୍ନ ଖବରକୁ ପ୍ରସାରଣ କରୁଛନ୍ତି। ଅନେକ ସମୟରେ ସାମାଜିକ ଗଣମାଧ୍ୟମରେ ମିଥ୍ୟା ସମ୍ବାଦ ପରିବେଷଣ ଯୋଗୁଁ ଲୋକେ ବିଭ୍ରାନ୍ତ ହୋଇଥାନ୍ତି। ବର୍ତ୍ତମାନ ସମୟରେ ଖବରର ନିରନ୍ତର ସମୀକ୍ଷା ଓ ନୂଆନୂଆ ପ୍ରସଙ୍ଗ ଖୋଜି ବାହାର କରିବାର ଆବଶ୍ୟକତା ରହିଛି। ଲୋକମାନେ ସାମ୍ବାଦିକଙ୍କ ଠାରୁ ସତ୍ୟ ଖବର ଆଶା କରୁଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ରଘୁନାଥପୁର, (ଭାସ୍କର ନ୍ୟୁଜ୍): ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଗୁରୁବାର ଅପରାହ୍ନରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ମାନ୍ୟବର ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ରଘୁନାଥପୁର ଗ୍ରାମନ୍ୟାୟାଳୟକୁ ଗସ୍ତ କରି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜଣାଯାଇଛି। ତାଙ୍କ ସହିତ ଜଗତସିଂହପୁର ଜିଲ୍ଲା ଜଷ୍ଟିସ ଶ୍ରୀନିବାସ ପତିହାରୀ, ରେଜିଷ୍ଟାର ବିଶ୍ୱଜିତା ମହାନ୍ତି ଓ ଡିଏଲ୍‌ଏସ୍‌ଏ ସଚିବ ଚନ୍ଦନା ଉପସ୍ଥିତ ଥିଲେ। ଜଷ୍ଟିସ ଶତପଥୀଙ୍କୁ ଗ୍ରାମନ୍ୟାୟାଳୟ ପକ୍ଷରୁ ନ୍ୟାୟାଧିଶ ତନ୍ମୟ ରଥ ଉଚ୍ଚ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ଗ୍ରାମନ୍ୟାୟାଳୟ ପରିସରରେ ଜଷ୍ଟିସଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଜଷ୍ଟିସ ଏଠାରେ ପ୍ରାୟ ୩୦ମିନିଟ କାଳ ରହି ନ୍ୟାୟାଳୟର ବିଭିନ୍ନ ସମସ୍ୟା ଉପରେ ପଚାରି ବୁଝିଥିଲେ। ତାଙ୍କ ଗସ୍ତ ସମୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା ଓ ରଘୁନାଥପୁର ଅଞ୍ଚଳ ସୁଶାନ୍ତ କୁମାର ସେଠୀ ଉପସ୍ଥିତ ରହିଥିଲେ। ଜିଲ୍ଲା ବାର ଆସୋସିଏସନ ପକ୍ଷରୁ ଆଇନଜୀବୀ ଅନିଲ ଖଣ୍ଡୁଆ, ପ୍ରଦିପ୍ତ ବିହାରୀ, ନରେଶ ଦାସ ପ୍ରମୁଖ ଜଷ୍ଟିସ ଶତପଥୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେପରେ ବିଚାରପତି ତିର୍ତ୍ତୋଲ, କୁଜଙ୍ଗ ଓ ପାରାଦୀପ ଅଭିମୁଖେ ଯାତ୍ରା କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାର ଜଣାଯାଇଛି।

# ସରିଲା ବାଳିକା ସଶକ୍ତିକରଣ ଅଭିଯାନ



ଦାର୍ଲିପାଲି, (ଭାସ୍କର ନ୍ୟୁଜ୍): ଏନ୍‌ଟିପିସି ଦର୍ଲିପାଲି ଦ୍ୱାରା ଆୟୋଜିତ ବାଳିକା ସଶକ୍ତିକରଣ ଅଭିଯାନ (ଜିଇଏମ୍) ଅନ୍ତର୍ଗତ ଗ୍ରୀଷ୍ମକାଳୀନ କର୍ମଶାଳା-୨୦୨୫ର ସମାପନା ସମାରୋହ ୪ ଜୁନ୍‌ରେ ପ୍ରକଳ୍ପର କୋଣାର୍କ ଅଡିଟୋରିୟମ୍‌ରେ ଅତ୍ୟନ୍ତ ଉତ୍ସାହର ସହିତ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମ କନ୍ୟା ସନ୍ତାନମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜିତ ହୋଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ଏବଂ ବିଶିଷ୍ଟ ବ୍ୟକ୍ତିମାନେ ନିଜ ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଏହି ଉତ୍ସବରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏନ୍‌ଟିପିସି ଦର୍ଲିପାଲି) ରାମ ଭଜନ ମଲିକ ମୁଖ୍ୟ ଅତିଥି ଏବଂ ଅଭିଲାଷ ଲେଡିଜ୍ କ୍ଲବ୍ (ଦର୍ଲିପାଲି) ସଭାପତି ପୁନମ ମଲିକ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ, ହରେ ରାମ ସିଂହ, ମହାପ୍ରବନ୍ଧକ (ଓଏଣ୍ଡଏମ୍), ପ୍ରତିଭା ସିଂହ, ମାନବ ସମ୍ବଳ ମୁଖ୍ୟ, ବିଭିନ୍ନ ବିଭାଗର ମୁଖ୍ୟ, ସଂଘ ଏବଂ କ୍ଲବର ପଦାଧିକାରୀ, ତାଲିମପ୍ରାପ୍ତ ଝିଅ ଏବଂ ସେମାନଙ୍କ ପରିବାର ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାମ ଭଜନ ମଲିକ କହିଛନ୍ତି, 'ମୁଁ ନିଶ୍ଚିତ ଯେ ଜିଇଏମ୍‌ରେ ତାଲିମ ନେବା ପରେ, ଏହି ଝିଅମାନଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆସିବ। ଏହି ଝିଅମାନେ ଜୀବନରେ ନୂତନ ପରିମାଣ ସ୍ଥାପନ କରିବେ ଏବଂ ଅନ୍ୟ ଝିଅମାନଙ୍କୁ ମଧ୍ୟ ଆଗକୁ ବଢ଼ିବାକୁ ପ୍ରେରଣା ଦେବେ।' ସେ ଝିଅମାନଙ୍କୁ ଶିକ୍ଷିତ କରିବା ଏବଂ ସମାଜରେ ସେମାନଙ୍କୁ ଆଗକୁ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଚାରି ସପ୍ତାହ ବ୍ୟାପୀ ତାଲିମ କାର୍ଯ୍ୟକ୍ରମରେ ଦାର୍ଲିପାଲି, ରାଇଡିହି, ଚିନ୍‌ହିଣ୍ଡା, ନୂଆଡିହ, ତିଲାଇମାଲ, ଲୋଇସିଂ, ଲାଇକେରା, ଛୋଟା ବଙ୍ଗା ଏବଂ କାଙ୍କାଟୁରା ଭଳି ଗାଁର ୯ଟି ସରକାରୀ ସ୍କୁଲର ମୋଟ ୧୨୦ ଜଣ ଝିଅ ଅଂଶଗ୍ରହଣ କରିଥିଲେ। କର୍ମଶାଳା ସମୟରେ, ଝିଅମାନଙ୍କୁ ଇଂରାଜୀ, ଗଣିତ, ବିଜ୍ଞାନ ଭଳି ଶୈକ୍ଷିକ ବିଷୟ ସହିତ ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିମଳ, କମ୍ପ୍ୟୁଟର ଶିକ୍ଷା, କଳା, ଯୋଗ, କ୍ରୀଡା, ଆତ୍ମରକ୍ଷା, ଶିଶୁ ଅଧିକାର, ସଂଗୀତ ଏବଂ ବ୍ୟକ୍ତିତ୍ୱ ବିକାଶ ଭଳି ବିଷୟଗୁଡ଼ିକରେ ତାଲିମ ପ୍ରଦାନ କରାଯାଇଥିଲା। ସମାପନୀ ଉତ୍ସବରେ, ଝିଅମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ ଏବଂ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ଜିଇଏମ୍ (ବାଳିକା ସଶକ୍ତିକରଣ ମିଶନ) ହେଉଛି ଏନ୍‌ଟିପିସିର ଏକ ପ୍ରମୁଖ ସିଏସ୍‌ଆର ପଦକ୍ଷେପ, ଯାହାର ଲକ୍ଷ୍ୟ ଶିକ୍ଷା ଏବଂ ଦକ୍ଷତା ବିକାଶ ମାଧ୍ୟମରେ ସରକାରୀ ବିଦ୍ୟାଳୟରେ ଝିଅମାନଙ୍କୁ ସଶକ୍ତ କରିବା। ଏନ୍‌ଟିପିସି ଦାର୍ଲିପାଲି ଏହି ଅଭିଯାନ ମାଧ୍ୟମରେ ଏହାର ଚାରିପାଖରେ ଥିବା ସମ୍ପ୍ରଦାୟଗୁଡ଼ିକରେ ସମାନତା, ସ୍ୱାବଲମ୍ବନ ଏବଂ ସାମାଜିକ ସଶକ୍ତିକରଣର ଭାବନାକୁ ମଜବୁତ କରୁଛି। ଏହି ଅଭିଯାନ କେବଳ ଏହି ଝିଅମାନଙ୍କ ଜୀବନରେ ପ୍ରତିଶ୍ରୁତିପୂର୍ଣ୍ଣ ପରିବର୍ତ୍ତନ ଆଣୁଛି ତାହା ନୁହେଁ ବରଂ ସମାଜରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

# ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ପାରାଦୀପ, (ଭାସ୍କର ନ୍ୟୁଜ୍): ପରିବେଶକୁ ସୁରକ୍ଷିତ ରଖିବା ପାଇଁ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି। ପାରାଦିପ ମଧୁବନ ସ୍ଥିତ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଏହି ଦିବସ ଗୁରୁବାର ଦିନ ପାଳିତ ହୋଇଯାଇଛି। ଚଳିତ ବର୍ଷ 'ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ' ବିଷୟକୁ ନେଇ ସାରା ଦେଶରେ ପରିବେଶ ଦିବସ ପାଳନ କରାଯାଉଛି। ଏହି ଅବସରରେ ସ୍ଥାନୀୟ ଜେଏସଡବ୍ଲୁ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ପରିବେଶ ସୁରକ୍ଷା ବିଷୟରେ ନିଜନିଜର ମତ ରଖିଥିଲେ। ପରେ କମ୍ପାନୀର ଅନ୍ୟ ସମସ୍ତ ଅଧିକାରୀ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିଥିଲେ। ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ, ବଂଚିବାକୁ ନିର୍ମଳ ବାୟୁ, ସ୍ୱଚ୍ଛ ଜଳ ଓ ବୃକ୍ଷର ଆବଶ୍ୟକତା ରହିଛି। ସେଥିପାଇଁ ସମସ୍ତେ ନିଜନିଜ ଘରେ କିମ୍ବା ଉପଯୁକ୍ତ ସ୍ଥାନରେ ଗଛ ଲଗାଇବାକୁ ବରିଷ୍ଠ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଏଥି ସହିତ ଏକକ ପ୍ଲାଷ୍ଟିକର ଉତ୍ପାଦନ ଓ ଅଧିକ ବ୍ୟବହାର ପାଇଁ ଆମ ପରିବେଶରେ ପ୍ଲାଷ୍ଟିକ ଆବର୍ଜନା ବୃଦ୍ଧିପାଉଛି। ତେଣୁ ଆଜିର ଦିନରେ ଏହାର ବ୍ୟବହାର କିଭଳି ହ୍ରାସ କରାଯିବ ସେ ନେଇ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ଏକ ଶପଥ ପାଠ କରାଯାଇଥିଲା।

# ଦୀପରୁ ନିଆଁ ଲାଗି ମହିଳା ଗୁରୁତର



ଆଳି, (ଭାସ୍କର ନ୍ୟୁଜ୍): ସୁଦଶା ବ୍ରତ ଅବସରରେ ଆଳି ଅଞ୍ଚଳରେ ସବୁ ମନ୍ଦିରେ ଭିଡ଼ ଦେଖିବାକୁ ମିଳିଥିଲା। ସେହି କ୍ରମରେ କେନ୍ଦ୍ରାପଡ଼ା ଆଳି ବ୍ଲକ ଅନ୍ତର୍ଗତ ଆଳିର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଲକ୍ଷ୍ମୀବରାହ ମନ୍ଦିରରେ ବ୍ରତ କରିଥିବା ବ୍ରତଧାରୀ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଛି। ଏହି ଭିଡ଼ ସମୟରେ ଜଣେ ମହିଳା ଭକ୍ତ ଦିପ ଲଗାଉଥିବା ସମୟରେ ନିଆଁ ଲାଗି ଗୁରୁତର ଆହତ ହୋଇଛନ୍ତି। ସୂଚନା ସୂତ୍ରରୁ ପ୍ରକାଶ ଯେ ସେ ମହିଳା ଜଣଙ୍କ ହେଲେ ରାଜକନିକା ବ୍ଲକ ଅନ୍ତର୍ଗତ ବଳରାମପୁର ଛଦେଶ ଗ୍ରାମର ଇନ୍ଦ୍ରମଣୀ ନାୟକଙ୍କ ପତ୍ନୀ ସୁପ୍ରିୟା ନାୟକ। ତିନିଦିନ ହେବ ସୁପ୍ରିୟା ନିଜ ଘର ଆଳି ବ୍ଲକ ଅନ୍ତର୍ଗତ କୋଚିଲା ଗ୍ରାମକୁ ଆସିଥିଲେ। ସୁଦଶାବ୍ରତ ଓଷା କରିଥିବାରୁ ସେ ଆଳି ସ୍ଥିତ ଲକ୍ଷ୍ମୀବରାହ ମନ୍ଦିରକୁ ପୂଜା କରିବାକୁ ଆସିଥିଲେ। ଦୀପ ଜଳାଉଥିବା ସମୟରେ ଆସାବଧାନତା ଯୋଗୁଁ ତାଙ୍କ ଶାଢୀରେ ନିଆଁ ଲାଗିଯାଇଥିବା ଜଣାପଡିଛି। ହଠାତ ତାଙ୍କ ଦେହରେ ନିଆଁ ଲାଗିଯିବାରୁ ସେ ଚିତ୍କାର କରିଥିଲେ। ସେଠି ଉପସ୍ଥିତ ଥିବା ଦୁଇଜଣ ବ୍ରାହ୍ମଣ ଶିବ ପ୍ରସାଦ ପଣ୍ଡା ଓ ନଟବର ଦୀକ୍ଷିତ ଦୌଡ଼ିଯାଇ ନିଆଁ ଲିଭାଇ ତାଙ୍କୁ ନିଜର ବସ୍ତ୍ର ଦ୍ୱାରା ଢାଙ୍କି ଦେଇଥିଲେ। ସେହି ଦୁଇ ବ୍ରାହ୍ମଣଙ୍କ ବସ୍ତ୍ର ମଧ୍ୟ ଜଳିଯାଇଥିଲେ ମଧ୍ୟ ନିଜ ଜୀବନକୁ ପଛ କରି ମହିଳାଙ୍କ ଜୀବନ ବଞ୍ଚାଇଥିଲେ। ତୁରନ୍ତ ଆମ୍ବୁଲାନ୍ସକୁ ଫୋନ କରି ସେଠି ଉପସ୍ଥିତ ଥିବା ବ୍ରାହ୍ମଣମାନେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଆଳି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ବଡ଼ ମେଡିକାଲ କଟକକୁ ସ୍ଥାନାନ୍ତର କରଯାଇଥିବା ନେଇ ଆଳି ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଣବ ଶୁକ୍ଲା ସୂଚନା ଦେଇଛନ୍ତି। ଉଦ୍ଧାର କରିଥିବା ବ୍ରାହ୍ମଣଙ୍କ କହିବା ଅନୁସାରେ ଦୀପ ଷ୍ଟାଣ୍ଡ ନଥିବାରୁ ଦୀପ ବିକ୍ଷିପ୍ତ ଅବସ୍ଥାରେ ପଡିରହିଥିଲା। ଯାହାଫଳରେ ନିଆଁ ଲାଗିବା ସ୍ୱାଭାବିକ ଘଟଣା। ମରଣ ମୁହଁରୁ ଉଦ୍ଧାର କରିଥିବା ଦୁଇ ବ୍ରାହ୍ମଣଙ୍କୁ ଅଞ୍ଚଳବାସୀ ଭୁରି ପ୍ରଶଂସା କରିଛନ୍ତି।

# କଣ୍ଟିଲୋରୁ ପୁରୀ ସ୍ୱତନ୍ତ୍ର ବସ୍ ପାଇଁ ଦାବି

ଭାପୁର, (ଭାସ୍କର ନ୍ୟୁଜ୍): ଉତ୍କଳୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ପ୍ରଭୁ ଶ୍ରୀ ଜଗନ୍ନାଥ। ଏହି ମହାନ ସଂସ୍କୃତିର ଅୟମାରମ୍ଭ ନୀଳମାଧବଙ୍କ ପୀଠକୁ ଆଦିପିଠ କୁହାଯାଏ। ଖଣ୍ଡପଡା ବିଧାୟକ ଇଞ୍ଜିନିୟର ଦୁଷ୍ମନ୍ତ ସ୍ୱାଇଁ ଗତ ଦୁଇମାସ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ପରିବହନ ମନ୍ତ୍ରୀଙ୍କୁ ଭେଟି ଆଦିକ୍ଷେତ୍ର କଣ୍ଟିଲୋ ନୀଳମାଧବଙ୍କ ପୀଠରୁ ଶ୍ରୀକ୍ଷେତ୍ର ପୁରୀକୁ ସ୍ୱତନ୍ତ୍ର ଅତ୍ୟାଧୁନିକ ସରକାରୀ ବସ୍ ଯାତାୟାତ ପାଇଁ ଦାବି ରଖିଥିଲେ। କିନ୍ତୁ, ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଅଞ୍ଚଳବାସୀ ନିରାଶ ହୋଇଛନ୍ତି। ରଥଯାତ୍ରା ପୂର୍ବରୁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ସ୍ୱତନ୍ତ୍ର ବସ୍ ଯାତାୟାତ ପାଇଁ ଘୋଷଣା ହୋଇଥିବା ବେଳେ ନୀଳମାଧବଙ୍କ ପୀଠକୁ ଅଣଦେଖା କରାଯାଇ ଥିବାରୁ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପରିବହନ ସମସ୍ୟାକୁ ନେଇ ଖଣ୍ଡପଡ଼ା ବିଧାୟକ ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ରାଜ୍ୟ ସରକାର କାର୍ଯ୍ୟକାରୀ କରି ନ ଥିବାରୁ ଭାପୁର ଅଞ୍ଚଳର ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।

# ବ୍ୟାପକ ବୃକ୍ଷରୋପଣ ସମ୍ପର୍କରେ ସମୀକ୍ଷା ବୈଠକ

କୋରେଇ, (ଭାସ୍କର ନ୍ୟୁଜ୍): ସବୁଜ ସୁନ୍ଦର କୋରେଇ ଗଢ଼ିବା ପାଇଁ ବିଶ୍ୱ ପରିବେଶ ଦିବସ ଅବସରରେ କୋରେଇର ମାନ୍ୟବର ବିଧାୟକ ଆକାଶ ଦାସନାୟକଙ୍କ ବ୍ୟାସନଗର ସ୍ଥିତ କାର୍ଯ୍ୟାଳୟରେ ଯାଜପୁର ରୋଡ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ମାନଙ୍କ ସହିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବନବିଭାଗ ଦ୍ୱାରା ବର୍ତ୍ତମାନ କାର୍ଯ୍ୟକ୍ଷମ ହେଉଥିବା ସମସ୍ତ ପ୍ରକଳ୍ପ, ଚଳିତ ବର୍ଷା ଋତୁରେ କୋରେଇ ନିର୍ବାଚନ ମଣ୍ଡଳୀରେ ବ୍ୟାପକ ବୃକ୍ଷରୋପଣ କରାଯିବାକୁ ସ୍ଥିର ହୋଇଥିବା ପ୍ରକଳ୍ପଗୁଡିକର ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶ୍ୱ ପରିବେଶ ଦିବସରେ ପରିବେଶ ତଥା ପୃଥିବୀର ସୁରକ୍ଷା ପାଇଁ ଏଭଳି ଏକ ସକରାତ୍ମକ ଆଲୋଚନା କରାଯାଇଥିଲା। ଚଳିତ ବର୍ଷା ଋତୁରେ ବ୍ୟାପକରୁ ବ୍ୟାପକ ବୃକ୍ଷରୋପଣ କରାଯିବ। ଘରେଘରେ ଫଳଗଛ ବଣ୍ଟନ କରାଯିବ। "ମା' ପାଇଁ ଗଛଟିଏ" ଏବଂ "ମିଶନ୍ ସବୁଜ କୋରେଇ" କାର୍ଯ୍ୟକ୍ରମ ମାଧ୍ୟମରେ କୋରେଇ ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ବୃକ୍ଷରୋପଣ ଓ ବଣ୍ଟନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଯାଜପୁର ରୋଡ ବନବିଭାଗର ବନାଞ୍ଚଳ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନ, ବନବିଭାଗର ବନପାଳ, ନୀଳିମା ପ୍ରିୟଦର୍ଶିନୀ ନାୟକ, ପଚ୍ଛିକୋଟ ରାଜସ୍ୱ ନିରୀକ୍ଷକ ସୁଧୀର ରଞ୍ଜନ ମଲ୍ଲିକ, ବରିଷ୍ଠ ବିଜେପି ନେତା ପ୍ରକାଶ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କର୍ଷ ନିମାପଡ଼ା ଉଦ୍‌ଯାପିତ

# ଦୂର ହେବ ନିମାପଡ଼ାର ସମସ୍ୟା : ଉପ-ମୁଖ୍ୟମନ୍ତ୍ରୀ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାରେ ପ୍ରଥମ କରି ଉତ୍କର୍ଷ ନିମାପଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ନିମାପଡ଼ାର ଗର୍ବ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ବିଭିନ୍ନ ମହଲରୁ ସାଧୁବାଦ ଦିଆଯାଇଛି। ପ୍ରଥମ କରି ଏପରି କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା ଉପ-ମୁଖ୍ୟମନ୍ତ୍ରୀ ନିମାପଡ଼ା ବିକାଶ ଉପରେ ଦୃଷ୍ଟି ଦେଉଛନ୍ତି ବୋଲି ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଗୁରୁବାର ଉତ୍କର୍ଷ ନିମାପଡ଼ା ଉଦ୍‌ଯାପନୀ କାର୍ଯ୍ୟକ୍ରମ ଦିବସ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ାରେ ଉତ୍କର୍ଷ ନିମାପଡ଼ା କାର୍ଯ୍ୟକ୍ରମ ଶେଷ ଦିବସ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଜିର ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ଡ଼. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ନିମାପଡ଼ା ବିଡ଼ିଓ ଡ଼. ଅଭିଜିତ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ନିମାପଡ଼ାର ବିକାଶ ମୋର ମୂଳ ଲକ୍ଷ୍ୟ ବୋଲି ପ୍ରଭାତି ପରିଡ଼ା କହିଥିବା ବେଳେ କଥା ଦେଉଛି ୫ ବର୍ଷ ଭିତରେ କୌଣସି ଗୋଟିଏ ବ୍ୟକ୍ତି କୌଣସି କାର୍ଯ୍ୟ ପାଇଁ ମୋ ନିକଟରେ ଅଭିଯୋଗ କରିବ ନାହିଁ। ସମସ୍ତ କାର୍ଯ୍ୟ ୫ ବର୍ଷ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବି। ଯଦିବା କୌଣସି ଠାରେ କିଛି ଅଧୁରା କାର୍ଯ୍ୟ ରହିଥିବ ତାହା ମଧ୍ୟ ପୂର୍ଣ୍ଣାଙ୍ଗ କରାଯିବ ବୋଲି କହିଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ନିମାପଡ଼ା ଅଂଚଳରେ ପ୍ରମୁଖ ସମସ୍ୟା ହେଉଛି ପାଟପୁର, ଅଣ୍ଡିଆ ଚକବନ୍ଦୀ ସମସ୍ୟା। ତାହା ଖୁବ୍‌ଶୀଘ୍ର ପୂର୍ଣ୍ଣାଙ୍ଗ କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି। ଜନସାଧାରଣଙ୍କ ସାଥୀରେ ସରକାର ଅଛନ୍ତି। ଲୋକମାନଙ୍କ ହିତ ପାଇଁ କିପରି ସହଜରେ କାର୍ଯ୍ୟ ହୋଇପାରିବ ସେ ସମ୍ପର୍କରେ ରାଜ୍ୟ ସରକାର ଚେଷ୍ଟିତ ଅଛନ୍ତି। ସାଂସଦ ସମ୍ବିତ ପାତ୍ର କହିଛନ୍ତି, ଉତ୍କର୍ଷ ନିମାପଡ଼ା ନିମାପଡ଼ାର ଏକ ବଳିଷ୍ଠ କାର୍ଯ୍ୟକ୍ରମ ହୋଇଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ପୁରୀ, ବ୍ରହ୍ମଗିରି, ପିପିଲି, ସତ୍ୟବାଦୀ ଆଦି ଅଂଚଳରେ ଏପରି କାର୍ଯ୍ୟକ୍ରମ ନିହାତି ଆବଶ୍ୟକ ବୋଲି କହିଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଆମ ସରକାର ସବୁ ସମୟରେ ଜନସାଧାରଣଙ୍କ ସହିତ ରହିଛନ୍ତି। ନିମାପଡ଼ାର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଉଦ୍‌ଯାପନୀ ଦିବସରେ ନାମୀଦାମୀ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ଆଦି ବିଭିନ୍ନ ଦେଶାତ୍ମକ ସଂଗୀତ ପରିବେଷଣ କରାଯାଇ ଥିଲା। ଉତ୍କର୍ଷ ନିମାପଡ଼ାକୁ ସଠିକ୍ ପରିଚାଳନା କରାଯାଇ ଥିବାରୁ ଆରକ୍ଷୀ ବାହିନୀ ସମେତ ପ୍ରଶାସନକୁ ଉପ-ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଛନ୍ତି। ସୁଭଦ୍ରା ଶକ୍ତି ମହିଳା ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଚ୍ଚ ପ୍ରଶଂସିତ ହୋଇଥିଲା।

# ଗ୍ୟାସରୁ ନିଆଁ ଲାଗି ଜଣେ ଗୁରୁତ୍ୱର

ଆଳି, (ଭାସ୍କର ନ୍ୟୁଜ୍): ଗୁରୁବାର ସକାଳ ସମୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ୟାସ ସଜାଡୁଥିବା ସମୟରେ ପାଖରେ ଥିବା ଏକ ଚୁଲିରୁ ନିଆଁ ଗ୍ୟାସ ଟାଙ୍କିରେ ସଂଯୋଗ ହୋଇଯିବାରୁ ନିଆଁ ଲାଗି ଜୈନିକ ବ୍ୟକ୍ତି ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ସୂତ୍ରରୁ ପ୍ରକାଶ ଯେ ରାଜନଗର ଥାନା ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତର ଆଳି ପାର୍ଶ୍ୱରେ ଥିବା ନଦୀ ପାର ଗାଁ ନଳଦିଆ ଗ୍ରାମର ଘନଶ୍ୟାମ ପ୍ରଧାନ (୬୨) ସକାଳ ସମୟରେ ଏକ ଗ୍ୟାସ ସଜାଡୁଥିବା ସମୟରେ ସେହି ସ୍ଥାନରୁ ଅନତି ଦୂରରେ ଥିବା ଏକ ଚୁଲିରୁ ହଠାତ ନିଆଁ ସଂଯୋଗ ହୋଇ ତାଙ୍କ ଦେହରେ ଲାଗିଯିବା ଫଳରେ ତାଙ୍କ ମୁଣ୍ଡରେ, ମୁହଁରେ, ଓ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପ୍ରଥମେ ତାଙ୍କୁ ଏକ ବାଇକ ଯୋଗେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କର ଆଶୁ ଚିକିତ୍ସା କରାଇ ସ୍ୱାସ୍ଥ୍ୟବସ୍ଥା ସଂକଟାପର୍ଣ୍ଣ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରାଯାଇଛି।

# ଚାରା ରୋପଣ କାର୍ଯ୍ୟକ୍ରମ



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ୨୦୨୫ ଜୁନ ୫ ତାରିଖ ଗୁରୁବାର ଦିନ ପାଳିତ ହୋଇଯାଇଛି। 'ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ' ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟ ପରିସରରେ ବ୍ୟାପକ ସାମୂହିକ ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏବଂ ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ମହାବିଦ୍ୟାଳୟ ଅଧକ୍ଷା ଡ଼ଃ.ସସ୍ମିତା ଶତପଥୀଙ୍କ ସମେତ ବନ୍ଦର ବିଭାଗୀୟ ମୁଖ୍ୟ, ପରିବେଶ ବିଭାଗୀୟ ଅଧିକାରୀ ଓ କର୍ମଚାରୀ, ବନ୍ଦରର ଅନ୍ତେବାସୀ, ମହାବିଦ୍ୟାଳୟର ଏସିସି କ୍ୟାଡେଟ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସମେତ ପାରାଦୀପ ସାକ୍ଷରତା ସମିତିର ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପାରାଦୀପ ବନ୍ଦରର ସିନିଅର ଡେପୁଟି ଟ୍ରାଫିକ ମ୍ୟାନେଜର ଅକ୍ଷୟ କୁମାର ସାହୁ, ପାରାଦୀପ ସାକ୍ଷରତା ସମିତିର ସମ୍ପାଦକ ରାମ ଚନ୍ଦ୍ର ପ୍ରଧାନ ଓ ସଂଯୋଜକ ଅଶୋକ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଅପହୃତ ନାବାଳିକାକୁ ଠାବ କରିବାର ପ୍ରତିଶ୍ରୁତି ପାଇ ଧାରଣାରୁ ଓହରିଲେ ମହିଳା




ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନା ଅଞ୍ଚଳରେ ଦିନକୁଦିନ ନାବାଳକ, ନାବାଳିକା ଓ ବିବାହିତ ମହିଳା ବୃଦ୍ଧବୃଦ୍ଧା ଏପରି ଅନେକ ସମ୍ବେଦନଶୀଳ ଅପହରଣ ଏବଂ ହଜିବା ଭଳି ଅଭିଯୋଗ ଥାନାରେ ଲାଗିରହିଛି। ଯାହା ଫଳରେ ସିମିତ କର୍ମଚାରୀ ମଧ୍ୟରେ ପୋଲିସ୍ ଆଖିରୁ ନିଦ ହଜାଇ ଦେଇଛି। ଏପରି ଏକ ଅଭାବନୀୟ ଘଟଣା ଘଟିଛି ସାତଭାୟା ବଗପାଟିଆ ଅଞ୍ଚଳରେ। ସୂଚନାଯୋଗ୍ୟ ବଗପାଟିଆ ଥଇଥାନର ଅଖିଳ ଶାହାଣୀଙ୍କ ପ୍ରାୟ ୧୭ ବର୍ଷୀଆ ଝିଅ ଶଶ୍ମୀତା ଶାହାଣୀଙ୍କୁ ସେହି ଗ୍ରାମର ଶିଶିର ଦଳେଇଙ୍କର ୨୫/୨୬ ବର୍ଷର ପୁଅ ରଶ୍ମିରଞ୍ଜନ ଦଳେଇ ମାର୍ଚ୍ଚ ୧୩ ତାରିଖରୁ ଅପହରଣ କରି କେଉଁଆଡେ ନେଇଯାଇଥିବା ରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ପୋଲିସର କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ହେବାରୁ ବାରମ୍ବାର ଥାନାକୁ ଦୌଡ଼ି ଦୌଡ଼ି ଅପହୃତା ଝିଅର ପରିବାର ଲୋକେ ଆଖି ଲୁହ ଆଖିରେ ମାରି ଅଢେଇ ମାସ ହେବ ଚିନ୍ତାରେ ଭାଙ୍ଗି ପଡ଼ିଥିଲେ। ଶେଷରେ ଏସ୍ପି ଓଏସଡିପିଓଙ୍କୁ ଜଣାଇବା ପରେ ମଧ୍ୟ ପୋଲିସ ହାତ ଖାଲି ହୋଇଛି। ବାରମ୍ବାର ପରିବାରର ଲୋକେ ପୋଲିସର ଦ୍ୱାରସ୍ଥ ହେଲେ ବି ପୋଲିସ୍ ଠାରୁ କୌଣସି ଶାନ୍ତ୍ୱନା ଜନକ ଉତ୍ତର ବଦଳରେ ଅସନ୍ତୋଷର କଥା ଓ ଗାଳି ଶୁଣୁଥିଲେ। ଝିଅକୁ ହରାଇ ଦୁଃଖରେ ଭାଙ୍ଗି ପଡିଥିବା ପିତା ମାତା ବିଭିନ୍ନ ସମାଜସେବୀ ସଙ୍ଗଠନର ସାହାଯ୍ୟ ନେଇ ଦଳିତ ସଂଘର ସଭାନେତ୍ରୀ ଶଶ୍ମୀତା ମଲ୍ଲିକ ଓ ହିମାନରାଇଟସ ସଙ୍ଗଠନର କୋ-ଅଡିନେଟର ସାର୍ଥକ ନାୟକଙ୍କ ମିଳିତ ନେତୃତ୍ୱରେ ଅପହୃତା ଝିଅର ପରିବାର ସମେତ ଗାଁର ମହିଳାମାନେ ରାଜନଗର ଥାନା ସମ୍ମୁଖରେ ଧାରଣାରେ ବସି ବିଭିନ୍ନ ନାରାବାଜି ଦେଇଥିଲେ। ଯେ ପର୍ଯ୍ୟନ୍ତ ପୋଲିସ୍ ଜୀବିତ ଭାବେ ଅପହୃତା ନାବାଳିକା ଶଶ୍ମୀତାକୁ ପିତାମାତାଙ୍କୁ ହସ୍ତାନ୍ତର ନ କରିଛି ସେ ପର୍ଯ୍ୟନ୍ତ ଥାନା ସମ୍ମୁଖରେ ପରିବାର ସହ ମହିଳାମାନେ ଧାରଣା ରତ ରହିବେ ବୋଲି ଦଳିତ ସଭାନେତ୍ରୀ ଶଶ୍ମୀତା ମଲ୍ଲିକ ସୂଚନା ଦେଇଥିଲେ। କିନ୍ତୁ ଘଟଣାକୁ ଗୁରୁତର ସହ ବିଚାରକୁ ନେଇ ଥାନା ଆଇଆଇସି ନରେଶ କୁମାର ସାହୁ ଧାରଣାକାରୀଙ୍କୁ ବୁଝାସୁଝା କରି ୧୦ତାରିଖ ସୁଦ୍ଧା ଅପହୃତା ନାବାଳିକାକୁ ଠାବ କରି ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ସାହୁ କହିଥିଲେ। ପ୍ରତିଶୃତି ପାଇବା ପରେ ମହିଳାମାନେ ଧାରଣାରୁ ଓହରିଥିଲେ।

# ବିଶ୍ୱ ପରିବେଶ ଦିବସ ପାଳିତ

ପାରାଦୀପ, (ଭାସ୍କର ନ୍ୟୁଜ୍): ଇଫ୍‌କୋ ପାରାଦୀପ ୟୁନିଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଗୁରବାର ଦିନ ପାଳିତ ହୋଇଯାଇଛି। ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ' ଶୀର୍ଷକ ଓ ପ୍ଲାଷ୍ଟିକ ବର୍ଜନ ସ୍ଲୋଗାନ ଆଧାରିତ ଏବଂ ସବୁଜ ଏବଂ ସୁସ୍ଥ ପରିବେଶ ସୃଷ୍ଟି ପାଇଁ ଇଫକୋ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ. ମହାପାତ୍ରଙ୍କ ସମେତ ପରିବେଶ ଯନ୍ତ୍ରୀ ଡ଼ି.ଏଲ. ମହାପାତ୍ର, କୁମାରୀ ବିବେଚିତା ଷଡଙ୍ଗୀ, ସହ ପରିବେଶ ବିଜ୍ଞାନୀ କୁମାରୀ ଅନ୍ୱେଷା ପଣ୍ଡା, ଇଫକୋ ସାଧାରଣ ପରିଚାଳକ କେ.ଆର.ଏନ ମୂର୍ତ୍ତି ଓ ଜେଜିଏମ ଆର.କେ. ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ।

# ସାଂସଦ ସମ୍ବିତ ପାତ୍ରଙ୍କ ଗାଡ଼ି ଆଗରେ କଳା ପତାକା ପ୍ରଦର୍ଶନ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାରେ ଉତ୍କର୍ଷ ନିମାପଡ଼ା କାର୍ଯ୍ୟକ୍ରମ ଚାଲିଥିବା ବେଳେ କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟା ତଥା ଉଦ୍‌ଯାପନୀ ଦିବସରେ ଯୋଗ ଦେବା ପାଇଁ ପୁରୀ ସାଂସଦ ଡ଼. ସମ୍ବିତ ପାତ୍ର ଆସୁଥିଲେ। ଏହି ସମୟରେ ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ୍ ନିକଟରେ କେତେକ ଯୁବ କଂଗ୍ରେସ କର୍ମୀ କୁହାଯାଉଥିବା ଯୁବକମାନେ ସାଂସଦଙ୍କ ଗାଡ଼ିକୁ ଘେରିଯାଇ କଳା ପତାକା ପ୍ରଦର୍ଶନ କରିଥିଲେ। ସେଠାରେ ପୋଲିସ ପହଂଚି କର୍ମୀମାନଙ୍କୁ ଘଉଡ଼ାଇ ଦେଇଥିବା ବେଳେ କାର୍ଯ୍ୟକ୍ରମ ସଭାରେ ସମ୍ବିତ ପାତ୍ର କହିଛନ୍ତି ଅଳ୍ପ କଳା ପତାକା ଥିଲା ମାତ୍ର କଂଗ୍ରେସ ପତାକା ଦେଖାଇ ଥିଲେ କର୍ମୀମାନେ। ଏହି ସଭାରୁ ସିଧାସଳଖ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କଟାକ୍ଷ କରି ସାଂସଦ କହିଛନ୍ତି, ତାକତ୍ ଅଛି ତ ମୋ ସହିତ ବକ୍ତୃତା କର, ଗୁଣ୍ଡାଗର୍ଦ୍ଦି ଚଳିବ ନାହିଁ। କଂଗ୍ରେସ ସରକାରକୁ କଟୁ ସମାଲୋଚନା କରିଥିଲେ। କଳା ପତାକା ପ୍ରଦର୍ଶନ କାରଣରୁ ସାଂସଦ ପାତ୍ର କ୍ରୋଧାନ୍ୱିତ ହୋଇପଡ଼ିଥିବା ଜଣାପଡ଼ିଛି। ଏହି ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

# ଟାଟା ଷ୍ଟିଲ୍ କଳିଙ୍ଗନଗରରେ ବିଶ୍ୱ ପରିବେଶ ଦିବସ ପାଳିତ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଜାତିସଂଘ ଘୋଷିତ ବିଷୟ 'ପ୍ଲାଷ୍ଟିକ ପ୍ରଦୂଷଣକୁ ବନ୍ଦ କରିବା' ଏବଂ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଠନ ପ୍ରତି ନିଜର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରି, ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) କଳିଙ୍ଗନଗର ସ୍ଥିତ ପ୍ଲାଣ୍ଟ୍ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବର ଅଂଶ ଭାବରେ, ପ୍ଲାଣ୍ଟ୍ ପରିସରର ବିଭିନ୍ନ ସ୍ଥାନରେ ୫୦୦ରୁ ଅଧିକ ଚାରା ରୋପଣ କରାଯାଇଛି। ଏଥିସହ ପରିବେଶ ଦୀର୍ଘସ୍ଥାୟିତା ଉପରେ ସଚେତନତା ସୃଷ୍ଟି କରିବା ପାଇଁ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, କ୍ରାଫ୍ଟ ତିଆରି ଏବଂ ଭାଷଣ ପ୍ରତିଯୋଗିତା ସହିତ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ସେସନ୍ ଏବଂ କ୍ୱିଜ୍ ଓ ଫଟୋଗ୍ରାଫି ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା। ଏହା ବ୍ୟତୀତ, ପ୍ଲାଣ୍ଟ୍ ପରିସର ଏବଂ ନିକଟବର୍ତ୍ତୀ ସ୍ଥାନ ଗୁଡିକରେ ପ୍ଲାଷ୍ଟିକ୍ ସଫେଇ ଅଭିଯାନ ମଧ୍ୟ ଚାଲିଥିଲା। ଟ୍ରେନିଂସେଣ୍ଟର ଅଡିଟୋରିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଏସ୍‌କେର ଯାନ୍ତ୍ରିକ ରକ୍ଷଣାବେକ୍ଷଣ ପ୍ରଧାନ ଶଙ୍କର ବିଶ୍ୱାସ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ଅନ୍ୟାନ୍ୟ ବରିଷ୍ଠ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ବିଜୟୀମାନଙ୍କୁ ପ୍ରମାଣପତ୍ର ଏବଂ ଉପହାର ପ୍ରଦାନ କରାଯାଇଥିଲା। ସେହିପରି, ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ୍) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନ୍‌ଏଲ୍) ପକ୍ଷରୁ 'ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର କ୍ଷତିକାରକ ପ୍ରଭାବ' ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକମାନଙ୍କ ସମେତ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ପରିସରରେ ୫୦ଟି ଚାରାରୋପଣ କରାଯାଇ ପରିବେଶ ସଂରକ୍ଷଣର ବାର୍ତ୍ତା ପ୍ରଚାର କରାଯାଇଥିଲା। ଏଠାରେ ଉଲ୍ଲେଖ ଯେ, ଜୁନ୍ ମାସ ପର୍ଯ୍ୟନ୍ତ ଉତ୍ସବ ଜାରି ରହିବ, ଯାହାକି ଟାଟା ଷ୍ଟିଲ୍‌ରେ 'ଦୀର୍ଘସ୍ଥାୟିତା ମାସ' ଭାବରେ ପାଳନ କରାଯାଉଛି। ମାସବ୍ୟାପୀ ଉତ୍ସବର ଅଂଶ ଭାବରେ, ସଚେତନତା ଅଭିଯାନ, ୱେବିନାର ଏବଂ ଅନ୍‌ଲାଇନ୍ କ୍ୱିଜ୍ ଆଦି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଦୁର୍ଘଟଣାରେ କନିଷ୍ଠ ଯନ୍ତ୍ରୀ ମୃତ

ଝରିଗାଁ, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରୁ ଝରୀଗାଁ ଯାତ୍ରା କରୁଥିବା ରଘୁନାଥ ବସ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଚରକ୍ଷବାହାଲ ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଉକ୍ତ ବସରେ ବସିଥିବା ପାଞ୍ଚଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ବିନୋଦ ବେହେରା। ସୂଚନା ପ୍ରକାରେ, ବିନୋଦ ବେହେରା କୌଣସି ଏକ କାର୍ଯ୍ୟରେ ଭୁବନେଶ୍ୱର ଯାଇ ଘରକୁ ଫେରୁଥିବା ସମୟରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଚାରବାହାଲ ଗ୍ରାମ ନିକଟରେ ଆଜି ଭୋର ଚାର ଘଂଟିକା ସମୟରେ ରଘୁନାଥ ବସ ଦଣ୍ଡାୟମାନ ଥିବା ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବସରେ ବସିଥିବା ପାଞ୍ଚଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ କନିଷ୍ଠ ଯନ୍ତ୍ରୀ ବିନୋଦ ବେହେରାଙ୍କ ମୃତ୍ୟୁ ବରଣ କରିଛନ୍ତି। ଘଟଣା ସ୍ଥଳରେ କୋକସରା ଆମ୍ବୁଲାନ୍ସ ଏବଂ ଜୁନାଗଡ଼ ପୋଲିସ ପହଂଚି ଥିବା ବେଳେ ଆମ୍ବୁଲାନ୍ସ ଗୁରୁତର ଆହତ ଓ ମୃତ ଯନ୍ତ୍ରୀ ବିନୋଦ ବେହେରାଙ୍କୁ ଜୁନାଗଡ଼ ମେଡିକାଲକୁ ଘେନି ଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳେଇଛି। ଏହି ଖବରଟି ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଝରିଗାଁରେ ଶୋକର ଛାୟା ଖେଳିଯାଇଛି।



ଛତ୍ରପୁର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଛତ୍ରପୁର ସିଭିଲ କୋର୍ଟ ଜଜ୍ ପୂଜା ଦେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଜଜ୍ ସ୍ୱାଗତିକା ସ୍ୱାଇଁ ଉପସ୍ଥିତ ରହି ପରିବେଶ ଦିବସ ପାଳନର ମୁଖ୍ୟ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଲିଗାଲ୍ ସେଲର ସଦସ୍ୟ ଆଡଭୋକେଟ ମନୋଜ କୁମାର ପାଢୀ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଉପସ୍ଥିତ ଅତିଥିମାନଙ୍କ ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ପଦ୍ମଚରଣ ସାହୁ ବର୍ତ୍ତମାନ ପରିସ୍ଥିତିରେ ପରିବେଶ ଓ ଜଙ୍ଗଲ ସୁରକ୍ଷାର ଆବଶ୍ୟକତାର ମାର୍ଗଦର୍ଶନ କରିଥିଲେ। ସଂପାଦକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ସିସି, ସ୍କାଉଟ, ଗାଇଡ୍ ଶିଶୁମାନଙ୍କ ସହିତ ପରିଚାଳନା କମିଟିର ଉପସଭାପତି ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଯୋଗଦେଇଥିଲେ।



# ଜିଲ୍ଲାସ୍ତରୀୟ କୃଷି ଉତ୍ପାଦକ ମଣ୍ଡଳ ସମନ୍ୱୟ କମିଟି ବୈଠକ




ନୂଆପଡ଼ା (ଭାସ୍କର ନ୍ୟୁଜ୍): ନୂଆପଡ଼ାରେ ଜିଲ୍ଲାସ୍ତରୀୟ କୃଷି ଉତ୍ପାଦକ ମଣ୍ଡଳ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଂସଦାଙ୍କ ଦ୍ୱାରା ଆୟୋଜିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନାୟକ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମି ରଞ୍ଜନ ପାତ୍ର, ଡିପିସି ମିଶନ ଶକ୍ତି ସୁନୀଲ କୁମାର ମଲ୍ଲିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜନ କୁମାର ସାହୁ, ସ୍ୱେଚ୍ଛାସେବୀ ସଂସ୍ଥା ଲୋକଦୃଷ୍ଟିର ପ୍ରୋଗ୍ରାମ ମ୍ୟାନେଜର ନବୀନ ଚନ୍ଦ୍ର ମିଶ୍ର, ସିପିଏସଡବ୍ଲ୍ୟୁ ମ୍ୟାନେଜର ମନୋଜ କୁମାର ମେହେର ଏବଂ ଲାଇନ୍ ବିଭାଗର ଅନ୍ୟାନ୍ୟ ଅଧିକାରୀଗଣ ଓ କୃଷକ ଉତ୍ପାଦକ ଗୋଷ୍ଠୀର ପ୍ରତିନିଧିମାନେ ଯୋଗଦେଇଥିଲେ। ଜିଲ୍ଲାରେ ସ୍ୱେଚ୍ଛାସେବୀ ସଂସ୍ଥା ଲୋକଦୃଷ୍ଟି ଖଡ଼ିଆଲ ଏବଂ ବୋଡ଼େନ ବ୍ଲକରେ ଓସିପିଏସଡବ୍ଲ୍ୟୁ କୋମନା ବ୍ଲକରେ କୃଷକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଆୟ ଦ୍ୱିଗୁଣିତ କରିବା ସହିତ ସେମାନଙ୍କ ଜୀବନ ଧାରଣ ମାନ କୃଷି ଏବଂ ଆନୁଷଙ୍ଗିକ ବିଭାଗ ଜରିଆରେ ବୃଦ୍ଧି କରିବା ପାଇଁ ପ୍ରୟାସରତ ଅଛନ୍ତି। ଜିଲ୍ଲା ସଂଯୋଜକ ନରେନ୍ଦ୍ର କୁମାର ସାହୁ ପାୱର ପଏଣ୍ଟ ପ୍ରସ୍ତୁତି ମାଧ୍ୟମରେ ବୈଠକରେ ପ୍ରଗତି ବିବରଣୀ ଦେଇଥିଲେ। ଜିଲ୍ଲାର ୩୩ଟି ଗ୍ରାମପଞ୍ଚାୟତ, ୯୬ଟି ଗ୍ରାମରେ ୭୭୩୩ଟି ପରିବାରକୁ ସାହାର୍ଯ୍ୟ ଯୋଗାଇ ଦିଆଯାଇଛି। ୧୩୦୦୦ କ୍ଷୁଦ୍ର ଏବଂ ନାମମାତ୍ର କୃଷିଜୀବୀ ମହିଳାଙ୍କ ଆୟ ଦ୍ୱିଗୁଣିତ ହେବା, ୧୦୪ଟି ଉତ୍ପାଦକ ଗୋଷ୍ଠୀ ଗଠିତ ହେବା ଓ ୪୦୦୦ ଏକର ଜମିରେ ଅଧିକ ଆୟଯୁକ୍ତ ଚାଷ କରିବା ଭଳି ପଦକ୍ଷେପ ନିଆଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷର ମୁଖ୍ୟ ଉପଲବ୍ଧି ଗୁଡିକ ହେଲା- ମହିଳା କୃଷକ ସଙ୍ଗଠନ ଯାହାକି ୩ଟି ବ୍ଲକରେ ୭,୦୦୦ରୁ ଅଧିକ ଛୋଟ ଓ ନାମମାତ୍ର କୃଷକଙ୍କୁ ନେଇ ୫୭ଟି ଉତ୍ପାଦକ ଗୋଷ୍ଠୀ ଗଠିତ ହୋଇଛି। ଏହାଦ୍ୱାରା ସଂଯୁକ୍ତ ବାର୍ଗେନିଂ ଓ ଶ୍ରେଷ୍ଠ ବଜାର ଯୋଗାଯୋଗ ସମ୍ଭବ ହୋଇଛି। ଫସଲ ବିବିଧିକରଣ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ମୂଲ୍ୟ ଥିବା ଡାଲି, ଚିନାବାଦାମ ଓ ପନିପରିବା ଫସଲ ୧,୦୦୦ ହେକ୍ଟରରୁ ଅଧିକ ଜମିରେ ଚାଷ କରାଯାଇ ଆୟ ବଢାଯାଇଛି। ବଜାର ଯୋଗାଯୋଗ ଦ୍ୱାରା ବିକ୍ରି ବୃଦ୍ଧି ହୋଇଛି। ଫାର୍ମର୍ ପ୍ରୋଡ୍ୟୁସର୍ କମ୍ପାନୀ ଓ ଉତ୍ପାଦକ ଗୋଷ୍ଠୀ ମାଧ୍ୟମରେ କିଣାବିକା କରିବା ପାଇଁ ବ୍ୟବସ୍ଥା ହୋଇଛି, ଯାହାଦ୍ୱାରା ୩ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଉତ୍ପାଦନ ବିକ୍ରି ହୋଇଛି। ୨୫-୨୬ ଆର୍ଥିକ ବର୍ଷ ପାଇଁ ଯୋଜନାରେ ଏପିସି କ୍ଲଷ୍ଟରର ବିସ୍ତାର ହେବ। ଅତିରିକ୍ତ ୨୬ଟି ନୂଆ ପ୍ରୋଡ୍ୟୁସର୍ ଗ୍ରୁପ୍‌ରେ ୫,୦୦୦ କୃଷକଙ୍କୁ ଅନ୍ତର୍ଭୁକ୍ତ କରିବା ଯୋଜନା ଅଛି, ଯହିଁରେ ମହିଳା ଓ ଜନଜାତି ଅଞ୍ଚଳକୁ ବିଶେଷ ଗୁରୁତ୍ୱ ଦିଆଯିବ। ସିଞ୍ଚନ ଓ ଜଳ ବ୍ୟବସ୍ଥାପନ ଦ୍ୱାରା ଜଳଅଭାବ ଅଞ୍ଚଳରେ ଛୋଟ ଷ୍ଟ୍ରକଚର ଓ ମାଇକ୍ରୋ-ଇରିଗେସନ୍ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯିବ। ନୂତନତା ଉପରେ ଗୁରୁତ୍ୱ ଦେଇ ଷ୍ଟ୍ରବେରି ଓ ଡ୍ରାଗନ୍ ଫଳ ପରି ଲାଭକାରୀ ଫଳ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଯିବ। ଜିଲ୍ଲାପାଳ ଶ୍ରୀ ଦାସ ସମସ୍ତ ଅଂଶୀଦାର ଓ ସହଯୋଗୀଙ୍କୁ ପ୍ରୋତ୍ସାହନ ଦେଇ କହିଛନ୍ତି, ଏପିସି ପ୍ରକଳ୍ପ ଦ୍ୱାରା ଆମର ଲକ୍ଷ୍ୟ ହେଉଛି ପ୍ରବାସୀ ଶ୍ରମିକ ପ୍ରଥାକୁ ରୋକିବା। କୃଷି ଲାଭଜନକ ହେଲେ ଲୋକମାନେ କଷ୍ଟକର ପ୍ରବାସୀ ଶ୍ରମିକ ହେବେନାହିଁ। ସରକାରୀ ତଥା ସ୍ୱେଚ୍ଛାସେବୀ ସଂଗଠନ ମାନେ ଏହାକୁ ଏକ ଆହ୍ୱାନ ଭାବି କାମ କରନ୍ତୁ। ଏହି ଅବସରରେ ଉତ୍ତମ ପ୍ରଦର୍ଶନ କରିଥିବା ତିନୋଟି ବ୍ଲକର ଶ୍ରେଷ୍ଠ ଉତ୍ପାଦକ ଗୋଷ୍ଠୀ ଖରିଆରର ସତ୍ୟସାଇ ପିଜି, ବୋଡ଼େନର ମା ତୁଳସୀ ପିଜି ଓ କୋମନା ର ମା ଶକ୍ତି ସ୍ୱରୂପା ଉତ୍ପାଦକ ଦଳଙ୍କୁ ଜିଲ୍ଲାପାଳ ପୁରସ୍କାର ପ୍ରଦାନ କରିଥିଲେ।

## ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା

# ଚାଷ ଓ ଚାଷୀର ବିକାଶକୁ ଗୁରୁତ୍ୱ




ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସରରେ କୃଷି ଓ କୃଷକ ସଶକ୍ତକରଣ ବିଭାଗ ତରଫରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଉପମୁଖ୍ୟ ମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତକରଣ ବିଭାଗ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ କୃଷି ଓ କୃଷକର ବିକାଶ ପାଇଁ ସରକାର ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ଉପରେ ଆଲୋକପାତ କରିବା ସହିତ ଜୈବିକ କୃଷି ଉପରେ କହିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ରୂପେ ବଲାଙ୍ଗୀର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ବଲାଙ୍ଗିର କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଗବେଷକ ଡକ୍ଟର ସତ୍ୟମୟ ଶତପଥି, ପାଟଣାଗଡ ଏଡ଼ିଏଚ୍ ପ୍ରମୋଦ କୁମାର ସେଠୀ, କଟକ ସିଆରଆର୍ଆଇ ମୁଖ୍ୟ ଗବେଷକ ଡକ୍ଟର ଏନ୍ ଏନ୍ ଜାମ୍ବୁଳକର, କୃଷି ବିଜ୍ଞାନ କେନ୍ଦ୍ର କୃଷି ବୈଜ୍ଞାନିକ ଡକ୍ଟର ରୁକିଆ ବେଗମ୍, କୃଷି ବୈଜ୍ଞାନିକ ଡକ୍ଟର ମନୋଜ କୁମାର ବାରିକ ଯୋଗଦେଇଥିଲେ। ଏହି ଅବସରରେ କୃଷି ବିଭାଗର ଅଧିକାରୀ, ଅଗ୍ରଣୀ ଚାଷୀ ଯୋଗଦେଇଥିଲେ। ସେହିପରି ଲୁହାସିଂହା ପଞ୍ଚାୟତ ଗୌଡ଼ପାଲି ଗାଁରେ ମଧ୍ୟ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ଆମ ସଂକଳ୍ପ ନିଶା ନୁହେଁ, ଜୀବନ' ବାର୍ତ୍ତା ନେଇ ବୁଲିଲା ସଚେତନତା ରଥ



ନୂଆପଡ଼ା(ଭାସ୍କର ନ୍ୟୁଜ୍): ଓଡିଶାରେ ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା ସହିତ ଅପମିଶ୍ରିତ, ବିଷାକ୍ତ ଚୋରା ମଦ କାରବାର ସମ୍ପୂର୍ଣ୍ଣ ରୋକିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଗଣସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେ କହିଥିଲେ ଯେ ଆଜି ହିଁ ସଂକଳ୍ପ ନେବା 'ନିଶା ନୁହେଁ, ଜୀବନକୁ ବାଛିବା'। ଏହି ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଅବକାରୀ ବିଭାଗ ଦ୍ୱାରା ପ୍ରସ୍ତୁତ ଏକ ସଚେତନତା ରଥକୁ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟାଳୟରୁ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ। ନିଶା ନିବାରଣ ବାର୍ତ୍ତା ସହିତ ଗୀତ ମାଧ୍ୟମରେ ଏହି ରଥ ଗାଁ ଗାଁ ବୁଲି ମାଦକ ବିହୀନ ସମାଜ ଗଠନ ପାଇଁ ଲୋକଙ୍କୁ ସଚେତନ କରାଇବ। ଏଥିସହ ପାଲା, ଦାସକାଠିଆ, ପଥପ୍ରାନ୍ତ ନାଟକ, ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ ସଚେତନତା ବାର୍ତ୍ତାକୁ ପ୍ରତି ଘରେ ପ୍ରତିଟି ବ୍ୟକ୍ତି ପାଖରେ ପହଞ୍ଚାଇବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି। ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବକାରୀ ନିରୀକ୍ଷକ ହିରାବତୀ ଆର୍ଟି, ସୋମନାଥ ବାଘ, ବିଭାଗର ଅନ୍ୟାନ୍ୟ ଅଧିକାରୀ ମାନଙ୍କ ସହ ଡେପୁଟି କଲେକ୍ଟର ହେମନ୍ତ ପୁଟା, ପ୍ରୟାସୀ ପ୍ରଧାନ, ପ୍ରବୀର କୁମାର ଦଣ୍ଡସେନା, ବିଜୟ କୁମାର ଛତ୍ରୀଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ଅନ୍ୟାନ୍ୟ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ତଥା ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

# ଫଳକ ଉପରେ ଫଳକ, ରାସ୍ତା ହୋଇପାରୁନି ସଳଖ



ଉମରକୋଟ (ଭାସ୍କର ନ୍ୟୁଜ୍): ଜନସାଧାରଣଙ୍କ ନିମନ୍ତେ ତତ୍କାଳୀନ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ମାଧ୍ୟମରେ ବିକାଶ କରିବାକୁ ପ୍ରୟାସ କରୁଥିବା ବେଳେ କିଛି ସରକାରୀ ବାବୁ ଓ କିଛି ଜନପ୍ରତିନିଧିଙ୍କ ମିଳିତ ମଧୁଚନ୍ଦ୍ରିକାରେ ସେହି ଉନ୍ନୟନ କାର୍ଯ୍ୟଗୁଡିକ ବିକ୍ରୟ କରି ନିଜ ପକେଟ ଗରମ କରନ୍ତି! ହଁ ଦର୍ଶକ ବନ୍ଧୁ ରାସ୍ତା ନିର୍ମାଣ ନାଁ ରେ ଲକ୍ଷ ଲକ୍ଷ ଟଙ୍କା ହଡପ ହୋଇଥିବା ଦେଖିବାକୁ ମିଳିଛି! ଗୋଟିଏ ରାସ୍ତା ନିର୍ମାଣ ପାଇଁ ପ୍ରତ୍ୟେକ ବର୍ଷ କିଛି କିଛି ମାଟି ବିଛେଇ କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ଅଗ୍ରିମ ବିଲ ପାସ୍ କରି ଟଙ୍କା ଆତ୍ମସାତ କରୁଥିବା ଦେଖିବାକୁ ମିଳିଛି! ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବେନୋରା ପଂଚାୟତ ଅଧୀନରେ ଥିବା ଖୁଟୁଗୁଡା ଗ୍ରାମ ନିକଟରେ ଥିବା ଆରଡ଼ି ରାସ୍ତା ଠାରୁ ନନ୍ଦିଗୁଡା ରାସ୍ତାର ଦୃଶ୍ୟ! ଗ୍ରାମବାସୀଙ୍କ କହିବା ଅନୁଯାଇ ଏହି ରାସ୍ତାରେ ପ୍ରତିବର୍ଷ ମାଟି ବିଛେଇ ଫଳକ ଉପରେ ଫଳକ ଲଗେଇ ବିଲ୍ ପାସ୍ କରୁଛନ୍ତି କନିଷ୍ଠ ଯନ୍ତ୍ରୀ! ସେପଟେ କନିଷ୍ଠ ଯନ୍ତ୍ରୀ ଉକ୍ତ ରାସ୍ତା କାମ ସରିନି ସେଠାରେ ମେଟାଲ ପଡିବ ଓ ରୋଲିଂ ହେବ କହୁଛନ୍ତି କିନ୍ତୁ ପ୍ରାୟ ନଅମାସ ହେଲାଣି ସେହି ରାସ୍ତାରେ କୌଣସି ମେଟାଲ ପଡ଼ିନାହିଁ! ବର୍ତ୍ତମାନ ବର୍ଷାଦିନ ଆସିଲାଣି ଅଞ୍ଚଳବାସୀ ସେହି କାଦୁଅ ରାସ୍ତା ପାର୍ଶ୍ୱ ରେ ଥିବା ଜମି ହିଡ଼ରେ ଜୀବନକୁ ବାଜି ଲଗେଇ ଯାତାୟାତ କରୁଥିବା ଦେଖିବାକୁ ମିଳିଛି, ଠିକାଦାର ସାଜିଥିବା ବ୍ଲକ ଉପାଧ୍ୟକ୍ଷ ସାମଲ ସରକାର ଓ କନିଷ୍ଠ ଯନ୍ତ୍ରୀ ମିଳିତ ଭାବେ ସେହି ରାସ୍ତା କାମଟିକୁ ଅନ୍ୟ ଏକ ଠିକାଦାରଙ୍କୁ ବିକ୍ରୟ କରି ନିଜ ପକେଟ ଗରମ କରୁଛନ୍ତି! ସେପଟେ ସ୍ଥାନୀୟ ବିଡ଼ିଓ ମନୋଜ କୁମାର ମେହେର ରାସ୍ତା ବିଷୟରେ ତଦାରଖ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହୁଛନ୍ତି, ଏହା ପୂର୍ବରୁ ଅନ୍ୟ ଏକ ପଞ୍ଚାୟତରେ ଜିଲ୍ଲା ପରିଷଦ ଓ ଅନ୍ୟ ଜଣେ କନିଷ୍ଠ ଯନ୍ତ୍ରୀ କିପରି ନିମ୍ନମାନର ଏକ ରାସ୍ତା ନିର୍ମାଣ କରି ଫଳକ ନଲଗେଇ ଟଙ୍କା ହଡପ କରିଥିଲେ ସେ ନେଇ ଅବଗତ କରାଯାଇଥିଲା ଏବଂ ବିଡ଼ିଓ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ ଦୂରର କଥା ସେହି ରାସ୍ତାର ମରାମତି ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ! ଜନସାଧାରଣଙ୍କୁ ଏଭଳି ଲୋକ ପ୍ରତିନିଧି ଓ ସରକାରୀବାବୁ ଭୁଆଁ ବୁଲେଇ ମାଲାମାଲ୍ ହେଉଛନ୍ତି ଏମାନଙ୍କ ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ନିହାତି ଆବଶ୍ୟକ ବୋଲି ଜନସାଧାରଣ ଦାବି କରିଛନ୍ତି।

# ଜିଲ୍ଲା ଅବକାରୀ ମୋବାଇଲ ଚଢ଼ାଉ

## ୫୫ ମାମଲାରେ ୧୪ ଗିରଫ

ବରଗଡ଼(ଭାସ୍କର ନ୍ୟୁଜ୍): ଭ୍ରାମ୍ୟମାଣ ଜିଲ୍ଲା ଅବକାରୀ ବିଭାଗ ବରଗଡ଼ ପକ୍ଷରୁ ବରଗଡ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ୫୫ଟି କେସ୍ କରାଯାଇଥିବା ବେଳେ ୧୪ ଜଣଙ୍କୁ ଗିରଫ ସହ ୩ କେ.ଜି. ୧୬୦ ଗ୍ରାମ ଗଞ୍ଜେଇ ଧରାପଡ଼ିବା ସହିତ ୧୫୭ ଲିଟର ଦେଶୀ ଝେରା ମଦ, ୩୩ ହଜାର ୫୦୦ ଲିଟର ମହୁଲ ପୋଚ ନଷ୍ଟ କରାଯିବା ସହ ୩୨୦ ଲିଟର ଭାଟିମଦ, ୯-୯୦୦ ଲିଟର ବିଦେଶୀ ମଦ, ୨୭-୮୦୦ ଲିଟର ବିଅର ଏବଂ ଚୋରାଚାଲାଣରେ ବ୍ୟବହୃତ ବାଇକ୍ ଜବତ ହୋଇଛି। ଜିଲ୍ଲା ଅବକାରୀ ଅଧିକ୍ଷକ ସୁବର୍ଣ୍ଣ କୁମାର ନାୟକଙ୍କ ନିର୍ଦ୍ଦେଶନା ଓ ମୋବାଇଲ ଇନ୍ସପେକ୍ଟର ରଶ୍ମିତା ଲାକ୍ରା ଓ ଏ.ଏସ୍.ଆଇ. ନନ୍ଦିକେଶ୍ୱର ପଧାନଙ୍କ ସହ ଷ୍ଟାଫ୍ ଅବକାରୀ ଚଢ଼ାଉରେ ଯୋଗ ଦେଇଥିଲେ।



# କୃଷ୍ଣସାର ମୃଗ ସୁରକ୍ଷା ନିମନ୍ତେ ସଚେତନତା




କୁକୁଡ଼ାଖଣ୍ଡି (ଭାସ୍କର ନ୍ୟୁଜ୍) : ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ବିରଳ କୃଷ୍ଣସାର ମୃଗଙ୍କ ସୁରକ୍ଷା ନିମନ୍ତେ ଜନସଚେତନତା କାର୍ଯ୍ୟକ୍ରମ ଧର୍ମରାଜ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବନାଞ୍ଚଳ ଅନ୍ତର୍ଗତ ରୋହିଗାଁ, ବଉଳଝୋଳି, ପାଣ୍ଡିଆଝୋଳି, ନୂଆଁ ପାଣ୍ଡିଆଝୋଳି, ଅଲାରୀଗଡ଼, ଚନ୍ଦ୍ରମଣିପୁର ଆଦି ଗ୍ରାମରେ ପରିଷଦର ସ୍ୱେଚ୍ଛାସେବୀ ମାନେ କୃଷ୍ଣସାର ମୃଗ ସୁରକ୍ଷାରେ ଜନ ସହଭାଗିତା ଉପରେ ଲୋକଙ୍କୁ ସଚେତନତା କରିବା ସହ ପୋଷ୍ଟର ଲଗାଇ ଥିଲେ। କିଛି ବର୍ଷ ପୂର୍ବରୁ କୁକୁଡାଖଣ୍ଡି, ଶେରଗଡ଼, ସାନଖେମୁଣ୍ଡି ଓ ଦିଗପହଣ୍ଡି ବ୍ଲକର କିଛି ଗ୍ରାମରେ ମୃଗଙ୍କ ଉପସ୍ଥିତି ପରିଲକ୍ଷିତ ହୋଇଛି। ବହୁ ସମୟରେ ଖାଦ୍ୟ ଓ ଜଳ ଅନ୍ୱେଷଣରେ ମୃଗମାନେ ଗ୍ରାମର ନିକଟକୁ ଆସୁଛନ୍ତି କିଛି ଲୋକ ସଚେତନତା ଅଭାବରୁ ସେମାନଙ୍କୁ ଧରି ମନ୍ଦିର ଓ ଘରେ ରଖୁଛନ୍ତି ଯାହା କି ସେମାନଙ୍କ ସ୍ୱାଧୀନତା କ୍ଷୁର୍ଣ୍ଣ ସହ ଆଇନତଃ ଅପରାଧ। ଉକ୍ତ ଅଞ୍ଚଳରେ ବନ ବିଭାଗର ସହାୟତାରେ ଜନ ସହଭାଗିତାରେ ଚାରଣ ଭୂମି ସୁରକ୍ଷା ହେଲେ ଲୋକଙ୍କ ଫସଲ ସୁରକ୍ଷା ସହ କୃଷ୍ଣସାର ମୃଗଙ୍କ ବଂଶବୃଦ୍ଧି ପାଇପାରିବ ବୋଲି ଲୋକମତ ପ୍ରକାଶ ପାଇଥିଲା। ଆଜିର କାର୍ଯ୍ୟକ୍ରମରେ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝୀ, ରୋହିଗାଁ ସରପଞ୍ଚ ବଶିଷ୍ଠ ଜେନା, ବଉଳଝୋଳି ସରପଞ୍ଚ ଚିତ୍ତରଞ୍ଜନ ବିଷୋୟୀ, ସ୍ୱେଚ୍ଛାସେବୀ ନଳିନୀ କାନ୍ତ ପରିଡା, ପି. ଅରବିନ୍ଦ ଦେଶିବେହେରା, ପୁରୁଷୋତ୍ତମ ସ୍ୱାଇଁ, ଶ୍ରୀକାନ୍ତ ମହାନ୍ତିଙ୍କ ସହ ଗ୍ରାମବାସୀ ଯୋଗ ଦେଇଥିଲେ।

# ପରିବେଶ ସଚେତନତା ସାଇକେଲ ଶୋଭାଯାତ୍ରା

କେନ୍ଦୁଝର(ଭାସ୍କର ନ୍ୟୁଜ୍): ବିଶ୍ୱ ପରିବେଶ ଦିବସ ଅବସରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଆଞ୍ଚଳିକ କାର୍ଯ୍ୟାଳୟ କେନ୍ଦୁଝର ଏବଂ ରୋଟାରୀ କ୍ଲବ କେନ୍ଦୁଝର ମିଳିତ ଆନୁକୂଲ୍ୟରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରିବେଶ ସଚେତନତା ସାଇକେଲ ଶୋଭାଯାତ୍ରାରେ ରୋଟାରୀ କ୍ଲବର ସଦସ୍ୟ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ବହୁ ଯୁବକଯୁବତୀ ସାମିଲ ହୋଇଥିଲେ। ମୁଖ୍ୟ ଅତିଥିଭାବେ କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି ଯୋଗ ଦେଇ ସାଇକେଲ ଶୋଭାଯାତ୍ରାକୁ ଶୁଭାରମ୍ଭ କରି ବିଶ୍ୱ ପରିବେଶ ଦିବସ ୨୦୨୫ର ବିଷୟ ବସ୍ତୁ ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ସମସ୍ତଙ୍କର ଉଦ୍ୟମ ଏବଂ ଯୋଗଦାନ ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ପ୍ଲାଷ୍ଟିକର ଅପବ୍ୟବହାର ଏବଂ ଜୀବଜଗତ ସହ ମାନବ ସ୍ୱାସ୍ଥ୍ୟ ଉପରେ ଏହାର ବିନାଶକାରୀ ପ୍ରଭାବକୁ ମୂଳପୋଛ କରିବାର ଆବଶ୍ୟକତାକୁ ଗୁରୁତ୍ୱ ପ୍ରଦାନ କରିବାକୁ କହିଥିଲେ। ରୋଟାରୀ କ୍ଲବର ଇଂ ଦେବବ୍ରତ ସ୍ୱାଇଁ ପ୍ଲାଷ୍ଟିକ ପ୍ରଦୂଷଣ ବର୍ତ୍ତମାନ ଆମ ପାଇଁ ଏକ ଆହ୍ୱାନ ଭାବରେ ଛିଡା ହୋଇଛି। ଯାହା ଆମ ପରିବେଶ, ଜୀବନ-ଜୀବିକା ଏବଂ ବିକାଶକୁ ପ୍ରଭାବିତ କରୁଛି ଏବଂ ପ୍ଲାଷ୍ଟିକ ଉତ୍ପାଦନ ଏବଂ ବ୍ୟବହାର ରୋକିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। କେନ୍ଦୁଝର ସହର ଲାବଣ୍ୟ ଛକଠାରୁ ସାଇକେଲ ଶୋଭାଯାତ୍ରା ବାହାରି ଧରଣୀଧର ବିଶ୍ୱବିଦ୍ୟାଳୟ ନିକଟରେ ଶେଷ ହୋଇଥିଲା। ସିଙ୍ଗିଲ ୟୁଜ୍ ପ୍ଲାଷ୍ଟିକ ସମାଗ୍ରୀର ବ୍ୟବହାର ବନ୍ଦ କରିବା, ପୁନଃ ବ୍ୟବହାର ଯୋଗ୍ୟ ବ୍ୟାଗ ବ୍ୟବହାର କରିବା, ପରିବେଶକୁ ପ୍ରଦୂଷଣରୁ ମୁକ୍ତ କରିବା, ପରିବେଶ ସଫା ରଖିବା, ବୃକ୍ଷରୋପଣ କରି ସବୁଜ ବନାନୀ ସୃଷ୍ଟି କରିବା ଆଦି ଉପରେ ଫ୍ଲାକାର୍ଡ ଧରି ସାଇକେଲ ଶୋଭାଯାତ୍ରାକାରୀମାନେ ସଚେତନତା ସୃଷ୍ଟି କରିଥିଲେ। ଡିଏଫ୍‌ଓ ଧନରାଜ ଏଚ୍‌ଡି, ସହକାରୀ ପରିବେଶ ବୈଜ୍ଞାନିକ ଇଂ ଇପ୍‌ସି ଗିରି, ଆଇନଜୀବୀ ସନ୍ଦୀପ କୁମାର ପଟ୍ଟନାୟକ, ଡାକ୍ତର ଶ୍ରୀକାନ୍ତ ସୋରେନ, ସମାଜସେବୀ ପ୍ରଦୀପ ବେହେରା ପ୍ରମୁଖ ଏହି ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଜଳଛାୟା ପ୍ରକଳ୍ପର ୨୩ ଲକ୍ଷ ଟଙ୍କା ଉଠାଣ ଅଭିଯୋଗ, ଜଣେ ଅଟକ

ଉମରକୋଟ(ଭାସ୍କର ନ୍ୟୁଜ୍) ନବରଙ୍ଗପୁର ଜିଲ୍ଲାର ଉମରକୋଟ ସହର ଠାରେ ଥିବ ୟୁନିୟନ ବ୍ୟାଙ୍କ ଶାଖାରେ ଜଳଛାୟା ପ୍ରକଳ୍ପର ସରକାରୀ ଅର୍ଥ ପ୍ରାୟ ୨୩ ଲକ୍ଷ ଟଙ୍କା ଉଠାଣ କରି ହଡ଼ପ କରିଥିବା ଅଭିଯୋଗରେ ଉମରକୋଟ ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ମିଳିଥିବା ସୂଚନା ଅନୁସାରେ ୟୁନିୟନ ବ୍ୟାଙ୍କ ଶାଖାର ଡେପୁଟି ମ୍ୟାନେଜର ଶିବ ଶଙ୍କର ମିଶ୍ର ଉମରକୋଟ ଥାନାରେ ଦେଇଥିବା ଏତଲା ଅନୁସାରେ ୩/୬/୨୫ ତାରିଖ ଦିନ ୧୦/୩୦ ସମୟରେ ଝରିଗାଁ ଜଳଛାୟା ପକଳ୍ପର କିଛି ଅଧିକାରୀ ଆସି ବ୍ୟାଙ୍କରେ ଥିବା ତାଙ୍କ ବିଭାଗର ଆକାଉଣ୍ଟର ଷ୍ଟାଟସ୍ ଜାଣିବା ପାଇଁ ଚାହିଁଥିଲେ। ତନଖି ପରେ ଜଣାପଡ଼ିଥିଲା ଯେ ଫେବୃଆରିରୁ ମେ ମାସର ବିଭିନ୍ନ ଦିନ ମଧ୍ୟରେ ଅଧିକାରୀଙ୍କ ବିନା ଅନୁମତି ଓ ଜାଲ ଦସ୍ତଖତ କରି ମୋଟ ୨୨ ଲକ୍ଷ ୫୭ ହଜାର ଟଙ୍କା ଉଠେଇ ନିଆଯାଇଛି। ସରକାରୀ ଅର୍ଥ ଜାଲିଆତି କରି ଉଠା ଯାଇଥିବା ଜାଣିବା ପରେ ଜଳଛାୟା ପ୍ରକଳ୍ପ ଅଧିକାରୀ ମାନେ ବ୍ୟାଙ୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବ୍ୟାଙ୍କ ପକ୍ଷରୁ ଏହାର ମାଷ୍ଟର ମାଇଣ୍ଡ ଥିବା ବିଜୟ କୁମାର ପରିଡ଼ା ଆଲିୟସ ଶ୍ରୀଧର ବେହେରା ଯିଏ କି ନିଜକୁ ଜେଇ ତଥା ପିଆଇଏର ପରିଚୟ ଦେଇ ଟଙ୍କା ଉଠାଉ ଥିଲା ତାକୁ ବ୍ୟାଙ୍କକୁ ଡାକି କେୱାଇସି ସହ ସଂପୃକ୍ତ କାଗଜପତ୍ର ଦାଖଲ କରିବା ପାଇଁ କହିଥିଲେ। କିନ୍ତୁ ଉକ୍ତ ବ୍ୟକ୍ତି କୌଣସି କାଗଜପତ୍ର ଦାଖଲ କରିପାରି ନଥିଲେ। ପରେ ବ୍ୟାଙ୍କର ଡେପୁଟି ମ୍ୟାନେଜର ଉମା ଶଙ୍କର ମିଶ୍ର ଉମରକୋଟ ଥାନାରେ ଯାଇ ଲିଖିତ ଅଭିଯୋଗ କରିଥିଲେ। ବିଜୟ କୁମାର ପରିଡ଼ା ଝରିଗାଁ ଥାନାର ଗୁରୁଶିଙ୍ଗା ଓ ଆଉ କିଛି ଗ୍ରାମର ଜଳଛାୟା ପ୍ରକଳ୍ପର ସଭାପତି ଓ ସମ୍ପାଦକଙ୍କୁ ଧରି ଏହି ଅର୍ଥ ଉଠେଇ ଥିବା ଜଣାପଡ଼ିଛି। ଉମରକୋଟ ପୋଲିସ ବିଜୟ କୁମାର ପରିଡ଼ାକୁ ଥାନାକୁ ଆଣି ଅଟକ ରଖିଛି। ବିଜୟର ଘର କଳାହାଣ୍ଡି ଜିଲ୍ଲାର ଜୟପାଟଣା ବୋଲି ଜଣାପଡିଛି। ବିଜୟ ଓ ଅନ୍ୟ କିଛି ଗ୍ରୁପର ସଭାପତି ଓ ସମ୍ପାଦକଙ୍କ ନାରେ ଭାରତୀୟ ନ୍ୟାୟ ସଂହିତା ଧାର ୩୧୯(୨), ୩୧୮ (୪), ୩୩୬ (୩), ୩୪୦ (୨) ଓ ୩ (୫)ରେ ବିଜୟ କୁମାର ପରିଡ଼ା ପୂର୍ବେ କଳାହାଣ୍ଡି ଜିଲ୍ଲାରେ ଜଳଛାୟା ପ୍ରକଳ୍ପ ବିଭାଗରେ କାମ କରୁଥିଲେ। ସେ କ'ଣ କଲେ ଟଙ୍କା ଉଠେଇ ହେବ ସେ ବିଷୟରେ ଭଲ ଭାବରେ ଅବଗତ ଥିଲେ। ଏପରି କି ସେ ଉମରକୋଟ ଜଳଛାୟା ପ୍ରକଳ୍ପର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଥିବା ଟଙ୍କା ଉଠାଇବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଏହା ପୂର୍ବରୁ ଏହି ଲୋକ ଏପରି କରିପାରେ ବୋଲି ବିଭାଗୀୟ ଅଧିକାରୀ ମାନେ ବ୍ୟାଙ୍କକୁ ସୂଚନା ଦେଇଥିଲେ। ଏହି ବ୍ୟକ୍ତି ଜଣଙ୍କ ଯେତେ ବେଳେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କକୁ ଟଙ୍କା ଉଠେଇବା ପାଇଁ ଯାଇଥିଲା ବ୍ୟାଙ୍କ ଅଧିକାରୀ ମାନେ ଉମରକୋଟ ଥାନାକୁ ନଜଣାଇ କେବଳ ଧମକ ଦେଇ ଛାଡ଼ି ଦେଇଥିଲେ। ଯଦି ଥାନାକୁ ଜଣାଇ ଥାଆନ୍ତେ ଆଜି ୟୁନିୟନ ବ୍ୟାଙ୍କରେ ଠକେଇ ହେଇନଥାନ୍ତା ବୋଲି ସଧାରଣରେ ଚର୍ଚ୍ଚା ହେଉଛି ତେବେ ୨୩ ଲକ୍ଷ ଟଙ୍କା ଉଠିବା ପର୍ଯ୍ୟନ୍ତ ମଧ୍ୟ ଝରିଗାଁ ଜଳଛାୟା ପ୍ରକଳ୍ପର ଅଧିକାରୀ ମାନେ ଜାଣିପାରିଲେ ନାହିଁ କେମିତି? ୟୁନିୟନ ବ୍ୟାଙ୍କର କର୍ମଚାରୀମାନେ ବିନା ତନଖି ଓ ଅନୁସନ୍ଧାନ ନକରି ଟଙ୍କା ଦେଇଯାଉଥିଲେ କେମିତି? ଯାହା କି ବ୍ୟାଙ୍କର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଜଣାପଡିବ। ତେବେ ଏହି ଘଟଣାରେ ଆଉ କିଏ କିଏ ସଂପୃକ୍ତ ଅଛନ୍ତି ସେମାନଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯିବ ବୋଲି ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏ ସୂଚନା ପ୍ରଦାନ କରିଛନ୍ତି। ତେବେ ବିଜୟ କୁମାର ପରିଡ଼ା ଏପରି ଜାଲିଆତି କରି ଆଉ ଅନ୍ୟ କୌଣସି ଅଞ୍ଚଳରୁ ଟଙ୍କା ଉଠେଇ ଛନ୍ତି କି ନାହି ତାହାର ତଦନ୍ତର ଆବଶ୍ୟକ ରହିଛି। ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏ ଘଟଣାର ତଦନ୍ତ ଅଧିକାରୀ ଭାବେ ରହି ତଦନ୍ତ କରୁଛନ୍ତି।



# ମନ୍ତ୍ରବାସୁଲି ସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର

ତିହିଡି (ଭାସ୍କର ନ୍ୟୁଜ) : ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅନ୍ତର୍ଗତ ବୋଡ଼କ ସ୍ଥିତ ମନ୍ତ୍ରବାସୁଲୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟକୁ ୨୦୨୪-୨୫ ଶିକ୍ଷାବର୍ଷର ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ସରୋଜ କୁମାର ଓଝାଙ୍କ ପ୍ରଚେଷ୍ଟା ଫଳରେ ସ୍କୁଲ ଏହି ଗୌରବ ଲାଭ କରିପାରିଛି। ଭୁବନେଶ୍ୱରସ୍ଥିତ କୃଷିଶିକ୍ଷା ସଦନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ବିଶ୍ୱ ପରିବେଶ ଦିବସ ଓ ପ୍ରକୃତି ମିତ୍ର ପୁରସ୍କାର ବିତରଣ ଉତ୍ସବ ୨୦୨୫ରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଉତ୍ସବକୁ ଉଦ୍ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ଓଝା ମଞ୍ଚାସୀନ ଅତିଥିଙ୍କ ନିକଟରୁ ଏହି ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱରଙ୍କ ଦ୍ୱାରା ପରିଚାଳିତ ଏହି ପୁରସ୍କାର ପାଇଁ ଶ୍ରୀ ଓଝା ବିଦ୍ୟାଳୟ ସ୍ତରରେ ବର୍ଷବ୍ୟାପୀ ପରିବେଶ ସଚେତନତା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମମାନ କରାଇଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତଥା ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସତ୍ୟବ୍ରତ ସାହୁ ଉପସ୍ଥିତ ଥିଲେ।

# ଅସ୍ତରଙ୍ଗ ଅଞ୍ଚଳରେ ସୁଦଶା ବ୍ରତ ପାଳିତ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଦେବୀ ଲକ୍ଷ୍ମୀଙ୍କର ପୂଜା ଦୃଷ୍ଟିରୁ 'ସୁଦଶା ବ୍ରତ' କେତେ ମହତ୍ତ୍ୱପୂର୍ଣ୍ଣ, ତାହାର ପ୍ରମାଣ ଏହି ବ୍ରତର ବିଧିରୁ ମିଳେ। ଏହା ମହିଳାମାନଙ୍କର ବ୍ରତ। 'ପଦ୍ମପୁରାଣ' ଅନୁସାରେ, ଏହା ଏକ ଯୋଗଜ ବ୍ରତ। କାରଣ, ଶୁକ୍ଳ ଦଶମୀ ଗୁରୁବାରରେ ପଡ଼ିଲେ ଏହି ବ୍ରତ ହୁଏ। ଏଥିରେ ଦେବୀ ଲକ୍ଷ୍ମୀଙ୍କୁ ପୂଜା କରି ମହିଳାମାନେ ତାଙ୍କ ନାମରେ ନିଜର ଡାହାଣ ବାହୁରେ ଗୋଟିଏ ବ୍ରତ ବା ଡୋରକ ପିନ୍ଧି ଥାଆନ୍ତି। ଏହି ବ୍ରତରେ ଦଶଟି ଗଣ୍ଠି ପଡ଼ିଥାଏ। ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ଅନୁସାରେ, ଏହା ଦେବୀ ଲକ୍ଷ୍ମୀଙ୍କର ପ୍ରିୟ ବ୍ରତ। ବ୍ରତର ବିଧି ଅନୁସାରେ, ଦଶଖିଅ ଧଳାସୂତାରେ ବ୍ରତସୂତ୍ର ପ୍ରସ୍ତୁତ ହୁଏ। ଦଶହାତ ମାପର ସୂତାକୁ ତ୍ରିଗୁଣ ବା ତିନିଖିଅ କରି ବଳି, ଏହି ବ୍ରତ ପ୍ରସ୍ତୁତ କରାଯାଏ। ଛେନାପୁର ବା ଶୁକ୍ଳ ମୁଗ ଓ ନଡ଼ିଆପୁର ଦେଇ ଦଶଟି ଶୁକ୍ଳମଣ୍ଡା ବା ସିଝାମଣ୍ଡା ପ୍ରସ୍ତୁତ କରି ଦେବୀ ଲକ୍ଷ୍ମୀଙ୍କୁ ଭୋଗ ଦିଆଯାଏ। ଏହି ବ୍ରତର ଏକ ଗୁରୁତ୍ୱପୂର୍ଣ୍ଣ ବିଧାନ ହେଉଛି- ଦେବୀ ଲକ୍ଷ୍ମୀଙ୍କ ନାମରେ ବ୍ରତସୂତ୍ରରେ ପକାଯାଉଥିବା ଗଣ୍ଠି। ଏଥିରେ ଲକ୍ଷ୍ମୀଙ୍କର ଦଶଟି ନାମରେ ଦଶଗଣ୍ଠି ପକାଯାଏ। ଏହି ସୁଦଶା ବ୍ରତ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ନଗର ଲକ୍ଷ୍ମୀ ନାରାୟଣ ମନ୍ଦିର, ଆଳସାହି ସ୍ଥିତ ଐଶାନେଶ୍ୱର ମନ୍ଦିର, ମୁଦୁଗଲ ସ୍ଥିତ ସିଦ୍ଧେଶ୍ୱର ପୀଠ ସମେତ ବିଭିନ୍ନ ଦେବାଳୟରେ ମହିଳା ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।



ଆସିକା (ଭାସ୍କର ନ୍ୟୁଜ୍) : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ଆଜି ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ ହୋଇଯାଇଛି। ମିଳିତ ଜାତିସଂଘ ତଥା ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କୃଷି ଓ ଗ୍ରାମ ବିକାଶ ପ୍ରଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶାନ୍ତି ଶକ୍ତି ଭବନର ସଭାଗୃହରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ ଆସିକାର ପ୍ରାକ୍ତନ ଲୋକସଭା ସାଂସଦ ପ୍ରମିଳା ବିଶୋୟୀ ଏବଂ ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା। ଆମନ୍ତ୍ରିତ ଅତିଥିମାନଙ୍କ ଗହଣରେ ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ଶତାଧିକ ଭଉଣୀ ଭାଇଙ୍କୁ ପର୍ଯ୍ୟାବରଣ ସୁରକ୍ଷା ପାଇଁ ବୃକ୍ଷରୋପଣର ଆବଶ୍ୟକତା ଏବଂ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ପାଇଁ ସଂକଳ୍ପ କରାଇଥିଲେ। ଆମ ହାତରେ ରହିଛି ପରିବେଶର ସୁରକ୍ଷା। ତେଣୁ ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ବନ ବିଭାଗ ତରଫରୁ ବୃକ୍ଷ ରୋପଣ କରିବା ପାଇଁ ଯୋଗାଇ ଦିଆଯାଇଥିବା ଚାରା ବଣ୍ଟନ କରାଯାଇଥିଲା।



### ଜନସେବା କେନ୍ଦ୍ରରେ ପ୍ରସ୍ତୁତ ହେଉଥିଲା ନକଲି ସାର୍ଟିଫିକେଟ

# ମାଷ୍ଟରମାଇଣ୍ଡ ସମେତ ୩ ଗିରଫ

ନିଆଳି (ଭାସ୍କର ନ୍ୟୁଜ୍) : ଜନସେବା କେନ୍ଦ୍ରରେ ପ୍ରସ୍ତୁତ ହେଉଥିଲା ନକଲି ଜନ୍ମଗତ ପ୍ରମାଣ। ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ନକଲି ଜନ୍ମଗତ ପ୍ରମାଣ ହାତରେ ଲାଗିବା ପରେ ଖୋଳିହେଲା ନକଲି ସରକାରୀ ପ୍ରମାଣପତ୍ର ପ୍ରସ୍ତୁତିର ଗୁମର। ନକଲି ସରକାରୀ ପ୍ରମାଣପତ୍ର କରୁଥିବା ଅଭିଯୋଗରେ ମାଷ୍ଟରମାଇଣ୍ଡ ସମେତ ୩ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ନିଆଳି ପୋଲିସ। ଜନସାଧାରଣ ସରକାରୀ କାଗଜପତ୍ର ନିମନ୍ତେ ରାଜ୍ୟ ସରକାର ବେକାର ଯୁବକ ଓ ଯୁବତୀମାନଙ୍କ ସହଜ ସେବା କେନ୍ଦ୍ର ମାଧ୍ୟମରେ ନିଯୁକ୍ତି ଦେଇ ଥଇଥାନ କରିଛନ୍ତି। କିନ୍ତୁ କିଛି ଯୁବକ ଅଧିକ ପଇସା ଲୋଭରେ ଫେକ୍ କାଗଜପତ୍ର ତିଆରି କରି ମାଲେମାଲ୍ ହେବା ନିଶାରେ ପଡି ଏବେ ପୋଲିସ ହାତୁଡରେ ପଡିଛନ୍ତି। ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅଭୟମୁଖୀ ନିକଟରେ ଜନସେବା କେନ୍ଦ୍ର ମାଧ୍ୟମରେ ତିଆରି ହେଉଥିବା ଫେକ୍ ସରକାରୀ କାଗଜପତ୍ର। ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଏସ.ନବୀନଙ୍କ ନିକଟରେ ଜନ୍ମଗତ ସାର୍ଟିଫିକେଟ ଧରାପଡିଥିଲା। ଏନେଇ ସେ ନିଆଳି ଥାନାରେ ଏତଲା ପରେ ପୂରା ଘଟଣା ସାମ୍ନାକୁ ଆସିଛି। ନକଲି



ସାର୍ଟିଫିକେଟ ଯୋଗାଉଥିବା ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ନିଆଳି ପୋଲିସ। ଗିରଫ ହୋଇଥିବା ଯୁବକମାନେ ହେଲେ ଅଭୟମୁଖୀ ଅଞ୍ଚଳର ଦୁଇ ଭାଇ ଚନ୍ଦନ କୁମାର ଜେନା(୨୩) ଓ ରାକେଶ କୁମାର ଜେନା (୩୦) ଏବଂ ମାଷ୍ଟର ମାଇଣ୍ଡ ଶିରିପାରି ଅଞ୍ଚଳର ଗୋବିନ୍ଦ ଚନ୍ଦ୍ର ଓଝା (୩୯)। ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଏସ.ନବୀନ କହିଛନ୍ତି, 'ଦୁଇ ଜଣ ଲୋକ ଅଭୟମୁଖୀରୁ ଆସିଥିଲେ ଆପ୍ଲିକେସନ ଆପ୍ଲାଏ କରିବା ପାଇଁ ତା ଭିତରେ ନିଆଳି ସି.ଏ.ସି ଲେଖା ହୋଇଥିବା ବେଳେ ଡାକ୍ତର ଧନଞ୍ଜୟ ଦସ୍ତଖତ ରହିଥିଲା। ସେଇଥିରୁ ସନ୍ଦେହ ବଢିଥିଲା ପରେ କାଗଜପତ୍ର ତନଖି ପରେ ପୂର୍ବ ପ୍ରସ୍ତୁତି ଜନ୍ମଗତ ସାର୍ଟିଫିକେଟ ଫେକ୍। ଏହାକୁ ଆଧାର କରି ନିଆଳି ଥାନାରେ ଏତଲା ଦିଆଯାଇଥିଲା। ଏମିତି ଅନେକ ଫେକ ସାର୍ଟିଫିକେଟ ଏମାନେ କରି ଥାଇପାରନ୍ତି। ଯେଉଁମାନେ ସାଧାରଣ ଲୋକେ ଯାଉଛନ୍ତି ସେମାନଙ୍କର ବି ତ୍ରୁଟି ରହିଛି। ଜନସେବା କେନ୍ଦ୍ର ମାଧ୍ୟମରେ ସାର୍ଟିଫିକେଟ ଆବେଦନ କରାଯାଏ ଏବଂ କିଛିଦିନ ପରେ ସାର୍ଟିଫିକେଟ ମିଳିବା କଥା କିନ୍ତୁ ଗୋଟିଏ ଦିନରେ କେମିତି ସାର୍ଟିଫିକେଟ ମିଳୁଛି ଲୋକେ ତାକୁ ଗ୍ରହଣ କରୁଛନ୍ତି ଏଥିପାଇଁ ନିଜେ ସତର୍କ ରହିବା ଆବଶ୍ୟକ। ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି, 'ବାଲିପାଟଣା ଥାନା ଅଭୟମୁଖୀ ନିକଟରେ ଏକ ସହଜ ସେବାକେନ୍ଦ୍ର ରହିଛି। ସେଠାରୁ ପ୍ରସ୍ତୁତ ହେଉଥିଲା ଫେକ୍ ସାର୍ଟିଫିକେଟ। ଚଞ୍ଚକତା କରି ଆଇଡି ଏବଂ ପାସୱାର୍ଡ ପ୍ରସ୍ତୁତ କରି ସାଧାରଣ ଲୋକଙ୍କୁ ଦିଆଯାଉଥିଲା ନକଲି ସାର୍ଟିଫିକେଟ।

ଗତ ଜୁନ ୨ତାରିଖ ଦିନ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଏସ.ନବୀନଙ୍କ ଏତଲା ଅନୁସାରେ ୨୫୪/୨୫ଏକ କେସ୍ ହୋଇଥିଲା। ଗତ ଜୁନ ୨ ତାରିଖ ଦିନ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଏସ.ନବୀନଙ୍କ ଏତଲା ଅନୁସାରେ ଏକ କେସ୍ ହୋଇଥିଲା। ନିଆଳି ଥାନା ଆଇଆଇସି ଆହୁରି କହିଛନ୍ତି, 'ତିନୋଟି ଜନ୍ମଗତ ସାର୍ଟିଫିକେଟ ଫେକ୍ ଅଛି ବୋଲି ଜାଣିବାକୁ ପାଇଥିଲେ ସୁପରିଣ୍ଟେଣ୍ଡେଣ୍ଟ ଏସ.ନବୀନ। ଶିରିପାରି ଅଞ୍ଚଳର ମାଷ୍ଟର ମାଇଣ୍ଡ ଗୋବିନ୍ଦ ଚନ୍ଦ୍ର ଓଝା ବୟସ ୩୯। ଅଭୟମୁଖୀ ଅଞ୍ଚଳର ଦୁଇ ଭାଇ ଚନ୍ଦନ କୁମାର ଜେନା ବୟସ ୨୩ ଓ ରାକେଶ କୁମାର ଜେନା ବୟସ ୩୦। ପ୍ରସ୍ତୁତି କରୁଥିଲେ ନକଲି ସାର୍ଟିଫିକେଟ। ଗୋବିନ୍ଦ ଚନ୍ଦ୍ର ଓଝା ନିଜ ପିଲାର ପୂର୍ବରୁ ପ୍ରସ୍ତୁତି କରିଥିବା ଫେକ ଜନ୍ମଗତ ସାର୍ଟିଫିକେଟ ଧରି ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ସମୟରେ ଧରାପଡିଲେ। ଏତଲା ଆଧାରରେ ନିଆଳି ପୋଲିସ ପକ୍ଷରୁ ତଦନ୍ତ ପରେ ଏଥିରେ ସମ୍ପୃକ୍ତ ତିନି ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି। ଏହା ସହିତ ଲାପଟପ, ମନିଟର, ପ୍ରିଣ୍ଟର, କି-ବୋର୍ଡ ଓ ମାଉସ୍ ଜବତ କରି ଅଧିକ ତଦନ୍ତ ଜାରି ରହିଛି।

# ହତ୍ୟା ମାମଲାରେ ୫ ଗିରଫ

ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ଜଗବନ୍ଧୁ ହୁଡା ସାହି ଠାରେ ହରିଡାଖଣ୍ଡି ଧର୍ମନଗର ସାହିର ବିଦ୍ୟାଧର ପାଣିଗ୍ରାହୀ(୨୨)ଙ୍କୁ ଖଣ୍ଡାରେ ହାଣି ହତ୍ୟା ମାମଲାରେ ବଡବଜାର ଥାନା ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଏହି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜଗବନ୍ଧୁ ହୁଡା ସାହିର ବଳିଆ ନାୟକ ଫେରାର ଥିବାବେଳେ ପୁଲିସ ତାଙ୍କ ବାପ-ମାଆ ସମେତ ମୋଟ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଳିଆଙ୍କ ବାପା ଭାସ୍କର ନାୟକ(୫୫), ତାଙ୍କ ମାଆ ସୁଦତ୍ତା ନାୟକ(୪୫), ଭାଇ କାଳିଆ ନାୟକ(୨୫) ଏବଂ ୨ ସହଯୋଗୀ ପାଟପୁର କଂସମାରୀର ଏସ. ଶଙ୍କର ଦୋରା(୧୯) ଓ ଲୋଚାପଡା କେନାଲ ସାହିର କାର୍ତ୍ତିକେଶ୍ୱର ମେହେର(୨୬)। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୨ଟି ବାଇକ ଜବତ କରିଛି। ପ୍ରକାଶଥାଉକି, ଏପ୍ରିଲ ୨୦ ତାରିଖ ରାତିରେ ଜଗବନ୍ଧୁ ହୁଡା ସାହିର ବଳିଆ ନାୟକ ଠାକୁରାଣୀ ଯତ୍ରା ଦେଖି ଫେରୁଥିବା ବେଳେ ଆଗାସାହି ଛକ ଠାରେ ଜଗବନ୍ଧୁ ହୁଡା ସାହିର ବିଦ୍ୟାଧର ପାଣିଗ୍ରାହୀ ଓ ତାଙ୍କ ସହଯୋଗୀ ରାଜନା ପାତ୍ର ଆଗାସାହି ଛକ ଠାରେ ବଳିଆଙ୍କୁ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ବଳିଆ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ବିଦ୍ୟାଧର ତାଙ୍କ ସହଯୋଗୀ



ମୁଖ୍ୟ ଅଭିଯୁକ୍ତ ଫେରାର

ରାଜନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଏହି ଆକ୍ରମଣର ପ୍ରତିଶୋଧ ନେବାକୁ ବଳିଆ ଓ ତାଙ୍କ ସହଯୋଗୀମାନେ ଯୋଜନା କରିଥିଲେ। ବିଦ୍ୟାଧର ଓ ରାଜନା କିଛିଦିନ ଜେଲ୍‌ରେ ରହିବା ପରେ ମେ ୧୬ ତାରିଖରେ ଜେଲ୍‌ରୁ ଜାମିନରେ ମୁକୁଳି ଥିଲେ। ସେହିଦିନ ଠାରୁ ବିଦ୍ୟାଧରଙ୍କ ଗତିବିଧି ଉପରେ ବଳିଆ ଓ ତାଙ୍କ ସହଯୋଗୀମାନେ ନଜର ରଖିଥିଲେ। ସୁଯୋଗ ଦେଖି ଆକ୍ରମଣର ପ୍ରତିଶୋଧ ନେବେ ବୋଲି ସମସ୍ତ ପ୍ରସ୍ତୁତି କରିଥିଲେ। ସେମାବାର ବିଳମ୍ବିତ ରାତିରେ ବିଦ୍ୟାଧର ଓ ତାଙ୍କ ସାଙ୍ଗ ନରସିଂହ ସାହୁ ବ୍ରହ୍ମପୁର ରେଳ ଷ୍ଟେସନରୁ ଘରକୁ ଫେରୁଥିବା ବେଳେ ସାନବଜାର ଛକ ଠାରେ ବଳିଆ ଓ ତାଙ୍କ ସହଯୋଗୀମାନେ ଉଭୟଙ୍କୁ ଅପହରଣ କରି ଜଗବନ୍ଧୁ ସାହିକୁ ନେଇଥିଲେ। ସେଠାରେ ବିଦ୍ୟାଧରଙ୍କୁ ଖଣ୍ଡାରେ ଆକ୍ରମଣ କରି ରକ୍ତାକ୍ତ କରିଥିଲେ। ଏହାର ପ୍ରତିବାଦ କରିବାରୁ ନରସିଂହଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ବିଦ୍ୟାଧର ଅଚେତ ହୋଇ ତଳେ ପଡିଯିବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଆହତ ନରସିଂହ ସେଠାରୁ ଯାଇ ବିଦ୍ୟାଧରଙ୍କ ପରିବାର ଲୋକଙ୍କୁ ଘଟଣା ବିଷୟରେ କହିବା ପରେ ବିଦ୍ୟାଧରଙ୍କୁ ଉଦ୍ଧାର କରି ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ହତ୍ୟା ପଛରେ ମୁଖ୍ୟ ଅଭିଯୁକ୍ତ ବଳିଆ ସମେତ ତାଙ୍କ ଭାଇ ଓ ହତ୍ୟା ଅନ୍ୟ ବାପା ମାଆଙ୍କ ସଂପୃକ୍ତ ଥିବା ପୁଲିସ ତଦନ୍ତରୁ ଜଣାପଡିଥିଲା। ବିଦ୍ୟାଧରଙ୍କ ବାପା ସନ୍ତୋଷ ପାଣିଗ୍ରାହୀଙ୍କ ଅଭିଯୋଗକୁ ଭିତିକରି ପୁଲିସ ଏକ ମାମଲା ରୁଜୁ କରଥିଲା। ଆଜି ଉପରୋକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଫେରାର ଥିବା ବଳିଆ ଓ ତାଙ୍କ ଜଣେ ଭାଇଙ୍କୁ କାବୁ କରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି।

## ମହୁମାଛି ଆକ୍ରମଣରେ ବୃଦ୍ଧା ମୃତ, ଜଣେ ଆହତ

ମାହାଙ୍ଗା (ଭାସ୍କର ନ୍ୟୁଜ୍) : ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ରାହାଣିଆ ପଞ୍ଚାୟତର ଗୋକୁଳପୁର ଗ୍ରାମର ପାଟ ଦେଇ (୬୫)ଙ୍କ ମହୁମାଛି ଆକ୍ରମଣରେ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଥିବା ଜଣାଯାଇଛି । ପ୍ରକାଶ ଯେ ବୃଦ୍ଧା ଜଣକ ଗତକାଲି ଜାଳ ସଂଗ୍ରହ କରିବା ପାଇଁ ଘର ନିକଟ ତୋଟାକୁ ଯାଇଥିବା ସମୟରେ ହଠାତ୍ ତାଙ୍କୁ ବହୁ ସଂଖ୍ୟାରେ ବାଘୁଆ ମହୁମାଛି ଘେରି ଯାଇ ଆକ୍ରମଣ କରିଥିଲେ। ସେଠାରୁ ତାଙ୍କୁ ତୁରନ୍ତ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଘରକୁ ଅଣାଯାଇଥିଲା। କିନ୍ତୁ ରାତିରେ ଭୀଷଣ ଯନ୍ତଣା ହେବାରୁ ପୁନର୍ବାର ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ସେହି ଗ୍ରାମର ଆଉ ଜଣେ ବ୍ୟକ୍ତି ବିରେନ୍ଦ୍ର ଦାସ ମଧ୍ୟ ସେହି ମହୁମାଛି ଆକ୍ରମଣରେ ଗୁରୁତର ହୋଇଥିବା ଜଣାପଡ଼ିଛି। କିଛିଦିନ ପୂର୍ବରୁ ଏହି ମହୁମାଛି ଆକ୍ରମଣରେ ଅନେକ ଲୋକ ଆହତ ହୋଇଥିଲେ ବୋଲି ଗ୍ରାମବାସୀଙ୍କ ପାଖରୁ ସୂଚନା ମିଳିଛି।

## ଚାରି ଗୋରୁ ଉଦ୍ଧାର ୨ ଗିରଫ, ଗାଡି ଜବତ

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ଫୁଲନଖରା ୬୦ ନମ୍ବର ରାଜ୍ୟ ରାଜପଥ ଦେଇ ଗୋ-ଚାଲାଣ ହେଉଥିବା ନିଆଳି ଥାନାକୁ ଖବର ମିଳିଥିଲା। ଖବର ପାଇ ନିଆଳି ଥାନା ଆଇଆଇସି ବିଜୟ କୁମାର ମାଲିକଙ୍କ ନେତୃତ୍ୱରେ ଏକ ଟିମ୍ ୬୦ ନମ୍ବର ରାଜ୍ୟ ରାଜପଥ ନୂଆ ଗାଁରେ ଚଢ଼ାଉ କରି ଚାରୋଟି ଗାଇ ଉଦ୍ଧାର କରିବା ସହ ଏକ ଅଶୋକ ଲିଲ୍ୟାଣ୍ଡ ଗାଡି ଜବତ କରିଛି। ଗୋରୁ ଚାଲାଣ କରୁଥିବା ଶେଖ ମହତାବ (୩୫) ଓ ଶେଖ ହସିଫ (୧୯)ଙ୍କ ଘର ନିଆଳି ବସ୍ତିରେ ବୋଲି ଜଣାପଡିଛି। ତାଙ୍କ ନାମରେ ନିଆଳି ଥାନାରେ ୨୫୬/୨୫ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି। ଏଠାରେ ସୂଚନା ଥାଉ କି ଗୋ ଚାଲାଣ କାରୀଙ୍କ ଉପରେ ନିଆଳି ଥାନା ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ରାୟ ବାହାଦୁର ନନ୍ଦକିଶୋର ଦାସଙ୍କ ଜୟନ୍ତୀ ପାଳିତ

ମାହାଙ୍ଗା (ଭାସ୍କର ନ୍ୟୁଜ୍) : ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବାରେ ମାହାଙ୍ଗା ମାଟିର ଯୋଗଜନ୍ମା ପୁରୁଷ ରାୟ ବହାଦୁର ନନ୍ଦ କିଶୋର ଦାସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ପ୍ରତିଭା ଭବନ କୁଆଁପାଳ ପ୍ରାଙ୍ଗଣରେ ଓଡିଶା ସାହିତ୍ୟ ଏକାଡେମୀ ଏବଂ ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଜୟନ୍ତୀ ସଭାକୁ ଅନୁଷ୍ଠାନିକ ଭାବେ ଯୁବ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଉଦଘାଟନ କରି ନନ୍ଦକିଶୋର ଦାସଙ୍କ ଭଳି ଜଣେ ଧୂରୀଣ ମାଟି ଏବଂ ଓଡିଆ ଭାଷା ମନସ୍କ ମଣିଷ ଙ୍କ ପାଇଁ ଏ ଜାତି ଗର୍ବିତ ବୋଲି କହିଥିଲେ। ଏହି ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରାକ୍ତନ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ପ୍ରାଧ୍ୟାପକ ଦାଶ ବେନହୁର ଯୋଗ ଦେଇଥିଲେ। ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ସାହିତ୍ୟ ଏକାଡେମୀର ସହ ସମ୍ପାଦକ ସଞ୍ଜୟ କୁମାର ଛୁଆଳ ସିଂ। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ଅଶୋକ ରାଉତ, ପନଗ ଭୂଷଣ ଦାସ, ଭକ୍ତ ଚରଣ ସ୍ୱାଇଁ, ଜିତେନ୍ଦ୍ର ଶତପଥୀ, ଦେବେନ୍ଦ୍ର ସାହୁ, ରମେଶ ସ୍ୱାଇଁ, ଅବନୀ କୁମାର ଦାସ, ଗୀତିକାର ବିଶ୍ୱେଶ୍ୱର ମହାନ୍ତି, ଡକ୍ଟର ଏକାଦଶୀ ପ୍ରଧାନ, ଡକ୍ଟର ନିଖିଳେଶ ମହାନ୍ତି, ଡକ୍ଟର ମନୋରଞ୍ଜନ ବେହୁରା, ସାହିତ୍ୟିକ ଅଖିଳେଶ ମହାନ୍ତି, ଡ.ଭାବଗ୍ରାହୀ ରାଉତ, ଡ. ବିଜୟ ରାଉତ, ସମାଜସେବୀ ଅଶୋକ ବିଶ୍ୱାଳ, ରାମଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ଲବଙ୍ଗଲତା ରାଉତ, ଆଇନଜୀବୀ ଗୌତମ ଶତପଥୀ, ରଶ୍ମି ରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉତ୍ସବରେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ।

# ଦଦରା ଘରେ ଦ୍ରବ୍ୟ ଓ ସେବାକର କାର୍ଯ୍ୟାଳୟ

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ସରକାର ରାଜ୍ୟରେ କାର୍ଯ୍ୟାଳୟ ମାନଙ୍କର ଭିତ୍ତିଭୂମି ସୁଦୃଢ଼ କରିବା ସଦା ସର୍ବଦା ତତ୍ପର ଏବଂ ପ୍ରାଥମିକତା ଦେଇ ଆସୁଛନ୍ତି। କିନ୍ତୁ ବ୍ୟାସନଗର ଧବଳଗିରିସ୍ଥ ଯାଜପୁର ଜିଲ୍ଲାର ଦ୍ରବ୍ୟ ଓ ସେବାକର ସର୍କଲ କାର୍ଯ୍ୟାଳୟ ଠିକ୍ ବିପରୀତ। କାର୍ଯ୍ୟାଳୟ ଘରର କାନ୍ଥ ଭଙ୍ଗାରୁଜା ତ ଛାତ ଅତ୍ୟନ୍ତ ଦୁର୍ବଳ। କେତେବେଳେ ଛାତରୁ ତ କେତେବେଳେ କାନ୍ଥରୁ ଫଡାଫଡା ପଲସ୍ତରା ଖସୁଛି ତ କେତେବେଳେ ଛାତରୁ ପାଣି ବୋହୁଛି। ଟିକସ ଆଦାୟ କରିବା ନିମନ୍ତେ ପ୍ରତିଷ୍ଠିତ କାର୍ଯ୍ୟାଳୟଟି ସମ୍ପୂର୍ଣ୍ଣ ଅସୁରକ୍ଷିତ ଓ ବିପଦ ସଙ୍କୁଳ। ନିଜେ ଅଧିକାରୀ ଓ କର୍ମଚାରୀମାନେ ଆତଙ୍କିତ ଭାବେ ରହିଥିବା ବେଳେ ଦୈନନ୍ଦିନ ଆସୁଥିବା ଟିକସଦାତା ଏବଂ ଟିକସ ପରାମର୍ଶଦାତା ମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ବେପାର ବଣିଜର ଖର୍ଦ୍ଦି ବିକ୍ରି ଉପରେ ଟିକସ ଆଦାୟ କରିବା ନିମନ୍ତେ ୧୯୪୭ମସିହାରେ ଓଡ଼ିଶା ବିକ୍ରିକର ଆଇନ ପ୍ରଚଳିତ ହେଲା। ୧୯୫୦ ମସିହା ବେଳକୁ ଧବଳଗିରିରେ ଏହି ଘରଟି ନିର୍ମାଣ ହେଲା। ସେତେବେଳେ ଯାଜପୁର ଜିଲ୍ଲା



ଦୃଷ୍ଟି ପଡ଼ିବ କେବେ ?

ସହିତ କେନ୍ଦୁଝର ଜିଲ୍ଲା ମଧ୍ୟ ଏହି ଯାଜପୁର ସର୍କଲ ଅଫିସ୍ ଅଧୀନରେ ଥିଲା। ପରେ କେନ୍ଦୁଝର ଏବଂ ବଡବିଲରେ ନୂଆ ସର୍କଲ କାର୍ଯ୍ୟାଳୟ ସ୍ଥାପନ ହେଲା। ବର୍ତ୍ତମାନ ସମ୍ପୂର୍ଣ୍ଣ ଯାଜପୁର ଜିଲ୍ଲା ଏହି କାର୍ଯ୍ୟାଳୟ ଅଧୀନରେ ଆସୁଥିଲେ ହେଁ ଧବଳଗିରିରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କ ପ୍ରଚେଷ୍ଟାରେ ଏକ ନୂତନ ରେଞ୍ଜ ଅଫିସ୍ ୨୦୦୭ରେ ସ୍ଥାପିତ ହେଲା ଯାହା ଅଧୀନରେ କେନ୍ଦୁଝର ଓ ବଡ଼ବିଲ ସର୍କଲ କାମ କରୁଛି। ଟିକସ ଆଦାୟ କ୍ଷେତ୍ରରେ ଖାଲି ଯାଜପୁର ସର୍କଲରୁ ବାର୍ଷିକ ହଜାର କୋଟିରୁ ଉର୍ଦ୍ଧ୍ୱ ଆଦାୟ ହୋଇଥିଲା ବେଳେ ଯାଜପୁର ରେଞ୍ଜର ବାର୍ଷିକ ଆଦାୟ ତିନି ହଜାର କୋଟିରୁ ଉର୍ଦ୍ଧ୍ୱ। ହେଲେ ୭୫ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଘରର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ପାଞ୍ଚ ବର୍ଷ ପୂର୍ବରୁ ନିରାପତ୍ତା ଦୃଷ୍ଟିକୁ ଅନୁଭବ କରି ଏକ ନୂତନ ଅଫିସ୍ କରିବା ନିମନ୍ତେ ପ୍ରସ୍ତୁତି ହେଇ ଏହାର ରୂପରେଖ ଦିଆହେଲା। ଟେଣ୍ଡର ପର୍ଯ୍ୟନ୍ତ କଥା ହୋଇ ଦୁଇ ବର୍ଷରେ ସମ୍ପୂର୍ଣ୍ଣ ହେବ ବୋଲି ଆକଳନ ହେଲା। ଏହାକୁ ଦୃଷ୍ଟିରେ ରଖି ସର୍କଲ କାର୍ଯ୍ୟାଳୟଟି ରେଞ୍ଜ ଅଫିସ କୁ ସ୍ଥାନାନ୍ତରିତ ହେଲା। ହେଲେ ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଓ ଅପାର ପଣିଆରୁ ନା ହେଲା ସଠିକ୍ ଏଷ୍ଟିମେଟ ନା ହେଲା ଟେଣ୍ଡର ନା ହେଇ ପାରିଲା ନୂତନ ଗୃହ। ଭୁଆଁ ବୁଲେଇଲା ଭଳିଆ ଏବେ ପୁଣି ସେଇ ପୁରୁଣା ଅଫିସ୍ ବିପଦ ସଙ୍କୁଳ ଗୃହକୁ ବର୍ଷେ ହେଲାଣି ଫେରିଆସି କାର୍ଯ୍ୟ କରୁଛି। ବହୁବର୍ଷ ଧରି ଟିକସ ଓକିଲ ସଂଘ ଏବଂ ବିଭିନ୍ନ ବେପାର ଓ ବଣିଜ ସଂଗଠନ ତରଫରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ହେଉନାହିଁ। ନିକଟରେ ଅନୁଷ୍ଠିତ ହୋଇଥିବା ରେଞ୍ଜ ଲେବୁଲ ପରାମର୍ଶଦାତା ବୈଠକରେ ବରିଷ୍ଠ ସଭ୍ୟ ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନ୍‌ର ସଭାପତି ବିବେକାନନ୍ଦ ମହାନ୍ତି ଏ ପ୍ରସଙ୍ଗ ଉଠାଇ ଉପସ୍ଥିତ ଦ୍ରବ୍ୟ ଓ ସେବାକର ଓଡ଼ିଶାର ସ୍ୱତନ୍ତ୍ର କମିଶନର ଝରାଶ୍ରୀ ଖୁଣ୍ଟିଆଙ୍କ ଦୃଷ୍ଟି ଆକର୍ଷଣ କରି ନୂତନ କାର୍ଯ୍ୟାଳୟ ତୁରନ୍ତ ଚୁଡାନ୍ତ କରିବାକୁ ଦୃଢ଼ ଦାବି ଜଣାଇଥିଲେ। ପ୍ରକାଶ ଥାଉକି ଏହି କାର୍ଯ୍ୟାଳୟକୁ ଏଠାରେ ପ୍ରତିଷ୍ଠିତ ନାମୀ ଦାମୀ କାରଖାନାଙ୍କ ପ୍ରତିନିଧି ସହିତ ଅନେକ ପ୍ରତିଷ୍ଠିତ ଓକିଲ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିଲେ ହେଁ ଅଫିସ୍‌ରେ ନା ଅଛି ଭିଜିଟରସ୍ ହଲ୍ ନା ଅଛି ଶୌଚାଳୟ। ତୁରନ୍ତ ଟେଣ୍ଡର କରି ନୂତନ ଅଫିସ୍ କରିବାକୁ ଶ୍ରୀଯୁକ୍ତ ମହାନ୍ତି ଦୃଢ଼ ଦାବି କରିଛନ୍ତି।

# ଚାରାରୋପଣ କାର୍ଯ୍ୟକ୍ରମ




ପାରାଦୀପ (ଭାସ୍କର ନ୍ୟୁଜ୍) : ଜୁନ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକମାନଙ୍କ ଦ୍ୱାରା ଗଠିତ ପରିବେଶ ଧର୍ମୀ ସଂଗଠନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଜୟଦେବ ସଦନ ସମ୍ମୁଖ କ୍ରିକେଟ ପଡିଆ ଚତୁଃପାର୍ଶ୍ୱ ରେ ଗୁରବାର ଦିନ ସକାଳେ ଚାରା ରୋପଣ କରାଯାଇଥିଲା। ଟ୍ରଷ୍ଟର ସଭାପତି ତଥା ସମାଜସେବୀ ରାକେଶ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଟ୍ରଷ୍ଟର ଉପଦେଷ୍ଟା ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ରବୀନ୍ଦ୍ର ଜେନା, ସଦସ୍ୟ ସୁଧାଂଶୁ ନାୟକ, ଅଜିତ ଦାସ, ନାରାୟଣ ବେହେରା, ରଶ୍ମି ରଞ୍ଜନ ରାଉତରାୟ, ବିରଜା ତ୍ରିପାଠୀ, ପ୍ରଭାସ କୁମାର ଦାସ, ପ୍ରଶାନ୍ତ ସ୍ୱାଇଁ, ବିବେକାନନ୍ଦ ରାଉତ, ଦୀପକ ଦାସ, ବିରଜା ସେଠୀ, ଆଲୋକ ମହାପାତ୍ର, ସଞ୍ଜୟ ମିଶ୍ର, ପ୍ରୀତି ରଞ୍ଜନ ମହାପାତ୍ର, ଗୌରାଙ୍ଗ ଜେନା, ତ୍ରିଲୋଚନ ମହାପାତ୍ର, ଅବଦୁଲ ଅବିଦ ଖାନ ପ୍ରମୁଖ ଚାରା ରୋପଣ କରଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେସନ (ଓଏଫଡ଼ିସି) ଅଧିକାରୀ ଆନନ୍ଦ ଚନ୍ଦ୍ର ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ସହଯୋଗରେ ଆୟୋଜିତ ହୋଇଥିଲା।

# ଝାଡେଶ୍ୱର ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ଦାନଗଦୀ ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ମହାବିଦ୍ୟାଳୟରେ ଜୁନ୍ ୫ତାରିଖ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଟମକା ଫରେଷ୍ଟର ରେଞ୍ଜର ଆନୁକୂଲ୍ୟରେ +୨ ଓ +୩ କଲେଜର ମିଳିତ ସହଯୋଗରେ ତଥା ଏସି.ଏଫ୍ ଇନଚାର୍ଜ ଟମକା ରେଞ୍ଜର କିଶୋର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମକୁ +୨ ର ଅଧ୍ୟକ୍ଷ ଡ଼ ଅକ୍ଷୟ କୁମାର ପଣ୍ଡା ବୃକ୍ଷକୁ ପୂଜାକରି ଓ ନଡ଼ିଆ ବାଡ଼େଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ +୩ର ଅଧ୍ୟକ୍ଷ ବିଜୟ କୁମାର ସାହୁ ଟମକା ବନାଞ୍ଚଳର ବନପାଳ ମାଣିକ ମୁଣ୍ଡା, ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ରଞ୍ଜନ କୁମାର ସାହୁ, ଦିଲୀପ କୁମାର ନାୟକ ସମେତ କର୍ମଚାରୀ ନାରାୟଣ ଚନ୍ଦ୍ର ସାହୁ, ବିଜୟ କୁମାର ସାହୁ, ସନ୍ତୋଷ ସାହୁ, ବ୍ରିଜେଶ ବେହେରା, ସୁଶାନ୍ତ କୁମାର ପଣ୍ଡା, ଡି. ଇ. ଓ. ସୁଷମା ପୃଷ୍ଟି ପ୍ରମୁଖ ଯୋଗଦେଇ




ମହାବିଦ୍ୟାଳୟର ପ୍ରାଙ୍ଗଣରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ। ଏସି.ଏଫ୍ ଇନଚାର୍ଜ କିଶୋର କୁମାର ପାଣିଗ୍ରାହୀ ମହାବିଦ୍ୟାଳୟରେ ଆଗାମୀ ଦିନରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମିଳିମିଶି ଲୁଟିନେଲେ ଅଖା ଟଙ୍କା, ଚାଷୀ ହତାଶ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଗତ କିଛବର୍ଷ ଧରି ରଘୁନାଥପୁର ବ୍ଲକ ରେଢୁଆ ପ୍ରାଥମିକ କୃଷି ସମବାୟ ସମିତିରେ ଅବ୍ୟବସ୍ଥା ଲାଗି ରହିଥିଲେ ସୁଦ୍ଧା ସୁଧୁରିବାର ନାଁ ଧରୁନି। ଏପରିକି ଧାନମଣ୍ଡିରେ ଧାନ ଦେଉଥିବା ପଞ୍ଜୀକୃତ ଚାଷୀମାନେ ୨୦୨୩-୨୪ ଓ ୨୪-୨୫ ବର୍ଷର ଅଖା ଟଙ୍କା ପାଇନଥିବାର ସଙ୍ଗୀନ ଅଭିଯୋଗ କରିଛନ୍ତି। ଧାନ କ୍ରୟ କରୁଥିବା ମିଲରଙ୍କ ପକ୍ଷରୁ ଚାଷୀଙ୍କ ଅଖା ବାବଦରେ ପାଇବାକୁ ଥିବା ସମସ୍ତ ପ୍ରାପ୍ୟ ଟଙ୍କା ସମିତି କର୍ମକର୍ତ୍ତାଙ୍କ ଆକାଉଣ୍ଟରେ ପ୍ରଦାନ କରାଯାଇଥିଲେ ସୁଦ୍ଧା ଉକ୍ତ ଟଙ୍କାକୁ ମିଳିମିଶି ଲୁଟ୍ କରାଯାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଚାଷୀମାନେ ଏରସମା ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଲିଖିତ ଅଭିଯୋଗ କରିଛନ୍ତି। ଅଖା ଟଙ୍କା ନପାଇ ଚାଷୀମାନେ ହତାଶ ହୋଇପଡ଼ିଥିବା ବେଳେ ସମିତିର ସମ୍ପାଦକ ଓ ସଭାପତିଙ୍କ କାର୍ଯ୍ୟଧାରା ପ୍ରତି ସନ୍ଦେହ ପ୍ରକାଶ କରିଛନ୍ତି। ଜାଲିଆତି କାଗଜପତ୍ର ପ୍ରସ୍ତୁତ କରି ଚାଷୀଙ୍କ ଟଙ୍କା ହଡପ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରିବା ପାଇଁ ଚାଷୀମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ କି ଚଳିତ ବର୍ଷ ଏହି ଧାନମଣ୍ଡିରେ ରେଢୁଆ ଓ ତଂଅରା ପଞ୍ଚାୟତର ୪୫୦ରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକୃତ କରିଥିଲେ। ୫ଟି ମିଲ ପ୍ରାୟ ୧୫ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିଥିଲେ। ଏହି ସମିତିର ସମ୍ପାଦକ ଦାୟିତ୍ୱରେ ଭଗବାନ ପ୍ରାସାଦ ସ୍ୱାଇଁ ରହିଛନ୍ତି। ସମ୍ପାଦକ ସ୍ୱାଇଁ ୩ଟି ସମିତି ଦାୟିତ୍ୱରେ ଥିବାରୁ ରେଢୁଆ ସମିତି ସଭାପତି ପ୍ରଦୀପ୍ତ କିଶୋର ମହାନ୍ତି ମଣ୍ଡି କାର୍ଯ୍ୟଭାର ତୁଲାଇଥିଲେ। ଧାନ କ୍ରୟ କରିଥିବା ମିଲରମାନେ ଅଖା ବାବଦ ଟଙ୍କା ସମ୍ପାଦକ ସ୍ୱାଇଁଙ୍କ କହିବା ମୁତାବକ ସମିତି ସଭାପତି ମହାନ୍ତିଙ୍କୁ ପ୍ରଦାନ କରିଥିବାର ପ୍ରକାଶ କରିଛନ୍ତି। ତେବେ ଚାଷୀମାନେ ଅଖା ଟଙ୍କା ନପାଇବାକୁ ନେଇ ସିଧାସଳଖ ସମିତି ସମ୍ପାଦକ ଓ ସଭାପତିଙ୍କୁ ଦାୟୀ କରିଛନ୍ତି। ଅନ୍ୟପକ୍ଷେ ଜଣେ ବ୍ୟକ୍ତିଙ୍କୁ ୩/୪ଟି ସମିତି ଦାୟିତ୍ୱ ଦିଆଯାଉଥିବାରୁ ଏପରି ବ୍ୟତିକ୍ରମ ଘଟୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମଣ୍ଡି ଦାୟିତ୍ୱରେ ଥିବା ଫିଲ୍ଡ ଅଫିସର ଚିତ୍ରା ଚିନ୍ମୟୀ ଦାଶ କୁହନ୍ତି ଯେ କେଉଁ ମିଲର କେତେ ଟଙ୍କା ଦେଇଛନ୍ତି ସେ ସମ୍ବନ୍ଧରେ ତଥ୍ୟ ମଗାଯାଇଛି ବୋଲି ପ୍ରକାଶ କରିଛନ୍ତି। ସେହିପରି ଅଖା ବାବଦ ଟଙ୍କା ମିଲରଙ୍କ ପାଖରୁ ସମିତି ସମ୍ପାଦକ ଓ ସଭାପତିଙ୍କ ପାଖକୁ ଯିବ ଏଥିରେ ଆମ ପାଖରେ କିଛି ତଥ୍ୟ ନାହିଁ ବୋଲି ସିଏସଓ ସୁଜାତା ମିଶ୍ର ପ୍ରକାଶ କରିଛନ୍ତି। ଅପରପକ୍ଷେ ସମିତି ସମ୍ପାଦକ ସ୍ୱାଇଁ କୁହନ୍ତି ଯେ କିଛି ମିଲର ଅଖା ଟଙ୍କା ଦେଇଛନ୍ତି ଓ କେତେକ ମିଲର ଦେଇନଥିବାରୁ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ବଣ୍ଟା ହୋଇନି। ମଣ୍ଡି ସରିବାର ୨ ମାସ ବିତି ଯାଇଥିଲେ ବି ଚାଷୀଙ୍କୁ ଅଖା ଟଙ୍କା ନମିଳିବା ସମିତି ସମ୍ପାଦକ ଓ ସଭାପତିଙ୍କ ପାରିବାପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରିବା ପାଇଁ ସୁଦର୍ଶନ ସ୍ୱାଇଁ, ବିକ୍ରମ କେଶରୀ ସାମନ୍ତରାୟ, ଦୀପକ ବାରିକ, ବିପିନି ବିହାରୀ ସ୍ୱାଇଁ, ଦିଲୀପ କୁମାର ବାରିକଙ୍କ ସମେତ ବହୁ ଚାଷୀ ଦାବି କରିଛନ୍ତି।

## ରାଶିଫଳ

ଶୁକ୍ରବାର, ୦୬ ଜୁନ୍ ୨୦୨୫



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଲାଭ ସୁଯୋଗ ଆସିବ। ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ। ପାରିବାରିକ ସୁଖ ଏବଂ ଶାନ୍ତି ରହିବ।




**ବୃଷ:** ନୂତନ ଯୋଜନା ପ୍ରସ୍ତୁତ ହେବ। ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ। ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ। ସମ୍ମାନ ପାଇବେ। ଟଙ୍କା ମିଳିବା ସହଜ ହେବ।



**ମିଥୁନ:** ଯେକୌଣସି ବଡ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କ ସହିତ ରହିବ।




**କର୍କଟ :** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ। ଚିନ୍ତା ଏବଂ ଟେନେସନ ରହିବ। ଚାକିରିରେ ମିଳିବ। ବ୍ୟବସାୟ ଭଲ ହେବ।



**ସିଂହ :** ଶତ୍ରୁତା ରହିବ। ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ। ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ।




**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ। ପରିବାରରେ ଯେ କୌଣସି ଚାହିଦା କାମ ସମ୍ଭବ। ଅସ୍ଥିରତା ହୋଇପାରେ। ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ। ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।



**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ। ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ। ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।




**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି। ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଚିନ୍ତିତ ହେବେ।



**ମକର :** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ। ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ।



**ମୀନ:** ଖୁସି ମିଳିବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ। ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ। ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ। ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜଗନ୍ନାଥ ମନ୍ଦିର ପରିସରରେ କୁଡୁମୁଲୁଗୁମ୍ମା ବନ ବିଭାଗ ଓ ସମ୍ବାଦ ସାହିତ୍ୟ ଘରର ମିଳିତ ଆନୁକୂଲ୍ୟରେ ବୃକ୍ଷ ରୋପଣ ଓ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନ ବିଭାଗ ତରଫରୁ ବନପାଳ ଦେବାଶିଷ ପ୍ରଧାନ, ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡଃ ମହେଶ୍ ପତି , ଆଦର୍ଶ ଶିକ୍ଷକ ରମେଶ ଚନ୍ଦ୍ର ନେଲୁର, ବିପିଏମ୍ ପ୍ରଦିପ୍ତ କୁମାର ଗୌଡ, ସମାଜସେବୀ ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ, ହୃଷୀକେଶ ସେଠୀ, ଜ୍ୟୋତି ରଞ୍ଜନ ବେହେରା, ରମାକାନ୍ତ ଧାକଡ, ଗୋପୀନାଥ ଦାସ,ବନରକ୍ଷୀ ସ୍ମିତା ପ୍ରିୟଦର୍ଶିନୀ ନାୟକ,ଜିଗ୍ୟାବାଣୀ ସ୍ୱାଇଁ,ତାପସ ବାଲା, କରୁଣାକର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରସ୍ତାବିତ ଜଗନ୍ନାଥ ମନ୍ଦିର ପରିସରରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କୃଷ୍ଣଚୂଡ଼ା, ବଉଳ, ପଣସ ଓ ଅଁଳା ଚାରାରୋପଣ କରାଯାଇଥିଲା। ଏହାପରେ ସମସ୍ତଙ୍କ ସହଭାଗିତା ଭିତିରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟକୁ ସଫେଇ କରାଯାଇଥିଲା । ଆଜିର ବିଶ୍ୱ ପରିବେଶ ଦିବସରେ, ପରିବେଶ ପ୍ରଦୂଷଣ- ଜଳବାୟୁ ପରିବର୍ତ୍ତନ ହେଉଛି ପ୍ରମୁଖ ଆହ୍ୱାନ ଓ ଏହାକୁ କେବଳ ସବୁଜ ବଳୟ ସୃଷ୍ଟି - ପରିବେଶ ସ୍ୱଚ୍ଛତା ଦ୍ୱାରା ହିଁ ମୁକାବିଲା କରାଯାଇପାରିବ ଓ ଏଥିପାଇଁ ସମସ୍ତେ ଅନ୍ତତଃ ପକ୍ଷେ ଗୋଟିଏ ଗୋଟିଏ ଚାରାରୋପଣ ଓ ଏହା ବଡ଼ ହେବା ପର୍ଯ୍ୟନ୍ତ ଯତ୍ନ ନେବାକୁ ପଡିବ ବୋଲି ବନପାଳ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି ।



# ସପ୍ତମ ଦିନରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ




ବୌଦ୍ଧ (ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ କୃଷି ବିଭାଗ ସହାୟତାରେ ସାରା ଦେଶରେ ଗତ ମେ ମାସ ୨୯ ତାରିଖରୁ ଆରମ୍ଭ ହୋଇଛି ବିକଶିତ କୃଷି ସଂକଳ୍ପ ଅଭିଯାନ। ଏହି ଅବସରରେ ବୌଦ୍ଧ ବ୍ଲକର ମୁଣ୍ଡାପଡା, ବଢ଼ିଗାଁ, କଣ୍ଟାମାଳ ବ୍ଲକର ଘଣ୍ଟାପଡା ପଂଚାୟତର କୁଦିବାହାଲ ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର ଉଦ୍ୟାନ କୃଷି ବୈଜ୍ଞାନିକ ଡ ସମାପିକା ଦଳାଇଙ୍କ ନେତୃତ୍ୱରେ ଭୁବନେଶ୍ୱର ସିଫାର ବୈଜ୍ଞାନିକ ଡ ଆଶିଷ ସାହା ଯୋଗଦେଇ ସରକାର ଙ୍କ ବିଭିନ୍ନ ଯୋଜନା ଉପରେ ଉପସ୍ଥିତ ଚାଷୀମାନଙ୍କୁ ଧାରଣା ଦେଇଥିଲା ବେଳେ ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା କୃଷି ଉପରେ ପ୍ରାଧାନ୍ୟ ଦେଇ ଦେଶ କେମିତି ବିକଶିତ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ କଣ୍ଟାମାଳ ଗୋଷ୍ଠୀ କୃଷି ଅଧିକାରୀ ଲଳିତ କୁମାର ସାହୁ, ସହକାରୀ ଗୋଷ୍ଠୀ କୃଷି ଅଧିକାରୀ ଚାନ୍ଦିନୀ ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀ ସଚ୍ଚିଦାନନ୍ଦ ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଗତ ଦିନମାନଙ୍କରେ ହରଭଙ୍ଗା ବ୍ଲକ୍ ର ମଥୁରା, ବିରନରସିଂହପୁର ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସିଫାର ମୁଖ୍ୟ ବୈଜ୍ଞାନିକ ଡ଼ ଆଶିଷ ସାହୀ, ଅନ୍ୟତମ ଅତିଥି ଭାବେ ସତଶ୍ରୀ ମହାନ୍ତି ଯୋଗ ଦେଇ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଭାବରେ ଧାରଣା ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତପନ କୁମାର ଦାସ, କୃଷି ସମ୍ପ୍ରସାରଣ ବିଷୟ ବସ୍ତୁ ବିଶେଷଜ୍ଞ ଡ଼ ମୟୂରୀ ସିଂ ସର୍ଦ୍ଦାର, କୃଷି ବିଜ୍ଞାନ କେନ୍ଦ୍ର ଫାର୍ମ ମ୍ୟାନେଜର ହରପ୍ରିୟା ସେଠିଙ୍କ ସହିତ ଜିଲ୍ଲା ମୁଖ୍ୟ ଅଧିକାରୀଙ୍କ ନେତୃତ୍ୱରେ ଏକ କୃଷି ରଥ ସାରା ଜିଲ୍ଲାରେ ପରିକ୍ରମା କରୁଛି ଏବଂ ଗୃହ ବିଜ୍ଞାନ ବୈଜ୍ଞାନିକ ସସ୍ମିତା ପାଳ,କ୍ଷେତ୍ର ବିଜ୍ଞାନ ବୈଜ୍ଞାନିକ କବିତା ମିଶ୍ର, ସହକାରୀ କୃଷି ଅଧିକାରୀ ନିବେଦିତା ପ୍ରଧାନ, କୃଷି କର୍ମଚାରୀ ବୈଜୟନ୍ତୀ ପ୍ରଧାନ, ପୁରୁଷୋତ୍ତମ ସାହୁ, ପ୍ୟାରୀମୋହନ ପୁରୋହିତ ପ୍ରମୁଖଙ୍କ ଉପସ୍ଥିତରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହେଉଅଛି। ଏହି କାର୍ଯ୍ୟକ୍ରମ ଆସନ୍ତା ଜୁନ ୧୨ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଗ୍ରାମରେ ଆୟୋଜିତ ହେବ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ହଜାର ହଜାର ଚାଷୀ ସକ୍ରିୟ ଅଂଶ ଗ୍ରହଣ କରି ସରକାରଙ୍କ ମହତ ଯୋଜନାକୁ ଜାଣିବା ସହିତ କୃଷକ ମାନେ କିପରି ଉନ୍ନତ ପ୍ରଣାଳୀରେ ଚାଷ କରି ଲାଭ ଉଠାଇ ପାରିବେ ଓ ମାଟି ସ୍ୱାସ୍ଥ୍ୟ ପରୀକ୍ଷା, ଜୈବିକ ପ୍ରଣାଳୀରେ ଚାଷ ଉପରେ ଆଲୋକପାତ କରା ଯାଉଛି। ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ର, ପାଳଝାର ଓ ଜିଲ୍ଲା କୃଷି ବିଭାଗ ଓ ଜିଲ୍ଲା କୃଷି ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରୁଛନ୍ତି ।

## ୨୯ ଲକ୍ଷ ଟଙ୍କାର ବିହନ ଜବତ

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର କୃଷି ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ନିରୀକ୍ଷଣ ଟିମ ଉମରକୋଟ ନିକଟସ୍ଥ ଚିକାଲପଦର ଠାରେ ଚଢ଼ଉ କରିଥିଲେ। ରାଇଘରର ଦେବବ୍ରତ ବରୋଇ, ଅଧିକୃତ ବିହନ ବିକ୍ରେତା ଜୟଗୁରୁ ପେଷ୍ଟିସାଇଡ଼ସଙ୍କ ଚିକଲପଦର ଠାରେ ଏକ ଅନଧିକୃତ ଗୋଦାମରେ ୨୭୦ ବସ୍ତା ଶଙ୍କର ଜାତୀୟ ଧାନ ଓ ମକା ବିହନ ଦେଖିବାକୁ ମିଳିଥିଲା। ଏଗ୍ରିଭେରୋ ବାୟୋଟେକ୍ ପ୍ରା. ଲିମିଟେଡ୍ ଓ ଗ୍ରୀନେକ୍ସ କମ୍ପାନୀର ଏହି ବିହନ ନିମନ୍ତେ କୌଣସି ଅନୁମତି ପତ୍ର ଉକ୍ତ ଦୋକାନୀଙ୍କୁ ପ୍ରଦାନ କରିନାହାନ୍ତି। ଯେହେତୁ ଚିକଲପଦର ଗୋଦାମ ନିମନ୍ତେ ସରକାର କୌଣସି ଅନୁମତି ପ୍ରଦାନ କରିନାହାନ୍ତି ଏବଂ ବିହନଗୁଡିକ ଗଚ୍ଛିତ କିମ୍ବା ବିକ୍ରୟ ନିମନ୍ତେ କୌଣସି ସରକାରୀ ଅନୁମତି ନାହିଁ,ତେଣୁ ଏହି ୨୭୦ ବସ୍ତା ବିହନକୁ ଜବତ କରି ଗୋଦାମ ଘରଟିକୁ ସିଲ କରାଗଲା।ଜବତ କରାଯାଇଥିବା ୨୪୦ ବସ୍ତା ଶଙ୍କର କିସମ ଧାନ ଓ ୩୦ ବସ୍ତା ଶଙ୍କର କିସମ ମକାର ଆନୁମାନିକ ମୂଲ୍ୟ ପ୍ରାୟ ୨୯ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଉକ୍ତ ଚଢ଼ଉ ସମୟରେ ମୌସୁମୀ ସେନ, ଅତିରିକ୍ତ ତହସିଲଦାର ଏବଂ ମାଜିଷ୍ଟ୍ରେଟ, ରାଇଘର, ଅନିଲ କୁମାର ପ୍ରହରାଜ, କୃଷି ଜିଲ୍ଲା ଅଧିକାରୀ, ନବରଙ୍ଗପୁର ପ୍ରଣୟ କୁମାର ମନ୍ତ୍ରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରତିନିଧି, ସନ୍ତୋଷ କୁମାର ନାଏକ, ବ୍ଲକ କୃଷି ଅଧିକାରୀ, ଉମରକୋଟ,ସୁନିତା ସିଂ, ବିହନ ନିରୀକ୍ଷକ, ପ୍ରଶାନ୍ତ କୁମାର ବାଗ, ସହକାରୀ କୃଷି ଅଧିକାରୀ, ପୋଲିସ ଏବଂ ଅନ୍ୟାନ୍ୟ କୃଷି ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କ ଖପ୍ରାଖୋଲ ଗସ୍ତ

## ଛଅଟି ଜଳଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଖପ୍ରାଖୋଲ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ର ଶୁଭ ଉଦଘାଟନ କରିଛନ୍ତି। ଏହି ଅବସରରେ ପ୍ରଥମେ ବାଘମୁଣ୍ଡ ପଞ୍ଚାୟତ କାଦୋପାଣି ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଲୁହାସିଂହା ପଞ୍ଚାୟତ କୁସୁମକାନି ଗାଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଖପ୍ରାଖୋଲ ପଞ୍ଚାୟତ ଭେଲୁଆଁଖୋଲ ଗାଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ତେଲେନପାଲି ପଞ୍ଚାୟତ ଘୁଡପାଲି ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ମାଲପଡା ପଞ୍ଚାୟତ ଫୁଲଝର ଗାଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ ବେନ୍ଦେର ପଞ୍ଚାୟତ ଭରୁଆମୁଣ୍ଡା ଗାଁର ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ପେଡ ମାଁ କେ ନାମ୍ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ୫ ଟି ଲେଖାଏଁ ଚାରାରୋପଣ କରିଥିଲେ। ଗସ୍ତ ଅବସରରେ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀଯନ୍ତ୍ରୀ ରୋପ୍ୟ ରଞ୍ଜନ ବେହେରା,ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀ,ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭାଇଁସାଲ୍ , ବାଘମୁଣ୍ଡ ସରପଞ୍ଚ ଦେବାଶିଷ ସାହୁ, ଲୁହାସିଂହା ସରପଞ୍ଚ ମୁନା ପୁରୋହିତ, ମାଲପଡ଼ା ସରପଞ୍ଚ ଗୋପାଲ ମେହେର, ବେନ୍ଦେର ସରପଞ୍ଚ ସସ୍ମିତା ମାଝୀ ଅତିଥି ରୂପେ ଯୋଗଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରବୋଧାନନ୍ଦ ପାଣିଗ୍ରାହୀ, ମୁନା ଦରୁଆନ, ସୁରୁ ସିଂ ନିନା, ଉମାକାନ୍ତ ପ୍ରଧାନ, ବିକାଶ ବେହେରା, ରୋହିତାସ ଅଗ୍ରୱାଲ, ଉପେନ୍ଦ୍ର ଭୋଇ, ସତ୍ୟ ପଣ୍ଡା, ରବି ସାହୁ, ପ୍ରଶାନ୍ତ ମେହେର ସମେତ ବିଭିନ୍ନ ବିଭାଗର ଅଧିକାରୀ, ଦଳୀୟ କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ସ୍ମୃତିସଭା

ତେନ୍ତୁଲିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡା ସହରର ଶିକ୍ଷକ କୃଷ୍ଣଚନ୍ଦ୍ର ରଥ (୫୩) ଙ୍କ ହୃଦ୍ ଘାତରେ ମୃତ୍ୟୁ ହୋଇଯାଇଛି । ତାଙ୍କ ବିୟୋଗରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୋକସଭା କରାଯିବା ସହ ତେନ୍ତୁଲିଖୁଣ୍ଟି ବ୍ଲକ ଅନ୍ତର୍ଗତ ପରଜା ଦେଓପାଲି ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ କାମନା କରିଛନ୍ତି ।

## ଜମି ଜବରଦଖଲ ଉଚ୍ଛେଦ ନେଇ ଦାବିପତ୍ର



ତେନ୍ତୁଲିଖୁଣ୍ଟି (ଭାସ୍କର ନ୍ୟୁଜ୍): ଦିନକୁ ଦିନ ଜଙ୍ଗଲ କ୍ଷୟ ହେବା ସହ ଜଙ୍ଗଲ କାଟି ଚାଷ ଜମିରେ ପରିଣତ କରି ଜବର୍‌ଦଖଲ କରୁଛନ୍ତି କିଛି ଲୋକ। ଅନାବାଦୀ ଜାଗା ସହ ଗୋଚର ଜମି ଏବଂ ଜଙ୍ଗଲ ଜମିକୁ ଜୋର ଜବରଦସ୍ତ ହଡ଼ପ କରି ଚାଷକରିବାରେ ଲାଗିଛନ୍ତି। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ତେନ୍ତୁଲି ଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତରେ। ଯାହା ଫଳରେ ଗାଁ ଗହଳିରେ ରହୁଥିବା ଗାଈ ବି ଚରାଇବା ପାଇଁ ଜାଗା ମିଳୁନାହିଁ। ଜଙ୍ଗଲ କ୍ଷୟ ହେବା ଫଳରେ ନାନାଦି ଅସୁବିଧାର ସମୁଖୀନ ହେଉଛନ୍ତି ଲୋକେ। ତେନ୍ତୁଲିଖୁଣ୍ଟି ବ୍ଲକ ମଞ୍ଚଗାଁ ମୌଜାର ବଙ୍ଗଳାଗୁଡା ଏବଂ ଦଣ୍ଡୁଗୁଡା ମୌଜା, କେନ୍ଦୁଗୁଡା ମୌଜା ର ଗୋଚର ଜମି, ଜଙ୍ଗଲଜମି ଏବଂ ଅନାବାଦୀ ଜମିକୁ ସ୍ଥାନୀୟ ଅଞ୍ଚଳର କିଛି ଅସାଧୁ ବ୍ୟକ୍ତି ମାନେ ମାଡି ବସି ଚାଷ କରୁଛନ୍ତି। ଯାହା ଫଳରେ ଗାଈ ଚରାଇବା ତ ଦୂରକଥା ପାଦ ରଖିବାକୁ ମଧ୍ୟ ଜାଗା ମିଳୁନାହ। ଏଠାରେ ରହିଥିବା ଜଙ୍ଗଲ ମଧ୍ୟ କାଟି ଚାଷ ଜମିରେ ପରିଣତ କରିଛନ୍ତି । ଏହାକୁ ନେଇ ତେନ୍ତୁଲିଖୁଣ୍ଟି ବ୍ଲକ ମଞ୍ଚଗାଁ ପଞ୍ଚାୟତ ବଙ୍ଗଳାଗୁଡ଼ା ଗ୍ରାମବାସୀ ମାନେ ଜିଲ୍ଲାପାଳ ଏବଂ ତେନ୍ତୁଲିଖୁଣ୍ଟି ତହସିଲଦାରଙ୍କୁ ଏହି ଗୋଚର ଜମି, ଜଙ୍ଗଲ ଜମି ଏବଂ ଅନାବାଦୀ ଜମି ଜବର ଦଖଲ ଉଚ୍ଛେଦ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି । ଯଥାଶୀଘ୍ର ଏହି ଜବରଦଖଲ ଉଚ୍ଛେଦ କରିବା ସହ ଜବରଦଖଲକାରୀଙ୍କ ବିରୋଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଇ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବସ୍‌ଷ୍ଟାଣ୍ଡରେ ନିର୍ମାଣ କାର୍ଯ୍ୟ ବିଳମ୍ବକୁ ନେଇ ଅଭିଯୋଗ



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ବସଷ୍ଟାଣ୍ଡରେ ଚାଲିଥିବା ନିର୍ମାଣ କାର୍ଯ୍ୟ ବିଳମ୍ବ ଯୋଗୁଁ ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି ଟାକ୍ସି ଓ ଅଟୋ ଚାଳକ । ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ବସଷ୍ଟାଣ୍ଡ ନିକଟବର୍ତ୍ତୀ ଟାକ୍ସି ଓ ଅଟୋ ଷ୍ଟାଣ୍ଡ ଅଞ୍ଚଳ ଖାଲୁଆ ହୋଇ ପାଣି ଜମୁଥିବା ହେତୁ ବୌଦ୍ଧ ଏନଏସି ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡିଥିବା ହେତୁ ଟାକ୍ସି ଓ ଅଟୋ ଚାଳକ ମାନେ ସେମାନଙ୍କ ଯାନବାହାନ ରଖିବା କଷ୍ଟକର ହୋଇପଡୁଛି। ତେଣୁ ତୁରନ୍ତ ବସଷ୍ଟାଣ୍ଡ ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାକୁ ସେମାନେ ଦାବି କରିଛନ୍ତି । ଏ ସମ୍ପର୍କରେ କାର୍ଯ୍ୟ ଦାୟିତ୍ୱରେ ଥିବା ଏନଏସି କନିଷ୍ଠ ଯନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କୁ ପଚାରିବାରୁ ଖୁବ ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ସୂଚନା ଦେଇଥିଲେ ।

## ଡ୍ରେନ୍ ସମସ୍ୟାକୁ ନେଇ ବିଡିଓଙ୍କୁ ଦାବିପତ୍ର



ମାଲକାନାଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ଇନ୍ଦିରା କଲୋନୀ ଲୋକେ ଡ୍ରେନ୍ ନ ଥିବା ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସାହିକୁ ଯିବା ରାସ୍ତାର ଗୋଟିଏ ପାର୍ଶ୍ୱରେ ଡ୍ରେନ ଥିବା ବେଳେ ଅନ୍ୟ ପାର୍ଶ୍ୱରେ ନାହିଁ । ବର୍ଷାଦିନେ ରାସ୍ତାରେ ପାଣି ଜମୁଛି। ସେହି ଅଧାପନ୍ତରିଆ ରାସ୍ତା ନିର୍ମାଣ କରିବା ସହ ସାହିରେ କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏକ ମନ୍ଦିର ତିଆରି କରାଯାଉଥିଲା। କିନ୍ତୁ ତାହା ଅଧାପନ୍ତରିଆ ଭାବେ ପଡି ରହିଛି। ଏସବୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ମାଥିଲି ବିଡିଓ ପ୍ରମୋଦ କୁମାର ବେହେରାଙ୍କୁ କୈବର୍ତ୍ତ ବେହେରା ସମାଜ ପକ୍ଷରୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପାଇ ବିଡିଓ ବର୍ଷାଦିନ ପୂର୍ବରୁ ଡ୍ରେନ୍ ଓ ମନ୍ଦିର କାମ କେମିତି ହୋଇପାରିବ ଚେଷ୍ଟା କରିବେ ବୋଲି ସଭାପତି ଉମାପତି ବେହେରା ଓ ସମ୍ପାଦକ ରମେଶ ବେହେରାଙ୍କୁ ବିଡିଓ ଶ୍ରୀ ବେହେରା କହିଛନ୍ତି ।

# କୋରାପୁଟିଆ ଅଶ୍ଳୀଳତାକୁ ଦେଶିଆ କଳାକାରଙ୍କ ବିରୋଧ



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଛଟାହାଣ୍ଡି ଗ୍ରାମ ପଞ୍ଚାୟତ ଅଫିସ୍‌ରେ ଏକ ବୈଠକ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ୧୦ ଗୋଟି ବ୍ଲକର ଦେଶିଆ କଳାକାର ଗୁରୁମାନେ ଏହିବୈଠକରେ ଯୋଗ ଦେଇଥିଲେ। ଅନେକ ଦିନରୁ ଦାବି ହୋଇ ଆସୁଥିଲା ଯେ ନବରଙ୍ଗପୁର ଜିଲ୍ଲାରେ କୋରାପୁଟ ଜିଲ୍ଲାର ନାଟ୍ୟ ଗୁରୁମାନେ ବିଭିନ୍ନ ସାମାଜିକ ନାଟକ ପରିବେଷଣରେ ଅସାମାଜିକ ବାତାବରଣ ସୃଷ୍ଟିହେଲା ଭଳି ନାଟକ୍ ପରିବେଷଣ କରୁଛନ୍ତି, ଯାହାକି ଅଶ୍ଳୀଳତାକୁ ଦର୍ଶାଉଛି। ଏ ବିଷୟକୁ ନେଇ ଅନେକ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ନିୟମକୁ ମାନୁନାହାଁନ୍ତି। ଯାହାଫଳରେ ନବରଙ୍ଗପୁର ଜିଲ୍ଲାର ସମସ୍ତ କଳାକାରମାନେ ଏକତ୍ରିତ ହୋଇ ଏହାକୁ ବିରୋଧ କରିବା ଦେଖିବାକୁ ମିଳିଛି। ଏହାକୁ ଜିଲ୍ଲାପାଳ ଏବଂ ଏସପି ଡିଏସପି ପ୍ରତ୍ୟେକ ସ୍ତରରେ ଲିଖିତ ଆକାରରେ ସଂଘ ତରଫରୁ ଦିଆଯାଇଛି। ଯଦି ଏହା ଆଗାମୀ ଦିନରେ ନବରଙ୍ଗପୁର ଜିଲ୍ଲାର ନାଟ୍ୟ ପରିବେଷଣ ହେଉ କିମ୍ବା ନାଟ ଶିଖାଇବା ପାଇଁ ହେଉ ଅଶ୍ଳୀଳତା ପ୍ରତି ସତର୍କତା ନରହିଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ କାର୍ତ୍ତିକ ଭତରା , ଜିଲ୍ଲା ସଂଘ ପ୍ରେସିଡେଣ୍ଟ ପବିତ୍ର ନାୟକ, କୋଷାଧ୍ୟକ୍ଷ ସହଦେବ ବାଘ, ସମ୍ପାଦକ ଜିତେନ୍ଦ୍ର କୁମାର ବାଘ , ଡମ୍ବରୁ ଗୁରୁ ,ମୋହନ ଗୁରୁ, କୈଳାଶ ଗୁରୁ, କିରଣ ଗୁରୁ, ବୁଦୁ ଗୁରୁ , ଦେବରାଜ ଗୁରୁ, ଉଦୟ ଗୁରୁ, ଅଭିରାମ ଗୁରୁ, ଭୀମସେନ ଗୁରୁ ,ପ୍ରଦୀପ ଗୁରୁ ପୁଲସିଂ ପ୍ରମୁଖ ।

# ଇନ୍‌ଚାର୍ଜ ବିଡ଼ିଓଙ୍କ ଭରସାରେ ଚାଲିଛି ଖଡ଼ିଆଳ ବ୍ଲକ




ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଜିଲ୍ଲାର ଏକ ଗୁରୁତ୍ୱ ବହନ କରୁଥିବା ବ୍ଲକ ଅଟେ। ଏହି ବ୍ଲକରେ ପ୍ରାୟ ଦିନ ମଜୁରିଆ ଗରିବ ଖଟିଖିଆ ଲୋକେ ବସବାସ କରିଛନ୍ତି। ସେହି ଗରିବ, ଖଟିଖିଆ, ମଜୁରିଆଙ୍କ ବ୍ଲକ କାର୍ଯ୍ୟାଳୟର ମୁଖିଆ ବିଡିଓଙ୍କ ଠାରେ ବିଭିନ୍ନ ପ୍ରକାରର ଗୁହାରି ରହିଥାଏ। ହେଲେ ଦୀର୍ଘ ଦିନ ପାଖାପାଖି ଏକ ବର୍ଷ ହେବାକୁ ବସିଲାଣି ମୁଖିଆ ଙ୍କ ଅଭାବ ଅଛି। ଫଳରେ ସାଧାରଣ ଲୋକେ ନାହି ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହେଉଛି। ଇନଚାର୍ଜରେ ଚାଲିଛି ଏତେ ବଡ ବ୍ଲକ। ବିଡିଓ, ନାହାନ୍ତି କି ଏବିଡ଼ିଓ ନାହାନ୍ତି। ଫଳରେ ଉନ୍ନତିମୂଳକ କାମ ଠିକ ରୂପେ ହୋଇପାରୁନାହିଁ କି ସାଧାରଣ ଲୋକଙ୍କ କାମ ହୋଇପାରୁ ନାହିଁ ନାହିଁ। ସାଧାରଣ ଜନତା ହିଁ ଅସୁବିଧା ହେଉଥିବା ଅଭିଯୋଗ ହେଉଛି। ବ୍ଲକ କାର୍ଯ୍ୟାଳୟରେ ନେତା, ଅଭିନେତା, ଚେୟାର ମ୍ୟାନ, ଭାଇସ ଚେୟାରମ୍ୟାନ,ଠିକାଦାର ଓ ବଡ ବଡ଼ିଆ ଲୋକଙ୍କ କାମ ସହଜରେ ହେଇଯାଉଛି। ରାସ୍ତା ଭଳି ଠିକା କାମର ବିଲ ଅଟକୁ ନାହିଁ। ଫଟାଫଟ ଚାଲିଛି ଫାଇଲ ଉପରେ କଲମ ଗାର। ହେଲେ ଅଟକି ରହିଛି ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟା। କିଏ ୮୦ ବର୍ଷିଆ ବୁଢାବୁଢ଼ୀ ଭତ୍ତା ପାଇଁ ତ କିଏ ବିକଳାଙ୍ଗ ଭତ୍ତା ପାଇଁ ଆସୁଛନ୍ତି, ଆଉ କିଏ ପିଇବା ପାଣି ସମସ୍ୟା ଧରି ଆସୁଛନ୍ତି । ହେଲେ କାମ ହେଉନି ତାଙ୍କର ନିରାଶ ହୋଇ ଫେରି ଯାଉଛନ୍ତି। କିଛି ମାତ୍ରାରେ ସେମାନଙ୍କ କାମ ହେଉଥିବା ବେଳେ କୋଉଠି ନା କୋଉଠି ଅଟକି ରହୁଛି ବୋଲି ଅଭିଯୋଗ ହେଉଛି। ପୁଣି ଚର୍ଚ୍ଚା ଜୋର ଧରିଛି ଯେ ସାଧାରଣ ଜନତା ଙ୍କ ମଧ୍ୟରେ ରେ କିଛି ବ୍ୟକ୍ତି ବ୍ଲକକୁ ବଳପୂର୍ବକ ନିୟନ୍ତ୍ରଣରେ ରଖିବା ଭଳି କାର୍ଯ୍ୟ କରୁଛନ୍ତି । ତେଣୁ ଖଡ଼ିଆଳ ବ୍ଲକକୁ ବଦଳି ହେଇଥିବ ବିଡ଼ିଓ ଯୋଗଦାନ କରିବାକୁ ଡରୁଛନ୍ତି ବୋଲି ସାଧାରଣ ଜନତାରେ ଅଭିଯୋଗ ହେବା ସଂଗେ ଜୋର ଚର୍ଚ୍ଚା ଧରିଛି। ବଡ଼ ବଡ଼ିଆ ଲୋକଙ୍କ ଅସୁବିଧା ହେଉନି ବ୍ଲକ କାର୍ଯ୍ୟାଳୟରେ।ସାଧାରଣ ଲୋକଙ୍କ ହିଁ ଅସୁବିଧା ହେଉଛି। ଆଉ କେତେ ଦିନ ଖଡ଼ିଆଳ ବ୍ଲକରେ ମୁଖିଆ ଙ୍କ ଅଭାବ ସଂଗେ ଲୋକେ ଅସୁବିଧା ଭୋଗ କରୁଥିବା ସଂଗେ ସଂଗେ ମୌଳିକ ସୁବିଧାରୁ ବଂଚିତ ହେଉଥିବେ ଲୋକେ ।ତା ପ୍ରତି ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଅଂଚଳର ବୁଦ୍ଧିଜୀବି, ଜ୍ଞାନୀଗୁଣି, ସମସ୍ତ ମହଲରେ ଦାବି ହେଉଛି। ନଚେତ ଆଗାମୀ ଦିନରେ ସାଧାରଣ ଜନତା ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇ ଅଖ ଚଖ ବନ୍ଦ କରି ବିରାଟ ଆନ୍ଦୋଳନ କରାଯିବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ଗସ୍ତକୁ ନେଇ ସୁରକ୍ଷା କଡ଼ାକଡ଼ି

କନ୍ଧମାଳ(ଭାସ୍କର ନ୍ୟୁଜ୍) : ଦୀର୍ଘ ବର୍ଷ ପରେ ଚାହିଁ ବସିଥିବା କନ୍ଧମାଳ ଜିଲ୍ଲାବାସୀ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି ଆଶା। ଆଦିବାସୀ ବହୁଳ ଜିଲ୍ଲା କନ୍ଧମାଳକୁ ଦିନିକିଆ ଗସ୍ତରେ ଆସୁଛନ୍ତି ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ । ଏଥି ପାଇଁ ଚଳଚଞ୍ଚଳ ଜିଲ୍ଲା ପ୍ରଶାସନ ଓ ଜନସାଧାରଣ । ମୁଖ୍ୟମନ୍ତ୍ରୀଙ୍କ ଦିନିକିଆ ଗସ୍ତ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହରକୁ ସଜବାଜ କାର୍ଯ୍ୟ ସହିତ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆସନ୍ତା ସାତ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଫୁଲବାଣୀ ସଦରମହକୁମା ଫୁଲବାଣୀକୁ ଆସି ପ୍ରଥମେ କନ୍ଧମାଳ ଜିଲ୍ଲାର ବହୁ ପ୍ରତିକ୍ଷୀତ ସରକାରୀ ମେଡିକାଲ କଲେଜର ଲୋକାର୍ପଣ କରିବେ । ଏହି କଲେଜରୁ ଜିଲ୍ଲାର ବହୁ ମେଧାବୀ ଡାକ୍ତରୀ ପାଠ ପଢିବା ପାଇଁ ଆଶାୟୀ ପ୍ରାର୍ଥୀ ମାନଙ୍କ ଏକ ନୂତନ ଦିଗ ଦର୍ଶନ କରିବା ସହ ଆଗାମୀ ଦିନରେ ଏହି କଲେଜରେ ସ୍ଥାନୀୟ ଅଂଚଳର ବହୁ ଯୁବ ବର୍ଗ ଡାକ୍ତର ହେବାର ସ୍ୱପ୍ନ ପୂରଣ କରିପାରିବ। ୨୦୦୭-୦୮ ମସିହାରେ କନ୍ଧମାଳ ଦଙ୍ଗା ସମୟରେ ଥିବା ବିଭିନ୍ନ ଦାବୀ ମଧ୍ୟରୁ ଏହି ମେଡିକାଲ କଲେଜ ସ୍ଥାପନ ଏକ ପ୍ରମୁଖ ଦାବୀ ଥିବାବେଳେ ଦୀର୍ଘ ବର୍ଷର ଅବସାନ ପରେ କନ୍ଧମାଳକୁ ମିଳିବାକୁ ଯାଉଛି ଏହି ସରକାରୀ ମେଡିକାଲ କଲେଜ । ୨୦୦୭-୦୮ ମସିହା ଦଙ୍ଗା ପରେ ରାଜ୍ୟରେ ଥିବା ବିଜେଡି ଓ ବିଜେପି ମେଣ୍ଟ ସରକାରରୁ ନବୀନଙ୍କ ବିଜେଡି ଦୂରେଇ ଯାଇଥିବା ବେଳେ ସେହି ମସିହା ପରେ ବିଜେଡି ନିଜ ଦମ୍ଭରେ ରାଜ୍ୟରେ ସରକାର ଗଠନ କରି ଯେଉଁ ଦଙ୍ଗା ସମୟରେ ବିଜେପିକୁ ଶାସନର ସ୍ୱାଦ ଚାଖିବା ଠାରୁ ଦୂରରେ ରଖିଥିଲା । ଦଙ୍ଗାର ପ୍ରମୁଖ ଦାବିରେ ସ୍ଥାନ ଥିଲା କନ୍ଧମାଳ ମେଡିକାଲ କଲେଜର ସ୍ଥାପନ ଦାବୀକୁ ପୂର୍ବ ସରକାର ଦୀର୍ଘ ବର୍ଷ ଗଡେଇ ରଖିବା ପରେ ବର୍ତ୍ତମାନ ଡବଲ ଇଂଜିନ ବିଜେପି ସରକାର କନ୍ଧମାଳର ସରକାରୀ ମେଡିକାଲ କଲେଜକୁ ଲୋକାର୍ପିତ କରି ଜିଲା ବାସୀଙ୍କୁ ଆଗାମୀ ଦିନରେ ବିଜେପି ସପକ୍ଷରେ ପୁନଃ ସମର୍ଥନ ପାଇଁ ପ୍ରୟାସ କରିବ ।ଏହି ସରକାରୀ ମେଡିକାଲ କଲେଜ ଫୁଲବାଣୀ ପୌର ପରିଷଦ ଅଂଚଳରୁ ୪ କିମି ଦୂରରେ ରହିଛି ।ତେଣୁ ସହରାଞ୍ଚଳରେ ଜନସାଧାରଣ ମାନେ ଅସୁବିଧାର ସମ୍ମୁଖିନ ହେବେ ବୋଲି ଜନସାଧରଣ ଚର୍ଚ୍ଚା ହେଉଛି। କିନ୍ତୁ ଗ୍ରାମାଞ୍ଚଳରେ ଗ୍ରାମବାସୀ ମାନେ ଉପକୃତ ହୋଇପାରିବେ ଓ ଅନ୍ୟ ଜିଲ୍ଲାକୁ ଯିବାପାଇଁ ଆଶା ରଖିବେନାହିଁ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବିଜେପି କର୍ମୀ ଓ ଜନସାଧରଣଙ୍କ ମନରେ ଖୁସି ଦେଖିବାକୁ ମିଳୁଛି। ଉକ୍ତ ବିଭିନ୍ନ ଉଦ୍ଘାଟନ ପରେ କୋରେନସନ ପଡ଼ିଆରେ ଏକ ସାଧାରଣ ସଭାର ଆୟୋଜନ ରହିଛି ଏଥିରେ ଏକ ବର୍ଷ ବିଜେପି ଶାସନ କଣ କରିଛି ତାହାର ସ୍ପଷ୍ଟ ଚିତ୍ର ଦେଖାଇବ।

## ଶିକ୍ଷା ବିଭାଗକୁ ବିଧାୟକଙ୍କ ତାଗିଦ୍

ବଲାଙ୍ଗୀର (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଉପରେ ବର୍ଷିଲେ ବିଧାୟକ କଳିକେଶ। ଜିଲ୍ଲା ସମୀକ୍ଷା ବୈଠକରେ ସମସ୍ତ ବିଭାଗକୁ ନେଇ ସମୀକ୍ଷା କରିଥିବା ବେଳେ କଥା ବେଶୀ କାମ କମ୍ କରୁଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ବଲାଙ୍ଗୀର ବିଧାୟକ କଳିକେଶ ନରାୟଣ ସିଂଦେଓ। ତେବେ ସବୁଠୁ ବେଶୀ ଶିକ୍ଷା ବିଭାଗକୁ ଦେଇଥିଲେ କଡ଼ା ନିର୍ଦ୍ଦେଶ । କହିଥିଲେ ଆଉ ଆଲୋଚନା କରନ୍ତୁ ନାହିଁ । ଏଣିକି ଛୁଟି ପରେ ଡିଇଓ, ବିଇଓ ଏବଂ ହେଡ୍ ମାଷ୍ଟର ସ୍କୁଲରେ ଥିବା ଶୌଚାଳୟ ବ୍ୟବହାର କରନ୍ତୁ । ସେଠି ପାଣି, ବିଦ୍ୟୁତ ବିନା ପିଲାମାନେ କେମିତି ହଟହଟା ହେଉଛନ୍ତି ଜାଣିବେ ଏବଂ ମୋତେ ଜଣାଇବେ । ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ ତାଙ୍କ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକରେ ଶିକ୍ଷା ବିଭାଗକୁ ଏହା ନିର୍ଦ୍ଦେଶ ଦେଇଛନ୍ତି ।ସୂଚନାଯୋଗ୍ୟ ଯେ, ଦୀର୍ଘ ୬ ମାସ ପୂର୍ବରୁ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟକ ଶିକ୍ଷା ବିଭାଗକୁ ବଲାଙ୍ଗିର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଞ୍ଚଳରେ ଥିବା ସ୍କୁଲରେ ବାଳିକା ଶୌଚାଳୟ ଗୁଡ଼ିକରେ ବିଦ୍ୟୁତ ଓ ପାଣି ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ମାଗିଥିଲେ । ସେତେବେଳେ ମଧ୍ୟ ବିଭାଗର ଅଧିକାରୀ ତଥ୍ୟ ସଂଗ୍ରହ କରୁଛୁ ବୋଲି କହୁଥିଲେ । ହେଲେ ପୁଣି ବୈଠକରେ ବିଧାୟକ ସେ ସଂପର୍କରେ ପଚାରିଥିବା ବେଳେ ଡିଇଓ ଓ ତାଙ୍କ କର୍ମଚାରୀ ମାନେ କୌଣସି ସ୍ପଷ୍ଟ ଉତ୍ତର ନଦେବାରୁ ବିଧାୟକ ତାଗିଦ୍ କରିବା ସହ କଥା ଛଳରେ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଛୁଟି ପରେ ସ୍କୁଲ ଟଏଲେଟ୍‌କୁ ଯିବାକୁ କହିଥିଲେ । ସେହିପରି ଏନଏଚ ବିଭାଗ ଓ ମାଇନିଂ ବିଭାଗକୁ ମଧ୍ୟ ତଥ୍ୟ ମାଗିଥିଲେ, ହେଲେ ତାହା ମଧ୍ୟ ଦେଇନଥିଲେ ଅଧିକାରୀ । ଯୋଗାଣ ବିଭାଗ କରିଥିବା କାମର ତାଲିକା ମାଗିବାରୁ ତାହା ମଧ୍ୟ ଦେଇନଥିଲେ । ତେବେ ଏସବୁକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ ବିଧାୟକ କଳିକେଶ ନାରାୟଣ ସିଂଦେଓ। ବଲାଙ୍ଗିର ନିର୍ବାଚନ ମଣ୍ଡଳୀରେ ଏବେ ବହୁ ବିଭାଗର କାମ ଠପ୍ ହୋଇଯାଇଛି । ଲୋକ ହଇରାଣ ହେଉଛନ୍ତି । କାହାକୁ ଅଭିଯୋଗ କଲେ ଶୁଣୁ ନାହାନ୍ତି । କେହି ତେବେ ଏଭଳି ପରିସ୍ଥିତିରେ ସରକାରଙ୍କୁ ଦାୟୀ କରିବା ସହ ସମାଧାନ ବାଟ ବାହାର ନକଲେ ବିଧାନସଭାରେ ଜବାବ ଦିଆଯିବ ବୋଲି କହିଛନ୍ତି ବିଧାୟକ ଶ୍ରୀ ସିଂଦେଓ।

## ଚାଷୀଙ୍କୁ କ୍ଷତିପୂରଣ ଦାବିରେ ବିକ୍ଷୋଭ

ବରଗଡ(ଭାସ୍କର ନ୍ୟୁଜ୍): ଅଦିନିଆ ବର୍ଷାରେ ଚାଷୀ ମାନଙ୍କ ବ୍ୟାପକ କ୍ଷୟ କ୍ଷତି ହୋଇଥିବା ବେଳେ ଧାନ ବିକ୍ରି ରେ କଟନି ଛଟନି ହେଉଥିବା ତଥା ମଣ୍ଡି ରେ ଦଲାଲ ରାଜ୍ ବ୍ୟବସ୍ଥା ରହିଥିବା ଉଲ୍ଲେଖ କରି ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟରେ ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିକ୍ଷୋଭ ପ୍ରଦର୍ଶନ ଓ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅବସର ରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା,ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରିତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ସର୍ବଶ୍ରୀ ଗୌରହରି ମିଶ୍ର, କିଶୋର ଦେବତା, ସୁବ୍ରତ ବେହେରା, ହରିଶଙ୍କର ବେହେରା, କିଶୋର ମିଶ୍ର, ଲାଲ ବିକ୍ରମ ସିଂ, ଦେବାନନ୍ଦ ଗଡତିଆ , ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ , କଳ୍ପନା ମାଝି ରାଜେଶ ଅଗ୍ରୱାଲ, ଉମାଚରଣ ରାଉତ, ପ୍ରଶାନ୍ତ ମହାନ୍ତି,ପୁଷ୍ପା ଭୋଇ , ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ଜିଲ୍ଲାର ବିଭିନ୍ନ ବ୍ଲକ ଅଧ୍ୟକ୍ଷ ଓ ଅନ୍ୟ ନିର୍ବାଚିତ ପ୍ରତିନିଧି ଦାବି ପତ୍ର ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ତେବେ ଦାବିପତ୍ର ଗ୍ରହଣ ପାଇଁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ଦାବିପତ୍ର ନେବାକୁ ଆସି ନଥିବାବେଳେ ପୂର୍ବତନ ମନ୍ତ୍ରୀ ବିଧାୟକ ଦଳୀୟ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଧାରଣା ଦେଇଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ବିଶ୍ୱ ପରିବେଶ ଦିବସ ପାଳିତ




ଗୁଣପୁର (ଭାସ୍କର ନ୍ୟୁଜ୍): ଗୁଣପୁର ସ୍ଥିତ ଗାୟତ୍ରୀ ଫାର୍ମାସି ମହାବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନ ପ୍ରିନ୍ସିପାଲ ଡଃ.କାହ୍ନୁଚରଣ ଚରଣ ପାଣିଗ୍ରାହୀ,ପ୍ରଶାସନିକ ଅଧିକାରୀ ପି.ଭି କୋଟେଶ୍ୱର ରାଓ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମାଁ ମାଟି ପାଇଁ ବୃକ୍ଷ ରୋପଣର ଆବଶ୍ୟକତା ଓ ବିଶ୍ୱ ଉତ୍ତାପ ନିୟନ୍ତ୍ରଣ ପାଇଁ ବୃକ୍ଷର ଅବଦାନ ସମ୍ପର୍କରେ ବକ୍ତାମାନେ ମତ ବ୍ୟକ୍ତ କରିବା ସହ ଏହି ବର୍ଷର ଥିମ୍ ' ଋପ୍ଲାଷ୍ଟିକ ପ୍ରଦୂଷଣ ରୋକିବାଋ ' ସନ୍ଦର୍ଭରେ ଆଲୋଚନା ହୋଇଥଲା ।ଏଥିରେ ବି ଫର୍ମା, ଡି ଫାର୍ମା, ବି ଏସ ସି ନର୍ସିଂ, ଡି ଏମ ଏଲ୍ ଟି ବିଭାଗର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଗାୟତ୍ରୀ ମହାବିଦ୍ୟାଳୟ କେମ୍ପସ ପରିସରରେ ସେପଟ୍ମେବର ୩୦ ତାରିଖ ସୁଦ୍ଧା ୧୦୦୦ ଗୋଟି ବିଭିନ୍ନ ବୃକ୍ଷ ଯଥା ଲିମ୍ବ, ଆମ୍ବ, କରଞ୍ଜ, ଆକାସିଆ, ଅର୍ଜୁନ ଗଛ ସମେତ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ଆଦି ରୋପଣ କରିବା ପାଇଁ ଏକ ଦୀର୍ଘ ମିଆଦି ଖସଡ଼ା ପ୍ରସ୍ତୁତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଡ଼ କାହ୍ନୁ ଚରଣ ପାଣିଗ୍ରାହୀ ପୌରହିତ୍ୟ କରିଥିବା ବେଳେ ପ୍ରଫେସର ଜଗଦୀଶ ଖୁଣ୍ଟିଆ ସଂଯୋଜନା କରିଥିଲେ । ଏହିଭଳି କାର୍ଯ୍ୟକ୍ରମ ଅନୁଷ୍ଠାନ ପରିସରରେ ଆୟୋଜନ କରାଯାଉଥିବାରୁ ଅନୁଷ୍ଠାନର ଚେୟାରମେନ ଶ୍ରୀଯୁକ୍ତ ଅକ୍ଷୟ ଦାସ ଏବଂ ସମ୍ପାଦକ ଶ୍ରୀଯୁକ୍ତ ସଞ୍ଜୟ ସାହୁ ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ରାଇଘର (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ଠାରୁ ହାଇଦ୍ରାବାଦକୁ ଏକ ଏସି ଭୋଲଭ୍ୱ ବସର ଆଜି ଶୁଭାରମ୍ଭ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଅନୁମୋଦନ କର୍ମେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଜେନା ତଥା ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ନବରଙ୍ଗପୁର ସାଂସଦ ବଳ ଭଦ୍ର ମାଝୀଙ୍କ ଏହି ଉଦ୍‌ଘାଟନୀ ପ୍ରଚେଷ୍ଟାରେ ଏହି ବସ୍‌ର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ, ସନ୍ତୋଷ ମହାପାତ୍ର, ପ୍ରୀତି ସ୍ନିଧା ମହାପାତ୍ର, ସିବନାଥ ବାନାର୍ଜୀ, ସୁଦର୍ଶନ ମାଝୀ, ବିଶ୍ୱନାଥ ସିଲ୍, ଗୋପାଳ ସୁନାନୀ, ଜଗନ୍ନାଥ ନାୟକ, ଶ୍ୟାମ ଲାଲ କଲାର, ଯୋଗିନ୍ଦର୍ ଶ୍ରୀବାସ୍ତବ, ଟୁକୁନି ସାମନ୍ତ ରାୟ ତଥା ବିଜେପିର ବହୁ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ରାଇଘର ଠାରୁ ହାଇଦ୍ରାବାଦକୁ ପୁରୁଷ ଯାତ୍ରୀଙ୍କ ସକାଶେ ୧୬୫୦ ଟଙ୍କା ଥିବାବେଳେ ମହିଳା ଯାତ୍ରୀଙ୍କ ସକାଶେ ୮୨୫ ଟଙ୍କା ଟିକଟର ମୂଲ୍ୟ ଧାର୍ଯ୍ୟ ରହିଛି। ବସ ବିଳାସ ପୂର୍ଣ୍ଣ ରହିଥିବା ବେଳେ। ପ୍ରତେକ ଦିନ ସନ୍ଧ୍ୟା ୪,୩୦ ମିନିଟ ସମୟରେ ରାଇଘର ଠାରୁ ବହାରି ଉମରକୋଟ, ଡାବୁଗାଁ, ପାପଦାହାଣ୍ଡି, ନବରଙ୍ଗପୁର, ଜୟପୁର, ମାଲକାନଗିରି, ମୋଟୁ ଦେଇ ହାଇଦ୍ରାବାଦରେ ତା' ପରଦିନ ସକାଳ ୫,୩୦ ମିନିଟରେ ପହଞ୍ଚିବ। ସେହିପରି ହାଇଦ୍ରାବାଦରୁ ମଧ୍ୟ ସନ୍ଧ୍ୟା ୫.୩୦ ମିନିଟରେ ବହାରି ବାହାରି ରାଇଘର ତାପର ଦିନ ସକାଳ୬,୩୦ ରୁ ୭ ସୁଦ୍ଧା ପହଞ୍ଚିବ। ପାଖାପାଖି ୧୩ ଘଂଟା ସମୟ ଲାଗିବ ବୋଲି ବସ୍‌ର ଷ୍ଟାଫ୍ ଜଣାଇଛନ୍ତି।



## ସୋଲାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

# ନିବେଶ ହେବ ୪ ହଜାର କୋଟି, ସୃଷ୍ଟି ହେବ ୩୪ଶହ ନିଯୁକ୍ତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଢେଙ୍କାନାଳ ଠାରେ ଆଇନକ୍ସ ସୋଲାର ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଆଇନକ୍ସ କ୍ଲିନ୍‌ର ଏକ ସହାୟକ କମ୍ପାନୀ ଓ ଆଇନକ୍ସ ଜିଏଫଏଲର ଏକ ଅଂଶ ଭାବେ ଏହି କମ୍ପାନୀ ୪ ହଜାର କୋଟି ଟଙ୍କା ବ୍ୟୟରେ ପ୍ଲାଣ୍ଟ ପ୍ରତିଷ୍ଠା କରିବ । ଏଥିରେ ୩ ହଜାର ୪ ଶହ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଯାହା ଭାରତରେ ସବୁଜ ଶକ୍ତି ଉତ୍ପାଦନରେ ଆଇନକ୍ସ ସୋଲାର ଏକ ମାଇଲ୍ ଖୁଣ୍ଟ ହେବ । ସ୍ଥାୟୀ ଶିଳ୍ପ ବିକାଶକୁ ପ୍ରୋତ୍ସାହନ ଦେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଉତ୍ପାଦନରେ ରାଜ୍ୟ ଅଗ୍ରଣୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି । ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ଏହା ଓଡ଼ିଶାର ଶିଳ୍ପ ଦୃଶ୍ୟପଟ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଆଇନକ୍ସ ସୋଲାର ପ୍ରକଳ୍ପ ନବୀକରଣୀୟ ଶକ୍ତି କ୍ଷେତ୍ରରେ ଆହୁରି ନିବେଶ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବ। ଶକ୍ତିକେନ୍ଦ୍ର ଭାବରେ ଓଡ଼ିଶାର ଗୌରବ ବଢାଇବ ବୋଲି କହିଥିଲେ । ଅନ୍ୟତମ ଅତିଥିଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତୃଘନ ଜେନା, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସିମାରାଣୀ ନାୟକ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆଙ୍କ ସମେତ ଆଇନକ୍ସଗେଲ୍ ଗୃପର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆଇନକ୍ସଲ୍ ଗୃପର ଏକଜିକ୍ୟୁଟିଭ୍ ଡାଇରେକ୍ଟର ଦେବାଂଶ ଜୈନ କହିଛନ୍ତି, ଏହି ଭିତ୍ତିପ୍ରସ୍ତର ସ୍ଥାପନ କେବଳ ଏକ ପ୍ରକଳ୍ପର ଆରମ୍ଭ ନୁହେଁ, ବରଂ ଓଡ଼ିଶା ତଥା ଭାରତର ନବୀକରଣୀୟ ଶକ୍ତିର ଭବିଷ୍ୟତ ପାଇଁ ଏକ ପରିବର୍ତ୍ତନଶୀଳ ଯାତ୍ରାର ଆରମ୍ଭ । ଓଡ଼ିଶା ସରକାରଙ୍କ ସମର୍ଥନ ପାଇଁ ସେ କୃତଜ୍ଞତା ଜଣାଇଛନ୍ତି । ଆଇନକ୍ସ ଜିଏଫଏଲ ଗୃପର ସିଇଓ କୈଳାଶ ତାରାଚନ୍ଦାନୀ ଏହି ପ୍ରକଳ୍ପ ଭାରତର ସୌର ଆତ୍ମନିର୍ଭରଶୀଳତା ଏବଂ ଶକ୍ତି ସୁରକ୍ଷା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ ବୋଲି କହିଛନ୍ତି । ଆଇନକ୍ସ ଜିଏଫଏଲ୍ ଗୃପର ସଭାପତି ସନ୍ତୋଷ ଖୈନାର ସୌର ଶକ୍ତି ଉତ୍ପାଦନ ପାଇଁ ଓଡିଶାରେ ଭଲ ପରିବେଶ ରହିଛି ବୋଲି କହିଛନ୍ତି । ସେହିପରି ଆଇନକ୍ସ ସୋଲାରର ସିଇଓ ଦେବେଶ ଶର୍ମା ଆଲୋକପାତ କରିଛନ୍ତି ଏହି ସୋଲାର ପ୍ରକଳ୍ପ ନବସୃଜନ ଏବଂ ଗୁଣବତ୍ତାର ଏକ କେନ୍ଦ୍ର ହେବ। ଆଇନକ୍ସ ଜିଏଫଏଲ୍ ଗୃପ ଏଚ୍ଆର ବିଜିନେସ୍ ପାର୍ଟନର ଶୈଳେନ୍ଦ୍ର ଟଣ୍ଡନ ଭିଭିଭୂମି ବ୍ୟତୀତ, ଏହି ପ୍ରକଳ୍ପରେ ସ୍ଥାନୀୟ ଲୋକଙ୍କୁ ହିଁ ପ୍ରାଥମିକତା ଦିଆଯିବା ସହ ବଡ କର୍ମକ୍ଷେତ୍ର ସୃଷ୍ଟି କରିବାର ଲକ୍ଷ୍ୟ ରହିଥିବା କହିଛନ୍ତି ।

## ପ୍ରସନ୍ନ ଆଚାର୍ଯ୍ୟଙ୍କ ଧର୍ମପତ୍ନୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଧର୍ମପତ୍ନୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। ସୋସିଆଲ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଚାରୁଶୀଳା ଆଚାର୍ଯ୍ୟଙ୍କ ପରଲୋକ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି ।

## ପ୍ରସନ୍ନ ଆଚାର୍ଯ୍ୟଙ୍କ ପତ୍ନୀଙ୍କ ବିୟୋଗରେ ନବୀନଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଚାରୁଶୀଳା ଆଚାର୍ଯ୍ୟଙ୍କ ବିୟୋଗରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଏକ୍ସରେ ନବୀନ ପଟ୍ଟନାୟକ ଲେଖିଛନ୍ତି ବିଜୁ ଜନତା ଦଳର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଚାରୁଶୀଳା ଆଚାର୍ଯ୍ୟଙ୍କ ପରଲୋକ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ।

# ମହୁଆଙ୍କୁ ଗୁପ୍ତ ବିବାହ କଲେ ପିନାକୀ



ନୂଆଦିଲ୍ଲୀ: ୬୫ ବର୍ଷୀୟ ପିନାକୀ ମିଶ୍ର, ୫୦ ବର୍ଷୀୟ ମହୁଆ ମୋଇତ୍ର ବିବାହ ବନ୍ଧନରେ ବାନ୍ଧି ହୋଛନ୍ତି । ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୋଇତ୍ର, ବିଜୁ ଜନତା ଦଳ ନେତା ତଥା ପୂର୍ବତନ ସାଂସଦ ପିନାକୀ ମିଶ୍ରଙ୍କୁ ତାଙ୍କର ଜୀବନସାଥୀ ଭାବେ ବାଛିଛନ୍ତି । ଦୁହେଁ ଜର୍ମାନୀରେ ସିକ୍ରେଟ୍ ବିବାହ କରିଥିବା ଖବର ସାମ୍ନାକୁ ଆସିଛି । ଉଭୟଙ୍କ ବିବାହର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । କୁହାଯାଉଛି, ଦୁହେଁ ଅତି ନିକଟତର ବନ୍ଧୁ ପରିଜନଙ୍କ ମେଳରେ ଜର୍ମାନୀରେ ବିବାହ କରିଛନ୍ତି। ଜାତୀୟ ଗଣମାଧ୍ୟମ ସୂଚନା ଅନୁଯାୟୀ ମହୁଆ ଏବଂ ପିନାକୀ ଜର୍ମାନୀରେ ସିକ୍ରେଟ୍ ବିବାହ କରିଛନ୍ତି । ଏହି ବିଷୟରେ ଟିଏମସି ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ମହୁଆ ତାଙ୍କ ରାଜନୈତିକ ଜୀବନ ସହିତ ବ୍ୟକ୍ତିଗତ ଜୀବନ ପାଇଁ ମଧ୍ୟ ଖବରରେ ଅଛନ୍ତି। ନିଜର କଥା କହିବାର ଅନ୍ଦାଜ୍ ଏବଂ ସ୍ପଷ୍ଟଭାଷୀ ପାଇଁ ବେଶ୍ ବିବାଦରେ ମଧ୍ୟ ଫସିଛନ୍ତି ମହୁଆ । ମହୁଆ ପୂର୍ବରୁ ଡେନମାର୍କର ଆର୍ଥିକ ବ୍ୟବସାୟୀ ଲାର୍ସ ବ୍ରୋସେନଙ୍କ ସହିତ ସମ୍ପର୍କରେ ଥିଲେ, କିନ୍ତୁ ସେମାନଙ୍କ ବିବାହ ଅଧିକ ଦିନ ତିଷ୍ଠି ପାରିଲା ନାହିଁ, ପରେ ସେମାନଙ୍କର ଛାଡପତ୍ର ହୋଇଥିଲା।

**ପୂର୍ବ ତଟ ରେଳପଥ**

**ସାମଗ୍ରୀଗୁଡ଼ିକର ଯୋଗାଣ**

ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି।

ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/KUR/EP/2025-26/02, ତା.04.06.2025 ରିଖ

କ୍ରମ ସଂ.01: ଟେଣ୍ଡର ସଂ. 81255611, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 60 କି.ଗ୍ରା. ରେଲ୍ ଇତ୍ୟାଦି ନିମନ୍ତେ ଜଗଲ୍ଡ (Joggled) ଫିସ୍ ପ୍ଲେଟ୍ ର ନିର୍ମାଣ ଏବଂ ଯୋଗାଣ, ପରିମାଣ: 1781 ସେଟ୍।

ବନ୍ଦ ହେବା ତାରିଖ ଓ ସମୟ: ତା.23.06.2025 ରିଖ 1500 ଘଟିକା।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼

PR-208/Q/25-26

**ଘୋଷଣାପତ୍ର**

୨୦୨୫ ଜୁନ ୦୫ ତାରିଖରେ ମୟୁରଭଞ୍ଜ ଜିଲ୍ଲାର କାର୍ଯ୍ୟନିର୍ବାହୀ ମ୍ୟାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ମୋର ଦ୍ୱାରା ଗ୍ରହଣ କରାଯାଇଥିବା ଘୋଷଣାପତ୍ର ଅନୁଯାୟୀ, ମୁଁ ମାଲାଦେ ମୁର୍ମୁ, ବାସିନ୍ଦା- ଛପରପୁର, ଥାନା- ବଡସାହି, ଜିଲ୍ଲା- ମୟୁରଭଞ୍ଜ, ପିନ- ୭୫୭୦୨୬, ଏହି ମାଧ୍ୟମରେ ଘୋଷଣା କରୁଛି ଯେ ମୋର ଆଧାର କାର୍ଡରେ ମୋର ନାମ ଭୁଲ୍ ଭାବରେ ମାଲେଦେ ମୁର୍ମୁ ଭାବେ ଲେଖାଯାଇଛି, ଯାହା ଠିକ୍ ନୁହେଁ। ମୋର ସଠିକ୍ ନାମ ମାଲାଦେ ମୁର୍ମୁ ଅଟେ। ଆଜି ପରଠାରୁ ସମସ୍ତ ପ୍ରକାର କାର୍ଯ୍ୟକ୍ଷେତ୍ରରେ ମୋର ନାମ ମାଲାଦେ ମୁର୍ମୁ ଭାବରେ ଗ୍ରହଣ କରାଯିବ।

ସ୍ୱା/- ମାଲାଦେ ମୁର୍ମୁ

**AFFIDAVIT**

By virtue of an affidavit sworn before the Notary Public, Daringbadi, Kandhamal dated 31.05.2025, I Sushanta Nayak, Address: Village-Kumbharbadi, Po-Kumbharbadi, Ps-Daringbadi, Dist.-Kandhamal, Odisha, Pin-762104, declare that I have changed my daughter's name from Ira Nayak to Bernika Nayak. Henceforth, She shall be known as Bernika Nayak for all purposes.

**Sd/- Sushanta Nayak**

**AFFIDAVIT**

By virtue of an affidavit sworn before the Notary Public, Cuttack dated 03.06.2025, I Ranjan Pradhan, Address: At-Dhanagharapada, Po-Sankhatras, Ps-Cuttack Sadar, Dist.-Cuttack, Odisha, Pin-753011, declare that I have changed my son's name from Reetwik Pradhan to Ritik Pradhan. Henceforth, He shall be known as Ritik Pradhan for all purposes.

**Sd/- Ranjan Pradhan**

**AFFIDAVIT**

By virtue of an affidavit sworn before Notary Public, Bhubaneswar dated 05.06.2025. I Kuni Nayak Adress Surapralapapur, At/Po-Garhnrusinghaprasad, P.S.- Bhuban, Dist.-Dhenkanla, Odisha, Pin-759024 declare that I have changed the name of my daughter from Jajnaseni Nayak to Jangyaseni Nayak. Henceforth She shall be known as Jangyaseni Nayak for all purposes.

**Sd/- Kuni Nayak**

**AFFIDAVIT**

By virtue of an affidavit sworn before the Executive Magistrate, Bari, Jajpur dated 31.05.2025, I Prangyamita Ojha, Address : Village-Bainsiria, Po- Bainsiria, PS- Bari Ramachandrapur, Dist.-Jajpur, Odisha, Pin-755017, declare that I have changed my name from Parbati Ojha to Prangyamita Ojha. Henceforth I shall be known as Prangyamita Ojha for all purposes.

**Sd/- Prangyamita Ojha**

**AFFIDAVIT**

By virtue of an affidavit sworn before the Executive Magistrate, Banpur dated 09/04/2025, I Purnabasi Sethy, Address: Village-Bhuskapada, Po- Balidihi, Ps-Banpur, Dist.-Khordha, Odisha, Pin-752031, declare that I have changed my son's name from Raja sethi to Raj Kumar Sethy. Henceforth, He shall be known as Raj Kumar Sethy for all purposes.

**Sd/- Purnabasi Sethy**

**AFFIDAVIT**

By virtue of an affidavit sworn before the Notary Public, Bhubaneswar dated 10/04/2025, I Rabinarayan Satpathy Address: At-D/6 Indrapuri, Amrapali-Saswat Vihar Road, Near Tulasi Vihar Complex, Bhubaneswar, Sailashree Vihar, Odisha, Pin-751021 declare that I have changed my son's name from Chetan Satpathy to Chetan Kumar Satpathy. Henceforth, He shall be known as Chetan Kumar Satpathy for all purposes.

**Sd/- Rabinarayan Satpathy**

## ପୁରୁଣା ଭୁବନେଶ୍ୱରର ଜଳମଗ୍ନ ଅଞ୍ଚଳ ବୁଲିଲେ ବିଧାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ମୌସୁମୀ ବର୍ଷା ଆସିବା ପୂର୍ବରୁ ଏକାମ୍ର ନିର୍ବାଚନ ମଣ୍ଡଳୀର ପୁରୁଣା ଭୁବନେଶ୍ୱରର ଜଳମଗ୍ନ ହେଉଥିବା ବିଭିନ୍ନ ଅଂଚଳକୁ ବିଭାଗୀୟ ଅଧିକାରୀଙ୍କ ସହ ବୁଲି ଦେଖିବା ସହ ଜାରି ରହିଥିବା ଡ୍ରେନ୍ ସଫେଇ ଓ ବକ୍ସ ଡ୍ରେନ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। ଏହି ଅବସରରେ ଶ୍ରୀ ସିଂ କହିଛନ୍ତି ଯେ ଜଳମଗ୍ନ ହେଉଥିବା ଅଂଚଳ ଗୁଡ଼ିକୁ ପରିଦର୍ଶନ କରି ଡ୍ରେନେଜ୍ ସ୍ଥିତି ଅନୁଧ୍ୟାନ କରିବା ସହ ଜାରି ରହିଥିବା ଡ୍ରେନ୍ ସଫେଇ ଓ ବକ୍ସ ଡ୍ରେନ୍ କାର୍ଯ୍ୟର ସମୀକ୍ଷା କଲି ଏବଂ ସେଗୁଡିକୁ ତୁରନ୍ତ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଲି । ମନ୍ଦିରର ଚତୁପାର୍ଶ୍ୱ ବିଭିନ୍ନ ସ୍ଥାନ ବୁଲି ଲୋକଙ୍କ ସହ କଥା ହୋଇ ସ୍ଥାନୀୟ ସମସ୍ୟା ସମ୍ପର୍କ ରେ ସ୍ଥିତି ଅନୁଧ୍ୟାନ କରିଲୁ। ମନ୍ଦିର ବ୍ୟତୀତ ଏହାର ଆଖପାଖ ଡ୍ରେନ୍ ସମସ୍ୟାର ତଦାରଖ କରି ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ପ୍ରୟାସ ଆରମ୍ଭ କରିଲୁ। ଏକାମ୍ର କ୍ଷେତ୍ର ଭାବରେ ଜଣାଶୁଣା ପୁରୁଣା ଭୁବନେଶ୍ୱର ମାଳ ମାଳ ମନ୍ଦିର ସହ ପବିତ୍ର ପୁଷ୍କରିଣୀ, ନିଆରା ପରମ୍ପରା ଓ ସଂସ୍କୃତି ଏବଂ ଐତିହ୍ୟ ସମ୍ପନ୍ନ ସହର। ସେଥିପାଇଁ ଆମେ ଏହି ଅଞ୍ଚଳର ଐତିହ୍ୟର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ଅବିରତ ଉଦ୍ୟମ କରି ଆସିଛୁ ଓ ଆଗକୁ ମଧ୍ୟ କରିବୁ ବୋଲି ବିଧାୟକ ବାବୁ ସିଂ କହିଛନ୍ତି।ଏହି ଅବସରରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# 'ଏକ୍ ପେଡ୍ ମା' କେ ନାମ ୨.୦' ର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ) ବିଶ୍ୱ ତୁଳନାରେ ଭାରତ କେବେ ବି ପ୍ରଦୂଷଣକାରୀ ରାଷ୍ଟ୍ର ଭାବରେ ପରିଗଣିତ ହୋଇନାହିଁ। ଭାରତ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଭାବରେ ବିବେଚନା କରୁଥିବାର ସଭ୍ୟତା ଅଟେ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତକୁ ୨୦୭୦ ସୁଦ୍ଧା ନେଟ୍ - ଜିରୋ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି, ଯେଉଁଥିରେ ୨୦୪୭ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ । ପରିବେଶ ସୁରକ୍ଷାର ମହାଯଜ୍ଞରେ ଆମ ସମସ୍ତଙ୍କୁ ନିଜ ନିଜର ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। 'ବିଶ୍ୱ ପରିବେଶ ଦିବସ' ଅବସରରେ ଶ୍ରୀ ପ୍ରଧାନ ଗୁରୁବାର ନୂଆଦିଲ୍ଲୀ ଗୋଲମାର୍କେଟ୍ ସ୍ଥିତ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଛାତ୍ରଛାତ୍ରୀମାନଙ୍କ ସହ 'ଏକ୍ ପେଡ୍ ମା' କେ ନାମ ୨.୦' ଅର୍ଥାତ୍ 'ମା'ଙ୍କ ନାମରେ ଗୋଟିଏ ଗଛ ୨.୦' ଅଭିଯାନ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରକୃତିର ସୁରକ୍ଷା ସହ ଜଡିତ ମଡ୍ୟୁଲ୍, ପୋର୍ଟାଲ୍ ଏବଂ ମାଇକ୍ରୋସାଇଟ୍ ମଧ୍ୟ ଉନ୍ମୋଚନ କରିଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରିକଳ୍ପନାକୁ ଆଗକୁ ବଢାଇବା ଲକ୍ଷ୍ୟରେ ଆଜି ବିଶ୍ୱ ପରିବେଶ ଦିବସରେ ସମର୍ପିତ ସମସ୍ତ ପଦକ୍ଷେପ ଦେଶର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ବିଷୟରେ ସଚେତନତା ବୃଦ୍ଧି କରିବ। ସେ କହିଛନ୍ତି, ପ୍ଲାଷ୍ଟିକ ହେଉଛି ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ଏବଂ ଜଳ, ଗୋମାତାଙ୍କ ପ୍ରଥମ ଶତ୍ରୁ । ଆମର ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ବ୍ୟବହାର ବହୁ ପରିମାଣରେ ବୃଦ୍ଧି ହୋଇଛି । ସାରା ଭାରତରେ ୧୪୫ କୋଟି ଲୋକ ପ୍ରତିଦିନ ୨୬ କୋଟିରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ ବ୍ୟବହର କରୁଛନ୍ତି। ପ୍ରତିଦିନ ବିଶ୍ୱରେ ୧୮୦ ଟନ୍ ପ୍ଲାଷ୍ଟିକ ପରିବେଶକୁ ନଷ୍ଟ କରୁଛି। ଏହି ଅବସରରେ ଶ୍ରୀ ପ୍ରଧାନ ଦେଶରେ ବଢୁଥିବା ମେହବହୁଳତା ସମସ୍ୟା ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀ ଏବଂ ଯୁବପିଢିଙ୍କୁ କମ ତୈଳଯୁକ୍ତ ଖାଦ୍ୟ ଖାଇବା ସହ ଜଙ୍କ୍ ଫୁଡ ବାରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଆଜିର ଅବସରରେ ଶ୍ରୀ ପ୍ରଧାନ ନୂଆଦିଲ୍ଲୀ ସ୍ଥିତ ସରକାରୀ ବାସଭବନ ପରିସରରେ 'ଏକ୍ ପେଡ୍ ମା' କେ ନାମ ୨.୦' ଅଭିଯାନରେ ବୃକ୍ଷରୋପଣ କରିଥିଲେ।

## ବିକଶିତ ଓଡିଶା ଓ ବିକଶିତ ଭାରତର ଭିଜନ ଲେଖିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍କୁଲ ଛାତ୍ର ଛାତ୍ରୀ ଲେଖିବେ ୨୦୩୬ ବିକଶିତ ଓଡିଶା ଓ ୨୦୪୭ ବିକଶିତ ଭାରତକୁ ନେଇ କଣ ରହିଛି ଭିଜନ୍। ଏନେଇ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି । ସରକାରଙ୍କର ଏହା ଭିତରେ ୧ ବର୍ଷ ପୂର୍ତ୍ତି ହୋଇଛି । ଏହା ହେଉଛି ଲୋକଙ୍କ ସରକାର । ସରକାରଙ୍କ ଲକ୍ଷ୍ୟ ରହିଛି ୨୦୩୬ ସୁଦ୍ଧା ଓଡିଶାକୁ ବିକଶିତ ଓଡିଶା ଓ ଦେଶକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ। ସରକାର ସମସ୍ତଙ୍କ ମତାମତ ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ଏହି ଅଭିଯାନ ସ୍କୁଲ ସ୍ତରରୁ ମଧ୍ୟ ନିଆଯାଇଛି। ପିଲାମାନଙ୍କ ମତାମତ କଣ ରହିଛି ତାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏହା ଦ୍ୱରା ପିଲାଙ୍କ ଭିଜନ ଜଣାପଡିବ। ସରକାର ମଧ୍ୟ ସେଥିରୁ କିଛି ବିନ୍ଦୁକୁ ଗ୍ରହଣ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି ।

## ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପରିବେଶଗତ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ପ୍ଲାଷ୍ଟିକ୍ ପ୍ରଦୂଷଣର ମୁକାବିଲା କରିବା ପାଇଁ ପ୍ରଭାବଶାଳୀ କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ସହିତ ପୂର୍ବତଟ ରେଳପଥ ବିଶ୍ୱ ପରିବେଶ ଦିବସ ପାଳନ କରିଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ନେତୃତ୍ୱରେ ରେଳ ଜୋନ୍ ମଇ ମାସ ୨୨ ରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଛି ଯାହାର ବିଷୟବସ୍ତୁ 'ପ୍ଲାଷ୍ଟିକ୍ ପ୍ରଦୂଷଣ ସମାପ୍ତ କରିବା' ସହିତ ସମନ୍ୱିତ । ଏହି ପଦକ୍ଷେପରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍, ୱାଲଟିୟର ଏବଂ ସମ୍ବଲପୁର ରେଳପଣ୍ଡଳରେ ବିଭିନ୍ନ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ହୋଇଥିଲା ଯାହା ଏକ ସ୍ୱଚ୍ଛ ପରିବେଶ ପାଇଁ ସାମୂହିକ ପ୍ରୟାସରେ ରେଳ କର୍ମଚାରୀ, ଅଧିକାରୀ, ସେମାନଙ୍କ ପରିବାର ଏବଂ ଯାତ୍ରୀମାନଙ୍କୁ ସାମିଲ କରାଯାଇଥିଲା ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

CAD-630

ପତ୍ର ସଂଖ୍ୟା 9763 /ଭୁ.ଉ.କ.,ଭୁବନେଶ୍ୱର ତା 27.05.25 ରିଖ

BDH-381/94

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରମୁଣ୍ଡା ଏଚ୍.ଆଇ.ଜି ଡୁପ୍ଲେକ୍ସ ହାଉସିଂ ସ୍କିମ୍, ବରମୁଣ୍ଡା, ଭୁବନେଶ୍ୱର ଅନ୍ତର୍ଗତ **HIG Duplex** ଗୃହ ନଂ-**105 B** ରଞ୍ଜନ କୁମାର ଦାସ, ପିତା-ଦୟାନିଧି ଦାସ, ଗ୍ରାମ/ ପୋଷ୍ଟ-କଳାବୁଦା, ଥାନା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡା, ଓଡିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ରଞ୍ଜନ କୁମାର ଦାସ ଗତ ତା-୨୨.୦୭.୨୦୨୪ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (**Death certificate Issue No.8500/2024 date 26.07.2024**).

**Legal heir certificate No. E-LHC/2024/162499** dated 29.08.2024 ଅନୁଯାୟୀ ରଞ୍ଜନ କୁମାର ଦାସଙ୍କ ର ଉତ୍ତରାଧିକାରୀ (୧) ପ୍ରତିମା ଦାସ (ସ୍ତ୍ରୀ) ଓ (୨) ମାନସ ରଞ୍ଜନ ଦାସ (ପୁତ୍ର) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR 13033/11/0309/2526

ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ୍
ଅହମ୍ମଦାବାଦ, ଗାନ୍ଧୀନଗର, ବେଙ୍ଗାଲୁରୁ
ଡିପିଆଇଆଇଟି ଅଧୀନରେ ଏକ ସାମ୍ବିଧାନିକ ପ୍ରତିଷ୍ଠାନ
ଭାରତ ସରକାରଙ୍କ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ।
ପାଲଦି, ଅହମ୍ମଦାବାଦ- ୩୮୦୦୦୭
ଫୋନ୍: ୦୭୯-୨୬୬୨୯୫୦୦/୬୦୦, ୱେବ୍: www.nid.edu

**ଏନ୍‌ଆଇଡି, ଅହମ୍ମଦାବାଦ ଫ୍ୟାକଲ୍ଟି ପଦବୀ ପାଇଁ ଆବେଦନ ଆମନ୍ତ୍ରଣ କରୁଛ**

ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ୍ (ଏନ୍‌ଆଇଡି), ଅହମ୍ମଦାବାଦ, ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଏକ 'ଜାତୀୟ ଗୁରୁତ୍ୱ ପ୍ରତିଷ୍ଠାନ'। ଭାରତ ସରକାର, ଅହମ୍ମଦାବାଦ, ଗାନ୍ଧୀନଗର ଏବଂ ବେଙ୍ଗାଲୁରୁରେ ଏହାର ତିନୋଟି କ୍ୟାମ୍ପସରୁ ସ୍ନାତକ, ସ୍ନାତକୋତ୍ତର ଏବଂ ଡକ୍ଟରାଲ୍ ଡିଗ୍ରୀ ପ୍ରଦାନ କରୁଥିବା, ଏହାର ଫ୍ୟାକଲ୍ଟି ଦଳରେ ଯୋଗଦେବା ପାଇଁ ସୃଜନଶୀଳ ଏବଂ ଦକ୍ଷ ଡିଜାଇନ୍ ବୃତ୍ତିଗତ ଏବଂ ଶିକ୍ଷକମାନଙ୍କର ସନ୍ଧାନ କରୁଛି।

ପ୍ରତିଷ୍ଠାନର ପାଞ୍ଚଟି ଫ୍ୟାକଲ୍ଟି ଷ୍ଟ୍ରିମ୍ ଅଧୀନରେ ବିଭିନ୍ନ ବିଷୟ ପାଇଁ ସିନିୟର ଫ୍ୟାକଲ୍ଟି, ଆସୋସିଏଟ୍ ସିନିୟର ଫ୍ୟାକଲ୍ଟି ଏବଂ ଫ୍ୟାକଲ୍ଟି ପଦବୀ ପାଇଁ ଅନଲାଇନ୍ ଆବେଦନ ଏବେ ଖୋଲା ଅଛି।

ଆବେଦନ ପ୍ରକ୍ରିୟା ଏବଂ ପଦ୍ଧତି ବିଷୟରେ ବିସ୍ତୃତ ସୂଚନା ପାଇଁ, ଦୟାକରି www.nid.edu ରେ 'Careers@NID' ପରିଦର୍ଶନ କରନ୍ତୁ।

ଆଗ୍ରହୀ ପ୍ରାର୍ଥୀମାନେ ୱେବସାଇଟରେ ଉଲ୍ଲେଖ କରାଯାଇଥିବା ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ନିର୍ଦ୍ଧାରିତ ଫର୍ମ ବ୍ୟବହାର କରି www.nid.edu ମାଧ୍ୟମରେ କେବଳ ଅନଲାଇନରେ ଆବେଦନ କରିପାରିବେ। ଉପରୋକ୍ତ ନିଯୁକ୍ତିରେ ଯେକୌଣସି ପରିଶିଷ୍ଟ, ସଂଶୋଧନ, ତାରିଖ ବୃଦ୍ଧି ଇତ୍ୟାଦି କେବଳ ଉପରୋକ୍ତ ୱେବସାଇଟରେ ସୂଚିତ କରାଯିବ।

ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖ
**୧୭ ଜୁନ୍ ୨୦୨୫ (ସନ୍ଧ୍ୟା ୦୫:୦୦ ଟା ପର୍ଯ୍ୟନ୍ତ)।**

CBC 05216/12/0001/25-26

## ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ବିଶ୍ୱ ପରିବେଶ ଦିବସ



ନରେନ୍ଦ୍ରପୁର (ଭାସ୍କର ନ୍ୟୁଜ୍) : ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍ଏମ୍) ପକ୍ଷରୁ ବିଶ୍ୱ ପରିବେଶ ଦିବସ ୨୦୨୫ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଚଳିତ ବର୍ଷର ଗ୍ଲୋବାଲ ବିଷୟବସ୍ତୁ ରହିଛି 'ପ୍ଲାଷ୍ଟିକ ପ୍ରଦୂଷଣକୁ ଶେଷ କରିବା'। ଟାଟା ସଷ୍ଟେନେବିଲିଟି ମାସ ଅଧୀନରେ ଏହି ଉତ୍ସବ ମଇ ମାସରୁ ଆରମ୍ଭ ହୋଇଛି ଯାହା ୨୦୨୫ ଜୁନ୍ ଶେଷ ପର୍ଯ୍ୟନ୍ତ ଜାରି ରହିବ। ଏହି ପରିପ୍ରେକ୍ଷୀରେ ଟିଏସ୍ଏମ୍ ପକ୍ଷରୁ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା। ଶିବପୁର ଓ ନୂଆଗାଁରେ ଗଣ ସଫେଇ କାର୍ଯ୍ୟକ୍ରମ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଭଳିଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଟିଏସ୍ଏମ୍ ପକ୍ଷରୁ ଇସ୍ପାତ ଓ ଶକ୍ତି ଶିଳ୍ପରେ କଠିନ ବର୍ଜ୍ୟବସ୍ତୁ, ଫ୍ଲାଏ ଆସ୍ ଓ ଜଳ ପରିଚାଳନା ଉପରେ ଏକ ସୂଚନାଧର୍ମୀୱେବିନାର୍ ଆୟୋଜନ କରାଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି), ଅନୁଗୁଳର ଆଞ୍ଚଳିକ ଅଧିକାରୀ ଡ, ରମେଶ ଏକ୍କାଙ୍କ ଦ୍ୱାରା ଏକ ବିଶେଷଜ୍ଞ ଅଧିବେଶନ ଆୟୋଜନ କରାଯାଇଥିଲା। ସେହିପରି କମ୍ପାନି ପକ୍ଷରୁ ଏକ ସ୍ଲୋଗାନ ପ୍ରତିଯୋଗିତା ଏବଂ 'ଶ୍ରେଷ୍ଠ ପରିବେଶ ସଂଯୋଜକ' ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ନିଜ ପ୍ରତିବଦ୍ଧତା ପ୍ରତି ପ୍ରମାଣ ସ୍ୱରୂପ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ତରଫରୁ କାରଖାନା ଓ ଟାଉନସିପ ପରିସରରେ ଶତାଧିକ ଚାରା ରୋପଣ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗଞ୍ଜାମ ହେବ...

ସମ୍ପୂର୍ଣ୍ଣ ଭାବେ ମିଳିପାରିବ। ସେ ପୁଣି କହିଥିଲେଯେ, ଆଗାମୀ ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଯାହା ଆବଶ୍ୟକ, ଆମେ ସେ ସବୁ ଉଦ୍ୟମ କରୁଛୁ। ଆମର ଯୁବଶକ୍ତି ଉପରେ ମୋର ସମ୍ପୂର୍ଣ୍ଣ ଭରସା ରହିଛି। ଆମର ସ୍ୱପ୍ନ ପୂରଣ ଦିଗରେ ଆମର ଯୁବଶକ୍ତି ହିଁ ହେବ ମୁଖ୍ୟ ସାରଥି। ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ପାଇଁ ଦକ୍ଷତା ଆବଶ୍ୟକ। ତେଣୁ ଯୁବ ବର୍ଗ ଯେପରି ଦକ୍ଷ ହେବେ, ଆଧୁନିକ ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ପାଇଁ ଯୋଗ୍ୟ ହେବେ, ସେଥିପାଇଁ ଆମେ ଆମର ୱାର୍ଲ୍ଡ ସ୍କିଲ ସେଣ୍ଟରର ୪ଟି କେନ୍ଦ୍ର ପ୍ରତିଷ୍ଠା କରିବୁ। ଆଧୁନିକ ଦକ୍ଷତା ପାଇଁ ଆମେ ସିଙ୍ଗାପୁରର ଆଇଟିଜ୍ ସହିତ ପାର୍ଟନରସିପ୍ କରିଛୁ। ସବୁ ଆଇଟିଆଇ ଗୁଡିକର ଉନ୍ନତିକରଣ କରାଯାଇ ସେଥିରେ ଆଧୁନିକ ସ୍କିଲ୍ ଶିକ୍ଷା ଦିଆଯିବ। ଏହି କାର୍ଯ୍ୟକ୍ରମରେ ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ ଓ ସମସ୍ତ ବିଧାୟକ ଗଣ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ, ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟ ସରକାରଙ୍କ...

ଅବସରରେ ସେ ସାମିଲ ହୋଇ ଓଡ଼ିଶାବାସୀଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ଥିବା ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବିଜେପି କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବା ନେଇ ସୂଚନା ଦିଆଯାଇଛି।

### ହାର୍ଡକୋର ମାଓବାଦୀ...

ଅଧିକାରୀ କହିଛନ୍ତି ଯେ, ଏବେ ବି ସେହି ଉଦ୍ୟାନରେ ଗୁଳି ବିନିମୟ ଓ ସର୍ଚ୍ଚ ଅପରେସନ ଜାରି ରହିଛି। ମୃତ ସୁଧାକର ୪ରାଜ୍ୟ ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ ଓ ମହାରାଷ୍ଟ୍ର ପାଇଁ ମୋଷ୍ଟ ୱାଣ୍ଟେଡ ରହିଥିଲା। ସୂଚନାଯୋଗ୍ୟ ଯେ, ଗତମାସ ୨୧ତାରିଖରେ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ବାସବରାଜୁର ଏନ୍‌କାଉଣ୍ଟରରେ ମୃତ୍ୟୁ ହୋଇଥିଲା। ୧୫ଦିନ ଭିତରେ ଆଉ ଜଣେ ମାଓ କେନ୍ଦ୍ରୀୟ କମିଟି ସଦସ୍ୟଙ୍କ ମୃତ୍ୟୁ ସଂଗଠନକୁ ଶକ୍ତ ଧକ୍କା ଦେଇଛି। ସୁଧାକରର ଘର ଆନ୍ଧ୍ରପ୍ରଦେଶ ପଶ୍ଚିମ ଗୋଦାବରୀ ଜିଲ୍ଲା ପ୍ରଗାଦ୍ୱାରମ୍। ସେ ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ରହୁଥିବା ବେଳେ ବିଶେଷ କରି ସୁଧାକର ନାମରେ ପରିଚିତ ଥିଲା। ସେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ କରୁଥିଲା।

**AFFIDAVIT**

By virtue of an affidavit No. A/32 sworn before the Executive Magistrate on dated 27.05.2025 I Gangamani Singh W/o Sankar Singh and D/o Mehesh Singh resident of At/Post- Asurchhaal PS-Tangarpali, Dist.- Sundargarh declares that my correct name is Gangamani Singh which is mentioned in Bank Passbook. But wrongly mentioned as Gangamoni in Aadhar Card & PAN Card. In Voter Identity Card my name is mentioned as Gangamani Singh W/o- Shankar Singh. In service record my name has been recorded as Gangamuni Singh W/o Ankar Singh. Gangamani, Gangamoni & Gangamuni is same person and correct name is Gangamani Singh. Husbands name is Sankar Sing, Shankar Sing & Ankar Sigh is same person & correct name is Sankar Singh. This affidavit is to be produced before concerned authority as and when required.

**Sd/- Gangamani Singh**

**OFFICE OF THE SUPERINTENDING ENGINEER: RWSS DIVISION: BERHAMPUR**
Near Jarada Bunglow, Pin - 760004, Ph. 0680-2296344
eerwss_bam@nic.in rwssbam@gmail.com

O-245

Government of Odisha "e" Procurement Notice
NATIONAL COMPETITIVE BIDDING
Bid Identification No. EERWSSBAM-ID-03-of - 2025-26

**The Superintending Engineer, RWS&S Division, Berhampur, on behalf of Governor of Odisha, invites** quotations from the registered manufacturers/Authorised Dealers/ Authorised Distributers / Reputed Firms for supply of ISI marked steel tubes- **MS ERW pipes (200mm.dia. & 125mm.dia.) in single cover system in** ONLINE MODE as detailed in the DTCN to be hoisted in the website www.tenderorissa.gov.in. The eligible manufacturers/Authorised Dealers or Distributors /Reputed Firms **may offer their quotations for e-procurement.**

1. Name of work:- **"Supply of 8" ( 200 mm dia ) & 5" (125 mm dia ) ERW MS Pipe** confirming to IS-4270/ 2001 with subsequent amendments if any for "sinking of borewells in boulder formation areas in district of Ganjam ."
2. Estimated Cost (Approx.):- . Rs.27.20 lakhs (Exclusive of GST)
3. Period of completion: - 01(One) month
3. Cost of Tender Paper Rs.6000/-
4. E.M.D- Rs 28000.00
5. Date & time of availability of bid in the website: 06-06-2025 to 22-06-2025 up to 5.00PM
6. Last date & time for seeking Tender clarification:16.06.2025 up to 1.00PM.
7. Last date & time for receipt of bids :22.06.2025 up to 5.00PM.
8. Date & Time of Opening of Technical & Financial Bids :23.06.2025 at11.00 AM
9. Further details can be had in the website www.tenderorissa.gov.in only.
10. Authority reserves the right to reject any or all the tenders without assigning any reason thereof.

Enclosed:- The details of the works in annexure attached herewith for reference.

Superintending Engineer(RWSS)

OIPR 25035/11/0020/2526



ନୂଆଦିଲ୍ଲୀ: ରାମ ଦରବାରର ପ୍ରାଣ ପ୍ରତିଷ୍ଠା ସମ୍ପନ୍ନ ହୋଇଛି। ୨୧ଟି ନଦୀର ପବିତ୍ର ଜଳରେ ଶ୍ରୀରାମଙ୍କୁ ଅଭିଷେକ କରାଯାଇଛି। ରାମମନ୍ଦିରର ପ୍ରଥମ ମହଲାରେ ରାମ ଦରବାର ଏବଂ ଅନ୍ୟାନ୍ୟ ଦେବଦେବୀଙ୍କ ମୂର୍ତ୍ତିଗୁଡ଼ିକର ଅଭିଷେକ କରାଯାଇଛି। ପ୍ରାଣ ପ୍ରତିଷ୍ଠା ପୂର୍ବରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଯୋଧ୍ୟାରେ ପହଞ୍ଚି ରାମଲାଲାଙ୍କ ଦର୍ଶନ କରିଥିଲେ। ଗତ ବର୍ଷ ଜାନୁଆରୀ ୨୨ରେ ରାମ ଜନ୍ମଭୂମିରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା। ଗୁରୁବାର ଦ୍ୱିତୀୟ ପ୍ରାଣ ପ୍ରତିଷ୍ଠାରେ ପ୍ରଭୁ ରାମ ରାଜା ଭାବେ ଦରବାରରେ ବିରାଜମାନ କରିଛନ୍ତି। ରାମ ମନ୍ଦିରର ପ୍ରଥମ ମହଲାରେ ପ୍ରଭୁ ଶ୍ରୀରାମଙ୍କ ଦରବାର ରହିଛି। ଯେଉଁଠାରେ ଶ୍ରୀରାମଙ୍କ ସହିତ ମାତା ସୀତା, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଏବଂ ତାଙ୍କ ଭକ୍ତ ପ୍ରଭୁ ହନୁମାନ ମଧ୍ୟ ଅଛନ୍ତି। ରାମ ମନ୍ଦିରର ସମ୍ପୂର୍ଣ୍ଣ ପରିସର ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ସମ୍ପୂର୍ଣ୍ଣ ପରିବେଶ ରାମମୟ ହୋଇଉଠିଛି। ରାମ ଦରବାରର ପ୍ରାଣ ପ୍ରତିଷ୍ଠା ଭବ୍ୟ ସମାରୋହରେ କରାଯାଇଛି।

### ପୂର୍ବୋତ୍ତର ରାଜ୍ୟରେ ବନ୍ୟା ବିପ୍ଲବ

# ଗଲାଣି ୫୦ ଜୀବନ, ୧୫୦୦ ଗାଁ ଜଳମଗ୍ନ



ନୂଆଦିଲ୍ଲୀ: ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଉତ୍ତର-ପୂର୍ବାଞ୍ଚଳର ସ୍ଥିତି ଖରାପ ହୋଇଯାଇଛି। ଆସାମରୁ ମଣିପୁର ପର୍ଯ୍ୟନ୍ତ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଅରାଜକତା ଦେଖାଦେଇଛି। ଜୀବନ ହାନି, ଫସଲ ଜମି ନଷ୍ଟ ହେଉଛି, ଲୋକଙ୍କ ପାଖରେ ରହିବା ପାଇଁ ଘର ମଧ୍ୟ ନାହିଁ। ବିଶେଷକରି ଆସାମ ଏବଂ ଅରୁଣାଚଳ ପ୍ରଦେଶରେ ପରିସ୍ଥିତି ବହୁତ ଖରାପ ବୋଲି କୁହାଯାଉଛି। ବୁଧବାର ସ୍ଥିତିରେ ସାମାନ୍ୟ ଉନ୍ନତି ହୋଇଥିଲା, କିନ୍ତୁ ଏପର୍ଯ୍ୟନ୍ତ କୌଣସି ପରିବର୍ତ୍ତନ ହୋଇନାହିଁ। ଉତ୍ତର-ପୂର୍ବର ଅନେକ ସ୍ଥାନରେ ରାତିସାରା ପ୍ରବଳ ବର୍ଷା ଜାରି ରହିଥିଲା। ଆସାମରେ ଆଉ ଦୁଇ ଜଣଙ୍କ ଜୀବନ ଯାଇଛି। ଯାହା ପରେ ସିକ୍କିମ ସମେତ ସାତଟି ଉତ୍ତର-ପୂର୍ବ ରାଜ୍ୟରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ମୃତ୍ୟୁ ସଂଖ୍ୟା ୫୦କୁ ବୃଦ୍ଧି ପାଇଛି। ୨୯ ମେ' ପରଠାରୁ କେବଳ ଆସାମରେ ୧୯ଜଣଙ୍କ ଜୀବନ ଯାଇଛି। ଉତ୍ତର-ପୂର୍ବ ରାଜ୍ୟ ଗୁଡ଼ିକର ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ମେ ୨୯ ତାରିଖରୁ, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଅରୁଣାଚଳ ପ୍ରଦେଶରେ ୧୨ ଜଣ, ମେଘାଳୟରେ ୬ଜଣ, ମିଜୋରାମରେ ୫ଜଣ, ସିକ୍କିମରେ ୪ଜଣ, ତ୍ରିପୁରାରେ ୨ ଜଣ ଏବଂ ନାଗାଲାଣ୍ଡ ଏବଂ ମଣିପୁରରେ ପ୍ରତ୍ୟେକେ ଜଣେ ପ୍ରାଣ ହରାଇଛନ୍ତି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ରିପୋର୍ଟ ଅନୁଯାୟୀ, ୨୧ଟି ଜିଲ୍ଲାରେ ବନ୍ୟା ଏବଂ ବର୍ଷା ଦ୍ୱାରା ୬.୭୯ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବ୍ରହ୍ମପୁତ୍ର ଏବଂ ଅନ୍ୟାନ୍ୟ ୮ଟି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଗୌହାଟୀ ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି। ଅରୁଣାଚଳ ପ୍ରଦେଶର ଦିବାଙ୍ଗ ଉପତ୍ୟକା ଜିଲ୍ଲାରେ ଭୟଙ୍କର ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଯାଇଛି। ପ୍ରବଳ ବର୍ଷା ଯୋଗୁଁ ପୋଲ ନଦୀ ବନ୍ୟାରେ ଭାସି ଯାଇଛି ଏବଂ ଗାଁଗୁଡ଼ିକର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ପ୍ରଶାସନ ଏବେ ଡ୍ରୋନ୍ ଏବଂ ଏୟାରଡ୍ରପ୍ ମାଧ୍ୟମରେ ଫସି ରହିଥିବା ଗାଁ ଲୋକଙ୍କ ପାଖକୁ ରିଲିଫ୍ ସାମଗ୍ରୀ ପହଞ୍ଚାଇବାକୁ ଚେଷ୍ଟା କରୁଛି।

### ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା ମାମଲା

# ପୋଲିସ ଉପରେ ବର୍ଷିଲେ ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ: ୨୦୨୧ ନିର୍ବାଚନ ପରବର୍ତ୍ତୀ ହିଂସା ସମୟରେ ଜଣେ ବିଜେପି ସମର୍ଥକଙ୍କ ଘରେ ଭଙ୍ଗାରୁଜା ଓ ତାଙ୍କ ପତ୍ନୀଙ୍କୁ ଯୌନ ନିର୍ଯାତନା ମାମଲାରେ ସୁପ୍ରିମ୍‌କୋର୍ଟ ନିକଟରେ ପଶ୍ଚିମବଙ୍ଗ ପୁଲିସକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ ଦାୟିତ୍ୱରେ ଥିବା ଅଧିକାରୀ ଏଫ୍‌ଆଇଆର୍ ରୁଜୁ କରିବାକୁ ମନା କରିଦେଇଥିଲେ ଏବଂ ପରିବାରକୁ ନିଜ ସୁରକ୍ଷା ପାଇଁ ଗାଁ ଛାଡ଼ିବାକୁ କହିଥିଲେ। ମେ ୩୦ ତାରିଖରେ ଶୁଣାଣି ସମୟରେ ଯେତେବେଳେ ସର୍ବୋଚ୍ଚ ନ୍ୟାୟାଳୟ କଲିକତା ହାଇକୋର୍ଟଙ୍କ ଆଦେଶକୁ ଖାରଜ କରି ୬ଜଣ ତୃଣମୂଳ କଂଗ୍ରେସ କର୍ମୀଙ୍କ ଜାମିନ ରଦ୍ଦ କରିଥିଲେ, ସେତେବେଳେ ଜଣାପଡ଼ିଥିଲା ଯେ ପ୍ରାୟ ୪୦-୫୦ ଜଣ ସଶସ୍ତ୍ର ଦୁର୍ବୃତ୍ତ ଅଭିଯୋଗକାରୀଙ୍କ ଘରେ ଭଙ୍ଗାରୁଜା କରି ଲୁଟ୍ କରିଥିଲେ, ତାଙ୍କ ପତ୍ନୀଙ୍କୁ କେଶ ଧରି ଘୋଷାରି ଥିଲେ, ଜୋରଜବରଦସ୍ତ ଉଲଂଗ୍ କରିଥିଲେ ଏବଂ ପରେ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ତେବେ ନିଜ ଉପରେ କିରୋସିନ ଢାଳି ନିଆଁ ଲଗାଇଦେବାକୁ ଧମକ ଦେଇ ମହିଳା ଜଣକ ଖସି ପଳାଇବାରେ ସକ୍ଷମ ହୋଇଥିଲେ। କୋର୍ଟ କହିଛନ୍ତି, ଘଟଣାଟି ଯେଭଳି ନିନ୍ଦନୀୟ ଢଙ୍ଗରେ ଘଟିଛି, ତାହା ଦର୍ଶାଉଛି ଯେ ଭିନ୍ନ ଦଳର ସମର୍ଥକଙ୍କୁ ଦମନ କରିବା ସେମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା। ଜଷ୍ଟିସ ବିକ୍ରମ ନାଥ ଓ ଜଷ୍ଟିସ ସନ୍ଦୀପ ମେହେଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଏହି ଘୃଣ୍ୟ ଅପରାଧ ଗଣତନ୍ତ୍ରର ମୂଳ ଉପରେ ଏକ ଗମ୍ଭୀର ଆକ୍ରମଣଠାରୁ କମ୍ ନୁହେଁ।

## ଭାରତରେ ତିଆରି ହେବ ରାଫେଲ୍, ଟାଟା-ଡାସାଲ୍ଟ ବୁଝାମଣା



ନୂଆଦିଲ୍ଲୀ: ଫ୍ରାନ୍ସର ଅଗ୍ରଣୀ ପ୍ରତିରକ୍ଷା କମ୍ପାନୀ ଡାସଲ୍ଟ ଆଭିଏସନ୍ ଏବଂ ଭାରତର ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ଲିମିଟେଡ୍ (ଟିଏଏସଏଲ୍) ରାଫେଲ୍ ଲଢୁଆ ବିମାନ ନିର୍ମାଣ ପାଇଁ ଚାରୋଟି ଉତ୍ପାଦନ ସ୍ଥାନାନ୍ତର ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହା ଅଧୀନରେ, ରାଫେଲ୍ ଜେଟ୍‌ର ସମ୍ପୂର୍ଣ୍ଣ ଫ୍ୟୁଜଲାଜ୍ (ବିମାନର ମୁଖ୍ୟବଡି) ଏବେ ଭାରତରେ ହିଁ ନିର୍ମିତ ହେବ। ଏହି ଚୁକ୍ତି ଦେଶର ପ୍ରତିରକ୍ଷା ଉତ୍ପାଦନ କ୍ଷମତାକୁ ମଜବୁତ କରିବା ସହିତ ଭାରତକୁ ବିଶ୍ୱ ମହାକାଶ ଯୋଗାଣ ଶୃଙ୍ଖଳରେ ଏକ ଗୁରୁତ୍ୱପୂର୍ଣ୍ଣ ଦେଶ କରିପାରିବ। ସହଭାଗୀତା ଅଧୀନରେ, ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ହାଇଦ୍ରାବାଦରେ ଏକ ଅତ୍ୟାଧୁନିକ ଉତ୍ପାଦନ କାରଖାନା ସ୍ଥାପନ କରିବ, ଯେଉଁଠାରେ ରାଫେଲ୍ ବିମାନର ପ୍ରମୁଖ ଅଂଶ-ଯେପରିକି ପଛ ଫ୍ୟୁଜଲାଜର ପାର୍ଶ୍ୱ ସେଲ୍, ସମ୍ପୂର୍ଣ୍ଣ ପଛ ଅଂଶ, କେନ୍ଦ୍ରୀୟ ଫ୍ୟୁଜଲାଜ୍ ଏବଂ ସମ୍ମୁଖ ଅଂଶ-ନିର୍ମିତ ହେବ। ଡାସଲ୍ଟ ଆଭିଏସନ୍ ଷ୍ଟକ୍ ଏକ୍ସଚେଞ୍ଜକୁ ଏକ ବିବୃତ୍ତିରେ କହିଛି, ଏହି କାରଖାନା ଭାରତର ମହାକାଶ ଭିତ୍ତିଭୂମିରେ ଏକ ପ୍ରମୁଖ ନିବେଶ ଏବଂ ହାଇ-ପ୍ରେସିସନ ଉତ୍ପାଦନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ପ୍ଲାଣ୍ଟରେ ଫ୍ୟୁଜଲାଜ୍ ନିର୍ମାଣ ଆର୍ଥିକ ବର୍ଷ ୨୦୨୮ରୁ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ପ୍ରାରମ୍ଭରେ, ପ୍ରତି ମାସରେ ଦୁଇଟି ସମ୍ପୂର୍ଣ୍ଣ ଫ୍ୟୁଜଲାଜ୍ ଆସେମ୍ବଲି ଲାଇନରୁ ଗଡ଼ିପାରିବ। ଏହା ପ୍ରଥମ ଥର ହେବ ଯେ ରାଫେଲର ଗଠନ ଫ୍ରାନ୍ସ ବାହାରେ କୌଣସି ସ୍ଥାନରେ ନିର୍ମାଣ କରାଯିବ।

## ୧୨ ଦେଶକୁ ଆମେରିକା ମନା

ୱାଶିଂଟନ: ବିଦେଶୀ ନାଗରିକଙ୍କ ପାଇଁ ଆମେରିକାରେ କଟକଣା। ୧୨ ଦେଶର ଲୋକଙ୍କୁ ଆମେରିକା ମନା। ଆମେରିକାରେ ପ୍ରବେଶ କରିପାରିବେନି ୧୨ ଦେଶର ନାଗରିକ। ଏଥିସହ ଅନ୍ୟ ୭ଟି ଦେଶରୁ ଆସୁଥିବା ଲୋକଙ୍କ ଉପରେ ଆଂଶିକ କଟକଣା ଲାଗୁ କରାଯାଇଛି। ଏ ସମ୍ପର୍କିତ ନୂଆ ଘୋଷଣାପତ୍ର ଜାରି କରିଛି ଟ୍ରମ୍ପ ପ୍ରଶାସନ। ନୂଆ ଘୋଷଣାପତ୍ର ଅନୁସାରେ, ଆଫଗାନିସ୍ତାନ, ମିଆଁମାର, କଙ୍ଗୋ, ଇରାନ, ଲିବିଆ, ସୋମାଲିଆ, ସୁଦାନ, ୟେମେନ, ହୈତି, ଇରିଟ୍ରିଆ, ଚାଡ୍, ଇକ୍ୱାଟୋରିଆଲ୍ ଗିନି ଉପରେ ଆମେରିକାରେ ପ୍ରବେଶ ନେଇ କଟକଣା ଲଗାଇଛି ଟ୍ରମ୍ପ ସରକାର। ଏହି ଦେଶଗୁଡ଼ିକର ନାଗରିକମାନେ ଆଉ ଆମେରିକାରେ ପ୍ରବେଶ କରିପାରିବେ ନାହିଁ। ଏହି ପ୍ରତିବନ୍ଧକ ସୋମବାର ସକାଳ ୧୨ଟା ୦୧ରୁ କାର୍ଯ୍ୟକାରୀ ହେବ। ଏଥିସହ ଅନ୍ୟ ୭ଟି ଦେଶ ବୁରୁଣ୍ଡି, କ୍ୟୁବା, ଲାଓସ, ସିଏରା ଲିଓନ, ଟୋଗୋ, ତୁର୍କମେନିସ୍ତାନ ଏବଂ ଭେନେଜୁଏଲାର ନାଗରିକଙ୍କ ଉପରେ ଆଂଶିକ କଟକଣା ଲଗାଯାଇଛି। ଆମେରିକାର ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରିଛି ଟ୍ରମ୍ପ ପ୍ରଶାସନ। ଟ୍ରମ୍ପ କହିଛନ୍ତି ଆମେରିକାର ଜାତୀୟ ସୁରକ୍ଷା ଏବଂ ନିଜ ନାଗରିକଙ୍କ ସ୍ୱାର୍ଥକୁ ସୁରକ୍ଷା ପାଇଁ ମୋତେ ଏହି ପଦକ୍ଷେପ ନେବାକୁ ପଡିଛି।

## ସ୍ୱର୍ଗୀୟ ରାମଜୀଲାଲ୍ ଅଗ୍ରୱାଲଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କଲେ ବିଷ୍ଣୁଦେବ

### ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଲେ, ପରିବାରବର୍ଗଙ୍କୁ ଭେଟିଲେ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଗୁରୁବାର ସନ୍ଧ୍ୟାରେ ସାଂସଦ ବ୍ରଜମୋହନ ଅଗ୍ରୱାଲଙ୍କ ପିତା ସ୍ୱର୍ଗୀୟ ରାମଜୀଲାଲ୍ ଅଗ୍ରୱାଲଙ୍କ ଶାନ୍ତିମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେ ରାମଜୀଲାଲ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଶ୍ରୀ ସାଏ ସାଂସଦ ଶ୍ରୀ ଅଗ୍ରୱାଲଙ୍କ ଓ ତାଙ୍କ ପରିବାରର ଲୋକମାନଙ୍କୁ ଭେଟି ସମବେଦନା ଜ୍ଞାପନ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏଙ୍କ ସହ ଛତିଶଗଡ଼ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲ ମଧ୍ୟ କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚି ରାମଜୀଲାଲ୍‌ଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରାୟପୁରର ବେବିଲୋନ୍ ଇଣ୍ଟରନ୍ୟାସନାଲ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ସାଂସଦ ଶ୍ରୀ ଅଗ୍ରୱାଲ ତାଙ୍କ ପିତାଙ୍କ ବ୍ୟକ୍ତିତ୍ୱ ଏବଂ କୃତିତ୍ୱ ଓ ପ୍ରେରଣାଦାୟକ ଜୀବନ ଉପରେ ପ୍ରକାଶିତ ପୁସ୍ତକ 'ହମର ସିଆନ୍' ପୁସ୍ତକକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ।

## ପୁଟିନ୍‌ଙ୍କ ବଡ଼ ନିଷ୍ପତ୍ତି ! ଡରିଲା ସାରା ବିଶ୍ୱ

ମସ୍କୋ: ୟୁକ୍ରେନ ଉପରେ ରୁଷର ଆକ୍ରମଣ ଏବେ ଆହୁରି ବିପଜ୍ଜନକ ହୋଇପାରେ। ୟୁକ୍ରେନୀୟ ସାମରିକ ଗୁପ୍ତଚରର ଏକ ସୂତ୍ର କହିଛି ଯେ ରୁଷ ଏବେ ପ୍ରତିଦିନ ରାତିରେ ୟୁକ୍ରେନ ଆଡକୁ ୫୦୦ରୁ ଅଧିକ ଦୂରଗାମୀ ଡ୍ରୋନ ପଠାଇବାକୁ ପ୍ରସ୍ତୁତ ହେଉଛି। ଏଥିପାଇଁ, ରୁଷ ଦ୍ରୁତ ଗତିରେ ଉତ୍ପାଦନ ବୃଦ୍ଧି କରୁଛି ଏବଂ ନୂତନ ଉତକ୍ଷେପଣ ସ୍ଥାନ ପ୍ରସ୍ତୁତ କରୁଛି। ୟୁକ୍ରେନ ଅନୁଯାୟୀ, ରୁଷ ଏବେ ପ୍ରତିଦିନ 'ଗେରାନ' ନାମକ ପ୍ରାୟ ୭୦ଟି ଡ୍ରୋନ ତିଆରି କରୁଛି। ଗତ ବର୍ଷ ପର୍ଯ୍ୟନ୍ତ ଏହି ସଂଖ୍ୟା ପ୍ରତିଦିନ କେବଳ ୨୧ ଟି ଡ୍ରୋନ ଥିଲା। ଅର୍ଥାତ, ରୁଷ ଗୋଟିଏ ବର୍ଷରେ ଏହାର ଡ୍ରୋନ କାରଖାନାର ଗତି ତିନି ଗୁଣ ବୃଦ୍ଧି କରିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରତିଦିନ ୫୦୦ ଟି ବିଭିନ୍ନ ପ୍ରକାରର ଦୂରଗାମୀ ଡ୍ରୋନ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି। ଏହି ସମସ୍ତ ଡ୍ରୋନ ୟୁକ୍ରେନର ସହର ଏବଂ ଭିତ୍ତିଭୂମିକୁ ଟାର୍ଗେଟ କରିପାରିବ। ଏପର୍ଯ୍ୟନ୍ତ, ୟୁକ୍ରେନ ଉପରେ ଆକ୍ରମଣ ପାଇଁ ରୁଷ ପାଖରେ କେବଳ ପାଞ୍ଚଟି ଉତକ୍ଷେପଣ ସ୍ଥାନ ଥିଲା-କୁର୍ସ୍କ, କ୍ରାସନୋଦାରର ଦୁଇଟି ବନ୍ଦର ସହର ଏବଂ କ୍ରିମିଆର ଦୁଇଟି ଅଧିକୃତ ଅଞ୍ଚଳ-କେପ ଫିଓଲେଣ୍ଟ ଏବଂ କେପ ଚୌଡା। କିନ୍ତୁ ଏବେ ୧୨-୧୫ଟି ନୂତନ ଲଞ୍ଚ ସ୍ଥଳ ନିର୍ମାଣ କରାଯାଉଛି, ଯାହା ମଧ୍ୟରୁ ଅଧିକାଂଶ ପ୍ରାୟ ପ୍ରସ୍ତୁତ। ଏଥିମଧ୍ୟରୁ କେବଳ ତିନୋଟି ନିର୍ମାଣାଧୀନ ଅଛି। ଜୁନ ୧ ରାତିରେ, ରୁଷ ୟୁକ୍ରେନରେ ଏକକାଳୀନ ୪୭୨ଟି ଡ୍ରୋନ ଉତ୍‌କ୍ଷେପଣ କରିଥିଲା।

# ବାଣିଜ୍ୟ



ନୂଆଦିଲ୍ଲୀ: ବିଶ୍ୱ ମଞ୍ଚରେ ଭାରତୀୟ ଚିକିତ୍ସା ପ୍ରଯୁକ୍ତି ପାଇଁ ଏକ ନୂତନ ଶିଖରରେ ପହଞ୍ଚାଇ, ଏସଏସଆଇ ସର୍ଜିକାଲ ରୋବୋଟିକ ସିଷ୍ଟମର ସୃଷ୍ଟିକାରୀ ଏସଏସ ଇନୋଭେସନସ୍ ଇଣ୍ଟରନ୍ୟାସନାଲ ନ୍ୟୁୟର୍କ ସିଟିରେ ନାସଡାକ୍ ମାର୍କେଟ ସାଇଟରେ ତାଲିକାଭୁକ୍ତ ହୋଇଛି। କମ୍ପାନୀର ସେୟାରଗୁଡିକ ଟିକର ପ୍ରତୀକ 'ଏସ୍‌ଏସ୍‌ଆଇଆଇ' ଅଧୀନରେ ତାଲିକାଭୁକ୍ତ ହୋଇଛି। ଏସ୍‌ଏସ୍ ଇନୋଭେସନସ୍ ଇଣ୍ଟରନ୍ୟାସନାଲର ପ୍ରତିଷ୍ଠାତା, ଚେୟାରମ୍ୟାନ ଏବଂ ସିଇଓ ଡ.ସୁଧୀର ଶ୍ରୀବାସ୍ତବଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ତାଙ୍କ ସହିତ କମ୍ପାନୀର ପରିଚାଳନାକାରୀ ଟିମ୍ ସଦସ୍ୟବୃନ୍ଦ, ବୋର୍ଡ ଅଫ ଡାଇରେକ୍ଟର୍ସ, ମୁଖ୍ୟ ପରାମର୍ଶଦାତାଗଣ ଏବଂ ସ୍ୱତନ୍ତ୍ର ଅତିଥିବୃନ୍ଦ ସାମିଲ ହୋଇଥିଲେ। ଏହି ସଫଳତା ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ ହୋଇଛି,ଯାହା ଉନ୍ନତ ଚିକିତ୍ସା ପ୍ରଯୁକ୍ତିରେ ରାଷ୍ଟ୍ରର ବର୍ଦ୍ଧିତ ନେତୃତ୍ୱକୁ ପ୍ରତିପାଦିତ କରିବା ସହିତ ଭାରତୀୟ ଉଦଭାବିତ ସ୍ୱାସ୍ଥ୍ୟ ପ୍ରଯତ୍ନକାରୀ ସମାଧାନଗୁଡିକ ନିମନ୍ତେ ନବସୃଜନ ଏବଂ ଆନ୍ତର୍ଜାତିକ ସ୍ୱୀକୃତିର ଏକ ନୂତନ ଯୁଗ ଅୟମାରମ୍ଭ କରିଛି। ଏସଏସ ଇନୋଭେସନସ୍ ଇଣ୍ଟରନ୍ୟାସନାଲ ନାସଡାକ୍‌ରେ ତାଲିକାଭୁକ୍ତ ହେବା ବିଷୟ ଭାରତର ସ୍ୱାସ୍ଥ୍ୟସେବା ଯାତ୍ରାରେ ଏକ ଯୁଗାନ୍ତକାରୀ ମୁହୂର୍ତ୍ତର ପ୍ରତୀକ ହୋଇଛି।

## ଟିପିସିଓଡିଏଲ୍‌ର ୮୯ ଉପଭୋକ୍ତା ଜିତିଲେ ମୋବାଇଲ୍ ଫୋନ୍ ସହ ଆକର୍ଷଣୀୟ ପୁରସ୍କାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରର ଏମ୍‌ଡିସି ଅଡିଟୋରିୟମ୍‌ରେ ମେଗା ବିଲ୍ ପେ ଆଣ୍ଡ୍ ୱିନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନିୟମିତ ଭାବେ ସଠିକ୍ ସମୟରେ ଏବଂ ଅନଲାଇନ୍ ମାଧ୍ୟମରେ ନିଜର ବିଦ୍ୟୁତ ବିଲ୍ ପଇଠ କରୁଥିବା ଗ୍ରାହକମାନଙ୍କୁ ରିୱାର୍ଡ ପ୍ରଦାନ କରାଯାଇଛି। ଏକ ବ୍ୟବସ୍ଥା ଭିତ୍ତିକ ଡ୍' ଜରିଆରେ ଭୁବନେଶ୍ୱର ସର୍କଲ୍‌ରୁ ୮୦ ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ଚୟନ କରାଯାଇଥିଲା ଏବଂ ସେମାନଙ୍କୁ ମୋବାଇଲ୍ ଓ ଅନ୍ୟାନ୍ୟ ଆକର୍ଷଣୀୟ ଉପହାର ଦିଆଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷର ବିଲ୍ ପେ ଆଣ୍ଡ୍ ୱିନ୍ ସ୍କିମ୍ ଅଧୀନରେ ସମଗ୍ର ଟିପିସିଓଡିଏଲ୍ ସର୍କଲ୍‌ରେ ୯ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ମେଗା ପୁରସ୍କାର ଭାବେ ଆଇଫୋନ୍ ପ୍ରଦାନ କରାଯାଇଥିଲା। ସ୍କିମ୍‌ରେ ଶୂନ ବକେୟା ରଖୁଥିବା ଏବଂ ଟିପିସିଓଡିଏଲ୍‌ର ଅନ୍‌ଲାଇନ୍ ପ୍ଲାଟଫର୍ମକୁ ବ୍ୟବହାର କରି ଧାର୍ଯ୍ୟ ତାରିଖ ଭିତରେ ନିଜର ବିଦ୍ୟୁତ୍ ବିଲ୍ ପଇଠ କରୁଥିବା ଉପଭୋକ୍ତାଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ଡିଜିଟାଲ୍ କାରବାର, ବିଲିଂରେ ସ୍ୱଚ୍ଛତା ଓ ଗ୍ରାହକଙ୍କ ସୁବିଧା ପ୍ରତି ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି ଯେ, ବିଲ୍ ପେ ଆଣ୍ଡ୍ ୱିନ୍ ସ୍କିମ୍ ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପଇଠକୁ ଉତ୍ସାହିତ କରିବା ଏବଂ ଡିଜିଟାଲ କାରବାରର ପ୍ରସାର କରିବା ପ୍ରତି ଆମର ରହିଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଉପଭୋକ୍ତାମାନଙ୍କ ନିରନ୍ତର ସମର୍ଥନକୁ ଆମେ ପ୍ରଶଂସା କରୁଛୁ ଏବଂ ସେମାନଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ପାଇଁ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଉଛୁ।

## ବିଟ୍ ପ୍ଲାଷ୍ଟିକ୍ ପଲ୍ୟୁସନ ଅଭିଯାନର ଶୁଭାରମ୍ଭ




ମୁମ୍ବାଇ: ଗୋଦରେଜ୍ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍ (ଜିଆଇଜି) ପକ୍ଷରୁ ବ୍ରିହାନମୁ ମ୍ବାଇ ମୁନିସପାଲ କର୍ପୋରେସନ (ବିଏମ୍‌ସି) ଓ ଭାମ୍‌ଲା ଫାଉଣ୍ଡେସନ ସହଯୋଗରେ ଏବଂ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ସହଯୋଗରେ 'ବିଟ୍ ପ୍ଲାଷ୍ଟିକ୍ ପଲ୍ୟୁସନ' (ପ୍ଲାଷ୍ଟିକ୍ ପ୍ରଦୂଷଣର ପ୍ରତିକାର) ଅଭିଯାନର ଶୁଭାରମ୍ଭ କରାଯାଇଛି। ପ୍ଲାଷ୍ଟିକ୍ ପ୍ରଦୂଷଣ ଭଳି ଗୁରୁତ୍ୱପୂର୍ଣ୍ଣ ପରିବେଶ ଆହ୍ୱାନର ମୁକାବିଲା ଏବଂ ଦୁନିଆରେ ସନ୍ତୁଳନ ବଜାୟ ରଖିବା ଓ ସ୍ଥାୟୀ ଜୀବନ ପାଇଁ ବ୍ୟାପକ ପରିବେଶ ପଦକ୍ଷେପର ଆବଶ୍ୟକତା ଉପରେ ଏହି ଅଭିଯାନ ଗୁରୁତ୍ୱାରୋପ କରୁଛି। ଗୋଦରେଜ୍ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ନାଦୀର ଗୋଦରେଜ୍ କହିଛନ୍ତି ଯେ, ଗୋଦରେଜ୍ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍‌ରେ ଲୋକମାନଙ୍କୁ ଓ ଗ୍ରହକୁ ଅଗ୍ରାଧିକାର ପ୍ରଦାନ କରିବା ଆମ ମୂଳ ମୂଲ୍ୟବୋଧ ସହିତ ଯୋଡ଼ିହୋଇରହିଛି। ଗତ ଦଶନ୍ଧିରେ ସ୍ଥାୟିତ୍ୱ ଦିଗରେ ଆମେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛୁ। ଆମର ୬୪ ପ୍ରତିଶତ ଶକ୍ତି ଅକ୍ଷୟ ଶକ୍ତି ଉତ୍ସରୁ ଆସୁଛି ଏବଂ ଆମେ ଆମର ପ୍ଲାଷ୍ଟିକ୍ ପ୍ୟାକେଜିଂ ସାନ୍ଦ୍ରତାକୁ ୨୦ ପ୍ରତିଶତରୁ ଅଧିକ ହ୍ରାସ କରିପାରିଛୁ। ଆମେ ପ୍ରସ୍ତୁତ କରୁଥିବା ପ୍ରାକ୍ ଓ ପରବର୍ତ୍ତୀ ଗ୍ରାହକ ପ୍ଲାଷ୍ଟିକ୍ ପ୍ୟାକେଜିଂକୁ ସଂଗ୍ରହ ଓ ୧୦୦ ପ୍ରତିଶତ ରିସାଇକଲ୍ କରୁଥିବାରୁ ଆମେ ଗର୍ବିତ। ଏହି ଅବସରରେ ଗୋଦରେଜ୍ କଂଜ୍ୟୁମର୍ ପ୍ରଡକ୍ଟସ୍ ଲିମିଟେଡ୍ (ଜିସିପିଏଲ୍)ର ମାର୍କେଟିଂ ମୁଖ୍ୟ-ପର୍ସନାଲ୍ କେୟାର ନୀରଜ ସେଙ୍ଗୁଟ୍ଟୁଭନ କହିଛନ୍ତି ଯେ, ଭାରତ ପ୍ଲାଷ୍ଟିକ ବର୍ଜ୍ୟର ବିରାଟ ସଙ୍କଟକୁ ସାମ୍ନା କରୁଛି ଯେଉଁଠାରେ ବର୍ଷକୁ ନିୟୁତ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ହେଉଛି ଏବଂ ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ପରିବେଶ ସ୍ଥାୟୀତ୍ୱ ପ୍ରତି ସବୁଠୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ଗୋଦରେଜ୍ ମ୍ୟାଜିକ୍ ହାଣ୍ଡ୍‌ୱାସ୍ ହେଉଛି ଏକ ସ୍ଥାୟିତ୍ୱ ନବସୃଜନ ଯେଉଁଥିରେ ନିୟମିତ ହାଣ୍ଡ୍‌ୱାସ୍ ତୁଳନାରେ ୫୦ ପ୍ରତିଶତ କମ୍ ପ୍ଲାଷ୍ଟିକ୍, ୭୫% କମ୍ ଇନ୍ଧନ ଓ ୭୫% କମ୍ କାଗଜ ବ୍ୟବହାର ହୋଇଛି।

## କର୍ପୋରେଟ୍ କନେକ୍ସନ୍‌ସ୍ ଭୁବନେଶ୍ୱରରେ ପ୍ରଥମ ଅଧ୍ୟାୟ ଆରମ୍ଭ





ଭୁବନେଶ୍ୱର(ଭାସ୍କର ନ୍ୟୁଜ): କର୍ପୋରେଟ୍ କନେକ୍ସନ୍‌ସ୍ ବ୍ୟବସାୟିକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କାରଣ କର୍ପୋରେଟ୍ କନେକ୍ସନ୍‌ସ୍ ଆନୁଷ୍ଠାନିକ ଭାବରେ ଲାଇଫ୍ ହୋଟେଲରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମ ସହିତ ସହରରେ ଏହାର ପ୍ରଥମ ଅଧ୍ୟାୟ ଆରମ୍ଭ କରିଥିଲା। ଏହି ସ୍ୱତନ୍ତ୍ର ସମାବେଶରେ ୫୦+ରୁ ଅଧିକ ବିଶିଷ୍ଟ ବ୍ୟବସାୟିକ ନେତାଙ୍କୁ ସ୍ୱାଗତ କରାଯାଇଥିଲା, ପ୍ରତ୍ୟେକେ ନିଜ ନିଜ ଶିଳ୍ପର ଶୀର୍ଷ ୫% ପ୍ରତିନିଧିତ୍ୱ କରୁଥିଲେ, ଯାହା ଭୁବନେଶ୍ୱରରେ ଉଦ୍ଦେଶ୍ୟମୂଳକ ସହଯୋଗ ଏବଂ ନେତୃତ୍ୱ ଦ୍ୱାରା ପରିଚାଳିତ ଭବିଷ୍ୟତ ପାଇଁ ସ୍ୱର ସ୍ଥାପନ କରିଥିଲା। କର୍ପୋରେଟ୍ କନେକ୍ସନ୍‌ସ୍‌ସ୍, ମନୋନୀତ ବ୍ୟବସାୟ ମାଲିକ ଏବଂ ବରିଷ୍ଠ କାର୍ଯ୍ୟନିର୍ବାହୀଙ୍କ ଏକ ପ୍ରିମିୟମ୍ ବ୍ୟବସାୟିକ ବିଶ୍ୱ ସମ୍ପ୍ରଦାୟ, ବିଶ୍ୱସନୀୟ ସଂଯୋଗ ମଞ୍ଚକୁ ପ୍ରୋତ୍ସାହିତ କରିବା, ସୁଯୋଗ ସୃଷ୍ଟି କରିବା ଏବଂ ସେମାନଙ୍କ ସଂଗଠନ, ସମ୍ପ୍ରଦାୟ ଏବଂ ଜୀବନରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ପାଇଁ ଜଣାଶୁଣା। ଭାରତର ୨୩ଟି ସହର ସମେତ ବିଶ୍ୱବ୍ୟାପୀ ୩୩ଟି ଦେଶ ଏବଂ ୮୫ଟି ସହରରେ ଉପସ୍ଥିତି ଏବଂ ୮୫୦+ରୁ ଅଧିକ ଅଭିଜିତ ସଦସ୍ୟଙ୍କ ବର୍ଦ୍ଧିତ ନେଟୱାର୍କ ସହିତ, ଭୁବନେଶ୍ୱର ଚାପ୍ଟରର ଶୁଭାରମ୍ଭ ସହରକୁ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ଗଠନ ପାଇଁ ପ୍ରତିବଦ୍ଧ ଉଚ୍ଚ-ପ୍ରଭାବଶାଳୀ ନେତୃତ୍ୱ ନେଟୱାର୍କର ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିଛି। ଏହି ଲଞ୍ଚ କାର୍ଯ୍ୟକ୍ରମରେ କର୍ପୋରେଟ୍ କନେକ୍ସନ୍‌ସ୍ ଭାରତର ଜାତୀୟ ନିର୍ଦ୍ଦେଶକ ଗୌରବ ଭିକେ ସିଂଘଭି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଭୁବନେଶ୍ୱର ଚାପ୍ଟରର ନେତୃତ୍ୱ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ସଞ୍ଜିବ ପାତ୍ର ଏବଂ ସିଏସ୍ ସୁନିତା ମହାନ୍ତିଙ୍କ ଦ୍ୱାରା ନିଆଯାଇଛି, ଯାହାଙ୍କ ଦୃଷ୍ଟିକୋଣ ଏବଂ ନେତୃତ୍ୱ ଏହି ପଦକ୍ଷେପକୁ ସହରରେ ଆଣିଛି।

## ଶ୍ରୀଲେଦର୍ସର ନୂତନ ଶୋ'ରୁମ ଉଦ୍‌ଘାଟିତ




ଯାଜପୁର(ଭାସ୍କର ନ୍ୟୁଜ): ଦୀର୍ଘ ୭୦ ବର୍ଷର ପୁରାତନ ଫୁଟୱେୟାର ତଥା ଜୋତା ଶିଳ୍ପ ବ୍ୟବସାୟରେ ଏକ ନିର୍ଭରଯୋଗ୍ୟ ବ୍ରାଣ୍ଡ ଭାବେ ପରିଚିତ ଶ୍ରୀଲେଦର୍ସ, ଯାଜପୁର ଟାଉନର କୁସୁମା ରୋଡ଼ଠାରେ ଖୋଲିଛି ନୂତନ ଶୋ'ରୁମ। ଏଠାରେ ଓଡ଼ିଶାର ଗ୍ରାହକଙ୍କ ପାଇଁ ରହିଛି ଉତ୍ତମ ମାନର, ଆରାମଦାୟକ ତଥା ଷ୍ଟାଇଲିସ୍ ସାମଗ୍ରୀ। ଏହି ନୂତନ ଶୋ'ରୁମରେ ବିଶ୍ୱସ୍ତରୀୟ ଜୋତା, ଚମଡ଼ାରେ ନିର୍ମିତ ବ୍ୟାଗ୍, ଟ୍ରାଭେଲ ବ୍ୟାଗ୍, ସ୍ପୋର୍ଟ ଜୋତା, ଆକ୍ଟିଭ୍ ୱେର୍ ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ଏହି ପରିପ୍ରେକ୍ଷୀରେ ଶ୍ରୀଲେଦର୍ସର ଅଂଶୀଦାର ଶେଖର ଦେ କହିଛନ୍ତି ଯେ, 'ପ୍ରତ୍ୟେକ ନୂତନ ଉତ୍ପାଦର ଗୁଣବତ୍ତା ଏବଂ ଗ୍ରାହକଙ୍କ ଗ୍ରହଣୀୟତା ବିଷୟରେ ନିଶ୍ଚିତ ହେବା ପରେ ହିଁ ଆମେ ଏହାକୁ ଆମର ଅନ୍ୟାନ୍ୟ ଫ୍ରାଞ୍ଚାଇଜ୍‌ରେ ବଣ୍ଟନ କରୁ। ସମସ୍ତ ବର୍ଗର ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ଜୋତା, ବ୍ୟାଗ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ଚମଡ଼ା ସାମଗ୍ରୀ ଯୋଗାଇବାରେ ଶ୍ରୀଲେଦର୍ସ ଜୋତା ବଜାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରାଣ୍ଡର ଭବିଷ୍ୟତ ବିଷୟରେ ଅଭିବ୍ୟକ୍ତି ପ୍ରକାଶ କରି ପରିବାରର ଚତୁର୍ଥ ପିଢି ତଥା ଅଂଶୀଦାର ସ୍ୱୟଂ ଦେ କହିଛନ୍ତି ଯେ, ବର୍ତ୍ତମାନ ଆମେ କ୍ରୀଡ଼ା ଭିତ୍ତିକ ଜୋତା ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହୁଁଛୁ। ଜୋତାର ଗୁଣବତ୍ତା ବିଶ୍ୱସ୍ତରୀୟ ହେବା ସହ ଏହାର ମୂଲ୍ୟ ଗ୍ରାହକଙ୍କୁ ସୁହାଇଲା ଭଳି ହେବ। ସେପ୍ଟେମ୍ବର ୨୦୨୦ରେ ଆରମ୍ଭ ହୋଇଥିବା ୱେବ୍‌ସାଇଟ୍ ଦ୍ୱାରା ଅନ୍‌ଲାଇନ୍ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଏହା ନିଜ ସ୍ଥାନ ସୁଦୃଢ କରିପାରିଛି। ଭାରତର ବିଭିନ୍ନ ସ୍ଥାନରେ ଶ୍ରୀଲେଦର୍ସର ଫ୍ରାଞ୍ଚାଇଜ୍ ଖୋଲିବା ରଣନୀତି ହିଁ ଏହି ବ୍ରାଣ୍ଡର ସଫଳତାର ମୂଳମନ୍ତ୍ର।

## ୨୦୨୫ ୟେଜଦୀ ଆଡଭେଞ୍ଚର ଶୁଭାରମ୍ଭ



ମୁମ୍ବାଇ:ଜାୱା ୟେଜଦୀ ମୋଟରସାଇକେଲ୍ସ, ୟେଜଦୀ ଆଡଭେଞ୍ଚରର ୨୦୨୫ ସଂସ୍କରଣକୁ ଉନ୍ମୋଚନ କରିଛି। ଏହା ଭାରତର ପୁରସ୍କାରପ୍ରାପ୍ତ ଆଡଭେଞ୍ଚର ଟୁରର ଅଟେ। ୨୦୨୫ ୟେଜଦି ଆଡଭେଞ୍ଚର ଏହାର କମାଣ୍ଡିଂ ଟୁଇନ ଏଲଇଡି ହେଡଲାଇଟ୍ ଏବଂ ସ୍ୱତନ୍ତ୍ର ରାଲି-ଅନୁପ୍ରାଣିତ ବିକ ସହିତ କ୍ଲାସିକ୍-ଏଡିଭି ଷ୍ଟାଇଲିଂକୁ ଗ୍ରହଣ କରିଛି ଯାହା ଏକ ସ୍ପଷ୍ଟ ରାସ୍ତା ଉପସ୍ଥିତି ସୃଷ୍ଟି କରେ। ୩୩୪ ସିସି ଆଲଫା୨ ଲିକ୍ୱିଡ-କୁଲ୍ଡ ଇନ୍ ୨୯.୬ପିଏସ ପାୱାର ଏବଂ ୨୯.୯ଏନଏମ ଟର୍କ ସହିତ ସର୍ବୋତ୍ତମ କାର୍ଯ୍ୟଦକ୍ଷତା ପ୍ରଦାନ କରେ। ଯାହା ବର୍ଷାଦିନରେ ଭାରତର ଗର୍ତପୂର୍ଣ୍ଣ ତଥା ଖୋଲା ରାସ୍ତାରେ ଉନ୍ନତ ପ୍ରଦର୍ଶନ କରିଥାଏ। ଦୀର୍ଘ ଦୂରତା ପର୍ଯ୍ୟଟନ ପାଇଁ ଏକ ବଡ଼ ୧୫.୫-ଲିଟର ଇନ୍ଧନ ଟାଙ୍କି ଏବଂ ଏକ ନୂତନ ବ୍ୟାଶ୍ ପ୍ଲେଟ୍ ଏହି ମୋଟରସାଇକେଲକୁ ଭାରତର ସମସ୍ତ ପ୍ରକାରର ପରିସ୍ଥିତି ପାଇଁ ପ୍ରସ୍ତୁତ କରେ। ଏସମ୍ପର୍କରେ ଜାୱା ୟେଜଦି ମୋଟରସାଇକେଲ୍ସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି ଯେ,'ଆମେ ଭାରତର ସବୁଠାରୁ ସଚ୍ଚୋଟ ଆଡଭେଞ୍ଚର ଟୁରିଂ ମୋଟରସାଇକେଲ୍ ନିର୍ମାଣ କରିଛୁ ଏବଂ ଆମେ ଏହାକୁ ଆମର ସିଗ୍ନେଚର୍ ଷ୍ଟାଇଲ୍‌ରେ କରିଛୁ - ଏହା ଏକ କ୍ଲାସିକ୍, ଏହା ଏକ ୟେଜଦି। ଜାୱା ୟେଜଦି ମୋଟରସାଇକେଲ୍ସ ଡିଲରସିପ୍ ପାଇଁ ୪ ଜୁନ୍ ୨୦୨୫ ଠାରୁ ଦେଶବ୍ୟାପୀ ଟେଷ୍ଟ ରାଇଡ ଏବଂ ବୁକିଂ ଆରମ୍ଭ ହୋଇଯାଇଛି। ୨୦୨୫ ୟେଜଦି ଆଡଭେଞ୍ଚର ଛଅଟି ସ୍ୱତନ୍ତ୍ର ରଙ୍ଗରେ ଉପଲବ୍ଧ ହେଉଛି ଯେପରିକି ଫରେଷ୍ଟ ଗ୍ରୀନ (ମ୍ୟାଟ୍) ୨,୧୪,୯୦୦ ଟଙ୍କାରେ, ଓସନ ବ୍ଲୁ(ମ୍ୟାଟ୍) ୨,୧୭,୯୦୦ ଟଙ୍କା, ଡେଜର୍ଟ ଖାକି (ମ୍ୟାଟ୍) ୨,୧୭,୯୦୦ ଟଙ୍କା, ଟୋର୍ନାଡୋ ବ୍ଲାକ (ମ୍ୟାଟ୍) ୨,୨୧,୯୦୦ ଟଙ୍କା, ଉଲ୍ଫ ଗ୍ରେ (ଗ୍ଲସ୍) ୨,୨୬,୯୦୦ ଟଙ୍କା, ଗ୍ଲାସିୟର ହ୍ୱାଇଟ (ଗ୍ଲସ୍) ୨,୨୬,୯୦୦ ଟଙ୍କା ରେ ଦିଲ୍ଲୀରେ ଏକ୍ସ-ସୋରୁମ୍ ମୂଲ୍ୟରେ ଉପଲବ୍ଧ।



ମୁମ୍ବାଇ : ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ବାଙ୍ଗାଲୋର ଦଳାଚକଟା ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ସେ ସବୁବେଳେ ରୋଡ୍ ସୋ ଏବଂ ଏପରି କାର୍ଯ୍ୟକ୍ରମର ବିରୋଧୀ । ବୁଧବାର ଦିନ, ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ପ୍ରଶଂସକଙ୍କ ମଧ୍ୟରେ ଦଳାଚକଟା ଘଟି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ଆଇପିଏଲ ଟାଇଟଲ୍ ବିଜୟର ଉତ୍ସବ ଏକ ଶୋକସଭାରେ ପରିଣତ ହୋଇଥିଲା । ଏହି ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୫୦ରୁ ଅଧିକ ଆହତ ହୋଇଥିଲେ । ଭାରତୀୟ ଟିମ ଇଂଲଣ୍ଡ ଗସ୍ତ କରିବା ପୂର୍ବରୁ ଗୁରୁବାର ମୁମ୍ବାଇଠାରେ ବିସିସିଆଇ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗମ୍ଭୀରଙ୍କୁ ବେଙ୍ଗାଲୁରୁ ଦଳାଚକଟା ସଂପର୍କରେ ସାମ୍ବାଦିକମାନେ ପଚାରିଥିଲେ ଯେ ଏଥିପାଇଁ କିଏ ଦାୟୀ ବୋଲି ଭାବୁଛନ୍ତି ? ସେ ଉତ୍ତର ଦେଇଥିଲେ ମୁଁ କାହାକୁ ଦାୟୀ କରିବା ଲାଗି କେହିନୁହେଁ । ମୁଁ ସବୁବେଳେ ଭାବେ ଯେ ରୋଡ୍ ସୋ' ପରି କାର୍ଯ୍ୟକ୍ରମର କୌଣସି ଆବଶ୍ୟକତା ନାହିଁ । ମୁଁ ଯେତେବେଳେ ଖେଳୁଥିଲି ସେତେବେଳେ ବି ଏହା ଭାବୁଥିଲି । ୨୦୦୭ରେ ଟି-୨୦ ବିଶ୍ୱକପ ଜିତିବା ପରେ ବି ମୁଁ କହିଥିଲି ଯେ ଆମକୁ ରୋଡ୍ ସୋ' କରିବା ଉଚିତ ନୁହେଁ ।



ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତା

## ମାନିକେଶ୍ୱରୀ ଟିମ୍ ଚାମ୍ପିଅନ୍



ଧର୍ମଗଡ(ଭାସ୍କର ନ୍ୟୁଜ): ଧର୍ମଗଡ ବ୍ଲକ ପର୍ଲା ମେନି ଷ୍ଟାଡିୟମ ଠାରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତାର ଉଦଯାପିତ ହୋଇ ଯାଇଛି । ଫାଇନାଲ ଖେଳ ପର୍ଲା -ବୋଲଡ଼ଡିଜର ଓ ମାନିକେଶ୍ୱରୀ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବୋଲଡ଼ଡିଜର ବ୍ୟାଟିଂ କରି ନିର୍ଧାରିତ ୧୦ଓଭର ରେ ୫ଖେଳାଳି ଆଉଟ ହୋଇ ୧୧୩ରନ ସଂଗ୍ରହ କରିଥିଲା । ଏହାର ଜବାବରେ ମାନିକେଶ୍ୱରୀ ଟିମ ୯ଓଭର ୫ବଲ ରେ ୪ଖେଳାଳି ଆଉଟ ହୋଇ ୧୧୪ରନ ସଂଗ୍ରହ କରି ଚମ୍ପିୟାନ ହୋଇଛି । ଗତ ୧୫ତାରିଖ ଦିନଠାରୁ ପ୍ରତିଯୋଗିତା ଆରମ୍ଭ ହୋଇଥିବା ବେଳେ ମୋଟ ୧୦ ଟିମ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ଖେଳ ଏକ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ହୋଇଥିଲେ ମଧ ମାନିକେଶ୍ୱରୀଟିମର ଖେଳାଳି ମାନେ ଚୌକା ଛକା ବର୍ଷା କରି ସହଜରେ ବିଜୟୀ ହୋଇଥିଲେ । ଖେଳ ପରିଚାଳନାରେ ସଂଗ୍ରାମ ଦାସ ଓ ନିତେଶ ବାଗ ରହିଥିଲେ । ମୁଖ୍ୟ ଅତିଥି ଭାବେ ପର୍ଲା ଗ୍ରାମ ପଞ୍ଚାୟତ ସରପଞ୍ଚ ବ୍ରିଜଲାଲ ନାଏକ, ସମ୍ମାନିତ ଅତିଥି-ବିବସ୍ୱ ଦାସ, ସରୋଜ ଦାସ, ସୁଶାନ୍ତ ଦାସ ବିଜନ ଦାସ, ଗୋରାଚାନ୍ଦ ଶବର, ପ୍ରବୀଣ ଦାସ, ବରିଷ୍ଠ ସାମ୍ବାଦିକ ସୁବାସ ବାଗ, ରାଜେଶ ହଂସ ସୂର୍ଯ୍ୟ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଦଳ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।

ବେଙ୍ଗାଲୁରୁ ଦଳାଚକଟା ମାମଲାରେ ଆକ୍ସନ୍

# ଆରସିବି ଓ କେଏସ୍‌ସିଏ ବିରୁଦ୍ଧରେ ଏଫ୍‌ଆଇଆର୍ ରୁଜୁ

ନୂଆଦିଲ୍ଲୀ: ବେଙ୍ଗାଲୁରୁ ଦଳାଚକଟା ମାମଲାରେ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଆରସିବି ବିରୋଧରେ ଏଫଆଇଆର୍ ରୁଜୁ ହୋଇଛି । ଏହା ବ୍ୟତୀତ ଡିଏନଏ (ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନି), କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ ଓ ଅନ୍ୟାନଙ୍କ ବିରୋଧରେ ମଧ କ୍ୟୁବନ ପାର୍କ ପୋଲିସ ଷ୍ଟେସନରେ ଏଫଆଇଆର୍ ରୁଜୁ ହୋଇଛି । ଏଫ୍‌ଆଇଆରରେ ଦଳାଚକଟା ଘଟଣାରେ ଅପରାଧିକ ଅବହେଳା କଥା କୁହାଯାଇଛି । ନ୍ୟୁଜ ଏଜେନ୍ସି ଏଏନଆଇ ଅନୁସାରେ ଏହି ମାମଲାରେ ଧାରା ୧୦୫, ୧୨୫ (୧) (୨), ୧୩୨, ୧୨୧/୧, ୧୯୦ ଆର/ଡବ୍ଲୁ ୩(୫) ଅଧିନରେ ମାମଲା ରୁଜୁ କରାଯାଇଛି । ଚିନ୍ନାସ୍ୱାମୀ



ଷ୍ଟାଡିୟମ ବାହାରେ ହୋଇଥିବା ଦଳାଚକଟା ମାମଲାର ମାଜିଷ୍ଟ୍ରେଟ୍ ତଦନ୍ତ କରାଯାଉଛି । ତଦନ୍ତର ନେତୃତ୍ୱ ନେଉଥିବା ବେଙ୍ଗାଲୁରୁ ସହର ଉପାୟୁକ୍ତ ଜୀ ଜଗଦୀଶ ଗୁରୁବାର କହିଛନ୍ତି ଯେ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ, ଆରସିବି ଓ ପୋଲିସ ଉପାୟୁକ୍ତ ବି ଦୟାନନ୍ଦଙ୍କୁ ତଦନ୍ତରେ ସାମିଲ ହେବା ପାଇଁ ନୋଟିସ୍ ଜାରି କରାଯାଇଛି । ଏହାସହ ସେ ଚିନ୍ନାସ୍ୱାମୀ ଷ୍ଟାଡିୟମ ଯାଇ ସେଠାରେ ସ୍ଥିତି ନୀରିକ୍ଷଣ କରିଥିଲେ । ଏହା ପୂର୍ବରୁ କର୍ଣ୍ଣାଟକ ହାଇକୋର୍ଟ ଗୁରୁବାର ଚିନ୍ନାସ୍ୱାମୀ କ୍ରିକେଟ୍ ଷ୍ଟାଡିୟମ ବାହାରେ ହୋଇଥିବା ଦଳାଚକଟା ମାମଲାର ଶୁଣାଣି କରିଥିଲେ । ସ୍ୱତଃ ସଜ୍ଞାନକୁ ସ୍ୱତଃ ସଜ୍ଞାନ ରିଟ୍ ଆବେଦନ ଭାବେ ପଞ୍ଜିକୃତ କରିବା ପାଇଁ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଥିଲେ । କୋର୍ଟ କହିଥିଲେ ଯେ ଆମ ଆଡଭୋକେଟ୍ ଜେନେରାଲଙ୍କ ସାମନାରେ ଆମ କଥା ରଖିଛୁ । ସେ ସ୍ଥିତି ବାବଦରେ ଏକ ରିପୋର୍ଟ ଦେଇଛନ୍ତି, ଯାହାକୁ ରେକର୍ଡକୁ ନିଆଯାଇଛି । ହାଇକୋର୍ଟ ଜୁନ୍ ୧୦ରେ ଆବେଦନକୁ ପୁଣି ଥରେ ସୂଚୀବଦ୍ଧ କରିବା ପାଇଁ କହିଥିଲେ ।

## ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସ, ଦ୍ୱିତୀୟ ପଦକ ଜିତିଲେ ସୁଚିତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ସୁଚିତ୍ରା ପରିଡ଼ା ପ୍ୟାରିସରେ ଆୟୋଜିତ ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସ-୨୦୨୫ରେ ଦ୍ୱିତୀୟ ପଦକ ଜିତିଛନ୍ତି । ଏହି ପ୍ରତିଯୋଗିତାରେ ସେ ଜାଭେଲିନ୍ ଓ ଶଟପୁଟ ଥ୍ରୋ ଇଭେଣ୍ଟରେ ପଦକ ହାସଲ କରିଛନ୍ତି । ସୁଚିତ୍ରା ଫ୍ରାନ୍ସର ରାଜଧାନୀରେ ଆୟୋଜିତ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସରେ ମହିଳା ଶଟ୍‌ପୁଟ୍ ଏଫ୫୪/ଏଫ୫୫ ବର୍ଗରେ ୫.୪୩ ମିଟର ଥ୍ରୋ ସହିତ ବ୍ରୋଞ୍ଜ ପଦକ ଜିତିଛନ୍ତି ।

**कार्यालय कार्यपालन अभियंता,**
**जल प्रबंध संभाग क्र. - 1, रायपुर (छ.ग.)**

**निविदा निरस्तीकरण आदेश**

इस कार्यालय के निविदा आमंत्रण सूचना क्रमांक 25 / व. ले.लि. / 2024-25 दिनांक 20.12.2024 सिस्टम निविदा क्र. 162990 द्वारा "रायपुर जिले के विकासखण्ड आरंग के कोल्हान नाला से बौली तालाब तक पाईप लाईन के माध्यम से जल भराव का कार्य" ( प्रथम आमंत्रण) राशि रू. 143.03 लाख की निविदा आमंत्रित की गयी थी, संबंधित निविदा को अपरिहार्य कारणों से निरस्त किया जाता हैं । अतः आमंत्रित निविदा सिस्टम क्रमांक 162990 निविदा सूचना क्रमांक 25 / व. ले.लि. / 2024-25 दिनांक 20.12.2024 (G- No 242504798 Dated 23.12.2024 S.No. 2) को एतद् द्वारा निरस्त की जाती हैं ।

इस कार्यालय के निविदा आमंत्रण सूचना क्रमांक 26/ व.ले.लि. / 2024-25 दिनांक 03.01.2025 सिस्टम निविदा क्र. 163758 द्वारा रायपुर जिले के विकासखण्ड आरंग के कोल्हान नाला में कोटनी स्टापडेम से ठेला जलाशय तक पाईप लाईन का कार्य, इंटेकवेल एवं पंप हाऊस का कार्य (प्रथम आमंत्रण) राशि रू.207.01 लाख की निविदा आमंत्रित की गयी थी, संबंधित निविदा को अपरिहार्य कारणों से निरस्त किया जाता हैं । अतः आमंत्रित निविदा सिस्टम क्रमांक 163758 निविदा सूचना क्रमांक 26/ व.ले.लि. / 2024-25 दिनांक 03.01.2025 (G- No 242505123 Dated 06.01.2025) को एतद् द्वारा निरस्त की जाती हैं ।

सहपत्र :- शून्य ।

कार्यपालन अभियंता
जल प्रबंध संभाग क्र. - 1. रायपुर (छ.ग.)

G-252601363/7

## ଭାରତ ବିପକ୍ଷ ଲଢେଇ ପାଇଁ ଇଂଲଣ୍ଡର ୧୪ ଜଣିଆ ଦଳ ଘୋଷଣା

ନୂଆଦିଲ୍ଲୀ: ଇଂଲଣ୍ଡ କ୍ରିକେଟ ବୋର୍ଡ ଗୁରୁବାର ଭାରତ ବିପକ୍ଷେ ପ୍ରଥମ ଟେଷ୍ଟ ମ୍ୟାଚ ପାଇଁ ୧୪ ଜଣିଆ ଦଳ ଘୋଷଣା କରିଛି, ଯେଉଁଥିରେ ଅଲରାଉଣ୍ଡର ଜେମି ଓଭରଟନଙ୍କ ଆଶ୍ଚର୍ଯ୍ୟଜନକ ପୁନରାଗମନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି ଟେଷ୍ଟ ମ୍ୟାଚ ୨୦୨୫ ଜୁନ ୨୦ରୁ ଲିଡସରେ ହେଡିଂଲେ କ୍ରିକେଟ ଗ୍ରାଉଣ୍ଡରେ ଆରମ୍ଭ ହେବ, ଯାହା ୨୦୨୫-୨୭ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନସିପର ଅଂଶ ହେବ । ୩୧ ବର୍ଷୀୟ ଜେମି ଓଭରଟନ, ଯିଏ ଏକ ମାତ୍ର ଟେଷ୍ଟ ମ୍ୟାଚ ୨୦୨୨ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷେ ଖେଳିଥିଲେ, ସେହି ମ୍ୟାଚରେ ୯୭ ରନ ସହିତ ଦୁଇଟି ଉଇକେଟ ନେଇଥିଲେ । ତାଙ୍କୁ ଆହତ ସରେ ଖେଳାଳୀ ଗସ୍ ଆଟକିନସନଙ୍କ ସ୍ଥାନରେ ଦଳରେ ସାମିଲ କରାଯାଇଛି, ଯିଏ ଗତ ମାସରେ ଜିମ୍ବାୱେ ବିପକ୍ଷେ ଟେଷ୍ଟ ମ୍ୟାଚରେ ହ୍ୟାମସ୍ଟ୍ରିଂ ଆଘାତ ସହିତ ମୁହାଁମୁହିଁ ହୋଇଥିଲେ । ଓଭରଟନ ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷେ ଏକଦିବସୀୟ ମ୍ୟାଚ ଖେଳିବା ସମୟରେ ଆଙ୍ଗୁଠିରେ ଫ୍ରାକଚର ହୋଇଥିଲା, କିନ୍ତୁ ଋଉଇର ମେଡିକାଲ ଟିମ ତାଙ୍କୁ ଦୈନିକ ମୂଲ୍ୟାଙ୍କନ କରୁଛି ଏବଂ ସେ ଖେଳିବା ପାଇଁ ପ୍ରସ୍ତୁତ ହେଉଛନ୍ତି ବୋଲି ଆଶା କରାଯାଉଛି । ଦଳରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପୁନରାଗମନ ହେଉଛନ୍ତି କ୍ରିସ୍ ୱୋକ୍ସ ଏବଂ ବ୍ରାଇଡନ କାର୍ସ, ଯିଏ ଆଘାତ ପରେ ଜିମ୍ବାୱେ ବିପକ୍ଷେ ମ୍ୟାଚ ଖେଳି ନଥିଲେ । ଜେକବ ବେଥେଲଙ୍କ ପ୍ରତ୍ୟାବର୍ତ୍ତନ ବ୍ୟାଟିଂ ଲାଇନଅପରେ ଗଭୀରତା ଯୋଗ କରିଛି, ଯିଏ ନିକଟରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷେ ଟେଷ୍ଟ ଡେବ୍ୟୁରେ ୫୨ର ହାରାହାରିରେ ତିନୋଟି ଅର୍ଦ୍ଧଶତକ ସହିତ ପ୍ରଭାବ ପକାଇଥିଲେ । ବେନ ଷ୍ଟୋକ୍ସ ଦଳର ନେତୃତ୍ୱ ଦେବେ, ଏବଂ ଜୋ ରୁଟ୍, ଜାକ କ୍ରଲେ, ଓଲି ପୋପ ଏବଂ ହାରି ବ୍ରୁକ ପରି ଅଭିଜ୍ଞ ଖେଳାଳୀମାନେ ଦଳରେ ଅଛନ୍ତି । ସାମ କୁକ ଏବଂ ଜୋଶ ଟଙ୍ଗ ତୁରନ୍ତ ବୋଲିଂ ବିଭାଗକୁ ଶକ୍ତିଶାଳୀ କରିବେ । ଚଳିତ ବର୍ଷ ଭାରତରେ ୪-୧ରେ ପରାଜୟ ପରେ ଇଂଲଣ୍ଡ ପାଇଁ ଏକ ବଡ଼ ପ୍ରତିଦ୍ୱନ୍ଦ୍ୱିତା ହେବ । ଜେମସ ଆଣ୍ଡରସନ, ଜନି ବେୟାରଷ୍ଟୋ, ବେନ ଫୋକ୍ସ ଏବଂ ଓଲି ରବିନସନଙ୍କ ଅବସର ପରେ ଇଂଲଣ୍ଡ ଦଳରେ ବଡ଼ ପରିବର୍ତ୍ତନ ହୋଇଛି । ଅନ୍ୟପକ୍ଷରେ, ଭାରତ ମଧ ରୋହିତ ଶର୍ମା, ବିରାଟ କୋହଲି ଏବଂ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅବସର ପରେ ଏକ ନୂଆ ଯୁଗରେ ପ୍ରବେଶ କରିଛି, ଯେଉଁଠାରେ ଶୁଭମନ ଗିଲ ନେତୃତ୍ୱ ଦେଉଛନ୍ତି ଏବଂ ଋଷଭ ପନ୍ତ ଉପ-ଅଧିନାୟକ ଭାବେ ଦାୟିତ୍ୱ ନେଉଛନ୍ତି । ପାଞ୍ଚ ମ୍ୟାଚ ବିଶିଷ୍ଟ ଏହି ସିରିଜ ଜୁନରୁ ଅଗଷ୍ଟ ୨୦୨୫ ମଧ୍ୟରେ ହେଡିଂଲେ (ଲିଡସ), ଏଡଗବାଷ୍ଟନ (ବର୍ମିଂହାମ), ଲର୍ଡସ (ଲଣ୍ଡନ), ଓଲ୍ଡ ଟ୍ରାଫୋର୍ଡ (ମାଞ୍ଚେଷ୍ଟର) ଏବଂ ଦି ଓଭାଲ (ଲଣ୍ଡନ)ରେ ଖେଳାଯିବ । ଏହି ସିରିଜ ଉଭୟ ଦଳ ପାଇଁ ଏକ ତୀବ୍ର ପ୍ରତିଯୋଗିତା ହେବ ବୋଲି ଆଶା କରାଯାଉଛି, ଯେହେତୁ ଭାରତ ୨୦୦୭ ପରେ ଇଂଲଣ୍ଡରେ ଟେଷ୍ଟ ସିରିଜ ଜିତି ନାହିଁ । ଇଂଲଣ୍ଡ ଦଳ: ବେନ ଷ୍ଟୋକ୍ସ (ଅଧିନାୟକ), ଶୋଏବ ବଶୀର, ଜେକବ ବେଥେଲ, ହାରି ବ୍ରୁକ, ବ୍ରାଇଡନ କାର୍ସ, ସାମ କୁକ, ଜାକ କ୍ରଲେ, ବେନ ଡକେଟ, ଜେମି ଓଭରଟନ, ଓଲି ପୋପ, ଜୋ ରୁଟ, ଜେମି ସ୍ମିଥ, ଜୋଶ ଟଙ୍ଗ, କ୍ରିସ ୱୋକ୍ସ ।

**कार्यपालक अभियंता का कार्यालय**
**विशेष कार्य प्रमण्डल**
**भवन निर्माण विभाग, राँची**
**Mail:-splworksdivbcdrnc@gmail.com**

**NIQ Cancelation Notice**

**Nodal Officer, e-**Procurement Cell, Office of the Executive Engineer Special Works Division Building Construction Department Ranchi द्वारा PR. No. 352780 Building (25-26)_D & 353505 Building(25-26)D के तहत प्रकाशित Construction of Proposed Jharkhand Guest House at Puri, Odisha कार्य का NIQ-05/2025-26 दिनांक–16.05.2025 को अपरिहार्य कारणों से रद्द किया जाता है।

कार्यपालक अभियंता
विशेष कार्य प्रमण्डल, भ0 नि0 वि0
राँची

PR 354323 (Building)25-26*D

**Muthoot Mercantile Limited**
Regd.Office: 'Muthoot Floors',Opp:W & C Hospital, Thycaud,Trivandrum,Kerala - 695014

**GOLD AUCTION NOTICE**

Notice is hereby given for the information of all concerned that Gold ornaments pledged with the under mentioned branches of the company in different branches of ODISHA for the period which were overdue for redemption and have not been redeemed so far in spite of repeated notices,will be auctioned on 12.06.2025 at respective branches. Bidders/customers can participate for auction by remitting EMD. In case successful bidding does not take place on this date, pending packets will be auctioned through Online platform via M/s Shriram Automall India Limited (SAMIL) post auction date. Contact details: ph: 7994807666

PLEDGE NOS: **Mahanadhi Vihar:-** 3290,3656,3814,3815,3816,3821,3853,3912,4010, 4020,4030,4031,4038, 4091,4112,4129,4133,4142,4194,4206,4225,4226,4253,4266,4277, 4278,4286, 4315,4350,4360,4361,4362,4387,4398,4408,4411,4412,4478,4479,4485,4501, 4689,4711,4760,**Jagatpur:-** 2859,2931,2932,3005,3034,3035,7861,7865, 7868,7871,7872, 7896,8600, 8601,8758,8800,8843,8920,8925,**Mahatab Road:-** 3387,3429,5720,6429,6436 ,6448,6459,6461,6478,6498,6528,6559,6578,**Chowdwar:-** 9236,9528,9555,10468,10748,10771, 10776,10782,10791,10794,10801,10807,10812,10818,10820,10836,10838,10846,10851,10858,108 92,10893,10895,10897,10904,10910,10940,10944,10947,10952,10953,10954,10957,10958,10959, 10960,10964,10965,10966,10979,10984,10998,11006,11027,11030,11032,11047,11053,11055,1105 7,11065,11068,11079,11088,11090,11097,11111,11121,11127,11145,11156,11161,11163,11165,11168 ,11169,11170,11174,11175,11181,11185,11194,11199,11216,11218,11220,11252,11262,11266,11269, 11278,11282,11297,11333,11336,11345,11346,11350,11354,11355,11364,11367,11371,11372,11380 ,11381,11386,11389,11390,11391,11398,11401,11415,11416,11418,11420,11424,11429,11438,1144 2,11451,11452,11453,11457,11463,11474,11478,11481,11482,11496,11503,11516,11529,11532,115 37,11539,11541,11542,11543,11551,11554,11558,11561,11562,11565,11566,11567,11568,11574,11 585,11590,11600,11609,11610,11615,11616,11618,11624,11637,11638,11648,11658,11663,11664,1 1666,**Choudhury Bazar:-** 3372,6028,6036,6105,6114,6156,6157,6159,6161,6182,6209,6219, 6222,6223,6251,6253,6260,6261,6267,6271,6286,6292,6302,6306,6309,6322,6327,6330,6345,635 1,6353,6354,6355,6367,6370,6371,6373,6374,6375,6380,6388,6389,6391,6400,6403,6406,641 1,64 14,6415,6417,6418,6421,6426,6427,6428,6434,6437,6438,6452,6455,6460,6461,6463,6469,6477, **Khordha:-** 4261,7010,7113,7121,7167,7173,7203,7211,7224,7228,7235,7249,7259,7270, 7295, 7308, 7326,7339,7340,7348,7360,7373,7381,7384,7388,**Raghunathpur:-** 11273,11652, 11679,11850,12009,12069,12134,12156,12207,12289,12300,12309,12342,12350,12407,12413,124 17,12479,12497,12530,12539,12556,12578,12584,12594, **Jajpur Town:-** 13438,14438, 14505,14540,14573,14616,14695,14792,14801,14808,14826,14832,14852,14862,14883,14901,149 02, 14907, 14956,14958,14959,14987,14993,15117,15130,15137,15155,15158,15163,15196, 15207,15254,15265,15269,15270,15271,15281,15283,15290,15303,15306,15308,15309,15310,153 11,15318,15325,15327,15328,15352,15370,15371,15384,15390,15392,15400,15408,15431,15435, 15441,15443,15444,15452,15457,15461, **Pattamundi:-** 1390,7638,7935,7980, 7989,7994,8024, [illegible]

Place: Trivandrum, Date: 05.06.2025 for Muthoot Mercantile Limited, Chairman

## ଡିଆରକେ କପ୍ ଦିବାରାତ୍ର ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ, କୋର ହାର୍ଣ୍ଟର୍ସ ବିଜୟୀ

ବାରିପଦା(ଭାସ୍କର ନ୍ୟୁଜ): ଡିଆରକେ କ୍ଲବ୍ ଆନୁକୂଲ୍ୟରେ ମଧୁବନ ମିନି ଷ୍ଟାଡିୟମରେ ୧ମ ବାର୍ଷିକ ଡିଆରକେ କପ ଦିବାରାତ୍ର ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗଦେଇ ନଗରପାଳ ତଥା ଟୁର୍ଣ୍ଣାମେଣ୍ଟର ସଭାପତି କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସମାଜସେବୀ କଳିଙ୍ଗ କେଶରୀ ଜେନା, ଉପ ନଗରପାଳ ସୀମା ଦାସ, ଇ. ବିପ୍ଳବ ଭଞ୍ଜନ ଭୁଗୁଡେଇ, ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସ୍ଥାନୀୟ କାଉନସିଲର ପ୍ରଶାନ୍ତ ବେହେରା, ପୂର୍ବତନ ରାଜ୍ୟସ୍ତରୀୟ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ସମାଜସେବୀ ତରୁଣ ମହାନ୍ତି, ଦୀପା ରାଉତରାୟ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ, ଆୟୋଜକ ଅମିତାଭ ଦାସ, ସତ୍ୟନାରାୟଣ ଜୀଉ, ମାନସ ଧଳ, ରୁପମ ମହାନ୍ତି, ଅମିତ ପରିଡା ଉପସ୍ଥିତ ଥିଲେ ଓ ଉଦଘାଟନୀ ମ୍ୟାଚରେ କୋର ହାର୍ଣ୍ଟର୍ସ ଲାଲବଜାର ୱାରିୟାର୍ସକୁ ୨ ଉଇକେଟରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଲାଲବଜାର ୱାରିୟର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଶୁଭମ ନାୟକ ୬୯ ଓ ହରିଶଙ୍କର ଘୋଷ ୨୬ ରନ କରିଥିବା ବେଳେ ବିପକ୍ଷ ଦଳର ଆଦିତ୍ୟ ବସା, ଦିବ୍ୟେଶ ମହାନ୍ତି ଓ ମନୋଜ ବାରିକ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ କୋର ହାର୍ଣ୍ଟର୍ସ ୧୯.୧ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ ।

**कार्यपालक अभियंता का कार्यालय**
**लघु सिंचाई रूपांकण प्रमण्डल, दुमका शिविर–देवघर**

**ई–निविदा आमंत्रण सूचना**

**e-Tender Reference No. : W.R.D./M.I.D.D.D.C.DEOGHAR/$F_2$-01/2025-26** **Dated :- 05/06/2025**

| क्रम सं० | योजना का नाम | प्रखण्ड | प्राक्कलित राशि (रूपये में) | अग्रधन की राशि (रुपये में) | परिमाण विपत्र का मूल्य (रुपये में) | वेबसाईट में ई–निविदा प्रकाशन की तिथि एवं समय | वेबसाईट में ई–निविदा प्राप्ति की अंतिम तिथि एवं समय | ई–निविदा खोलने की तिथि एवं समय | ई–निविदा आमंत्रित करने वाले पदाधिकारी के कार्यालय का नाम एवं पता | ई–निविदा आमंत्रित करने वाले पदाधिकारी का मोबाईल नम्बर | कार्य समाप्ति की अवधि |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1. | कन्हाईडीह–कुशमाहा जोरिया पर श्रृंखलाबद्ध चेकडैम निर्माण | मधुपुर | 1,08,78,237.33 | 2,18,000.00 | 10,000.00 | 11/06/2025 (पूर्वाह्न 10.30 बजे से) | 24/06/2025 (अपराह्न 05.00 बजे तक) | 25/06/2025 (अपराह्न 05.00 बजे) | कार्यपालक अभियंता लघु सिंचाई रूपांकण प्रमण्डल दुमका शिविर देवघर | 7257990512 10 A.M से 5 P.M | 12 माह |
| 2. | दर्वे–धमनी जोरिया पर श्रृंखलाबद्ध चेकडैम निर्माण | मधुपुर | 1,13,97,396.08 | 2,28,000.00 | 10,000.00 | | | | | | 12 माह |
| 3. | रघुनाथपुर–दुलमपुर जोरिया पर श्रृंखलाबद्ध चेकडैम निर्माण | मधुपुर | 1,25,09,626.99 | 2,51,000.00 | 10,000.00 | | | | | | 12 माह |
| 4. | भौराटांड़ जोरिया पर श्रृंखलाबद्ध चेकडैम निर्माण | मधुपुर | 1,12,04,467.26 | 2,25,000.00 | 10,000.00 | | | | | | 12 माह |
| 5. | फतेनाथ जोरिया पर चेकडैम निर्माण | पालोजोरी | 56,90,767.66 | 1,14,000.00 | 10,000.00 | | | | | | 11 माह |
| 6. | सितलकुन्डी जोरिया पर चेकडैम निर्माण | पालोजोरी | 63,71,311.54 | 1,28,000.00 | 10,000.00 | | | | | | 11 माह |
| 7. | सारवां जोरिया पर श्रृंखलाबद्ध चेकडैम निर्माण | सारवां | 1,23,80,879.87 | 2,48,000.00 | 10,000.00 | | | | | | 12 माह |
| 8. | चितरपुर जोरिया पर श्रृंखलाबद्ध चेकडैम निर्माण | देवीपुर | 1,45,69,868.95 | 2,92,000.00 | 10,000.00 | | | | | | 12 माह |
| 9. | बड़ामेर्खी बेहंगा जोरिया पर श्रृंखलाबद्ध चेकडैम निर्माण | देवीपुर | 1,01,24,195.06 | 2,03,000.00 | 10,000.00 | | | | | | 12 माह |
| 10. | भवानीपुर जोरिया पर श्रृंखलाबद्ध चेकडैम निर्माण | करौं | 1,17,36,000.67 | 2,35,000.00 | 10,000.00 | | | | | | 12 माह |
| 11. | तुलसीटॉड (मोहनाटॉड) जोरिया पर चेकडैम निर्माण | करौं | 56,87,907.14 | 1,14,000.00 | 10,000.00 | | | | | | 11 माह |
| 12. | कनुआडीह जोरिया पर श्रृंखलाबद्ध चेकडैम निर्माण | सोनारायठाड़ी | 91,95,571.26 | 1,84,000.00 | 10,000.00 | | | | | | 11 माह |

(1) केवल ई–निविदा ही स्वीकार किया जायेगा।
(2) निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
(3) निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो सारी जवाबदेही सम्बन्धित निविदादाता की होगी।
(4) प्राक्कलित राशि घट बढ़ सकती है। अग्रधन की राशि परिमाण विपत्र की राशि के अनुसार होगी।
(5) राज्य सरकार के द्वारा निर्गत सभी अद्यतन आदेश/परिपत्र लागु होंगे।
(6) विस्तृत जानकारी के लिए वेबसाईट http://jharkhandtenders.gov.in में लॉग ऑन करें।

ह0/–
कार्यपालक अभियन्ता
लघु सिंचाई रूपांकण प्रमण्डल
दुमका शिविर–देवघर

PR 354290 (Water Resource) 25-26 (D)

INDEL MONEY

Corporate office: **Indel Money Limited,**
IIIrd Floor Indel House, Changampuzha Nagar,
South Kalamassery, Ernakulum -682033 ,
Ph: 0484-2933999 E:customercare@indelmoney.com

**GOLD AUCTION NOTICE**

ଏତଦ ଦ୍ୱାରା ସର୍ବସାଧାରଣଙ୍କୁ ସୂଚାଇ ଦିଆଯାଉଅଛି କି ନିମ୍ନଲିଖିତ ଆକାଉଣ୍ଟରେ ବନ୍ଧକ ରଖିଥିବା ସୁନା ଅଳଙ୍କାର ନିମ୍ନପ୍ରଦତ୍ତ ଶାଖାରେ ଆଗାମୀ 23.06.2025 ତାରିଖ ଦିନ ପୂର୍ବାହ୍ଣ ୧୧ଟାରେ ନିଲାମ କରାଯିବ । ବିଭିନ୍ନ ପ୍ରକାର ଯୋଗାଯୋଗ କରିଆରେ ସୂଚନା ଦେବାସତ୍ତ୍ୱେ ସୁନା ଅଳଙ୍କାର ବନ୍ଧା ଦେଇ ଋଣ ନେଇଥିବା ଋଣ ଗ୍ରହିତାମାନେ ଋଣ ପରିଶୋଧ କରିବାରେ ବିଫଳ ହେବା ଯୋଗୁଁ ଆମେ ସେମାନଙ୍କର ସୁନା ଅଳଙ୍କାର ନିଲାମ କରିବାକୁ ଯାଉଛୁ । ସେହିପରି ନିଲାମ ଆଇଟମସ ପରବର୍ତ୍ତୀ ସମୟରେ ତାରିଖ ଓ ଦିନ ଅପରିବର୍ତ୍ତିତ ରଖି ବିନା ସୂଚନାରେ ନିଲାମ କରାଯିବ । ସେହିପରି କୌଣସି ସୂଚନା ନଦେଇ ସମ୍ପୃକ୍ତ ଶାଖାରେ ଏହା ପ୍ରଦର୍ଶିତ କରାଯିବ ।

**ବାଲେଶ୍ୱର** - 23903700002493, 0370/02499, 0370/02569, 0370/02605, 23903760002496, 0376/02514, 0376/02515, 0376/02525, 0376/02529, 0376/02543, 0376/02551, 0376/02555, 0376/02561, 0376/02563, 0376/02565, 0376/02570, 0376/02574, 0376/02575, 0376/02577, 0376/02580, 0376/02588, **ବାଲୁଗାଁ** - 25203660003491, 0366/03555, 0366/03563, 0366/03567, 0366/03578, 0366/03582, 25203700003495, 0370/03620, 25203720003413, 0372/03596, 0372/03609, 25203760003439, 0376/03511, 25210920000450, **ବାରିପଦା** - 28303660001771, 0366/01787, 28303700001667, 0370/01674, 0370/01682, 0370/01683, 0370/01688, 0370/01692, 0370/01697, 0370/01699, 0370/01701, 0370/01703, 0370/01748, 0370/01749, 0370/01752, 0370/01811, 0370/01812, 0370/01816, 0370/01844, 0370/01847, 28303760001670, 0376/01675, 0376/01693, 0376/01695, 0376/01709, 0376/01712, 0376/01715, 0376/01735, 0376/01736, 0376/01738, 0376/01739, 0376/01741, 0376/01745, 0376/01753, 0376/01757, 0376/01761, 0376/01765, 0376/01766, 0376/01767, 0376/01768, 0376/01798, 0376/01814, 0376/01818, [illegible] 0370/04033, 0370/04059, 0370/04069, 0370/04095, 25403760003973, 0376/03981, **ପିପିଲି** - 24103660005753, 24103700005635, 0370/05659, 0370/05674, 0370/05767, 0370/05813, 0370/05854, 24103720005600, 0372/05614, 24103760005744, 24103780005759, **ପୁରୀ** - 25103660004254, 0366/04364, 0366/04376, 0366/04402, 0366/04414, 25103700004287, 0370/04367, 25103760004390, 0376/04443, 0376/04447, **ସାଲେପୁର** - 24203680004605, 24203700004413, 0370/04420, 0370/04442, 0370/04469, 0370/04488, 0370/04497, 0370/04505, 0370/04552, 0370/04560, 0370/04565, 0370/04574, 0370/04581, 0370/04582, 0370/04613, 0370/04625, 0370/04631, 0370/04636, 0370/04646, 24203720004416, 0372/04475, 0372/04478, 0372/04602, 0372/04644, 24203740004569, 0374/04577, 24203760004501, 0376/04502, 0376/04514, 0376/04517, 0376/04520, 0376/04522, 0376/04523, 0376/04527, 0376/04528, 0376/04536, 0376/04542, 0376/04551, 0376/04558, 0376/04564, 0376/04572, 0376/04620, **ଛତ୍ରପୁର** - 30503700000997, 0370/01074, 0370/01075, 0370/01086, 0370/01109, 0370/01117, 0370/01129, 0370/01202, 30503720001127, 0372/01191, 0372/01200, 30503760001115, 0376/01134, **ଚଣ୍ଡିଖୋଲ** - 25303700002786, 0370/02812, 0370/02813, 0370/02936, 0370/02938, 25303760002935, **ଆସ୍କା ଗଞ୍ଜାମ** -35503700000049, 0370/00099, 0370/00115, 0370/00126, 0370/00139, 35503740000102, 0374/00107, 0374/00108, **ବଲାଙ୍ଗୀର** - 36403660000086

ଯଦି ନିର୍ଦ୍ଧାରିତ ତାରିଖରେ ଆମେ ନିଲାମ ସମ୍ପୂର୍ଣ୍ଣ କରିବାରେ ଅସମର୍ଥ ହେବୁ, ତେବେ ସେହି ସମାନ ନିଲାମ ଶ୍ରୀରାମ ଅଟୋମଲ ଇଣ୍ଡିଆ ଲିମିଟେଡ୍ (ସାମିଲ) ପକ୍ଷରୁ ଅନ୍‌ଲାଇନରେ ଇ-ନିଲାମ ପ୍ଲାଟଫର୍ମ https://gold.samil.in କିମ୍ବା ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିମିଟେଡ୍ (ଅକ୍ସନ ଟାଇଗର) ପକ୍ଷରୁ ସେମାନଙ୍କ ଅନ୍‌ଲାଇନ ଇ-ଅକ୍ସନ ପ୍ଲାଟଫର୍ମ https://egold.auctiontiger.net ରେ 25.06.2025 ଅପରାହ୍ଣ 12.30ରୁ 3.30 ମଧ୍ୟରେ କରାଯିବ । ଦୟାକରି ନୋଟ୍ କରନ୍ତୁ, ଯଦି 25.06.2025ରେ ଏହି ନିଲାମ ସମ୍ପୂର୍ଣ୍ଣ ନହୁଏ ତେବେ ସମାନ ସର୍ତ୍ତ ଓ ନିୟମରେ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଏହା କରାଯିବ ।

By Authorized Officer, Indel Money Limited



ବିଭିନ୍ନ କାରଣ ଯୋଗୁଁ ମଣିଷ ଡିପ୍ରେସନର ଶିକାର ହୋଇଥାଏ । ମାନସିକ ସ୍ତରରେ ଅତି ଦୁର୍ବଳ ହୋଇଯିବାକୁ ମଧ୍ୟ ଡିପ୍ରେସନ କୁହାଯାଇପାରିବ । ଜୀବନରେ ଘଟିଥିବା କିଛି ଅଘଟଣ ବା ବଡ଼ ପରିବର୍ତ୍ତନ ସହ ଏକାକୀତା, କାମର ବୋଝ, ହରମୋନରେ ପରିବର୍ତ୍ତନ, ଅତ୍ୟଧିକ ଚିନ୍ତା ଆଦି ବିଭିନ୍ନ କାରଣ ଯୋଗୁଁ ଡିପ୍ରେସନ ହୋଇଥାଏ । ତେବେ ଏହି ଡିପ୍ରେସନରୁ ରକ୍ଷା ପାଇବା ପାଇଁ କିଛି ଖାଦ୍ୟ ଧ୍ୟାନ ରଖିବା ଉଚିତ୍ । ଆସନ୍ତୁ ଜାଣିବା ସେସବୁ ବିଷୟରେ...
ମାଛମୁଣ୍ଡରେ ଓମେଗା – ୩ ଥିବା କାରଣରୁ ଏହାର ସେବନ ଦ୍ୱାରା ମସ୍ତିଷ୍କ ସୁସ୍ଥ ରହେ ଓ ଡିପ୍ରେସନ ଭଳି ମାନସିକ ରୋଗ ମଧ୍ୟ ଦୂରେଇ ରୁହେ । ପାନମଧୁରୀ ଏବଂ ମିଶ୍ରି ପାଣି ପିଇବା ଦ୍ୱାରା ଷ୍ଟ୍ରେସ ଏବଂ ଡିପ୍ରେସନ ସମସ୍ୟା ଦୂର ହୋଇଥାଏ । ଏହି ପାଣି ଆପଣଙ୍କ ମସ୍ତିଷ୍କକୁ ଶାନ୍ତ କରିଥାଏ । ଏହାଛଡା ଚିନ୍ତା ଏବଂ ଡିପ୍ରେସନ ଦୂର ହୋଇଥାଏ ।ପାଳଙ୍ଗରେ ଥିବା ଆଇରନ୍ ଓ ଅନ୍ୟ ଗାଢ଼ ସବୁଜ ରଙ୍ଗର ଶାଗରେ ଥିବା ମ୍ୟାଗ୍ନେସିୟମ୍ ଓ ଅନ୍ୟ ପୋଷକ ଆମକୁ ଡିମେନ୍‌ସିଆ ବା ସ୍ମୃତିଶକ୍ତି ହ୍ରାସରୁ ମଧ୍ୟ ବଞ୍ଚାଏ । କାଜୁ, ଆଲ୍‌ମଣ୍ଡ, ୱାଲ୍‌ନଟ୍, ରାଶି ମଞ୍ଜି ଆଦି ନଟ୍‌ସ ଓ ମଞ୍ଜିଜାତୀୟ ଖାଦ୍ୟରେ ପ୍ରଚୁର ପରିମାଣରେ ଓମେଗା ୩ ଫ୍ୟାଟି ଏସିଡ୍ ରହିଥାଏ ଯାହାକୁ ଖାଇବା ଦ୍ୱାରା ଆମର ମସ୍ତିଷ୍କକୁ ଅଧିକ କାର୍ଯ୍ୟକ୍ଷମ ରଖେ ।



## ଆଜି ଆସିଥିଲେ

## 'ଜ୍ଞାନମଣ୍ଡଳ' ପ୍ରଣେତା



ଜ୍ଞାନକୋଷ ବା ଏନ୍‌ସାଇକ୍ଲୋପିଡ଼ିଆ ବିନା କୌଣସି ଭାଷା ଶତ ପ୍ରତିଶତ ସମୃଦ୍ଧ ବୋଲି କୁହାଯାଇପାରିବ ନାହିଁ । ଜ୍ଞାନକୋଷ ରଚନା ଏତେ ସହଜ କଥା ନୁହେଁ । ଏଥିପାଇଁ ଲୋଡ଼ା ମିଳିତ ଉଦ୍ୟମ ସାଙ୍ଗକୁ ଆର୍ଥିକ ସହାୟତା ଓ ମାନସିକ ପ୍ରୋତ୍ସାହନ । ଆଉ ଏସବୁର ଅଭାବ ସତ୍ତ୍ୱେ ଏଭଳି ଜଣେ ଓଡ଼ିଆ ଥିଲେ, ଯିଏ ସଂପୂର୍ଣ୍ଣ ଭାବେ ବ୍ୟକ୍ତିଗତ ପ୍ରଚେଷ୍ଟାରେ ସୃଷ୍ଟି କରିପାରିଥିଲେ, ଆମ ଭାଷାର ଅଦ୍ୟାବଧି ସବୁଠାରୁ ଉନ୍ନତ ଜ୍ଞାନକୋଷ । ସେ ହେଉଛନ୍ତି ଜ୍ଞାନପ୍ରଦୀପ ବିନୋଦ କାନୁନ୍‌ଗୋ । ସେ ବିଧିବଦ୍ଧ ଭାବେ କୌଣସି ପ୍ରକାରର ଉଚ୍ଚ ଶିକ୍ଷା ପାଇ ନଥିବା ମଣିଷ । ତଥାପି ନିଜର ଅସୀମ ଜ୍ଞାନ, ପ୍ରଗାଢ଼ ନିଷ୍ଠା ବଳରେ ଗଢ଼ିପାରିଥିଲେ ଜ୍ଞାନକୋଷ । ସେ ଥିଲେ ପରମ ଗାନ୍ଧୀବାଦୀ । ଗାନ୍ଧୀଙ୍କ ଆଦର୍ଶକୁ ଗ୍ରହଣ କରି ଜ୍ଞାନର ପ୍ରସାର ପାଇଁ ଆଜୀବନ ଉଦ୍ୟମ କରିଥିଲେ । ଏକଦା ବିନୋଦ ଥିଲେ ମେଧାବୀ ଛାତ୍ର । ତାଙ୍କ ମାମୁଁ ଥିଲେ ପ୍ରସିଦ୍ଧ ପୋଥି ଓ ସାହିତ୍ୟ ଗବେଷକ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି । ମାମୁଁଙ୍କ କଟକସ୍ଥିତ ବସାରେ ରହି ସେ କଲିଜିଏଟ୍ ସ୍କୁଲରେ ପଢୁଥିଲେ ।

ସେହି ସମୟରେ ଜାତୀୟକବି ବୀରକିଶୋରଙ୍କ ଏକ ଗୀତ, ତାଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା ରଣ ସମୟରେ ବହି ଘୋଷିବାକୁ ମୋତେ ଆଉତୁମେ ବଳାନା; ଛାତିର ରକତ ତାତିଉଠେ ମୋର, ବାଜିବାରୁ ଯୁଦ୍ଧ ବାଜଣା । ଯୁଦ୍ଧ ଇତିହାସ ହୋଇଲେ ପଠିତ, ଶୁଣି ବଂଶଧର ହୋଇବେ ପଣ୍ଡିତ; ନରହନ୍ତାର କଂସେଇଶାଳେ ମୁଁ ଲେଖୁଥିବି ବସି ରଚନା । ବିନୋଦ ଲେଖିଛନ୍ତି ୧୯୩୦ ଏପ୍ରିଲ ୯ ତାରିଖ ସନ୍ଧ୍ୟାରେ ଏହି ଗୀତ ମୋ ମନର ସମସ୍ତ ସନ୍ଦେହ ଦୂରକରିଦେଲା । ଏବଂ ମୋର କର୍ତ୍ତବ୍ୟ କ'ଣ, ତାହା ସୂଚେଇ ଦେଲା । ପର ଦିନ ହିଁ ସେ କେତେକ ସହପାଠୀଙ୍କ ସହ ବିଦ୍ୟାଳୟ ଛାଡ଼ି, ଧର୍ମଘଟରେ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ସଚ୍ଚିରାୟ, ମାମୁଁ ଆର୍ତ୍ତବଲ୍ଲଭ ଓ ଡ.ପ୍ରାଣକୃଷ୍ଣ ପରିଜା ବହୁତ ବୁଝାଇବା ସତ୍ତ୍ୱେ ତାଙ୍କୁ ରୋକିପାରି ନଥିଲେ । ତାହାଥିଲା ବିଦ୍ୟାଳୟରେ ଶେଷ ଦିନ । ବିଦ୍ୟାଳୟରୁ ବହିଷ୍କୃତଙ୍କ ତାଲିକାରେ ସର୍ବାଗ୍ରେ ଥିଲା ବିନୋଦଙ୍କ ନାମ । ତାହାପରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ, ବାରମ୍ବାର କାରାବରଣ । ଅନୁଷ୍ଠାନଭିତ୍ତିକ ଶିକ୍ଷା ପାଇଁ ଆଉ ସୁଯୋଗ ମିଳି ନଥିଲା । ତେବେ କୌଣସି ସମୟରେ ସେ ପଠନରୁ ବିରତ ହୋଇନଥିଲେ । ସବୁବେଳେ ପାଖରେ ରହୁଥିଲା ବିଭିନ୍ନ ପୁସ୍ତକ, ପତ୍ରପତ୍ରିକା । କାରାଗାର ଥିଲା ପଠନର ମୁଖ୍ୟ କ୍ଷେତ୍ର । ସ୍ୱାଧୀନତା ପରେ ସେ ରାଜନୀତିରେ ନ ମାତି ଜ୍ଞାନର ପ୍ରସାରକ ସାଜିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ମାତ୍ର ଏକ ଟଙ୍କା ଖଣ୍ଡିଏ ଖଦଡ଼ ଶତରଞ୍ଜି, ଖଦଡ଼ ପୋଷାକ ଓ କିଛି ବହିପତ୍ର ଧରି ଆସିଥିଲେ କଟକ । ଉଦ୍ଦେଶ୍ୟ ଜ୍ଞାନକୋଷ ରଚନା । ଦିନଟି ଥିଲା ୧ ଜାନୁଆରୀ ୧୯୫୪ । ପରବର୍ତ୍ତୀ ଜୀବନ ଥିଲା ବେଶ ସଂଘର୍ଷମୟ । ୨ ଡିସେମ୍ବର ୧୯୬୦ରେ ପ୍ରକାଶ ପାଇଥିଲା ତାଙ୍କ ଜ୍ଞାନମଣ୍ଡଳର ପ୍ରଥମ ଖଣ୍ଡ । ତାହାର ଉନ୍ମୋଚନ ଉତ୍ସବରେ ଭାଷଣ ଦେବା ବେଳେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ ମାମୁଁ ଆର୍ତ୍ତବଲ୍ଲଭ । ୧୯୧୨ ଜୁନ୍ ୬ ତାରିଖ ଦିନ କିଶୋରନଗର ଅନ୍ତର୍ଗତ ମଲ୍ଲିପୁରରେ ଜନ୍ମ ହୋଇଥିଲେ ଏହି ମହାନ ଜ୍ଞାନକୋଷ ପ୍ରଣେତା ।

## ହାଇ ବିପି କଣ୍ଟ୍ରୋଲ କରେ ଦୁବ ଘାସ

*ଆମେ ଦୁବ ଘାସ ପୂଜାରେ ବ୍ୟବହାର କରୁ । ଏହି ଘାସ ପ୍ରଭୁ ଗଣେଶଙ୍କ ଅତି ପ୍ରିୟ । ତେବେ ଜାଣିଛନ୍ତି ଏହି ଦୁବ ଘାସ ଶାରୀରିକ ଅସୁସ୍ଥତା ଓ ରୋଗ ଭଲ କରିବାରେ ମଧ୍ୟ ସାହାଯ୍ୟ କରେ । ଆୟୁର୍ବେଦରେ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ ଏହି ଦୁବ ଘାସକୁ ।*



■ ସକାଳେ ଏବଂ ସନ୍ଧ୍ୟାରେ ଏହି ଘାସ ଉପରେ ଖାଲି ପାଦରେ ଚାଲିବା ଦ୍ୱାରା ରକ୍ତଚାପ, ମାଇଗ୍ରେନ୍ , ମାନସିକ ଚାପ ଭଳି ସମସ୍ୟାରୁ ମୁକ୍ତି ମିଳିବା ସହ ଦୃଷ୍ଟିଶକ୍ତି ମଧ୍ୟ ଉନ୍ନତ ହୋଇଥାଏ । ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଏହି ଦୁବ ଘାସ ଅସହ୍ୟ ମୁଣ୍ଡବିନ୍ଧାକୁ ଦୂର କରିଥାଏ । ଏହି ଘାସ ଅତି ସହଜରେ ମିଳି ମଧ୍ୟ ଯାଇଥାଏ । ତେବେ ଆସନ୍ତୁ ଜାଣିବା ଏହି ଦୁବ ଘାସର ଉପକାରିତା ତଥା ସ୍ୱାସ୍ଥ୍ୟ ଲାଭ ସମ୍ବନ୍ଧରେ..

■ ସବୁଦିନ ଦୁବ ଘାସ ଉପରେ ଖାଲି ପାଦରେ ଚାଲିଲେ ଗମ୍ଭୀର ତଥା ମାରାତ୍ମକ ହୃଦରୋଗ ଆଶଙ୍କା ବହୁ ପରିମାଣରେ ହ୍ରାସ ପାଇଥାଏ । ଏଥିସହ ଦୁବ ଘାସର ରସ ପିଇଲେ ରକ୍ତହୀନତା ସମସ୍ୟା ଦୂର ହୁଏ । ଦୁବ ଘାସ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବରଦାନ ଅଟେ ।

■ ସେହିପରି ଦୁବ ଘାସ ଉପରେ ଚାଲିବା ଦ୍ୱାରା ଆପଣ ଆପଣଙ୍କର ବ୍ଲଡ୍ ପ୍ରେସରକୁ ନିୟନ୍ତ୍ରଣରେ ରଖିପାରିବେ । ଦୁବ ଘାସ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ମଧ୍ୟ ଲାଭଦାୟକ ଅଟେ । ଆପଣଙ୍କ ଅନ୍ତନଳୀ ସ୍ୱାସ୍ଥ୍ୟକୁ ଉନ୍ନତ କରି ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମଧ୍ୟ ଦେଇଥାଏ ଦୁବ ଘାସ ।

■ ପ୍ରତିଦିନ ଦୁବ ଘାସ ଉପରେ ଖାଲି ପାଦରେ ଚାଲିବା ଦ୍ୱାରା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଏକ ସକାରାତ୍ମକ ପ୍ରଭାବ ପଡିବା ଆରମ୍ଭ ହେବ । ତେଣୁ ଆୟୁର୍ବେଦିକ ବିଶେଷଜ୍ଞମାନେ ଏହି ଦୁବ ଘାସକୁ ଗୁଣର ଏକ ଭଣ୍ଡାର ଭାବରେ ବର୍ଣ୍ଣନା କରନ୍ତି ।



## ପାଣିରେ ପହଁରୁଛନ୍ତି ୬୦୦୦ କଙ୍କାଳ !

ମହାକାଶରେ ଯେପରି ଅନେକ ରହସ୍ୟ ଲୁଚି ରହିଛି, ସେହିପରି ସମୁଦ୍ରର ଗଭୀରତା ମଧ୍ୟ ଏପରି ଅନେକ ରହସ୍ୟ ରଖିଛି, ଯାହା ବିଷୟରେ ଆମେ ମଣିଷମାନେ ମଧ୍ୟ ଅଜଣା । ଇଣ୍ଡୋନେସିଆରେ ସମୁଦ୍ର ଭିତରେ କିଛି ଫୁଟ ଗଭୀରରେ ସମାନ ଏକ ରହସ୍ୟମୟ ଇତିହାସ ମିଳିଛି, ଯାହା ଆପଣଙ୍କୁ ଚକିତ କରିବ । ଏହା କୌଣସି ଧନ କିମ୍ବା ମୁଦ୍ରା ନୁହେଁ ବରଂ ଆମ ଜୀବନ ସହିତ ଜଡିତ ଏକ ରହସ୍ୟ, ଯାହା ବିଷୟରେ ବୈଜ୍ଞାନିକମାନେ ମଧ୍ୟ ଏପର୍ଯ୍ୟନ୍ତ ଅଜ୍ଞ ଥିଲେ ।

ଇଣ୍ଡୋନେସିଆ ନିକଟରେ ଏହି ଆବିଷ୍କାର ଦକ୍ଷିଣ-ପୂର୍ବ ଏସିଆରେ ମାନବ ଇତିହାସ ବିଷୟରେ ଅନେକ ବିଶ୍ୱାସକୁ ଚ୍ୟାଲେଞ୍ଜ କରିଛି । ଜାଭା ଏବଂ ମାଦୁରା ଦ୍ୱୀପପୁଞ୍ଜ ମଧ୍ୟରେ ଥିବା ସମୁଦ୍ର ଅଞ୍ଚଳରେ, ବୈଜ୍ଞାନିକମାନେ ଏପରି ପ୍ରମାଣ ପାଇଛନ୍ତି, ଯାହା ହଜାର ହଜାର ବର୍ଷ ପୂର୍ବେ ଥିବା ପୃଥିବୀର ଏକ ଅଂଶ 'ସୁଣ୍ଡାଲ୍ୟାଣ୍ଡ' ଏବଂ ସେଠାରେ ପ୍ରାଚୀନ ମଣିଷଙ୍କ ଜୀବନ ସହିତ ଜଡିତ ହୋଇପାରେ । ଏହି ଅଞ୍ଚଳ ଆଜି ସମୁଦ୍ର ତଳେ ପୋତି ହୋଇଥାଇପାରେ, କିନ୍ତୁ ଏହା ଥରେ ଆମ ଜୀବନର ଏକ ଅଂଶ ଥିଲା ।ଏହି ଆବିଷ୍କାର ୨୦୧୧ ମସିହାରେ ଆରମ୍ଭ ହୋଇଥିଲା, ଯେତେବେଳେ ପୂର୍ବ ଜାଭା ନିକଟବର୍ତ୍ତୀ ମାଦୁରା ପ୍ରଣାଳୀରେ ସମୁଦ୍ର ବାଲି ବାହାର କରିବାର କାମ ଚାଲିଥିଲା । ଏହି ସମୟ ମଧ୍ୟରେ, ଶ୍ରମିକମାନେ ଏଠାରେ ବହୁ ପରିମାଣରେ ଜୀବାଶ୍ମ ଖୋଜିବା ଆରମ୍ଭ କରିଥିଲେ । ଏହି ଜୀବାଶ୍ମରେ ୬,୦୦୦ ରୁ ଅଧିକ କଙ୍କାଳ ଅନ୍ତର୍ଭୁକ୍ତ ଥିଲା । ଏଥିରେ କୋମୋଡୋ ଡ୍ରାଗନ, ଜଙ୍ଗଲୀ ମଇଁଷି, ହରିଣ ଏବଂ ଷ୍ଟେଗୋଡନ ନାମକ ଏକ ବିଶାଳ ହାତୀର ଅବଶେଷ ଅନ୍ତର୍ଭୁକ୍ତ ଥିଲା । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏଥିରେ ଦୁଇଟି ମାନବ ଖପୁରିର ଖଣ୍ଡ ଥିଲା ।

ଏହି ଖପୁରୀ ଖଣ୍ଡଗୁଡ଼ିକର ଗଠନ ବୈଜ୍ଞାନିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ନେଦରଲ୍ୟାଣ୍ଡର ଲିଡେନ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱବିତ ହାରୋଲ୍ଡ ବର୍ଗୁଇସ ଏବଂ ତାଙ୍କ ଦଳ ଏହାକୁ ଭଲ ଭାବରେ ପରୀକ୍ଷା କରିଥିଲେ । ତଦନ୍ତରୁ ଜଣାପଡିଛି ଯେ ଏହି ଖଣ୍ଡଗୁଡ଼ିକ ହୋମୋ ଇରେକ୍ଟସ ନାମକ ଏକ ପ୍ରାଚୀନ ମାନବ ପ୍ରଜାତି, ଯାହାକୁ ଆଧୁନିକ ମଣିଷର ପୂର୍ବପୁରୁଷ ବୋଲି ବିବେଚନା କରାଯାଏ । ଏହି ହାଡ଼ଗୁଡ଼ିକୁ ପ୍ରାୟ ୧.୪ ଲକ୍ଷ ବର୍ଷ ଧରି ସମୁଦ୍ରର ବାଲି ଏବଂ କାଦୁଅରେ ପୋତି ଦିଆଯିବା ପରେ ବାହାର କରାଯାଇଥିଲା ।

ବୈଜ୍ଞାନିକମାନେ 'ଅପ୍ଟିକାଲି ଷ୍ଟିମୁଲେଟେଡ ଲ୍ୟୁମିନେସେନ୍ସ' ନାମକ ଏକ କୌଶଳ ବ୍ୟବହାର କରି ଏହି ଅବଶେଷଗୁଡ଼ିକର ବୟସ ନିର୍ଣ୍ଣୟ କରିଥିଲେ । ଏହା ମଧ୍ୟ ସ୍ପଷ୍ଟ କରିଥିଲା ଯେ ଏହି ଅଞ୍ଚଳ ଥରେ ଏକ ବିଶାଳ ନଦୀ ଉପତ୍ୟକା ଥିଲା, ଯାହା ନିଶ୍ଚିତ ଭାବରେ ପୁରୁଣା 'ସୋଲୋ ନଦୀ ପ୍ରଣାଳୀ'ର ଏକ ଅଂଶ ଥିଲା । ସେଠାରେ ମିଳିଥିବା ପ୍ରାଣୀ ଏବଂ ମାନବ ଅବଶେଷରୁ ସ୍ପଷ୍ଟ ଯେ ଏହି ଅଞ୍ଚଳ ଥରେ ସବୁଜିମା ଏବଂ ପ୍ରାଣୀରେ ପରିପୂର୍ଣ୍ଣ ଥିଲା । ଆଶ୍ଚର୍ଯ୍ୟଜନକ ଭାବରେ, ଅନେକ ପ୍ରାଣୀଙ୍କ ହାଡ଼ରେ ସ୍ପଷ୍ଟ କଟା ଚିହ୍ନ ମିଳିଛି, ଯାହା ଦର୍ଶାଉଛି ଯେ ହୋମୋ ଇରେକ୍ଟସ ଲୋକମାନେ କେବଳ ଶିକାର କରୁନଥିଲେ, ବରଂ ପ୍ରାଣୀମାନଙ୍କୁ କାଟିବା ଏବଂ ମାଂସ ବାହାର କରିବା ପାଇଁ ଉପକରଣ ମଧ୍ୟ ବ୍ୟବହାର କରୁଥିଲେ ।

ସୁଣ୍ଡାଲ୍ୟାଣ୍ଡ, ଯାହା ବର୍ତ୍ତମାନ ସମୁଦ୍ରରେ ବୁଡ଼ି ରହିଛି, ସେହି ସମୟରେ ଏକ ବିଶାଳ ଭୂମି ଥିଲା ଯାହା ଦକ୍ଷିଣ-ପୂର୍ବ ଏସିଆର ଅନେକ ଅଂଶକୁ ସଂଯୋଗ କରିଥିଲା । ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ପ୍ରାୟ ୧୪,୦୦୦ ରୁ ୭,୦୦୦ ବର୍ଷ ପୂର୍ବେ, ସମୁଦ୍ର ପତନ ୧୨୦ ମିଟର ବୃଦ୍ଧି ପାଇଥିଲା, ଯାହା ଫଳରେ ଏହି ଅଞ୍ଚଳ ପାଣିରେ ବୁଡ଼ି ଯାଇଥିଲା । ଏହି ଆବିଷ୍କାର ଏକ ସଂଯୋଗ ଭାବରେ ଆରମ୍ଭ ହୋଇଥିଲା କିନ୍ତୁ ଆଜି ଏହା ମାନବ ବିକାଶର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ପାଲଟିଛି । ସମୁଦ୍ର ତଳେ ଲୁଚି ରହିଥିବା ଏହି ରହସ୍ୟ ଦର୍ଶାଇଛି ଯେ ମାନବ ଇତିହାସର ମୂଳ ବହୁତ ଗଭୀର ।

## ବିଦେଶୀ ସିଙ୍ଗରଙ୍କ ପ୍ରେମରେ ନୋରା



ନୋରା ଫତେହୀ ସବୁବେଳେ ତାଙ୍କର ହଟ୍‌ନେସ୍ ଏବଂ ଭିନ୍ନ ଶୈଳୀ ପାଇଁ ଚର୍ଚ୍ଚାରେ ଥାଆନ୍ତି । ଏବେ ସେ 'ଦି ରୟାଲ୍ସ' ପାଇଁ ଚର୍ଚ୍ଚାରେ ଅଛନ୍ତି । କିନ୍ତୁ ନିକଟରେ ତାଙ୍କୁ ଜଣେ ବ୍ୟକ୍ତିଙ୍କ ସହ ଦେଖିବାକୁ ମିଳିଥିଲା । ଯାହାଙ୍କ ଫଟୋ ଏବେ ଭାଇରାଲ୍ ହେଉଛି । ଅଭିନେତ୍ରୀଙ୍କ ଫଟୋ ଭାଇରାଲ ହେବା ପରେ ତାଙ୍କ ଡେଟିଂର ଖବର ଜୋର ଧରିଛି । ୨୭ ମେ, ୨୦୨୫ରେ, ନୋରା ଫତେହୀ ଆମେରିକୀୟ ସଂଗୀତ ପୁରସ୍କାରରେ ତାଙ୍କର ଡ୍ୟାନ୍ସ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ସମୟରେ, ଅଭିନେତ୍ରୀଙ୍କୁ ଆମେରିକୀୟ ଗାୟକ ବେନ୍‌ସନ୍ ବୁନ୍‌ଙ୍କ ସହ ଦେଖିବାକୁ ମିଳିଥିଲା । ଭାଇରାଲ୍ ଫଟୋରେ, ଉଭୟ ପରସ୍ପରଙ୍କ ମଧ୍ୟରେ ହଜିଯାଇଥିବା ଦେଖାଯାଏ । ଫିଲ୍ମଫେୟାର ଅନୁଯାୟୀ, ଏହି ଯୋଡିଙ୍କ ମଧ୍ୟରେ ଏକ ଜବରଦସ୍ତ କେମେଷ୍ଟ୍ରି ଥିଲା ଏବଂ ଉଭୟ ପରସ୍ପରଙ୍କ ଆଖିରେ ହଜି ଯାଇଥିଲେ । ଏବେ ପ୍ରଶଂସକମାନେ ନୋରାଙ୍କ ବିଷୟରେ ଜାଣିବାକୁ ବେଶ୍ ଉତ୍ସାହିତ । ବେନ୍‌ସନ୍ ବୁନ୍ ଜଣେ ଆମେରିକୀୟ ପପ୍ ଗାୟକ । ସେ ୨୦୨୧ ମସିହାରେ ଆମେରିକୀୟ ଆଇଡଲ୍‌ରେ ଅଂଶଗ୍ରହଣ କରିବା ପରେ ଲାଇମ୍‌ଲାଇଟକୁ ଆସିଥିଲେ । ଗାୟକ ସୋସିଆଲ ମିଡିଆ ମାଧ୍ୟମରେ ଲୋକଙ୍କ ସହିତ ଯୋଡ଼ି ହେବାକୁ ଚାହୁଁଥିଲେ, ଏଥିପାଇଁ ସେ ଶୋ' ଛାଡି ଦେଇଥିଲେ । ତା'ପରେ ସେ ଟିକ୍‌ଟକ୍ ଆଡକୁ ମୁହାଁଇଥିଲେ । ଟିକ୍‌ଟକ୍‌କୁ ଆସିବା ମାତ୍ରେ ବେନ୍‌ସନ୍ ବୁନ୍ ଲୋକପ୍ରିୟ ହୋଇଥିଲେ ।

## ଆକର୍ଷଣୀୟ ଲୁକ୍ ଦେଖାଇଲେ ମାନୁଷୀ

୨୦୧୭ରେ ମିସ୍ ୱାର୍ଲ୍ଡ ଟାଇଟଲ ଜିତିଥିବା ମାନୁଷୀ ଛିଲ୍ଲର ଆଜି ଜଣେ ପ୍ରସିଦ୍ଧ ବଲିଉଡ୍ ଅଭିନେତ୍ରୀ । ଏହି ଅଭିନେତ୍ରୀ ତାଙ୍କ ଫ୍ୟାଶନ୍ ସେନ୍ସ ଏବଂ ଲୁକ୍ ପାଇଁ ସୋସିଆଲ ମିଡିଆରେ ମଧ୍ୟ ଖବରରେ ରହିଥାନ୍ତି । ନିକଟରେ, ଅଭିନେତ୍ରୀଙ୍କୁ ଲାଲ୍ ରଙ୍ଗର ଗାଉନରେ ଏକ ଆକର୍ଷଣୀୟ ପୋଜ୍ ଦେଉଥିବାର ଦେଖିବାକୁ ମିଳିଥିଲା । ମାନୁଷୀ ଚିଲ୍ଲର ମିସ୍ ୱାର୍ଲ୍ଡ ୨୦୨୫ର ବିଚାରକ ହୋଇଥିଲେ । ଏବେ ଅଭିନେତ୍ରୀ ଏହି ଇଭେଣ୍ଟର ତାଙ୍କ ଲୁକ୍‌ର ଅନେକ ଫଟୋ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି ।ଏହି ଫଟୋଗୁଡ଼ିକରେ, ମାନୁଷୀ ଏକ ଲାଲ ରଙ୍ଗର ହାଇ ସ୍ଲିଟ୍ ଗାଉନ୍ ପିନ୍ଧିଥିବାର ଦେଖାଯାଏ ଏବଂ ପ୍ରତ୍ୟେକ ଫଟୋରେ ଅଭିନେତ୍ରୀଙ୍କ ଆକର୍ଷଣୀୟ ପୋଜ୍ ଦେଖିବାକୁ ମିଳେ ।ମାନୁଷୀ ତାଙ୍କ ଚୁଟିରେ ଏକ ଷ୍ଟାଇଲିସ୍ ଖୋସା କରି ଗ୍ଲସୀ ମେକଅପ୍ ସହିତ ହାତରେ ଏକ ବ୍ରେସଲେଟ୍ ପିନ୍ଧିଛନ୍ତି । ଅଭିନେତ୍ରୀଙ୍କ ଗାଉନରେ ଗୋଲାପ ଫୁଲର ଡିଜାଇନ୍ ଅଛି । ସୌନ୍ଦର୍ଯ୍ୟ, ଉଦ୍ଦେଶ୍ୟ ଏବଂ ଶକ୍ତିର ଏକ ସ୍ମରଣୀୟ ରାତି..' ପ୍ରଶଂସକମାନେ ଅଭିନେତ୍ରୀଙ୍କ ଫଟୋ ଉପରେ ମନ୍ତବ୍ୟ ଦେଉଛନ୍ତି ଏବଂ ତାଙ୍କୁ ଜଣେ ସୌନ୍ଦର୍ଯ୍ୟ ପରୀ ଏବଂ ସବୁଠାରୁ ସୁନ୍ଦର ବୋଲି କହୁଛନ୍ତି । ମାନୁଷୀ ଛିଲ୍ଲର ଖୁବ୍ ଶୀଘ୍ର 'ଲାଲିକ' ଏବଂ 'ତେହରାନ' ଭଳି ଫିଲ୍ମରେ ନଜର ଆସିବେ ।





## ବାହା ହେଲେ ହିନା

ଅଭିନେତ୍ରୀ ହିନା ଖାନ । ସିରିଏଲ ୟେ ରିସ୍ତା କ୍ୟା କେହଲାତା ହୈରୁ ଫେମ୍ ପାଇଥିଲେ । ତାଙ୍କ ଏହି ଚରିତ୍ର ଘରେ ଘରେ ପରିଚିତ ହୋଇଥିଲେ । ଗତ କିଛି ମାସ ହେବ ତୃତୀୟ ପର୍ଯ୍ୟାୟ ସ୍ତନ କର୍କଟ ରୋଗରେ ପୀଡିତ । ଏବେ ବି ତାଙ୍କ ଚିକିତ୍ସା ଜାରି ରହିଛି । ହେଲେ ଏହାରି ମଧ୍ୟରେ ବର୍ତ୍ତମାନ ହିନା ଖାନ ଫ୍ୟାନ୍ସଙ୍କୁ ସରପ୍ରାଇଜ ଦେଇଛନ୍ତି ଦ । ହିନା ବର୍ତ୍ତମାନ ହାତକୁ ଦି'ହାତ ହୋଇଛନ୍ତି । ସେ ତାଙ୍କର ଲଙ୍ଗଟାଇମ୍ ବୟଫ୍ରେଣ୍ଡ ରକି ଜୟସ୍ୱାଲଙ୍କୁ ବିବାହ କରିଛନ୍ତି । ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଏହି ସୂଚନା ଦେଇଛନ୍ତି । ଯାହା ଏବେ ଖୁବ ଭାଇରାଲ ହୋଇଛି । କହିବାକୁ ଗଲେ ହିନା ତାଙ୍କ ବିବାହ ପାଇଁ, ଏକ ଲାଇଟ ଗ୍ରୀନ ରଙ୍ଗର ଶାଢ଼ି ପିନ୍ଧିଥିଲେ, ଯେଉଁଥିରେ ଶହ ଶହ ବର୍ଷ ପୁରୁଣା ମୋଟିଫ୍ ସୁନା ଏବଂ ରୂପା ସୂତାରେ ବୁଣାଯାଇଛି । ହିନା ପ୍ରସିଦ୍ଧ ଫ୍ୟାଶନ୍ ଡିଜାଇନର୍ ମନୀଷ ମଲୋହୋତ୍ରାଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଅଳଙ୍କାର ପିନ୍ଧିଥିବା ବେଳେ ରକି ବିବାହ ପାଇଁ ମନୀଷ ମଲୋହୋତ୍ରାଙ୍କ ଦ୍ୱାରା ଏକ ହ୍ୱାଇଟ କୁର୍ତ୍ତା ପିନ୍ଧିଥିଲେ । ହିନା ତାଙ୍କ ଦୁପଟାରେ ରକି-ହିନା ମଧ୍ୟ ଲେଖାଥିବା ଦେଖିବାକୁ ମିଳିଛି । ତେବେ ବିବାହର ଫଟୋ ସେୟାର ହେବା ମାତ୍ରେ ଫ୍ୟାନ୍ସ ସମେତ ସେଲିବ୍ରିଟି ଉଭୟଙ୍କ ଶୁଭକାମନା ଜଣାଇଛନ୍ତି । ରକି ଜୟସ୍ୱାଲ ହିନା ଖାନଙ୍କ ଦୀର୍ଘ ଦିନର ବୟଫ୍ରେଣ୍ଡ । ସେ କଷ୍ଟକର ସମୟରେ ମଧ୍ୟ ହିନାଙ୍କ ସହ ଠିଆ ହୋଇଥିଲେ । ରକିଙ୍କ ପ୍ରକୃତ ନାମ ଜୟନ୍ତ ଜୟସୱାଲ । ସେ ଜଣେ ଜଣାଶୁଣା ଟେଲିଭିଜନ ପ୍ରଯୋଜକ ଏବଂ ବ୍ୟବସାୟୀ । ସେ ଅନେକ ଟିଭି ଶୋ'ରେ ପରଦା ପଛରେ କାମ କରିଛନ୍ତି । ହିନାଙ୍କ ସହ ତାଙ୍କର ପ୍ରେମ କାହାଣୀ 'ୟେ ରିସ୍ତ କ୍ୟା କେହଲାତା ହେ' ସେଟ୍‌ରେ ଆରମ୍ଭ ହୋଇଥିଲା ।ହିନା ଏଥିରେ ଧାରାବାହିକରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ସମୟ ସହିତ, ସେମାନଙ୍କ ସମ୍ପର୍କ ପ୍ରେମରେ ପରିଣତ ହେଲା ଏବଂ ଏହି କପଲ ୨୦୧୭ରେ ନିଜ ସମ୍ପର୍କକୁ ଅଫିସିଆଲ କରିଥିଲେ ।

Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଜଳେଶ୍ୱର, (ଭାସ୍କର ନ୍ୟୁଜ): ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଭାରତୀୟ ଜନତା ପାର୍ଟି ଜଳେଶ୍ୱର ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଜଳେଶ୍ୱର ପୌରାଞ୍ଚଳର ସରକାରୀ ହାଇସ୍କୁଲ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରା ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ସଭାପତି ଡକ୍ଟର ପ୍ରଦୀପ କୁମାର ପଣ୍ଡା ଉପସ୍ଥିତ ହେବା ସହିତ ଜଳେଶ୍ୱର ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ଉପସ୍ଥିତି ଓ ଜଳେଶ୍ୱର ନଗରର ଯୁବନେତା ଫାଲ୍ଗୁନୀ ପାଣିଗ୍ରାହୀଙ୍କ ଆହ୍ୱାନାରେ ପରିବେଶ ସୁରକ୍ଷା ପାଇଁ ଆଜିଠୁ 'ମା' ନାଁରେ ଗଛଟିଏ ଅଭିଯାନର ଶୁଭାରମ୍ଭ କରାଯାଇ ବୃକ୍ଷରୋପଣ କରାଯାଇଛି। ସଂଗଠନ ପକ୍ଷରୁ ୫୦ରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରା ଯାଇଥିବା ବେଳେ ଆଗାମୀ ଦିନରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଏବର୍ଷ ୫୦୦୦ ରୁ ଅଧିକ ଗଛ ବିଜେପି ପକ୍ଷରୁ ଲଗାଯିବ ବୋଲି କୁହା ଯାଇଥିଲା। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଡ. ଅଜିତ କୁମାର ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନା, ଶାଳିକୋଠା ସଦାଶିବ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନାରାୟଣ ଦାସ, ଗୌରାଙ୍ଗ ପାତ୍ର, ବରେନ୍ଦ୍ର ପରିଡ଼ା, ଗୌରାଙ୍ଗ ସେନ, ସମର କରଣ, ସପନ ଦେ, ବଲ୍ଲଭ ଘଷ, ରାଧାକୃଷ୍ଣ ସେଣ, ସତ୍ୟବ୍ରତ ପଣ୍ଡା, ଅଞ୍ଜନ ଦାସ, ସଂଜୀବ ପ୍ରଧାନ, ଆସଲାମ ଖାନ, ସଚିବ୍ରତ ଦାସଙ୍କ ସହ ବିଦ୍ୟାଳୟର ହଷ୍ଟେଲ ଛାତ୍ରମାନେ ସାମିଲ ହୋଇଥିଲେ।

## ବ୍ଲକ କାର୍ଯ୍ୟାଳୟ ମରାମତି କାର୍ଯ୍ୟକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

ଗୋପ, (ଭାସ୍କର ନ୍ୟୁଜ): ଗୋପରେ ବିଜେପି ବର୍ତ୍ତମାନ ଦୁଇ ଫାଳ ଅବସ୍ଥାରେ। ନିମାପଡା ପରେ ଏବେ ଗୋପରେ ଦେଖାଦେଇଛି ବିବାଦ, ଯାହାକି ଗତ ମଇ ମାସ ୨୦ ତାରିଖରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଶିଳାନ୍ୟାସ ହେବାକୁ ଥିବା ଏକ କେନାଲ ରାସ୍ତାର ଫଳକ କାନ୍ଥ ଭଙ୍ଗା ଘଟଣା ସାଙ୍ଗକୁ ଏବେ ବ୍ଲକ କାର୍ଯ୍ୟାଳୟ ରଙ୍ଗମରା ଓ ମରାମତି କାର୍ଯ୍ୟରେ ଦେଖାଦେଇଥିବା ବିବାଦ ଏବଂ ଦୁଇ ଗୋଷ୍ଠୀ ମୁହାଁମୁହିଁରୁ ସ୍ପଷ୍ଟ ବାରି ହୋଇପଡୁଛି। ଯାହାକୁ ନେଇ ଏବେ ଗୋପ ବ୍ଲକ ୧୪ ପଂଚାୟତରେ ଝଡ ସୃଷ୍ଟି ହୋଇଥିବା ବେଳେ ବିଜେପିର ଗୋଷ୍ଠୀ କନ୍ଦଳ ଉପରେ ପ୍ରଶ୍ନ ଉଠିଛି। ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଉପ ମୁଖ୍ୟମନ୍ତ୍ରୀ ତଥା ନିମାପଡା ବିଧାୟିକା ପ୍ରଭାତୀ ପରିଡାଙ୍କ ଦ୍ୱାରା ନିମାପଡାରେ ଗତ ୪ ତାରିଖ ଠାରୁ ଦୁଇଦିନ ଧରି ଆୟୋଜିତ ଉତ୍କର୍ଷ ନିମାପଡା କାର୍ଯ୍ୟକ୍ରମରେ ପ୍ରଭାତି ପରିଡା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନା ଏବଂ ନିମାପଡା-ଗୋପ ରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଟିପ୍ପଣୀ ରଖିବା ସହ ଆଗାମୀ ଦିନରେ ନିମାପଡାକୁ ସରସ ସୁନ୍ଦର କରିବା ପାଇଁ ଯାହା ଯାହା ଆବଶ୍ୟକ ତାହା ପୂରଣ ହେବ ବୋଲି ନିମାପଡା-ଗୋପ ଅଞ୍ଚଳ ବାସୀଙ୍କୁ ପ୍ରତିଶୃତି ଦଇେଥିବା ବେଳେ ସେପଟେ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ତଥା ଏବେ ବିଜେପିର ମୁଖପାତ୍ର ସମୀର ରଂଜନ ଦାଶ ଅନ୍ୟ ଏକ ସ୍ଥାନରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ କରି କହିଛନ୍ତି ଏବେ ଯେଉଁ କାର୍ଯ୍ୟ ସବୁ ଚାଲିଛି କି ଯେଉଁ ପ୍ରକଳ୍ପ ଗୁଡିକର ଶିଳାନ୍ୟାସ ହେଉଛି ତାହା ପୂର୍ବ ସରକାରଙ୍କ ଅନୁଦାନ ପାଣ୍ଠି। ଏବେ ୧ ବର୍ଷ ମଧ୍ୟରେ ନିମାପଡା ଗୋପରେ ମାଟି ଗାଣ୍ଡୁଏ ପଡିନଥିବା ବେଳେ ନିମାପଡା ଗୋପରେ ହେଉଥିବା ବିଭିନ୍ନ କାର୍ଯ୍ୟ ରେ ପିସି କାରବାର ବଢିଥିବା ଭଳି ଦେଇଥିବା ବିସ୍ଫୋରକ ବୟାନ ଖାଲି ନିମାପଡା-ଗୋପ ନୁହେଁ ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ହେଲେ ଏହାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଖଣ୍ଡନ କରି କହିଛନ୍ତି ସେ ଯାହା କହିଛନ୍ତି ତାହା ଆଗାମୀ ଦିନରେ ବିଜେପିକୁ ତୃଣ ମୂଳ ସ୍ତରରୁ ଆହୁରି ସଶକ୍ତ କରିବା ପାଇଁ ସୁଯୋଗ ଦେବ। ଆଗାମୀ ଦିନରେ ନିମାପଡା ଗୋପ ଅଂଚଳବାସୀ ମୋ ଠାରୁ ଯାହା ଆଶା ରେଖିଛନ୍ତି ତାହା ନିଶ୍ଚୟ ପୂରଣ ହେବ। ଯାହାକି ନିମାପଡା ବିଜେପିରେ ଦେଖା ଦେଇଥିବା ଗୋଷ୍ଠୀକନ୍ଦଳ ପଦାରେ ପଡିଥିବା ବେଳେ ଏବେ ଗୋପ ବ୍ଲକରେ ଶାସକ ଦଳର ଜଣେ କର୍ମୀ ପ୍ରାୟ ୧ ସପ୍ତାହ ହେବ ବ୍ଲକ କାର୍ଯ୍ୟାଳୟ ମରାମତି ଏବଂ ରଙ୍ଗମରା କାର୍ଯ୍ୟ କରୁଥିବା ବେଳେ ଶାସକ ଦଳର ଅନ୍ୟ ଜଣେ ଅସନ୍ତୋଷ କର୍ମୀ ଏହି କାର୍ଯ୍ୟକୁ ବିରୋଧ କରି ଅନ୍ୟ ଏକ ଫାଳରେ ରଙ୍ଗ ମାରିଥିବା ଦେଖିବାକୁ ମିଳିଛି। ଜଣେ ଦକ୍ଷିଣ ପଟୁ ରଙ୍ଗ ମାରୁଥିବା ବେଳେ ଅନ୍ୟ ଜଣେ ଉତ୍ତର ପଟୁ ରଙ୍ଗ ମାରୁଛି। ଯାହାକୁ ନେଇ ବିଜେପିରେ ଗୋଷ୍ଠୀ କନ୍ଦଳ ପଦାରେ ପଡିଛି। ଖାଲି ଦେଖିବାକୁ ବାକି ରହିଲା ଏହି କାର୍ଯ୍ୟରେ କାହାର ବିଲ୍ ହେଉଛି ଆଉ କାହାର ବିଲ ରଦ୍ଦ ହେଉଛି। ଏହି ଘଟଣାକୁ ନେଇ ରାଜନୈତିକ ଝଡ ସୃଷ୍ଟି ହୋଇଥିବା ବେଳେ ଚର୍ଚ୍ଚା ଜୋର ଧରିଛି। ଏଠାରେ ସୂଚନାଥାଉ କି ଗୋପ ବ୍ଲକ କାର୍ଯ୍ୟାଳୟ ଏବଂ କ୍ୱାଟର ମରାମତି ଓ ରଙ୍ଗମରା ନାମରେ ପ୍ରତି ବର୍ଷ ବିଲ୍ କରାଯାଇ ଲକ୍ଷାଧିକ ଟଙ୍କା ଚଳୁ କରାଯାଉଛି।

### ୧୧୬ ଦାଦନ ଶ୍ରମିକ ଉଦ୍ଧାର, ବସ୍‌କୁ ଜରିମାନା

## ଆଞ୍ଚଳିକ ପରିବହନ ଓ ଶ୍ରମ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ



ମାଲକାନଗିରି, (ଭାସ୍କର ନ୍ୟୁଜ): ଆଞ୍ଚଳିକ ପରିବହନ ଓ ଶ୍ରମ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇ ଅତ୍ୟଧିକ ଯାତ୍ରୀ ନେବା ଅଭିଯୋଗରେ ପରିବହନ ବିଭାଗ ବସ୍ ମାଲିକଙ୍କୁ ୨୪,୨୦୦ ଟଙ୍କା ଜରିମାନା ଲଗାଇଛନ୍ତି। ସୂଚନା ମୁତାବକ, ବାଲାଜୀ ନାମକ ଏକ ଘରୋଇ ବସ ହାଇଦ୍ରାବାଦରୁ କଣ୍ଟାବାଞ୍ଜି ଅଭିମୁଖେ ଫେରୁଥିଲା। ଏଥିରେ କ୍ଷମତା ଠାରୁ ଅତ୍ୟଧିକ ଦାଦନ ଶ୍ରମିକ ଯାତ୍ରା କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ମାଲକାନଗିରି ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଅତର୍କିତ ଚଢ଼ାଉ କରିଥିଲା। ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଭାଗିରଥୀ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଟ୍ରାଫିକ୍ ଇନସପେକ୍ଟର ଦୀପକ କୁମାର ସାହୁ, ଭାରାପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ସହକାରୀ ଶ୍ରମ ଅଧିକାରୀ ପ୍ରିୟଙ୍କା ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଅଟକାଇ ଥିଲେ। ଯାଞ୍ଚ ବେଳେ ବସ୍‌ରେ କ୍ଷମତା ଠାରୁ ଅଧିକ ଦାଦନ ଶ୍ରମିକ ଯାତ୍ରା କରୁଥିଲେ। ମୋଟ୍ ୧୨୦ ଯାତ୍ରୀଙ୍କ ମଧ୍ୟରୁ ଏଥିରେ ୧୧୬ଜଣ ଦାଦନ ଶ୍ରମିକ ଥିବା ବେଳେ ମାତ୍ର ୪ଜଣ ସାଧାରଣ ଯାତ୍ରୀ ଯାତ୍ରା କରୁଥିଲେ। ସୂଚନା ଅନୁଯାୟୀ, ଏହି ସମସ୍ତ ଶ୍ରମିକ ହାଇଦ୍ରାବାଦର ମାଙ୍ଗୀପାଲ୍ଲୀ ଅଞ୍ଚଳରେ ଏକ ଇଟାଭାଟି କମ୍ପାନୀରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ସେମାନେ ଏକ ବସ୍ ଯୋଗେ ନିଜ ଘର ବଲାଙ୍ଗୀର ଓ ନବରଙ୍ଗପୁରକୁ ଫେରୁଥିଲେ। ବସ୍‌ଟି କଣ୍ଟାବାଞ୍ଜି ଯାଉଥିବା ବେଳେ ମାଲକାନଗିରି ଆଞ୍ଚଳିକ ପରିବହନ ବିଭାଗ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ତେବେ ଉକ୍ତ ବସ୍‌ରୁ ୧୧୬ଜଣ ଶ୍ରମିକ ଉଦ୍ଧାର ହୋଇଛନ୍ତି। ଶ୍ରମବିଭାଗ ସେମାନଙ୍କୁ ଜଳଖିଆ ଖୁଆଇ ଅନ୍ୟ ଏକ ବସରେ ଘରକୁ ପଠାଇବାକୁ ବ୍ୟବସ୍ଥା କରିଛନ୍ତି। ସମସ୍ତ ଦାଦନ ଶ୍ରମିକଙ୍କ ପରିଚୟ ଓ ଠିକଣା ସଂଗ୍ରହ କରାଯାଇ ବଲାଙ୍ଗୀରର ମାନବ ଚାଲାଣ ଦଲାଲଙ୍କୁ ଶ୍ରମ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ସୋମବାର ଦିନ ବାଲାଜୀ ଟ୍ରାଭେଲ୍ସର ଆଉ ଏକ ଘରୋଇ ବସ୍ ଅତ୍ୟଧିକ ଯାତ୍ରୀଙ୍କୁ ନେଇ କଣ୍ଟାବାଞ୍ଜି ଫେରୁଥିବା ବେଳେ ମାଲକାନଗିରି ଜିଲ୍ଲା ବିଜା ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୫ଜଣ ଶ୍ରମିକ ଆହତ ହୋଇଥିଲେ।

### ଗୁରୁବାର ସୁଦ୍ଧା ୬ ଗିରଫ

## କଷଟି ଗ୍ରାମରେ ମରଣାନ୍ତକ ଆକ୍ରମଣରେ ଯୁବକ ଗୁରୁତର ଘଟଣା

- ପୋଲିସ ଫୋର୍ସ ମୁତୟନ ଅବ୍ୟାହତ
- ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା କୁବେରା ପଞ୍ଚାୟତ ଅଧୀନ କଷଟି ଗ୍ରାମର ସନ୍ତୋଷ ପରିଡା (୪୦)ନାମକ ଜଣେ ଯୁବକଙ୍କୁ ସଂଖ୍ୟାଲଘୁ ଶ୍ରେଣୀର କିଛି ବ୍ୟକ୍ତି ମାରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ ଘଟଣା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟକରି ପୋଲସ ଫୋର୍ସ ମୁତୟନ କରାଯାଇଥିଲା। ଅଦ୍ୟାବଧି ପୋଲିସ ଫୋର୍ସ ମୁତୟନ ଅବ୍ୟାହତ ରହିଛି। ଗୁରୁବାର ସୁଦ୍ଧା ପୋଲିସ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିସାରିଛି। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ରହିଛି ବୋଲି ପୋଲିସ ସୂଚନା ଦେଇଛି। ଇତିମଧ୍ୟରେ ଏସପି ମଡ଼କର ସନ୍ଦୀପ ସଂପଦ ଓ ଏଏସପି ଅଂଶୁମାନ ଦ୍ୱିବେଦୀ ଘଟଣାସ୍ଥଳ ପରିଦର୍ଶନ କରି ଫେରିଥିବା ଜଣାପଡିଛି। ଆକ୍ରମଣରେ ଗୁରୁତର ସନ୍ତୋଷଙ୍କ ଅବସ୍ଥା ଏବେବି ଉଦବେଗଜନକ ରହିଛି। ସେହି ଅଞ୍ଚଳରେ ସାମ୍ପ୍ରଦାୟିକ ସଂଘର୍ଷ ସୃଷ୍ଟି ହେବା ଆଶଙ୍କାରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଏବେବି ଅବ୍ୟାହତ ରହିଥିବାବେଳେ ପୋଲିସ ତୀକ୍ଷ୍ଣ ଦୃଷ୍ଟି ରଖିଛି। ଗୁଜିଦରଡ଼ା ଗ୍ରାମର ଶେଖ ମୁଜାଫର ଓ ଶେଖ କାଦିରଙ୍କୁ ଗିରଫ କରାଯିବା ପରେପରେ ସେହି ଗ୍ରାମର ଏସ କେ ଶାମସୁଦ୍ଦିନ, ମଞ୍ଜୁର ଅଲ୍ଲୀ ଖାଁ, ଏସ କେ ପବନ ଓ ଏସକେ କଶୁରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଖବରରୁ ପ୍ରକାଶ ଯେ କେତେକ ଗୋରୁ ବେପାରୀ ଗତ ଶୁକ୍ରବାର ମଧ୍ୟାହ୍ନରେ କଷଟି ଗ୍ରାମରୁ ଗୋରୁ ନେଇ ଗୁଜିଦରଡ଼ା ଗ୍ରାମକୁ ଯାଉଥିଲେ। ଭୂୟାଁବାଟି ଟାଙ୍କି ଠାରେ କଷଟି ଗ୍ରାମର ସନ୍ତୋଷଙ୍କ ସମେତ କେତେକ ବ୍ୟକ୍ତିଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ପରେ ସେମାନେ ସନ୍ତୋଷଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ସନ୍ତୋଷଙ୍କ ପତ୍ନୀ ମିନତୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମକଦ୍ଦମା ରୁଜୁ କରିଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମାତ୍ର ପୋଲିସର ହସ୍ତକ୍ଷେପ ପରେ ଏହା ପ୍ରଶମିତ ହୋଇଥିଲା। ତେବେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସନ୍ତୋଷଙ୍କ ଅବସ୍ଥା ଉଦବେଗଜନକ ଥିବା ଏବଂ ସେ ଆଇସିୟୁରେ ରହିଥିବା ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଥିଲା। ଏହାକୁ ଲକ୍ଷ୍ୟ କରି ପଦକ୍ଷେପ ସ୍ୱରୂପ ସୋମବାର ଠାରୁ ୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏସପି ସମ୍ପଦ କଷଟି ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହ ଆକ୍ରମଣ ଘଟଣାରେ ଜଡିତ ଅଭିଯୁକ୍ତମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଏଏସପି ଦ୍ୱିବେଦୀ, ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ପ୍ରମୁଖ ଏସପିଙ୍କ ସହ ଉପସ୍ଥିତ ଥିଲେ। ତେବେ ପରିସ୍ଥିତି ସମ୍ପର୍କରେ ଆଇଆଇସି ଗ୍ରହାଚାର୍ଯ୍ୟଙ୍କୁ ପଚାରିବାରୁ କଷଟି ଗ୍ରାମରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା କଥା ପ୍ରକାଶ କରିଛନ୍ତି।

## ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ଜନ୍ମତିଥିରେ ଚାରା ରୋପଣ

ତିହିଡି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନ ବୋଡ଼କ ପଞ୍ଚାୟତରେ ଗୁରୁବାର ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ୬୪ତମ ଜନ୍ମତିଥି ଓ ବିଶ୍ୱପରିବେଶରେ ଭାଜପା ନେତା ଓ କର୍ମୀମାନେ ୬୪ଟି ଚାରା ରୋପଣ କରିଛନ୍ତି। ପଞ୍ଚାୟତସ୍ଥିତ ମା ବନ୍ଧ ନାୟକାଣୀଙ୍କ ପଡ଼ିଆରେ ସେମାନେ ଏହି ଚାରା ରୋପଣ କରିଛନ୍ତି। ଏଥିସହିତ ସେଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଭାଜପା ନେତା କ୍ଷୀରସିନ୍ଧୁ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସଭାପତି ପ୍ରଭାତ କୁମାର ଜେନା, ଜୟନ୍ତ ନାୟକ, ପ୍ରମୁଖ ଭାଜପା ନେତା ଯୋଗଦେଇ ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ସାଙ୍ଗଠନିକ ଦକ୍ଷତା ଓ ତାଙ୍କର ଅଞ୍ଚଳ ପ୍ରତି ଅବଦାନ ଉପରେ ଆଲୋକପାତ କରିଥିଲେ। ଏମପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ମଣ୍ଡଳ ସଭାପତି କେଶବ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ଶୁକଦେବ ମଲିକ, ବରିଷ୍ଠ ନେତା ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହିନେତା ଓ କର୍ମୀମାନେ ମଧ ଶଂଖୀଡା ରାସ୍ତାରେ ଚାରା ରୋପଣ କରିଥିଲେ।

## ଅପମିଶ୍ରିତ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ

କରଞ୍ଜିଆ, (ଭାସ୍କର ନ୍ୟୁଜ): ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧ ରେ ଅବକାରୀ ବିଭାଗ ପକ୍ଷରୁ ସଚେତନ ଅଭିଯାନ ଆରମ୍ଭ। ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା, ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାର ସଂପୂର୍ଣ୍ଣ ରୋକିବା ଲାଗି ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥି ନିମନ୍ତେ ମେ ୩୧ ରୁ ଜୁନ୍ ୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବ୍ୟାପକ ଜନ ସଚେତନତା ଅଭିଯାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଦିନ ସ୍ଥାନୀୟ ଅବକାରୀ ବିଭାଗ କାର୍ଯ୍ୟାଳୟ ପରିସରରୁ ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ନିମନ୍ତେ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ବେଦବ୍ୟାସ ଭୋଇ ଓ କରଞ୍ଜିଆ ଥାନା ଅଧିକାରୀ ଶରତ କୁମାର ମହାଳିକ ମିଳିତ ଭାବେ ପତାକା ଦେଖାଇ ଉଦଘାଟନ କରିଛନ୍ତି। ନିଶାଦ୍ରବ୍ୟ ସମାଜ ପାଇଁ କ୍ଷତିକାରକ। ବିଶେଷ ଭାବେ ଯୁବଶକ୍ତି ଏହାର କୁପରିଣାମର ଶିକାର ହେଉଛନ୍ତି। ତେଣୁ ଏହି ରଥ ଜିଲ୍ଲାରେ ଯୁବପିଢିଙ୍କ ସମେତ ଜନ ସାଧାରଣଙ୍କ ମଧ୍ୟରେ ନିଶା ନିବାରଣ ପାଇଁ ସଚେତନତା ସୃଷ୍ଟି କରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଭୋଇ ପ୍ରକାଶ କରିଛନ୍ତି। ନିଶା ନୁହେଁ, ଜୀବନକୁ ବାଛିବା ନିମନ୍ତେ ସଂକଳ୍ପ ନେବା ପାଇଁ ଯୁବ ସମାଜ ଓ ଜନ ସାଧାରଣଙ୍କୁ ଏହି ରଥ ସଚେତନ କରିବ। ଏହି ରଥ କରଞ୍ଜିଆ ଉପଖଣ୍ଡର ପାଞ୍ଚଟି ବ୍ଲକ ପରିଭ୍ରମଣ କରିବ। ଅବକାରୀ ନିରୀକ୍ଷକ ସଞ୍ଜୟ କାଣ୍ଡିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କରଞ୍ଜିଆ ଅବକାରୀ ଥାନା ସହ ନିରୀକ୍ଷକ ରଶ୍ମିରଂଜନ ନାୟକ, ଯଶିପୁର ଅବକାରୀ ସହ ନିରୀକ୍ଷକ ସୂର୍ଯ୍ୟକାନ୍ତ ମଲ୍ଲିକ, ଠାକୁରମୁଣ୍ଡା ସହ ନିରୀକ୍ଷକ ଭାରତୀ ନାଏକ, ସ୍ଥାନୀୟ ନାରୀନେତ୍ରୀ ଜ୍ୟୋତ୍ସ୍ନାରାଣୀ ମହାକୁଡ଼ଙ୍କ ସମେତ ସମସ୍ତ ଅବକାରୀ କର୍ମଚାରୀ, ପୋଲିସ କର୍ମଚାରୀ ଏବଂ ସ୍ଥାନୀୟ ମହିଳା ଯୋଗ ଦେଇଥିଲେ।

## ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ ସ୍ମୃତି ସଭା

ଭୁବନ, (ଭାସ୍କର ନ୍ୟୁଜ): କାମାକ୍ଷାନଗରର ପୂର୍ବତନ ବିଧାୟକ ତଥା ଓଡ଼ିଶାର ପ୍ରଥମ ବିଜେପି ବିଧାୟକ (୧୯୮୫) ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ପ୍ରସନ୍ନ ବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ଓ ଧୂପ ଦୀପ ପ୍ରଜ୍ୱଳନ କରାଯାଇ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଗୋପବନ୍ଧୁ ସେବା ସଂଗଠନ ଆନୁକୂଲ୍ୟରେ ସ୍ଥାନୀୟ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ଦିଲ୍ଲୀପ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତି ସଭାରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ନଗରପାଳ ଜଗନ୍ନାଥ ଗୁରୁ, କୋଦଣ୍ଡଧର ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ପ୍ରେମାନନ୍ଦ ଜେନା, ପ୍ରକାଶ କୁଅଁର, ମହିଳା ମହାବିଦ୍ୟାଳୟ ଅଧକ୍ଷ ଦିଲ୍ଲୀପ କୁମାର ଦାସ ଙ୍କ ସମେତ ପଣ୍ଡିତ ପ୍ରମୋଦ କୁମାର ମିଶ୍ର, ରାମକୃଷ୍ଣ ପୋଥାଳ,ମାୟାଧର ବେହେରା, ସନାତନ ପାତ୍ର, ମାୟାଧର ନାୟକ, ଭାଗବତ ନାୟକ, କୋଦଣ୍ଡଧର ନାୟକ, ଶ୍ରୀଧର ବେହେରା, ଅମ୍ବୁଜ ସାହୁ, ପୁରସ୍ତମ ବେହେରା, ପ୍ରେମାନନ୍ଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କହିଥିଲେ ଯେ ସ୍ୱର୍ଗତ ପ୍ରସନ୍ନ ପଟ୍ଟନାୟକ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଚିର ଦିନ ପାଇଁ ଅମର ରହିବେ। ସ୍ୱର୍ଗତ ପ୍ରସନ୍ନ ପଟ୍ଟନାୟକ ଛାତ୍ର ନେତାରୁ ରାଜନେତା ହୋଇପାରିଥିଲେ। ୧୯୭୭,୧୯୮୫ ଓ ୧୯୯୦ ରେ କାମାକ୍ଷା ନଗରରୁ ତିନିଥର ବିଧାୟକ ହୋଇଥିଲେ। ରାଜନୀତି ମାଧ୍ୟମରେ ଅଞ୍ଚଳର ବିକାଶ ଓ ଲୋକଙ୍କ ସେବା ତାଙ୍କର ମୂଳଲକ୍ଷ୍ୟ ଥିଲା । ୧୯୯୦- ୧୯୯୫ ମଧ୍ୟରେ କାମାକ୍ଷା ନଗର ନିର୍ବାଚନ ମଣ୍ଡଳୀରେ ଶିକ୍ଷା ଓ ସ୍ୱାସ୍ଥ୍ୟ ର ବୈପ୍ଳବିକ ପରିବର୍ତ୍ତନ କରିଥିଲେ। ନାରୀ ଶିକ୍ଷାର ଉନ୍ନତି ପାଇଁ ଭୁବନ ମହିଳା ମହାବିଦ୍ୟାଳୟ, କାମାକ୍ଷା ନଗର ମହିଳା ମହାବିଦ୍ୟାଳୟ ସମେତ ବାଲୁଙ୍କେଶ୍ୱର ମହାବିଦ୍ୟାଳୟ, ବିରାଶାଳ ମହାବିଦ୍ୟାଳୟ, ପାରିମାଳ ମହାବିଦ୍ୟାଳୟ ସହିତ ୩୦ରୁ ଉର୍ଦ୍ଧ୍ୱ ଉଚ୍ଚ ବିଦ୍ୟାଳୟ ଓ ୨୦ରୁ ଉର୍ଦ୍ଧ୍ୱ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ସେ ଜଣେ ଦୂରଦ୍ରଷ୍ଟା,ଲୋକପ୍ରିୟ ନେତା ଓ ଦୃଢ଼ ସଂଗଠକ ଥିଲେ। ଦୀର୍ଘ ୩୦ ବର୍ଷ ହେଲା କ୍ଷମତାରୁ ବାହାରେ ଥିବା ପ୍ରସନ୍ନ ବାବୁ ଙ୍କ ଅନ୍ତିମ ଯାତ୍ରାରେ ତାଙ୍କ ଲୋକପ୍ରିୟତା ବାରିହୋଇ ପଡୁଥିଲା। ଜନନାୟକ ପ୍ରସନ୍ନ ବାବୁଙ୍କ ବିୟୋଗ ଅପୂରଣୀୟ କ୍ଷତି ଓ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ଅନେକ ଲୋକ କଲ୍ୟାଣ କାର୍ଯ୍ୟ କରିଯାଇଛନ୍ତି, ଯାହା ତାଙ୍କୁ ସବୁଦିନେ ମନେ ରଖିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଗୋପବନ୍ଧୁ ସେବା ସଂଗଠନ ର ବରିଷ୍ଠ ସଭ୍ୟ ଲକ୍ଷ୍ମଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ପରିବେଶ ଦିବସ ପାଳିତ

ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଅନ୍ତର୍ଗତ ମର୍ଦାବାଡ଼ି ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ପରିବେଶ ଦିବସ ଧୁମଧାମ ରେ ପାଳିତ ହୋଇଛି। ଏହି ବିଶ୍ୱ ପରିବେଶ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିବେଶବିତ ତଥା ଭଏସ ଅଫ ମିଡ଼ିଆ ଜିଲ୍ଲା ସଭାପତି ଧନେଶ୍ୱର ବିଧାର, ସଂମାନ୍ନିତ ଅତିଥିଭାବେ ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡା,ବୋଲଗଡ ବନପାଳ ପ୍ରିୟଦର୍ଶିନୀ ସେଠୀ ଓ ଗାର୍ଡ ଅର୍ପିତା ନାୟକ, ସୁରଜିତ ମିଶ୍ର, ସରପଞ୍ଚ ଗୀତାଞ୍ଜଳୀ ସାହୁ, ନକୁଳ ରାଉତ ରାୟ,ଯୋଗ ଦେଇ ପରିବେଶ ସୁରକ୍ଷା ସମ୍ପର୍କ ରେ ଆଲୋକପାତ କରିଥିଲେ। ଶିକ୍ଷକ ମନ ମୋହନ କହଲ ସିଂ ମଞ୍ଚ ପରିଚାଳନା କରିଥିଲେ। ଆଞ୍ଚଳିକ ଶିକ୍ଷା ସେବା ଓ ସଂସ୍କୃତିକ ବିକାଶ ଫାଉଣ୍ଡେସନ ତରଫରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି



ଦିବସ ଅବସରରେ ବିଭିନ୍ନ ପ୍ରତି ଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଚନ୍ଦନ କୁମାର ପ୍ରମୁଖ ପରିଚାଳନା କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ

## ବରିଷ୍ଠ ସାମ୍ବାଦିକ ବିଭୂତି ପଟ୍ଟନାୟକଙ୍କ ପରଲୋକ



କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାର ସର୍ବବରିଷ୍ଠ ତଥା ସର୍ବପୁରାତନ ଗଣମାଧ୍ୟମ ପ୍ରତିନିଧି ବିଭୁତି ଭୂଷଣ ପଟ୍ଟନାୟକଙ୍କର ପରଲୋକ ହୋଇଛି। ତାଙ୍କର ମାଇନିଂରୋଡ ସ୍ଥିତ ମନୋଜମଞ୍ଜରୀ ଶିଶୁଭବନ ଲେନଠାରେ ୭୩ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଛି। ବୁଧବାର ରାତି ପ୍ରାୟ ୧.୩୦ମିନିଟ ସମୟରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ଯୋଗୁଁ ତାଙ୍କୁ କେନ୍ଦୁଝର ମୁଖ୍ୟଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା କରି ଭୁବନେଶ୍ୱରକୁ ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦେବାର କିଛି ସମୟ ପରେ ତାଙ୍କୁ ପ୍ରାଣବାୟୁ ଉଡିଯାଇଥିଲା। ଏହାପରେ ତାଙ୍କ ବାସଭବନକୁ ଅଣାଯାଇଥିଲା ଓ ସେଠାରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଶେଷ ଦର୍ଶନ କରିଥିଲେ। ସେ ୧୯୭୨ ମସିହାରେ ବିଭିନ୍ନ ଖବରକାଗଜ ଓ ସମ୍ବାଦ ସରବରାହ ସଂସ୍ଥାରେ କାର୍ଯ୍ୟ କରି ଖବର ପ୍ରେରଣ କରିଆସୁଥିଲେ। ସେ ଶେଷ ପର୍ଯ୍ୟନ୍ତ ଖବର ପ୍ରେରଣ କରିବା କାର୍ଯ୍ୟରେ ଜଡିତ ଥିବା ସହ ଅନେକ ସମୟରେ ସମାଜର ଶୋଷିତ, ଅବହେଳିତ ଓ ସାଧାରଣ ଲୋକଙ୍କ ପାଇଁ କେବଳ କଲମ ଚାଳନା କରୁଥିଲେ ତାହା ନୁହେଁ ବରଂ ସ୍ୱର ମଧ୍ୟ ଉତ୍ତୋଳନ କରୁଥିଲେ। ସେ ଜିଲ୍ଲା ପ୍ରେସ କ୍ଲବ, କେନ୍ଦୁଝରର ପ୍ରତିଷ୍ଠାତା ସଦସ୍ୟ ଥିବା ସହ ଏହାର ସଭାପତି ମଧ୍ୟ ରହିଥିଲେ। ଅନ୍ୟାନ୍ୟ ବହୁ ଅନୁଷ୍ଠାନର ସେ ସଦସ୍ୟ ରହିଥିଲେ। ରାଜ୍ୟ ସାମ୍ବାଦିକ ସଂଘ ବା ଏସୟୁଜେର ସେ ଉପଦେଷ୍ଟା ଥିଲେ। ତାଙ୍କ ସାନଭାଇ ବିନୟ ଭୁଷଣ ପଟ୍ଟନାୟକ କେନ୍ଦୁଝରର ଜଣେ ଆଗଧାଡିର ସମ୍ବାଦଦାତା ହୋଇଥିବା ବେଳେ ମୃତ୍ୟୁ ସମୟରେ ତାଙ୍କ ନିକଟରେ ପତ୍ନୀ, ଝିଅ ଓ ଭାଇ, ଭାଇବୋହୂ, ପୁତୁରା, ଝିଆରୀ ଓ ଭଣଜାମାନେ ଉପସ୍ଥିତ ଥିବାବେଳେ ତାଙ୍କର ଏକମାତ୍ର ପୁଅ ସ୍ୱପ୍ନାଙ୍କୁର ପଟ୍ଟନାୟକ ହାଇଦ୍ରାବାଦରେ ଚାକିରୀ କରୁଥିବା ବେଳେ ସେ ଆସି ପହଞ୍ଚିବା ପରେ ଧାଙ୍ଗରପଡା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବରିଷ୍ଠ ସାମ୍ବାଦିକ ବିଭୁତି ଭୂଷଣ ପଟ୍ଟନାୟକଙ୍କର ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ନିଜ ଟ୍ୱିଟରେ ବିଭୁତି ଭୁଷଣ ପଟ୍ଟନାୟକଙ୍କ ଆକସ୍ମିକ ବିୟୋଗରେ ଦୁଃଖିତ ଓ ମର୍ମାହତ ବୋଲି ପ୍ରକାଶ କରିବା ସହିତ ଏହା ଏକ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିଛନ୍ତି। ଶୋକ ସନ୍ତପ୍ତ ପରିବାରକୁ ସେ ସମବେଦନା ଜଣାଇବା ସହିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଦିବଂଗତ ଆତ୍ମାର ସଦଗତି କାମନା କରିଛନ୍ତି। ସେହିପରି ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ଉପନଗର ପାଳ ବରଦା ପ୍ରସନ୍ନ ଦାସ ତାଙ୍କୁ ଶେଷ ଦର୍ଶନ କରିଥିବାବେଳେ ସାଂସଦ ଅନନ୍ତ ନାୟକ, ବିଧାୟକ ବଦ୍ରିନାରାୟଣ ପାତ୍ର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ତାଙ୍କ ବାସଭବନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ବିଭୁତି ଭୂଷଣ ପଟ୍ଟନାୟକଙ୍କ ମରଶରୀର କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପ୍ରେସ କ୍ଲବ ତରଫରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବା ସହ ସାମ୍ବାଦିକମାନେ ମଧ୍ୟ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦର ମୁଖ୍ୟନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଶବାଧାର ନିକଟରେ ଗୋଟିଏ ମିନିଟ ନୀରବ ପ୍ରର୍ଥନା କରାଯାଇଥିବା ବେଳେ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, ଜୟକୃଷ୍ଣ ପଣ୍ଡା, ଶରତ ଦାସ, ଦେବାଶିଷ ମିଶ୍ର ତାଙ୍କର ସ୍ମୃତିଚାରଣ କରିଥିବାବେଳେ ବରିଷ୍ଠ ସାମ୍ବାଦିକ ଦୀପକ ମିଶ୍ର, ପ୍ରଣୟ ପାଣି, ରାଜେନ୍ଦ୍ର ମହାକୁଡ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କେନ୍ଦୁଝର ସହରରେ କାଳୀପୂଜା ପାଳନ କରୁଥିବା କାଳୀତୀର୍ଥର ପ୍ରାକ୍ତନ ସଭାପତି ଥିଲେ ବର୍ଷୀୟାନ ସାମ୍ବାଦିକ ବିଭୁତି ଭୂଷଣ ପଟ୍ଟନାୟକ। ତାଙ୍କ ମରଶରୀର କେନ୍ଦୁଝରର କାଳୀତୀର୍ଥରେ ପହଂଚିବା ପରେ ଅନୁଷ୍ଠାନର ସଭାପତି ରବିନାରାୟଣ ମିଶ୍ର, ସମ୍ପାଦକ ଦୀପକ ମିଶ୍ର, କୋଷାଧକ୍ଷ ସରୋଜ କୁମାର ରଣାଙ୍କ ସମେତ ବହୁ ସଦସ୍ୟ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଜେଏସ୍‌ପି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ




ଅନୁଗୁଳ, (ଭାସ୍କର ନ୍ୟୁଜ): ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସପି) ପକ୍ଷରୁ ଅନୁଗୁଳ ପ୍ଲାଣ୍ଟ ପରିସରରେ ବେଶ ଉତ୍ସାହର ସହ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। "ବିଟ୍ ପ୍ଲାଷ୍ଟିକ ପଲ୍ୟୁସନ'' ବା "ପ୍ଲାଷ୍ଟିକ୍ ପ୍ରଦୂଷଣକୁ ପରାସ୍ତ କରନ୍ତୁ''; ଏହି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ଲାଣ୍ଟ ପରିସରରେ ମିନି ମାରାଥନ, ବୃକ୍ଷରୋପଣ ସମେତ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ବୋର୍ଡର ବୈଜ୍ଞାନିକ ଡ. ପ୍ରଫୁଲ୍ଲ କୁମାର ବେହେରା, ଜେଏସପିର ସଭାପତି (ଇସ୍ପାତ ଓ ଉପଯୋଗୀତା) ଅତୁଲ ଦୁବେ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲ୍ଲୀପ ସିହ୍ନା, ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ, ସେମାନଙ୍କ ପରିବାର ଓ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଅତୁଲ ଦୁବେ ସବୁଜପତାକା ଦେଖାଇ ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏହା ପରେ ବୃକ୍ଷରୋପଣ କରାଯାଇଥିଲା; ଯେଉଁଥିରେ ୫ଶହରୁ ଅଧିକ ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ଜେଏସପି ଅଧ୍ୟକ୍ଷ ତଥା ତୃତୀୟ ଥର ପାଇଁ କୁରୁକ୍ଷେତ୍ରରୁ ନିର୍ବାଚିତ ମାନ୍ୟବର ସାଂସଦ ନବୀନ ଜିନ୍ଦଲ ସୋସିଆଲ ମିଡ଼ିଆ ପୋଷ୍ଟରେ ଲେଖିଛନ୍ତି; "ପ୍ଲାଷ୍ଟିକ ପ୍ରଦୂଷଣର ପ୍ରଭାବ ସୁଦୂର ପ୍ରସାରୀ। ଏହା ଗୁରୁତର ଭାବେ ଆମ ପରିବେଶକୁ ପ୍ରଭାବିତ କରେ ଏବଂ ଏହାର ଉତ୍ପାଦନ ଓ ବ୍ୟବହାର ଅଙ୍ଗାରକାମ୍ଳ ନିର୍ଗମନ ବୃଦ୍ଧି କରେ। ତେଣୁ ଏକକ-ବ୍ୟବହୃତ ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବା, ପୁନଃବ୍ୟବହାରଯୋଗ୍ୟ ବିକଳ୍ପଗୁଡ଼ିକୁ ବାଛିବା ସହ ସ୍ଥାୟୀ ବିକଳ୍ପକୁ ଗୁରୁତ୍ୱଦେଲେ ଆମେ ଏକ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିପାରିବା"। ରାଜ୍ୟ ପ୍ରଦୂଷଣ ବୋର୍ଡର ବୈଜ୍ଞାନିକ ଡ. ପ୍ରଫୁଲ୍ଲ କୁମାର ବେହେରା, ପରିବେଶ ଦିବସର ପୃଷ୍ଠଭୂମି ଓ ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ପରିବେଶ ସୁରକ୍ଷା ପାଇଁ ଆଇନଗତ ଆବଶ୍ୟକତା ପାଳନ କରିବା ଉପରେ ପ୍ରାଧାନ୍ୟ ଦେଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିବା ପାଇଁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏଁ, ତିନୋଟି ବର୍ଗରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ସେହିପରି ଜେଏସପି କର୍ମଚାରୀଙ୍କ ଗୃହିଣୀମାନଙ୍କୁ ନେଇ ପରିବେଶ ସଚେତନତା ସମ୍ପର୍କିତ କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଚିତ୍ରାଙ୍କନ, କୁଇଜ୍, ପ୍ରବନ୍ଧ ଏବଂ ଗଣଦୌଡ଼ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିନ୍ଦଲ ନଗର ଟାଉନସିପ ବ୍ୟତୀତ ଉତ୍କଳ-ସି ଖଣି ଅଂଚଳରେ ମଧ୍ୟ ବିଶ୍ୱପରିବେଶ ଦିବସ ପାଳନ କରାଯିବା ସହ ଇଟିପି ପ୍ଲାଣ୍ଟ ଉଦଘାଟନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜାମୁନାଳୀର କୃଷକ ପ୍ରଶିକ୍ଷଣ କେନ୍ଦ୍ରରେ ମଧ୍ୟ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ପ୍ରାକୃତିକ ପଦ୍ଧତିରେ ଚାଷ କରୁଥିବା ୪୦ ଜଣ ଚାଷୀ ସୁସ୍ଥ ପରିବେଶ ପାଇଁ ଶପଥ ଗ୍ରହଣ କରିବା ସହ ବୃକ୍ଷ ରୋପଣ କରିଥିଲେ।

## ଏମସିଏଲ ପକ୍ଷରୁ 'ଏକ ପେଡ୍ ମା' କେ ନାମ ୨.୦' ଅଭିଯାନ ଆରମ୍ଭ




ସମ୍ବଲପୁର, (ଭାସ୍କର ନ୍ୟୁଜ): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ବିଶ୍ୱ ପରିବେଶ ଦିବସ ୨୦୨୫ ରେ 'ଏକ ପେଡ୍ ମା' କେ ନାମ ୨.୦' ଅଭିଯାନ ଆରମ୍ଭ କରି ପରିବେଶଗତ ସ୍ଥିରତା ଏବଂ ସାମୁଦାୟିକ ଅଂଶଗ୍ରହଣ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି। ଏହି ଅବସରରେ ଉଦୟ ଅନନ୍ତ କାଓଲେ, ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ଏକ ଚାରା ରୋପଣ କରି ଅଭିଯାନର ଶୁଭାରମ୍ଭ କରିଥିଲେ, ଯାହା ସବୁଜ ପଦକ୍ଷେପ ପ୍ରତି କମ୍ପାନୀର ପ୍ରତିବଦ୍ଧତାର ପ୍ରତୀକ ଥିଲା। କେଶବ ରାଓ (ନିର୍ଦ୍ଦେଶକ - ମାନବ ସମ୍ବଳ), ପି କେ ପଟେଲ (ମୁଖ୍ୟ ସତର୍କତା ଅଧିକାରୀ), ଜେ କେ ବୋରା (ନିର୍ଦ୍ଦେଶକ-ବୈଷୟିକ/ସଂଚାଳନ), ଏ କେ ବେହୁରା (ନିର୍ଦ୍ଦେଶକ - ଅର୍ଥ), ଏବଂ ସଞ୍ଜୟ ଝା (ନିର୍ଦ୍ଦେଶକ- ବୈଷୟିକ/ ପ୍ରକଳ୍ପ ଏବଂ ଯୋଜନା) ସମେତ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ଅନନ୍ତ କାଓଲେ ପରିବେଶ ପତାକା ଉତ୍ତୋଳନ କରିଥିଲେ ଏବଂ ସମସ୍ତ କର୍ମଚାରୀଙ୍କୁ ପରିବେଶ ପ୍ରତିଜ୍ଞା କରାଇ ଥିଲେ, ପୃଥିବୀକୁ ସୁରକ୍ଷା ଦେବା ପାଇଁ ସେମାନଙ୍କର ସାମୂହିକ ଦାୟିତ୍ୱକୁ ଗୁରୁତ୍ୱ ଦେଇଥିଲେ। ସଞ୍ଜୟ ଝା କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ପି ଏମ୍ ପ୍ରସାଦଙ୍କ ବାର୍ତ୍ତା ପାଠ କରିଥିଲେ। ବିଶ୍ୱ ପରିବେଶ ୨୦୨୫ ଅନ୍ତର୍ଗତ, ୩୧ ମଇରୁ ୦୫ ଜୁନ୍ ପର୍ଯ୍ୟନ୍ତ ସପ୍ତାହ ବ୍ୟାପି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଯେଉଁଥିରେ ଚିତ୍ରାଙ୍କନ, କୁଇଜ୍, ସର୍ବୋତ୍ତମ ଅପଚୟ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା। କର୍ମଚାରୀ, ସେମାନଙ୍କ ପରିବାର, ନିକଟସ୍ଥ ଗ୍ରାମବାସୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏହି ପ୍ରତିଯୋଗିତାଗୁଡ଼ିକରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହା ସହିତ, ଚଳିତ ବର୍ଷର 'ଏକ ରାଷ୍ଟ୍ର, ଏକ ମିଶନ: ପ୍ଲାଷ୍ଟିକ୍ ପ୍ରଦୂଷଣ ଦୂର କରନ୍ତୁ' ଏବଂ 'ମିଶନ ଲାଇଫ୍' ବିଷୟବସ୍ତୁ ଅଧୀନରେ ସ୍ୱଚ୍ଛତା ଅଭିଯାନ, ୱେବିନାର, ନୁକ୍କଡ୍ ନାଟକ ଏବଂ ସାଇକେଲ ରାଲି ଭଳି ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା, ଯାହା ପରିବେଶ ସମସ୍ୟା ବିଷୟରେ ସଚେତନତାକୁ ଉତ୍ସାହିତ କରିଥିଲା। ଏହି ଅବସରରେ, ଏମ୍‌ସିଏଲ୍ ତାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ଅଧୀନରେ ଢେଙ୍କାନାଳ ଏବଂ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ସହିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର କରିଛି, ଯାହା ସ୍ଥାୟୀ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି। ପ୍ରାୟ ୧୮ କୋଟି ମୂଲ୍ୟର ପ୍ରକଳ୍ପଗୁଡ଼ିକ ପ୍ରାକୃତିକ ଜଳ ଉତ୍ସର ପୁନରୁଦ୍ଧାର, ଭୂତଳ ଜଳ ପୁନଃଚାର୍ଜ ଏବଂ ଇକୋ ପାର୍କଗୁଡ଼ିକର ବିକାଶ ଉପରେ ଧ୍ୟାନ ଦେବ। ଏମ୍‌ସିଏଲ୍‌ର ଏହି ପଦକ୍ଷେପ ସବୁଜ ଆବରଣ ବୃଦ୍ଧି ଏବଂ ସମ୍ପ୍ରଦାୟରେ ପରିବେଶଗତ ଚେତନା ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେବ। 'ଏକ ପେଡ୍ ମା' କେ ନାମ ୨.୦' ଅଭିଯାନ ଅଧୀନରେ, ଏମ୍‌ସିଏଲ୍ ୧.୫ ଲକ୍ଷ ଚାରା ରୋପଣ ଏବଂ ବଣ୍ଟନ କରିବ, ଯାହା ପରିବେଶ ସଂରକ୍ଷଣକୁ ସମ୍ପ୍ରଦାୟ କଲ୍ୟାଣ ସହିତ ଯୋଡ଼ିବା ପାଇଁ କମ୍ପାନୀର ପ୍ରତିବଦ୍ଧତାର ଏକ ଦୃଢ଼ ଉଦାହରଣ।



କେନ୍ଦୁଝର(ଭାସ୍କର ନ୍ୟୁଜ): ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ବିଶ୍ୱ ପରିବେଶ ଦିବସ ଓ ପ୍ଲାଷ୍ଟିକ ପ୍ରଦୂଷଣ ସମାପ୍ତି ୨୦୨୫ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟଠାରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ସ୍କାଉଟସ ଓ ଗାଇଡସ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ତୁମେମାନେ ବର୍ତ୍ତମାନର ଶିଶୁ କିନ୍ତୁ ଆସନ୍ତା କାଲିର ଭବିଷ୍ୟତ। ଏଣୁ ଏବେଠାରୁ ପରିବେଶ ଉପରେ ଯତ୍ନବାନ ହେଲେ ଆମେମାନେ ବିଭିନ୍ନ ପ୍ରକାର ପ୍ରଦୂଷଣ ରୋକିପାରିବା ବୋଲି ମତବ୍ୟକ୍ତ କରିଥିଲେ ।ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସଙ୍ଗେସଙ୍ଗେ ସ୍କାଉଟସ୍ ଓ ଗାଇଡସ ଛାତ୍ରଛାତ୍ରୀମାନଙ୍କୁ ଜଳବାୟୁ ପ୍ଲାଷ୍ଟିକ ପ୍ରଦୂଷଣ କିପରି ରୋକାଯାଇ ପାରିବ ସେଥିପାଇଁ ଦିଗଦର୍ଶନ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ ଯୋଗ ଦେଇ ପରିବେଶ କିପରି ସନ୍ତୁଳନ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାପାଇଁ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ମାହାଳିକ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ବାୟୁ ପ୍ରଦୂଷଣ କିପରି ରୋକାଯାଇପାରିବ ଓ ପ୍ରତ୍ୟେକ ଛାତ୍ର ଛାତ୍ରୀମାନେ ଗୋଟିଏ ଲେଖାଏଁ ଚାରାରୋପଣ କରିବା ଓ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ଉପଦେଶ ଦେଇଥିଲେ। ବିଶ୍ୱ ପରିବେଶ ଦିବସରେ ପୂର୍ବତନ ଶାରିରୀକ ଶିକ୍ଷା ନିରୀକ୍ଷକ ଫକୀରମୋହନ ମହାନ୍ତ,ସ୍କାଉଟ ମାଷ୍ଟର ଗୁରୁଦେବ ମହାନ୍ତ,ଲକ୍ଷ୍ମୀଧର ସି,ଜୁନିଅର ରେଡକ୍ରସ ଅଫିସର ପ୍ରଶାନ୍ତ ପରିଡା,ରାଜେଶ ଓରାମ,ଗାଇଡ କ୍ୟାପଟେନ ଭାଗ୍ୟଶ୍ରୀ ମହାନ୍ତ ଏବଂ ୧୫ଜଣ ସ୍କାଉଟସ,୧୬ଜଣ ଗାଇଡ ଯୋଗ ଦେଇ କାର୍ଯ୍ୟକ୍ରମ ସଫଳ ହେବାରେ ସହଯୋଗ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର କର୍ମଚାରୀଗଣ ସହଯୋଗ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ବୃକ୍ଷରୋପଣ କରିବା ସଙ୍ଗେସଙ୍ଗେ ସ୍କାଉଟ ଓ ଗାଇଡମାନେ ମଧ୍ୟ ବୃକ୍ଷରୋପଣ କରିଥିଲେ। ପରିଶେଷରେ ଶାରୀରିକ ଶିକ୍ଷା ନିରୀକ୍ଷକ ରାମକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



# ଆବର୍ଜନା ଗୃହରେ ପଡ଼ିରହିଛି ଆବର୍ଜନା



**ବିଶ୍ୱ ପରିବେଶ ଦିବସର ନମୁନା**

ପରଜଙ୍ଗ (ଭାସ୍କର ନ୍ୟୁଜ୍)): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରରୁ ଯାଇଥିବା ଡିହଡୋଳ ନିକଟସ୍ଥ ପୂର୍ତ୍ତ ବିଭାଗ ରାସ୍ତାକୁ ଲାଗି ରହିଥିବା ଆବର୍ଜନା ଗୃହର ଏ ଦୃଶ୍ୟ। ସ୍ୱଚ୍ଛ ଭାରତ ପ୍ରତି ସରକାରଙ୍କ ଅନେକ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଡିହଡୋଳ ଠାରେ ତିଆରି ହୋଇଥିବା ଆବର୍ଜନା ଗୃହରେ ଦୀର୍ଘ ଦିନରୁ ସେହିଭଳି ଆବର୍ଜନା ମାନ ପଡି ରହିଥିବା ଦେଖିବାକୁ ମିଳୁଛି । ଯାହାକି ଘର ଭିତରେ ଯେତିକି ବାହାରେ ମଧ୍ୟ ସେତିକି ପଡି ଧୀରେ ଧୀରେ ରାସ୍ତା ଉପରକୁ ଅଳିଆ ମାଡି ଆସିଲାଣି ।ଫଳରେ ବୁଲା କୁକୁର ଓ ଗାଈଗୋରୁଙ୍କ ଦ୍ୱାରା ଅଳିଆ ଏଣେତେଣେ ପଡିବାରୁ ଦୁର୍ଗନ୍ଧ ବୃଦ୍ଧି ପାଇବା ସହ ରାସ୍ତାରେ ଯାଉଥିବା ବାଟୋଇ, ସ୍ଥାନୀୟ ବାସିନ୍ଦା ଏବଂ ଷ୍ଟେଟବ୍ୟାଙ୍କ କୁ ଆସୁଥିବା ଗ୍ରାହକ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି, ଏପରିକି କୁକୁର ମାନେ ମାଡ଼ି ହୋଇ ଖାଇବା ଦ୍ୱାରା ରାସ୍ତାରେ ଯାଉଥିବା ବାଇକ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ନଜର ରହିଛି ।କିଛି ଲୋକ ଆବର୍ଜନାକୁ ଘରେ ନପକାଇ ବାହାରେ ଫିଙ୍ଗିଦେଇ ଯାଉଛନ୍ତି ସେଥିପାଇଁ ଏ ଅବସ୍ଥା ।ଏ ସମ୍ବନ୍ଧରେ ଗଣମାଧମ ରେ ବହୁବାର ପ୍ରଚାର ପ୍ରସାର ହୋଇ ଆସୁଥିଲେ ମଧ୍ୟ ଦାୟିତ୍ୱରେ ଥିବା ବିଭାଗୀୟର ନିଘା ନରହିବା ସର୍ବସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।ସର୍ବସାଧାରଣ ସଚେତନ ନହେଲେ କାହାର ସ୍ୱାର୍ଥରେ ଏ ଆବର୍ଜନା ଗୃହ ତିଆରି ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ଭୂମିଆ ସମାଜର ମହାସମାବେଶ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କୋରାପାଲ୍ଲି ମୂଳନିବାସୀ ଭୂମିଆ ସମାଜପକ୍ଷରୁ କିଆଙ୍ଗ ପଞ୍ଚାୟତ ଅନ୍ତର୍ଗତ ସିନ୍ଧିଗୁଡା ଠାରେ ତୃତୀୟ ବାର୍ଷିକ ଉତ୍ସବ, ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ଭୂମିଆ ସମାଜର ଉପଦେଷ୍ଟା ତ୍ରିନାଥ ଭୂମିଆ, କୁଳ ନାୟକ, ସମାରୁ ନାୟକଙ୍କ ନେତୃତ୍ୱରେ ତୃତୀୟଥର ଭୂମିଆ ସମାଜ ଜନଜାତିର ୨୧ ଖଣ୍ଡ ଗ୍ରାମର କୁଳ ନାୟକ ଓ କୁଳ ସଭାପତିମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆଦିବାସୀ ମହାସଂଘର ସଭାପତି ବନ୍ଧୁ ମୁଦୁଲି, ଭୂମିଆ ସମାଜର ଜିଲ୍ଲା ସଭାପତି ଜଗନ୍ନାଥ ସମରଥ, ସାଲିମି ଗଡ ଭୂମିଆ ସମାଜର ସଭାପତି ତୁଳସିରାମ ଭୂମିଆ, ମୁଖ୍ୟବକ୍ତା ଭାବେ ସରକାରୀ ଆଦିବାସୀ ସଂଘର ବ୍ଲକ ସଭାପତି ବୃନ୍ଦାବନ ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କୋରାପାଲ୍ଲି ଭୂମିଆ ସମାଜର ସମ୍ପାଦକ ନରସିଂହ ନାୟକ, ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଉପଦେଷ୍ଟା ଲବ ଭୂମିଆ, ଚାଉଳମେଦୀ ସରପଞ୍ଚ ଜଳନ୍ଧର ନାୟକ, କିଆଙ୍ଗ ସରପଞ୍ଚ ଲକିନାଥ ପୂଜାରୀ ଓ ଗୌର ଚନ୍ଦ୍ର ନାୟକ ଯୋଗଦେଇ ପ୍ରଥମେ ଭୂମିଆ ସମାଜର ସ୍ୱାଧୀନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକ ଓ ଭାରତର ସମ୍ବିଧାନ ପ୍ରଣୟନକାରୀ ବି.ଆର ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେବା ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଉପଦେଷ୍ଟା ତ୍ରିନାଥ ଭୂମିଆ ସମସ୍ତ ଅତିଥି ପରିଚୟ ପ୍ରଦାନ କରିବା ପରେ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ଉପସ୍ଥିତ ଥିବା ସମସ୍ତ ୨୧ଖଣ୍ଡ ଗ୍ରାମର କୁଳ ନାୟକ ଓ କୁଳ ସଭାପତି ବରିଷ୍ଠ ସମାଜସେବୀ ବାସୁଦେବ ଜେନା ଓ ଶିବ ପ୍ରସାଦ ପରିଛାଙ୍କୁ ମଧ୍ୟ ଭୂମିଆ ସମାଜ ତରଫରୁ ସମାରୁ ନାୟକଙ୍କ ଦ୍ୱାରା ପୁଷ୍ପ ଗୁଚ୍ଛଦେଇ ସମ୍ମାନିତ କରାଯାଇଥିଲା ଓ ଭୂମିଆ ସମାଜ ଜନଜାତିର ବୀର ସଂଗ୍ରାମୀ ମାନେ ମହାତ୍ମା ଗାନ୍ଧୀଙ୍କ ଭାରତ ଛାଡ଼ ଆନ୍ଦୋଳନ ସମୟରେ ଇଂରେଜ ସରକାରଙ୍କ ପୋଲିସ ଗୁଳିରେ ସହିଦ ହୋଇଥିବାବେଳେ ଅନେକ ଭୂମିଆ ଜନଜାତିର ସ୍ୱାଧୀନତା ସଂଗ୍ରାମୀମାନେ ଜେଲ ଦଣ୍ଡରେ ଦଣ୍ଡିତ ହେବା ସହ ଜୋରିମାନା ମଧ ଦେଇଛନ୍ତି। କିନ୍ତୁ ସ୍ୱାଧୀନତା ସଂଗ୍ରାମୀ ଭାବେ ସରକାରୀ ମାନ୍ୟତା ମିଳିନାହିଁ। ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଇଂରେଜ ଗୁଳିରେ ସହୀଦ ହୋଇଥିବା ଓ ଜେଲଦଣ୍ଡରେ ଦଣ୍ଡିତ ହୋଇଥିବା ବୀର ସନ୍ତାନମାନଙ୍କୁ ଜାତୀୟ ମାନ୍ୟତା ଦେବା ସହ ଶିକ୍ଷାଗତ ଭିତ୍ତିରେ ସରକାରୀ ଚାକିରି ପାଇଁ ଦାବି ଉପସ୍ଥାପନ କରିବା ଭୂମିଆ ଜନଜାତିର ପର୍ବ ପର୍ବାଣୀ ପାଳନ କରିବା ପାଇଁ ଯୁବ ପିଢ଼ି ମାନଙ୍କୁ ପରାମର୍ଶ ଦେଇଥିଲେ । କୁଳ ସଭାପତି ସମ୍ବାରୁ ନାୟକ ସମାଜରେ ଶିକ୍ଷାର ପ୍ରସାର ନେଇ ଆଲୋକପାତ କରିଥିଲେ। ଶେଷରେ ଆଦିବାସୀ ଢେମସା ନୃତ୍ୟର ତାଳେ ତାଳେ ସମସ୍ତଙ୍କ ମନ ମୋହି ନେଇଥିଲା।

# ବିକଶିତ କୃଷି ସଂକଳ୍ପ ଅଭିଯାନ



ଅନୁଗୁଳ(ଭାସ୍କର ନ୍ୟୁଜ୍): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍ ଅନ୍ତର୍ଗତ ସମଲ ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ କାର୍ଯ୍ୟକ୍ରମ ଆୟୋଜିତ ହେଇଯାଇଛି। ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଉଦ୍ୟମରେ ବ୍ଲକ୍ କୃଷି ଅଧିକାରୀ ଅନ୍ନପୂର୍ଣ୍ଣା ବେହେରାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହେଇଥିଲା । ମୁଖ୍ୟ ଅତିଥି ଭାବେ କଣିହାଁ ବ୍ଲକ୍ ଚେୟାରମ୍ୟାନ ରାମକୃଷ୍ଣ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା ଉପସ୍ଥିତ ଥିଲେ । ଅନ୍ୟାନ୍ୟ ଅଧିକାରୀଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡକ୍ଟର ତିର୍ଯକ୍ କୁମାର ସାମନ୍ତ , ଚେସ ଭୁବନେଶ୍ୱରର ବୈଜ୍ଞାନିକ ଡକ୍ଟର ଏ. ଭି.ଭି. କୌଣ୍ଡିଲ୍ୟ, ସହକାରୀ କୃଷି ଅଧିକାରୀ ଅଭିନାଶ ନାହାକ ଓ ମୃତ୍ତିକା ସଂରକ୍ଷଣ ଏବଂ ଉଦ୍ୟାନ ବିଭାଗ ଅଧିକାରୀ ମାନେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବୈଜ୍ଞାନିକମାନେ ଶସ୍ୟ,ଫଳ,ତୈଳବୀଜ,ଡାଲି ଏବଂ ପନିପରିବା ଜାତୀୟ ଫସଲର ଆଧୁନିକ ଚାଷ କୌଶଳ ଏବଂ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ ।ବିଭିନ୍ନ ବିଭାଗ ଅଧିକାରୀମାନେ ଯୋଜନା ମାନଙ୍କ ବିଷୟରେ ବର୍ଣ୍ଣନା କରିଥିଲେ ଏବଂ ତାର ଲାଭାନ୍ୱିତ ହେବାକୁ ଆହ୍ୱାନ କରିଥିଲେ । ଯୋଗଦେଇଥିବା କୃଷକ ଓ କୃଷିଜୀବୀ ମହିଳା ମାନେ ସରକାରଙ୍କ ଏହି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ଏବଂ ଧନ୍ୟବାଦ୍ କରିଥିଲେ । କାର୍ଯ୍ୟକ୍ରମକୁ ସୁଶ୍ରୀ ଲକ୍ଷ୍ମୀ ଖାଲଖୋ ଓ ମାନଗୋବିନ୍ଦ ସାହୁ ସଂପାଦନ କରିଥିଲେ । ପରିଶେଷରେ ବ୍ଲକ୍ କୃଷି ଅଧିଦର୍ଶକ ସୁନିଲ କୁମାର ଶତପଥୀ ଚାଷୀଙ୍କୁ ସଶକ୍ତ ହେବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ମଞ୍ଚାସୀନ ଅତିଥି ଏବଂ ଚାଷୀ ମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ ।

## ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ

# ଧୃତିପ୍ରିୟା ଶ୍ରେଷ୍ଠ ଗ୍ରାଜୁଏଟ୍



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଧରଣୀଧର ସ୍ୱୟଂଶାସିତ ମହା ବିଦ୍ୟାଳୟର ଯୁକ୍ତ ୩ କଳା, ବାଣିଜ୍ୟ, ବିଜ୍ଞାନ,ବିବିଏ ଓ ବିସିଏ ପରୀକ୍ଷା ଫଳ ବୁଧବାର ଦିନ ପ୍ରକାଶ ପାଇଛି । ଯୁକ୍ତ ୩ ରେ କଳା, ବାଣିଜ୍ୟ ଓ ବିଜ୍ଞାନରେ ଶତକଡା ୮୯.୭୪ ପ୍ରତିଶତ ଫଳାଫଳ ହୋଇଥିବାବେଳେ କଳାରେ ୮୭.୮୫ ପ୍ରତିଶତ, ବିଜ୍ଞାନରେ ୯୩.୬୯ ପ୍ରତିଶତ, ବାଣିଜ୍ୟରେ ୯୦.୩୮ ପ୍ରତିଶତ ରେଜଲ୍ଟ ହୋଇଛି। +୩ କଳାରେ ୩୧୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୭୫ ଜଣ, ବିଜ୍ଞାନରେ ୨୨୨ ଜଣଙ୍କ ମଧ୍ୟରୁ ୨୦୮ ଜଣ, ବାଣିଜ୍ୟରେ ୧୫୬ ଜଣଙ୍କ ମଧ୍ୟରୁ ୧୪୧ ଜଣ ପାସ୍ କରିଛନ୍ତି । ସେଲଫ୍ ଫାଇନାନ୍ସ ବିବିଏ ଅନର୍ସରେ ୪୫ ଜଣଙ୍କ ମଧ୍ୟରୁ ୩୬ ଜଣ ପାସ୍ କରିଛନ୍ତି । ମହାବିଦ୍ୟାଳୟର +୩ ପରୀକ୍ଷାରେ ୭୪୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୬୫ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଚଳିତବର୍ଷ ଯୁକ୍ତ ୩ ଭୂତତ୍ୱ ବିଜ୍ଞାନ ସମ୍ମାନ ରେ ଧୃତିପ୍ରିୟା ସାହୁ ମୋଟ ୨୭୫୦ ନମ୍ବରରୁ ୨୪୮୬ ନମ୍ବର ରଖି ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଶ୍ରେଷ୍ଠ ଗ୍ରାଜୁଏଟ୍ ବିବେଚିତ ହୋଇଛନ୍ତି । ବିଜ୍ଞାନରେ ଧୃତିପ୍ରିୟା ସାହୁ ୨୭୫୦ ନମ୍ବରରୁ ୨୪୮୬ ନମ୍ବର ରଖି ଟପ୍ପର ହୋଇଛନ୍ତି । ସେହିଭଳି କଳାରେ ସ୍ୱୟଂସ୍ମିତା ପଣ୍ଡା ୨୭୫୦ ନମ୍ବରରୁ ୨୨୩୦ ନମ୍ବର ରଖି ଯୁକ୍ତ ୩ କଳାରେ ଟପ୍ପର ହୋଇଥିବାବେଳେ ବାଣିଜ୍ୟ ବିଭାଗରେ ପ୍ରିୟଙ୍କା ରାଉତ ୨୭୫୦ ରୁ ୨୨୭୮ ନମ୍ବର ରଖି ଟପ୍ପର ହୋଇଛନ୍ତି । ନୃତତ୍ତ୍ୱ ଅନର୍ସରେ ଶୁଭମଳାଲ ସୋଙ୍କାର ୧୪୦୦ ରୁ ୧୧୭୩ ନମ୍ବର ରଖି ପ୍ରଥମ ହୋଇଛନ୍ତି। ଅର୍ଥନୀତି ସମ୍ମାନରେ ଆଶିଷ କୁମାର ବାରିକ ୧୪୦୦ରୁ ୧୧୫୪ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ଇଂରାଜୀ ସମ୍ମାନରେ ସ୍ୱୟଂସ୍ମିତା ପଣ୍ଡା ୧୪୦୦ରୁ ୧୧୩୩ ନମ୍ବର ରଖି ପ୍ରଥମ ହୋଇଛନ୍ତି । ଇତିହାସ ସମ୍ମାନରେ ଭାଗ୍ୟଶ୍ରୀ ଥାପ୍ପା ୧୪୦୦ରୁ ୧୧୮୧ ନମ୍ବର ରଖି ପ୍ରଥମ,ଗଣିତ ସମ୍ମାନ (କଳା) ରେ ଜ୍ୟୋତିପ୍ରିୟା ନାୟକ ୧୪୦୦ ରୁ ୮୦୫ ନମ୍ବର ରଖି ପ୍ରଥମ ହୋଇଛନ୍ତି । ଓଡିଆ ସମ୍ମାନରେ ତନିସ୍କା ସାହୁ ୧୪୦୦ ରୁ ୧୧୪୮ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ଦର୍ଶନଶାସ୍ତ୍ର ସମ୍ମାନରେ ଦୀପାଳି ଲେଙ୍କା ୧୪୦୦ ରୁ ୧୦୨୪ ନମ୍ବର ରଖି ପ୍ରଥମ ହୋଇଛନ୍ତି । ରାଜନୀତି ବିଜ୍ଞାନରେ ପୂଜାରାଣୀ ନନ୍ଦ ୧୪୦୦ ରୁ ୧୦୯୩ ନମ୍ବର ରଖି ପ୍ରଥମ ହୋଇଛନ୍ତି । ସଂସ୍କୃତ ସମ୍ମାନରେ ନମିତା ମହାନ୍ତ ୧୪୦୦ ରୁ ୧୧୩୬ ନମ୍ବର ରଖି ପ୍ରଥମ ହୋଇଛନ୍ତି । ସମାଜ ବିଜ୍ଞାନରେ ରୀତୁପର୍ଣ୍ଣା ମାହୁନ୍ତ ୧୪୦୦ ରୁ ୧୧୩୧ ନମ୍ବର ଏବଂ ଶିକ୍ଷା ଶାସ୍ତ୍ରରେ ସୁଦେଷ୍ଣା ନାଏକ ୧୪୦୦ ରୁ ୧୧୩୩ ନମ୍ବର ରଖି ପ୍ରଥମ ହୋଇଛନ୍ତି । ଉଦ୍ଭିଦ ବିଜ୍ଞାନ ସମ୍ମାନରେ ବିଶ୍ୱଜିତ ଦାସ ୧୪୦୦ ରୁ ୧୨୫୬ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ରସାୟନ ବିଜ୍ଞାନରେ ସୁଚରିତା ମହାନ୍ତ ୧୪୦୦ ରୁ ୧୨୪୪ ନମ୍ବର,କମ୍ପ୍ୟୁଟର ବିଜ୍ଞାନରେ ବିସ୍ମୟ କୁମାର ନାୟକ ୧୪୦୦ ରୁ ୧୨୫୨ ନମ୍ବର,ଭୂତତ୍ତ୍ୱ ସମ୍ମାନର ଧୃତିପ୍ରିୟା ସାହୁ ୧୪୦୦ ରୁ ୧୨୯୪ ନମ୍ବର,ଗଣିତ ସମ୍ମାନରେ ହେମାନନ୍ଦ ପ୍ରଧାନ ୧୪୦୦ ରୁ ୧୨୧୬ ନମ୍ବର, ପଦାର୍ଥ ବିଜ୍ଞାନ ସମ୍ମାନରେ ଲିପ୍ସା ପ୍ରିୟଦର୍ଶିନୀ ମହାନ୍ତ ୧୪୦୦ ରୁ ୧୨୬୩ ନମ୍ବର,ପ୍ରାଣୀ ବିଜ୍ଞାନ ସମ୍ମାନରେ ସୁଚିସ୍ମିତା ସାହୁ ୧୪୦୦ ରୁ ୧୨୮୭ ନମ୍ବର ରଖି ପ୍ରଥମ ହୋଇଛନ୍ତି । ବାଣିଜ୍ୟ ବିଭାଗ ସମ୍ମାନରେ ଅଙ୍କିତା ସାହୁ ୧୪୦୦ ରୁ ୧୧୪୭ ନମ୍ବର ରଖି ପ୍ରଥମ ହୋଇଛନ୍ତି ବୋଲି ଧରଣୀଧର ବିଶ୍ୱ ବିଦ୍ୟାଳୟର ଓଏସ୍ଡି ତଥା କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଦୀପ କୁମାର ପଣ୍ଡା ଏବଂ ଉପ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ରୁଦ୍ରକାନ୍ତ ମାଝୀ ସୂଚନା ଦେଇଛନ୍ତି ।

# ରାଇଘରରୁ ହାଇଦ୍ରାବାଦକୁ ଭଲଭୋ ବସ୍‌ସେବା ଆରମ୍ଭ

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ଠାରୁ ହାଇଦ୍ରବାଦକୁ ଏକ ଏସି ଭଲ୍‌ଭୋ୍ ବସର ଆଜି ଶୁଭାରମ୍ଭ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଅନୁମୋଦନ କ୍ରମେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଜେନା ତଥା ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ନବରଙ୍ଗପୁର ସାଂସଦ ବଳ ଭଦ୍ର ମାଝୀଙ୍କ ଏହି ଉଦ୍‌ଘାଟନୀ ପ୍ରଚେଷ୍ଟାରେ ଏହି ବସ୍‌ର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ, ସନ୍ତୋଷ ମହାପାତ୍ର, ପ୍ରୀତି ସ୍ନିଧା ମହାପାତ୍ର , ଶିବନାଥ ବାନାର୍ଜୀ, ସୁଦର୍ଶନ ମାଝୀ, ବିଶ୍ୱନାଥ ସିଲ୍, ଗୋପାଳ ସୁନାନୀ , ଜଗନ୍ନାଥ ନାୟକ, ଶ୍ୟାମ ଲାଲ କଲାର, ଯୋଗୀନ୍ଦର୍ ଶ୍ରୀବାସ୍ତବ, ଟୁକୁନି ସାମନ୍ତ ରାୟ ତଥା ବିଜେପିର ବହୁ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ରାଇଘର ଠାରୁ ହାଇଦ୍ରା ବାଦକୁ ପୁରୁଷ ଯାତ୍ରୀଙ୍କ ସକାଶେ ୧୬୫୦ ଟଙ୍କା ଥିବାବେଳେ ମହିଳା ଯାତ୍ରୀଙ୍କ ସକାଶେ ୮୨୫ ଟଙ୍କା ଟିକଟର ମୂଲ୍ୟ ଧାର୍ଯ୍ୟ ରହିଛି। ବସ ବିଳାସପୂର୍ଣ୍ଣ ରହିଥିବାବେଳେ। ପ୍ରତ୍ୟେକ ଦିନ ସନ୍ଧ୍ୟା ୪,୩୦ ମିନିଟ ସମୟରେ ରାଇଘର ଠାରୁ ବହାରି ଉମରକୋଟ , ଡାବୁଗାଁ, ପାପଡ଼ାହାଣ୍ଡି, ନବରଙ୍ଗପୁର , ଜୟପୁର, ମାଲକାନଗିରି, ମୋଟୁ ଦେଇ ହାଇଦ୍ରାବାଦରେ ତା'ପର ଦିନ ସକାଳ ୫,୩୦ ମିନିଟରେ ପହଞ୍ଚିବ। ସେହିପରି ହାଇଦ୍ରାବାଦରୁ ମଧ ସନ୍ଧ୍ୟା ୫,୩୦ ମିନିଟ ରେ ବାହାରି ରାଇଘର ତାପର ଦିନ ସକାଳ୬,୩୦ ରୁ ୭ ସୁଦ୍ଧା ପହଞ୍ଚିବ। ପାଖାପାଖି ୧୩ ଘଂଟା ସମୟ ଲାଗିବ ବୋଲି ବସ୍‌ର ଷ୍ଟାଫ୍ ଜଣାଇଛନ୍ତି। ସମସ୍ତ ଙ୍କ ଉପସ୍ଥିତିରେ ରାଇଘର ଠାରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ ବସ୍ ଚଳାଚଳ ଆରମ୍ଭ ହୋଇଥିଲା।



# ଧାନ ମଣ୍ଡି ଉଦ୍‌ଘାଟିତ

## ଧାନ ବିକିଲେ ୨୧ ଚାଷୀ



କଣାସ(ଭାସ୍କର ନ୍ୟୁଜ୍): ବହୁ ବିଳମ୍ବରେ ହେଲେ ମଧ୍ୟ କଣାସ ବ୍ଲକର କଣାସ ପଞ୍ଚାୟତରେ ପ୍ରତିଷ୍ଠିତ ମା କୁଞ୍ଜେଶ୍ୱରୀ ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଖୋଲାଯାଇ ୨୧ ଜଣ ଚାଷୀଙ୍କ ଠାରୁ ୩୪୦ କୁଇଣ୍ଟାଲ ଧାନ କିଣା ଯାଇଥିବାର ଜଣାପଡିଛି ।ସେବା ସମବାୟ ସମିତିର ସଭାପତି ସୁକାନ୍ତ କିଶୋର ସାମନ୍ତରାୟ ଧାନମଣ୍ଡି ଉଦଘାଟନ କରିଥିବାବେଳେ କଣାସ ଶାଖା ପରିଚାଳକ ଦାମୋଦର ମୁଦୁଲି,ସମବାୟ ସଂପାଦକ ଧିରେନ୍ଦ୍ର କୁମାର ମାନସିଂହ ,ପରିଚାଳନା ପରିଷଦର ସଦସ୍ୟ ଅଭିମନ୍ୟୁ ଜୟସିଂହ,ପ୍ରଭାକର ବଳିୟାରସିଂହ,ରବିନ୍ଦ୍ର ବଳବନ୍ତରାୟ,ସୁମିତ୍ରା ଭୋଳ,ତୁଳସୀ ପ୍ରଧାନ,ପ୍ରକାଶ ପ୍ରଧାନ ଓ ବହୁ ଚାଷୀମାନେ ଉପସ୍ଥିତ ରହିଥିଲେ। ଗୋପାଳ ଜୀ ରାଇସ ମିଲ ଧାନ କିଣିଥିଲା । ସମବାୟ ସମିତିରେ ୨୩୨ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ରେଜିଷ୍ଟ୍ରେସନ କରିଥିବାବେଳେ ଚାଷୀମାନଙ୍କ ପାଖରେ ୧୦ ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ଥିବାବେଳେ ମାତ୍ର ୧୩୮୦ କୁଇଣ୍ଟାଲ କିଣାବା ପାଇଁ ସରକାର ସ୍ୱୀକୃତି ଦେଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କୁଇଣ୍ଟାଲ କେ ୮ କେଜି ଧାନ କଟ୍‌ନୀ ଛଟ୍‌ନୀ କରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଦିବ୍ୟସିଂହପୁର ଗ୍ରାମପଞ୍ଚାୟତ ଅଭୟପୁର ବରାଗଡ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗଙ୍ଗାଧର ମହାପାତ୍ର ସେବାନିବୃତିକାଳୀନ ସମ୍ବର୍ଦ୍ଧନା ସଭା ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କ ଗହଣରେ ବିଦାୟୀ ଶିକ୍ଷକ ଶ୍ରୀ ମହାପାତ୍ର ଗ୍ରାମ୍ୟ ପରିକ୍ରମା କରାଯିବା ପରେ ଗୁରୁପୂଜା ସଭା କରାଯାଇଥିଲା । ସଭାରେ ବିଆରସିସି ନାରାୟଣ ପ୍ରଧାନ.ଅବସରପ୍ରାପ୍ତ ସହ ଶିକ୍ଷା ଅଧିକାରୀ ସର୍ବେଶ୍ୱର ଜେନା,ବିରକିଶୋର ପ୍ରଧାନ,ଶିକ୍ଷକ ନେତା ପ୍ରତାପ କେଶରୀ ଛୋଟରାୟ,ସୁଶାଂ କୁମାର ନରେନ୍ଦ୍ର,ଶିଶୁ ସାହିତ୍ୟକ ବିଜୟ କୁମାର ସାହୁ,ସମାଜସେବୀ ରାଜ କିଶୋର ସେନାପତି,ଅଜୟ କୁମାର ସେଠୀ,ସରପଞ୍ଚ ଝରଣା ମିଶ୍ର ଅତିଥୀରୂପେ ଯୋଗଦେଇ ବିଦାୟ ଶିକ୍ଷକ ଶ୍ରୀ ମହାପାତ୍ରଙ୍କୁ ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମଞ୍ଚ ସଂଚାଳନ କରିଥିଲେ ସାରଥୀ କୁମାର ଜେନା ।

## ଟିଆରଏଲ୍ କ୍ରୋସାକି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ବେଲପାହାଡ,( ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ଟିଆରଏଲ କ୍ରୋସାକି କମ୍ପାନୀ ପକ୍ଷରୁ ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟ ବସ୍ତୁ 'ପ୍ଲାଷ୍ଟିକ ପ୍ରଦୂଷଣକୁ ସମାପ୍ତ କରିବା' ରହିଛି। ଏହି ଅବସରରେ ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା ପାଇଁ ସ୍ଥାନୀୟ ବିଦ୍ୟାଳୟର ଛାତ୍ର ମାନେ ସଚେତନତାଧର୍ମୀ ନାଟକ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିବେଶ ସମ୍ପର୍କିତ ଚିତ୍ରାଙ୍କନ, ବକ୍ତୃତା ଓ କ୍ୱିଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରି ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିବେଶ ସୁରକ୍ଷା କ୍ଷେତ୍ରରେ ଛାତ୍ର ଆର୍ଯ୍ୟନ ମହାପାତ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିଗଣ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ହିରନ୍ୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀ ନିରଞ୍ଜନ ଦାଶ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ଅଧିକାରୀ ଅନୁଷ୍କା ଏକ୍କା, ସମ୍ବିତ ମୁଣ୍ଡା, ଓଡ଼ିଶା ପରିବେଶ ସମିତି ସଭାପତି ଏସଏନ୍ ପାତ୍ର, ଓପିଜିସିର ବରିଷ୍ଠ ଅଧିକାରୀ ଡ. ପାର୍ଥ ସାରଥୀ ପଣ୍ଡା, ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ଉଚ୍ଚ ବିଦ୍ୟାଳୟର କୈଳାଶ ଚନ୍ଦ୍ର ପଟ୍ଟନାୟକ, ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀ ସୁଶାନ୍ତ ସରକାର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଟିଆରଏଲ କ୍ରୋସାକି କମ୍ପାନୀର ସୁଶାନ୍ତ ସରକାର, ନିମାଇଁ ଚରଣ ପ୍ରଧାନ, ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ରାଜଗୁରୁ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।



# ବିଶ୍ୱ ପରିବେଶ ଦିବସରେ ଚାରାରୋପଣ

■ସୁସ୍ଥ ପରିବେଶ ଗଠନ ପାଇଁ ଆହ୍ୱାନ
■ସବୁଜ ଶାଖାର ନିଆରା ପ୍ରୟାସକୁ ପ୍ରଶଂସା



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ବିଶ୍ୱ ପରିବେଶ ଦିବସ ଅବସରରେ ବିଭିନ୍ନ ସଂଗଠନ, ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସବୁଜ ଶାଖା'ତରଫରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ କ୍ଲବର ଉପଦେଷ୍ଟା ଦିବାକର ଛାଟୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନେକ ପ୍ରକାର ଔଷଧୀୟ ବୃକ୍ଷ ସମେତ ବିଭିନ୍ନ ପ୍ରକାର ୧୦୦ରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯିବା ସହ ଗାଁ ଲୋକଙ୍କୁ ବୃକ୍ଷ ରୋପଣ କରିବାକୁ ସଚେତନ କରାଯାଇଥିଲା। ସଭାପତି ରମାକାନ୍ତ ବସ୍ତିଆ କହିଛନ୍ତି ୧୯୯୯ମହାବାତ୍ୟା ଠାରୁ ଆରମ୍ଭ କରି ଫନି ପର୍ଯ୍ୟନ୍ତ ପରିବେଶକୁ ଅନେକ ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମ୍ମୁଖୀନ ହେବାକୁ ପଡୁଛି। ଏହାର ପ୍ରଭାବ ରେ ଅନେକ ବୃକ୍ଷ ଲତା ଭାଙ୍ଗି ନଷ୍ଟ ହୋଇଥିବା ନଜର ରହିଛି। ଏହାଛଡା ଗାଡି ମୋଟର ଧୂଆଁର ପ୍ରଭାବରେ ପରିବେଶ ଅବସ୍ଥା ମଧ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି, ଯାହାକି ଜୀବ ଜଗତ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି। ବର୍ତ୍ତମାନ ସମୟରେ ଅଧିକ ଚାରାରୋପଣ କରିବା ସହ ଏକ ସୁସ୍ଥ ପରିବେଶ ଗଠନ କରିବା ନିହାତି ଭାବରେ ଆବଶ୍ୟକ ବୋଲି ସବୁଜ ଶାଖା ସଭାପତି ରମାକାନ୍ତ ବସ୍ତିଆ କହିଛନ୍ତି।ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଜାତୀୟ ଜୈବ ବିବିଧତା ସଂରକ୍ଷଣ ପୁରସ୍କାର ପ୍ରାପ୍ତ ଚାରୁଲତା ବିଶ୍ୱାଳ, ରାଜ୍ୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରାପ୍ତ ବିଚିତ୍ରା ନନ୍ଦ ବିଶ୍ୱାଳ, ଯୁବ ପରିବେଶବିତ୍ ସୋମ୍ୟ ରଞ୍ଜନ ବିଶ୍ୱାଳ, ସମାଜସେବୀ ଯୁଗଳ କିଶୋର ମହାନ୍ତି, ବାବୁରାମ ବେହେରା ଙ୍କ ସମେତ ପରିବେଶ କର୍ମୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀମାନେ ଅଂଶ ଗ୍ରହଣ କରିଥିଲେ। ସବୁଜ ଶାଖା ଉପଦେଷ୍ଟା ତଥା ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ପ୍ରେରଣାତ୍ମକ ପଦକ୍ଷେପ 'ମା'ପାଇଁ ଗଛଟିଏ' ଭାରତର ନାଗରିକଙ୍କୁ ନିଜ ମା' ଙ୍କ ପାଇଁ ଶ୍ରଦ୍ଧା ସ୍ୱରୂପ ବୃକ୍ଷ ରୋପଣ କରିବାକୁ ଆହ୍ୱାନ କରିଛି। ଯେପରି ଜଣେ ନିଜ ମାତାକୁ ସମ୍ମାନ କରେ ଠିକ ସେହିପରି ପ୍ରକୃତି ମା'ର ସମ୍ମାନ ସ୍ୱରୂପ ବୃକ୍ଷରୋପଣ କରିବା ପାଇଁ ଦିବାକର ଛାଟୋଇ ଆହ୍ୱାନ ଦେଇଛନ୍ତି। ଏହି ସମାରୋହ ତାଙ୍କର ବଳିଷ୍ଠ ନେତୃତ୍ୱ ତଥା ଏକ ସୁସ୍ଥ ପରିବେଶ ଗଠନରେ ତାଙ୍କର ଦୃଢ଼ ପ୍ରତିବଦ୍ଧତାକୁ ସୂଚାଉଅଛି।

## ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ମାଲକାନଗିରି (ଭାସ୍କର ନ୍ୟୁଜ୍):ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ଆନୁକୂଲ୍ୟରେ ତଥା ଜିଲ୍ଲା ଜଜ ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ତଣ୍ଡକି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଣ୍ଡକି ଗ୍ରାମଠାରେ ବିଶ୍ୱ ପରିବେଶ ଦିବସ ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଆଇନସେବା ପ୍ରାଧିକରଣଙ୍କ ସଚିବ-ବିଚାରପତି ସୁଶ୍ରୀ ସଂଗୀତା ପାତ୍ର, ଖଣ୍ଡିୟ ବନ ଅଧିକାରୀ କେ. ପ୍ରତାପ, ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡା, ସହାୟକ ବନ ସଂରକ୍ଷକ ମନସୁନ ଖେମଣ୍ଡୁ ଓ ପ୍ରିୟଙ୍କା ମହୁକା, ମୁଖ୍ୟ ଆଇନସେବା ଅଧିବକ୍ତା ଅଶୋକ କୁମାର ପଟ୍ଟନାୟକ, ଉପମୁଖ୍ୟ ଆଇନ ସେବା ଅଧିବକ୍ତା ରାଜେଶ ପଟ୍ଟନାୟକ, ସହାୟକ ଆଇନ ସେବା ଅଧିବକ୍ତା ସାଗର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିଗଣ ବୃକ୍ଷ ସଂରକ୍ଷଣ ଦ୍ୱାରା ପରିବେଶର ସୁରକ୍ଷା ତଥା ପ୍ଲାଷ୍ଟିକର ବ୍ୟବହାର ଦ୍ୱାରା ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝାଇବା ସହ ଆଇନସେବା ପ୍ରାଧିକରଣଙ୍କ ଦ୍ୱାରା ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ ଓ ମାଗଣା ଟୋଲ ଫ୍ରି ନମ୍ବର ୧୫୧୦୦ ର ଉପଯୋଗ ମାଧ୍ୟମରେ ନିଜର ସମସ୍ୟା ଗୁଡ଼ିକର ସମାଧାନ ହୋଇ ପାରିବ ସେ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଗ୍ରାମବାସୀ, ଜଙ୍ଗଲ ବିଭାଗର ଓ ଅବକାରୀ ବିଭାଗର କର୍ମକର୍ତ୍ତା ଯୋଗ ଦେଇଥିଲେ। ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଟ୍ରକ୍‌କୁ ପଛରୁ ପିଟିଲା ବସ୍

# ଜଣେ ମୃତ, ୭ ଗୁରୁତର



ଭବାନୀପାଟଣା/ ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଓ କଟକରୁ କଳାହାଣ୍ଡି, କୋରାପୁଟ, ମାଲକାନଗିରି ଆଦି ସ୍ଥାନକୁ ଆସୁଥିବା ରାତ୍ରିକାଳୀନ ଏକ୍ସପ୍ରେସ ବସ୍‌ଗୁଡିକରେ ନିୟୋଜିତ ଗାଡି ଚାଳକମାନଙ୍କ ଦ୍ରୁତଗତିରେ ବେପରୁଆ ଗାଡି ଚାଳନା ହେତୁ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ଧନ ଜୀବନ ହାନି ଘଟୁଥିବା ଖବର କେବଳ ବସ୍ ବସ୍ ଯାତ୍ରୀମାନଙ୍କୁ ଆତଙ୍କିତ କରିଛି ତାହା ନୁହେଁ ବରଂ ସେମାନଙ୍କ ପରିବାର ମାନଙ୍କ ପ୍ରତି ନାହିଁ ନଥିବା ବିପଦକୁ ନିମନ୍ତ୍ରଣ କରି ଆଣୁଛି। ଏଇ ଭଳି ଦ୍ରୁତଗତିରେ ଆସୁଥିବା ରଘୁନାଥ ନାମକ ଏକ ଘରୋଇ ବସ୍ ଗୁରୁବାର ଦିନ ଭୁବନେଶ୍ୱରରୁ ଉମରକୋଟ ଭାୟା ଭବାନୀପାଟଣା ହୋଇ ଫେରୁଥିବା ବେଳେ କଳାହାଣ୍ଡିରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ୨୬ ନମ୍ବର ଜାତୀୟ ରାଜପଥର କୋକସରା ଥାନା ଚାରବାହାଲ ସ୍କୁଲ ନିକଟରେ ଭୋର ସମୟରେ ରାସ୍ତାରେ ଠିଆ ହୋଇଥିବା ଏକ ଟ୍ରକ ପଛପଟେ ଧକ୍କା ଦେଇଥିଲା। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ଘଟି ଥିବାବେଳେ ୭ଜଣ ଯାତ୍ରୀ ଗୁରୁତର ହୋଇଥିବା ଜଣାପଡିଛି। ଗୁରୁତର ମଧ୍ୟରେ ୩ଜଣ ଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟ ଥିବା ସୂଚନା ମିଳିଛି। ସମସ୍ତ ଗୁରୁତରଙ୍କୁ ଜୁନାଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ଜଣକ ହେଲେ ଝରିଗାଁ ବ୍ଲକ କନିଷ୍ଠ ଯନ୍ତ୍ରୀ ବିନୋଦ ବେହେରା ବୋଲି ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବାପ-ମାଆ ଛେଉଣ୍ଡ ଜଗଦୀଶଙ୍କୁ ଥଇଥାନ ଦାବି



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ବୟସ ମାତ୍ର ଆଠ ବର୍ଷ। ଗୁଲୁଗୁଲିଆ ଚେହେରା। ଆଠ ବର୍ଷର ଏହି ନାବାଳକଟିର ନାଁ ଜଗଦୀଶ। ଚେହେରାରୁ ମନ କିଣି ନେଉଥିବା ଏଇ ପିଲାଟି ମୁଣ୍ଡରେ କିନ୍ତୁ ଏବେ ଛିଣ୍ଡିପଡ଼ିଛି ଦୁଃଖର ପାହାଡ଼ ବୋଝ। ଆଠ ମାସ ତଳେ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ହରାଇଥିଲେ ବାପା। ଧାର ଉଧାର କରି ସ୍ୱାମୀଙ୍କ ଚିକିତ୍ସା କରି ସର୍ବଶ୍ୱାନ୍ତ ହୋଇପଡ଼ିଥିଲେ ପରିବାର। ୮ ବର୍ଷର ପୁଅ ଜଗଦୀଶ ଆଉ ସାତ ମାସର ଗୋଟିଏ କଅଁଳା ଛୁଆକୁ ନେଇ ମାଆ ଫୁଲମତୀ ପରିବାର ପୋଷୁଥିବାବେଳେ ପୁଣି ଦାଉ ସାଧିଲା କାଳ। ବିଦ୍ୟୁତ ଆଘାତରେ ଦଶ ଦିନ ତଳେ ଜୀବନ ହରାଇଛନ୍ତି ଫୁଲମତୀ ଓ ସାତ ମାସର କୁନିପୁଅ ସବୀର। ଏଭଳି ହୃଦୟ ବିଦାରକ ଘଟଣା ପରେ ସାହିଭାଇ ମିଶି ମା'ପୁଅଙ୍କ ଦଶାହ କାର୍ଯ୍ୟ ସାରିଦେଇଛନ୍ତି। ତେବେ ଲୋକବାକ ଯିଏ ଯୁଆଡ଼େ ଗଲା ପରେ ୮ ବର୍ଷ ବୟସର ନାବାଳକ ଜଗଦୀଶ ଆଖି ଆଗରେ ଏବେ କଳା କିଟି କିଟି ଅନ୍ଧାର। କୁଆଡେ ଯିବ, କେଉଁଠି ରହିବ, ବୁଦ୍ଧିବାଟ ପାଉନି। ଅନ୍ଧାର ଛଡ଼ା ଆଉ କିଛି ଦିଶୁନି। ବାପ- ମାଆ ଓ ପରିବାରକୁ ହରାଇ ସଂପୂର୍ଣ୍ଣ ବେସାହାରା ହୋଇଯାଇଛି ଜଗଦୀଶ। ନା ତାକୁ ଆହା କରିବାକୁ ନା ସାହା ହେବାକୁ କେହି ଅଛି। ଏଇ ଚିନ୍ତାରେ ନାବାଳକ ଜଗଦୀଶର ମୁଣ୍ଡ ଚକ୍କର ଖାଇଯାଉଛି। ଏପରିକି ଆଖି ଆଗରେ ନିଜର ହସଖୁସିର ପରିବାର ଉଜୁଡ଼ି ଯିବା ପରେ ସେ ଏବେ ଏକପ୍ରକାର ଶଯ୍ୟାଶାୟୀ ହୋଇପଡିଛି। କିଛିଦିନ ହେଲା ଦେହରେ ତାର ଖଇଫୁଟା ତାତି। ଜ୍ୱର ଛାଡୁନି। ଶେଷରେ ରାୟଗଡ଼ା ଜିଲ୍ଲା କଲ୍ୟାଣ ସିଂହପୁର ଅଞ୍ଚଳର ମାମୁଁ ଘରେ ଆଶ୍ରୟ ନେଇଛି। ଏହି ପରିପ୍ରେକ୍ଷୀରେ ବାପମାଆ ଛେଉଣ୍ଡ ଜଗଦୀଶଙ୍କୁ ଉଦ୍ଧାର କରିବା ସହିତ ଥଇଥାନ କରିବାକୁ ସରକାର, ପ୍ରଶାସନ କିମ୍ୱା କୌଣସି ସ୍ୱେଚ୍ଛାସେବୀ ସଂଗଠନ ପଦକ୍ଷେପ ନେଇ ଆଗେଇ ଆସିବାକୁ ଦାବି ହେଉଛି।

## ସାମ୍ବାଦିକଙ୍କ ମାତୃ ବିୟୋଗ



ଧର୍ମଗଡ,(ଭାସ୍କର ନ୍ୟୁଜ): ଧର୍ମଗଡ ବ୍ଲକର ଏକ ଦୈନିକ ଖବର କାଗଜର ପ୍ରତିନିଧି ଘାସିରାମ ଜଗତଙ୍କ ମାଆ ମଥୁରା ଜଗତ(୬୦) ଙ୍କ ଭୁବନେଶ୍ୱର ସ୍ଥିତ ଏକ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ସମୟରେ ପରଲୋକ ହୋଇଯାଇଛି । ସେ ମଧୁମେହ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ସମୟରେ ସ୍ୱାମୀ କମଳ ଲୋଚନ ଜଗତ ଏବଂ ସମସ୍ତ ବନ୍ଧୁପରିଜନ ଉପସ୍ଥିତ ଥିଲେ । ଧର୍ମଗଡ ଠାରେ ତାଙ୍କର ଶେଷ କୃତ୍ୟ ସଂପନ୍ନ ହୋଇଛି । ପୁତ୍ର ଘାସିରାମ ଜଗତ ମୁଖାଗ୍ନି ଦେଇଥିଲେ । ତାଙ୍କର ଦେହାନ୍ତରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।

## ମହାଦେବବନ୍ଧ ପରିସରରେ ଚାରାରୋପଣ



ଧର୍ମଗଡ (ଭାସ୍କର ନ୍ୟୁଜ): ବିଶ୍ୱ ପରିବେଶ ପରିପେକ୍ଷୀରେ ଧର୍ମଗଡ ବ୍ଲକ ପର୍ଲା ଶିବ ମନ୍ଦିର ମହାଦେବ ବନ୍ଧ ଠାରେ ଚାରାରୋପଣ ହୋଇଯାଇଛି। ମହାଦେବ ବନ୍ଧର ସୌନ୍ଦର୍ଯ୍ୟକରଣ ତଥା ନିର୍ମଳ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ଚାରାରୋପଣ କରାଯାଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ,ସମ୍ମାନିତ ଅତିଥି-ବିଧାୟକ ପ୍ରତିନିଧି ହିମାଂଶୁ ଶେଖର ପଣ୍ଡା,ସରପଞ୍ଚ ବ୍ରିଜଲାଲ ନାଏକ,ଏ,ଇ-କରୁଣା କର ମୁର୍ମୁ, ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀ କ୍ଷେତ୍ର ମୋହନ ବିହାରୀ,ଏ ଡି ଓ-ବିଶ୍ୱ ଦୀପକ ପାଣିଗ୍ରାହୀ, ଏସିପି-ମାନସ ସାହୁ, ମନରେଗା ସହକାରୀ ଅଧିକାରୀ ପ୍ରକାଶ ସତନାମୀ, ସମାଜସେବୀ ସୁବାସ ଦାସ, ନବୀନ ପୁରୋହିତ, କୃଷ୍ଣଚନ୍ଦ୍ର ଗୋପାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ମହାଦେବ ବନ୍ଧ ପରିସରରେ ପ୍ରଥମ ପର୍ଯ୍ୟାୟରେ ୫୨ଟି ଚାରାରୋପଣ ହୋଇଥିବା ବେଳେ ଆଗ କୁ ରୋପଣ କରାଯିବା ବ୍ୟବସ୍ଥା ଥିବା ସୂଚନା ମିଳେ।ତେବେ ଗଛ ରୋପଣ ଓ ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତ ସ୍ତରରେ ଗ୍ରହଣ କରାଯାଇଛି।

## 'ସିନ୍ଦୂର'ର ସଫଳତାକୁ ନେଇ ବାଇକ୍ ଶୋଭାଯାତ୍ରା



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର କେଗାଁ ମଣ୍ଡଳ ଜରିଆରେ ଅପରେସନ ସିନ୍ଦୂରର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ଲେତେର ଠାରୁ ନୂଆଗାଁ ପଞ୍ଚାୟତ କରଞ୍ଜକୂଟ ଶିବ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ତ୍ରିରଙ୍ଗା ପତାକା ଦେଖାଇ ଏହି ବାଇକ ଶୋଭାଯାତ୍ରାର ଶୁଭ ଉଦଘାଟନ କରିଥିଲେ। ପହଲଗାମରେ ଆତଙ୍କବାଦୀ ଗୁଳିରେ ଯେଉଁ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଆମ ଭାରତୀୟ ସୈନ୍ୟ ଅପରେସନ ସିନ୍ଦୁରରେ ଦୃଢ଼ ଜବାବ ଦେଇଥିଲେ। ଏଥିରେ ଅନେକ ଆତଙ୍କବାଦୀ ଶିବିର ଧ୍ୱଂସ କରିଥିଲେ। ଏସମ୍ପର୍କରେ ମହାଲିଙ୍ଗ ଓ କେଗାଁ ଠାରେ ଶ୍ରୀ ମେହର ଏବଂ ବ୍ଲକ ଅଧ୍ୟକ୍ଷ ସଂକ୍ଷିପ୍ତ ଆକାରରେ ଅଭିଭାଷଣ ମଧ୍ୟ ରଖିଥିଲେ । ପରେ ଯବାନ ଓ ପୋଲିସ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ବିଜେପି କର୍ମୀ ଯୋଗ ଦେଇଥିବା ବେଳେ କେଗାଁ ମଣ୍ଡଳ ପକ୍ଷରୁ ଜୟନ୍ତ ସିଂହ, ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ, ରଜତ ପୁଟେଲ, ଈଶ୍ୱର ପୁଟେଲ, ବିଶିକେଶନ ଜ୍ୟୋତିଷ, ରମେଶ ଅଗ୍ରୱାଲ, କ୍ଷୀରସିନ୍ଧୁ ପୁଟେଲ, ମନୋଜ କୁମାର ଅଗ୍ରୱାଲ, ପୃଥ୍ୱୀରାଜ ପ୍ରଧାନ, ଜୟ ପ୍ରଧାନ, ଚନ୍ଦ୍ର କେତକୀ ପ୍ରମୁଖ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ।

## ଶିଶୁ ଉଦ୍ୟାନର ଭୂମିପୂଜନ

କେସିଙ୍ଗା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପରଲସିଙ୍ଗା ଗ୍ରାମପଞ୍ଚାୟତର ପଥର୍ଲା ଗ୍ରାମସ୍ଥିତ ଶ୍ରୀ ଶ୍ରୀ ବିଶ୍ୱନାଥ ଶୈବପୀଠ ପରିସରରେ ମନରେଗା ଯୋଜନାରୁ ୧୦ଲକ୍ଷ ବ୍ୟୟ ଅଟକଳରେ ଶିଶୁ ଉଦ୍ୟାନ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁଙ୍କ ଦ୍ୱାରା ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ପୂଜାରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଅତିଥିମାନଙ୍କୁ ସ୍ୱାଗତ କରାଯାଇ ଉପଢ଼ୌକନ ଦେଇ ମନ୍ଦିର କମିଟି ପକ୍ଷରୁ ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସ୍ୱାଇଁ ଶ୍ରୀଫଳ ଭାଙ୍ଗି ଭୂମିପୂଜନ କରିଥିଲେ। ଏହି ଶିଶୁ ଉଦ୍ୟାନଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଶୈବ ମନ୍ଦିର ପରିବେଶ ସୁନ୍ଦର ହେବା ସହ ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ, ମାନସିକ, ବୌଦ୍ଧିକ ଆଦି ପ୍ରଗତି ହେବ ବୋଲି ବିଡିଓ ପ୍ରକାଶ କରିଥିଲେ। ଆଇପିଓ ସନ୍ତୋଷ କୁମାର ପଣ୍ଡା, ମନେରେଗା ଆସିଷ୍ଟାଣ୍ଡ ବିରଞ୍ଚି ଗହୀର, କନିଷ୍ଠ ଯନ୍ତ୍ରୀ ଜୟା ଶ୍ରୀ ସନ୍ଧ୍ୟା ପର ଲସିଙ୍ଗା ପଞ୍ଚାୟତ ସରପଞ୍ଚ କୃତାଞ୍ଜଳ ଗଉଡ଼, ନାଏବ ସରପଞ୍ଚ ଗୀତାଞ୍ଜଳି ସାହୁ, ନିର୍ବାହୀ ଅଧିକାରୀ ଝସକେତନ ସାହୁ, ଜିଆ ?ଏସ୍ ? ଦୋଳି ଭୋଇ, ବିଏଫ୍ ?ଟି ହୀମାଞ୍ଚଳ ନାଏକ, ମେଟ ବନ ବିହାରୀ ସାହୁ, ୱାର୍ଡ ସଭ୍ୟ ଉତ୍ତର ମାଝୀ, ସଭ୍ୟା ପୂର୍ଣ୍ଣମୀ ସାହୁଙ୍କ ସମେତ ପଥର୍ଲା ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଭୂମିପୂଜନରେ ସହଯୋଗ କରିଥିଲେ।

## ପଞ୍ଚାୟତ ସମିତି ବୈଠକ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଭା ଗୃହ ଠାରେ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧକ୍ଷ୍ୟା କୁନି ସାହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମିତି ବୈଠକରେ ବିଡିଓ ଦେବେନ୍ଦ୍ର ସାମଲ, ଉପାଧକ୍ଷ ସୁରେନ୍ଦ୍ର ଭୋଇ, ଯୋନ କ ଜିଲ୍ଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ 'ଖ' ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ବିଧାୟକ ପ୍ରତିନିଧି କାହ୍ନୁ ଚରଣ ସାହୁ, ସାଂସଦ ପ୍ରତିନିଧି ହୃଦାନନ୍ଦ ସାହୁ, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସ୍ୱାଗତ କୁମାର ପାଣିଗ୍ରାହୀ, ଏଇ ସନ୍ଦୀପ କୁମାର ନାଏକ, ଏବିଇଓ ରାମଚନ୍ଦ ସା, ସମସ୍ତ ସରପଞ୍ଚ ସମସ୍ତ ସମିତି ସଭ୍ୟ।/ସଭ୍ୟମାନେ ଅଂଶଗ୍ରହଣ କରି ବିଭିନ୍ନ ପ୍ରକଳ୍ପଗୁଡିକ ଉପରେ ଆଲୋଚନା କରିଥିଲେ।

## ଉଦ୍ୟାନ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ଧର୍ମଗଡ, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଛିଲିପା ଗ୍ରାମ ପଞ୍ଚାୟତ ଜେନା ଡଙ୍ଗରୀର ସୌନ୍ଦର୍ଯ୍ୟ କରଣ ନିମନ୍ତେ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ପାଣ୍ଠି ଏକ ଉଦ୍ୟାନ ନିର୍ମାଣର ଭିତ୍ତିପ୍ରସ୍ତ ସ୍ଥାପନ ହୋଇଯାଇଛି ।କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ ଯୋଗ ଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାଏକ, ବ୍ଲକ ଉପାଧକ୍ଷା ୍ବିତା ପାଟଯୋଷୀ ଏ.ଇ, କରୁଣାକର ମୁର୍ମୁ ଯନ୍ତ୍ରୀ ପଦ୍ମାବତୀ ସେନାପତି ଯୋଗ ଦେଇ ଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଟିପିଗୁଡା ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ସୁକାନ୍ତି ସା, ସମାଜ ସେବୀ ଅପ୍ରେସ ସ୍ୱାଇଁ, ହିମାଂଶୁ ପଣ୍ଡା, ଚତୁର୍ଭୁଜ ତାଣ୍ଡି, ଲଳିତ ବାଗ, ମନୋଜ ପଟ୍ଟଯୋଷୀ, ସମେତ ମହିଳା ସ୍ୱୟଙ୍ଗ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇ ଥିଲେ। ଛିଳପା ଗ୍ରାମ ପଞ୍ଚାୟତ ର ସମସ୍ତ କର୍ମଚାରୀ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିବା ବେଳେ ବିଧାୟକ ଶ୍ରୀ ପାଟଯୋଷୀ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନାର ବିଷୟ ରେ କହିବା ସହ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ପାଳନ କରିବା ସହିତ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ସ୍ୱକାସାଥ ସ୍ୱକ୍ୱିକାସ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଗଠନ କରିବାରେ ଜନସାଧାରଣ ଙ୍କୁ ସହଯୋଗ କାମନା ପାଇଁ ଆହ୍ୱାନ କରିଥିଲେ ।ବିକଶିତ ଗ୍ରାମ ବିକଶିତ ଓଡ଼ିଶା ପାଣ୍ଠି ରୁ ପ୍ରଥମ ପର୍ଯ୍ୟାୟରେ ଜେନା ଡଙ୍ଗରି ର ସୌନ୍ଦର୍ଯ୍ୟ କରଣ ବାବଦରେ ୧୦ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ଜଣାପଡେ। ମଞ୍ଚକୁ ଛିଳିପା ସରପଞ୍ଚ ବିଭୁ ଦତ୍ତ ପ୍ରଧାନୀ ପରିଚାଳନା କରିଥିବା ବେଳେ ଅନେକ କର୍ମକର୍ତ୍ତା ସହଯୋଗ କରିଥିଲେ।


## ସୁଧୀରଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର





ଧର୍ମଗଡ,(ଭାସ୍କର ନ୍ୟୁଜ): ଚଳିତ ବର୍ଷର କଳାହାଣ୍ଡି ଜିଲ୍ଲାର ୯ ଜଣ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପ୍ରତ୍ୟେକ ବର୍ଷ ଦିଆଯାଉଥିବା ପ୍ରକୃତି ବନ୍ଧୁ ପୁରସ୍କାର ପାଇଛନ୍ତି । ତନ୍ମଧ୍ୟରୁ ଅଛନ୍ତି ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବଡ଼ଘୁମେର ଗ୍ରାମର ପାର୍ବତୀ ଗୋପାଳ ଓ ତୁଳସୀରାମ ଗୋପାଳଙ୍କ ସୁପୁତ୍ର ସୁଧୀର ରଞ୍ଜନ ଗୋପାଳ । ଧର୍ମଗଡ଼ ବ୍ଲକ ତଥା ଆଖ ପାଖ ଅଞ୍ଚଳକୁ ଯାଇ ବିଭିନ୍ନ ଗ୍ରାମୀଣ ଗୋଷ୍ଠୀ ତଥା ଯୁବ ଅନୁଷ୍ଠାନ ସହଯୋଗରେ ଗାଁ ରାସ୍ତା, ସ୍କୁଲ କଲେଜ, ପୋଖରୀ, ଗ୍ରାପ ତଥା ବିଭିନ୍ନ ଅନୁଷ୍ଠାନ ଆଦି ସ୍ଥାନରେ ଚାରାରୋପଣ ବ୍ୟବସ୍ଥା, ତଥା ଜଳବାୟୁର ସ୍ଥିରତା ଅଭ୍ୟାସ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ, ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ, ବନ୍ୟଜନ୍ତୁ ସରୀସୃପ ଗୃହପାଳିତ ପଶୁପକ୍ଷୀ ମାନଙ୍କୁ ପାନୀୟ ଜଳ ବ୍ୟବସ୍ଥା, ଜଳବାୟୁ ଉପଯୋଗୀ କୃଷି ଅଭ୍ୟାସ, ବିଶ୍ୱ ପରିବେଶ ଦିବସର ସଚେତନତା ବାର୍ତ୍ତା ଦେବା ସହ ବନାଗ୍ନିକୁ କିପରି ରୋକିପାରିବେ ଏସମ୍ବନ୍ଧରେ ଜନ ସଚେତନତା କାର୍ଯ୍ୟକ୍ରମ ମାନ କରିଛନ୍ତି। ପରିବେଶ ସୁରକ୍ଷା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ମାନ କରିଥିବାରୁ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା 'ପ୍ରକୃତି ବନ୍ଧୁ ' ପୁରସ୍କାର ପାଇଥିବା ଚର୍ଚ୍ଚା ହେଉଛି । ପରିବେଶ ସୁରକ୍ଷାରେ ବ୍ରତୀ ହେଉଥିବା ସୁଧୀର ରଞ୍ଜନ ଗୋପାଳଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟୁଛି । ସୂଚନା ଥାଉ କି ସୁଧୀର ରଞ୍ଜନ ଗୋପାଳ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଭାରତ ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରଣାଳୟର ଧର୍ମଗଡ଼ ବ୍ଲକ ଜାତୀୟ ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କର୍ତ୍ତବ୍ୟ' ଓ ରିଲାଏନ୍ସ ଫାଉଣ୍ଡେସନର ପ୍ରୋଗ୍ରାମ ଫେସିଲେଟର ଭାବରେ କାର୍ଯ୍ୟ କରିଆସିଛନ୍ତି ।

## ରାଶିଫଳ


ଶୁକ୍ରବାର, ୦୬ ଜୁନ୍ ୨୦୨୫



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଲାଭ ସୁଯୋଗ ଆସିବ । ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି । ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ। ପାରିବାରିକ ସୁଖ ଏବଂ ଶାନ୍ତି ରହିବ।




**ବୃଷ:** ନୂତନ ଯୋଜନା ପ୍ରସ୍ତୁତ ହେବ। ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ । ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ। ସମ୍ମାନ ପାଇବେ । ଟଙ୍କା ମିଳିବା ସହଜ ହେବ।



**ମିଥୁନ:** ଯେକୌଣସି ବଡ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କ ସହିତ ରହିବ ।



**କର୍କଟ :** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ । ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ । ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ । ଚିନ୍ତା ଏବଂ ଟେନ୍‌ସନ ରହିବ । ଚାକିରିରେ ମିଳିବ। ବ୍ୟବସାୟ ଭଲ ହେବ।




**ସିଂହ :** ଶତ୍ରୁତା ରହିବ । ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ। ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ।




**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ। ପରିବାରରେ ଯେ କୌଣସି ଚାହିଦା କାମ ସମ୍ଭବ । ଅସ୍ଥିରତା ହୋଇପାରେ । ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ । ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।



**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ । ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ । ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ । ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି । ଚିନ୍ତା ଏବଂ ଟେନ୍‌ସନ ରହିବ । ବ୍ୟବସାୟ ଭଲ କରିବ ।




**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି । ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ । ଆୟରେ ନିଶ୍ଚିତତା ରହିବ । ଚିନ୍ତିତ ହେବେ ।




**ମକର :** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ । ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ ।



**ମୀନ:** ଖୁସି ମିଳିବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ । ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ । ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ ।



ଜ୍ୟୋତିଷ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯